# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୯/୨୦୧୮ (୨୦ ପୃଷ୍ଠା) Bhubaneswar, Monday, October 29/ 2018 ★★★★★★

୪୪ଶ ଭାଗ ୩୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଆକାଶଙ୍କୁ ରାଜ୍ୟ ସ୍ନୁକର ଟାଇଟଲ**

କଟକରେ ରବିବାର ଉଦ୍‌ଯାପିତ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ନାମେଣ୍ଟରେ ଆକାଶ ମହାପାତ୍ର ଚାମ୍ପିୟନ ହୋଇଛନ୍ତି।

୧୫

୦୯

**ସବୁବେଳେ ଅନୁସନ୍ଧାନ ପ୍ରୟାସୀ: ତାପସୀ**

ଜୀବନରେ କିଛି ନୂଆ କରି ଦେଖାଇବାର ପ୍ରୟାସ ସବୁବେଳେ ରଖିଥାନ୍ତି ବୋଲି ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି।




DSPL-223

ODISHA INDIA'S BEST KEPT SECRET | BEATS FOR HOCKEY | ODISHA HOCKEY MEN'S WORLD CUP BHUBANESWAR 2018 | OMC | HOCKEY INDIA | nswis

#HWC2018 #Odisha2018

29001/13/0051/1819

ଓଡିଶା - ନିୟୁ ସାଉଥ୍ ୱେଲ୍ସ ହକି ସିରିଜ୍

ଓଡିଶା ଏକାଦଶ ବନାମ୍ ନିୟୁ ସାଉଥ୍ ୱେଲ୍ସ ଏକାଦଶ

କଳିଙ୍ଗ ହକି ଷ୍ଟାଡିୟମ

୧ ନଭେମ୍ବର ୨୦୧୮, ସନ୍ଧ୍ୟା ୫ ୬ ଟିକା

ନିଃଶୁଳ୍କ ପ୍ରବେଶ

ସୀମିତ ଉପଲବ୍ଧ

ପାସ୍ ଉପଲବ୍ଧ ସ୍ଥାନ ଓ ସମୟ:

୨୭-୩୧ ଅକ୍ଟୋବର, ସକାଳ ୧୦ ଘଟିକା- ସନ୍ଧ୍ୟା ୫ ଘଟିକା । ଗେଟ୍ ନଂ ୪, କଳିଙ୍ଗ ଷ୍ଟାଡିୟମ

Sports_odisha f sports.odisha www.hockey.sportsodisha.gov.in




■ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ

- ୫ ସେସୁ କର୍ମଚାରୀଙ୍କ ନାମରେ ମାମଲା
- ଦୁର୍ଘଟଣାସ୍ଥଳ ପରିଦର୍ଶନ କଲେ ପିସିସିଏଫ୍
- ମନ୍ତ୍ରୀ, ସଚିବଙ୍କ ନାମରେ ଭାଜପାର ଅଭିଯୋଗ

ଢେଙ୍କାନାଳ ଅଫିସ/ଭୁବନେଶ୍ୱର, ୨୮।୧୦

କମଳାଙ୍ଗ ହାତୀ ମୃତ୍ୟୁ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହାର କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ରବିବାର ଅପରାହ୍ନ ୫ଟାରେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ବନ ବିଭାଗ ସହକାରୀ ବନ ସଂରକ୍ଷକ (ଏସିଏଫ୍) ଜିତେନ୍ଦ୍ରନାଥ ଦାସଙ୍କ ଅଭିଯୋଗକ୍ରମେ ୫ ସେସୁ କର୍ମଚାରୀଙ୍କ ନାମରେ କଣ୍ଟାବଣିଆ ଥାନାରେ ମାମଲା ଦାଏର କରାଯାଇଛି। ସେମାନେ ହେଲେ ଚାଇଁପାଳ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ ନୀହାର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତି ଏବଂ ଲାଇନମ୍ୟାନ ଫିରୋଦ ପଣ୍ଡା। ଅଭିଯୁକ୍ତଙ୍କ ବିରୋଧରେ ଇଲେକ୍ଟ୍ରିସିଟି ଆକ୍ଟ-୧୪୬, ୱାଇଲ୍ଡ ଲାଇଫ୍ ☞ପୃଷ୍ଠା-୪



କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଅଯୋଧ୍ୟା ବିବାଦର ଶୁଣାଣି ଆଜିଠୁ

ନୂଆଦିଲ୍ଲୀ,୨୮।୧୦(ପି.ଟି.)

ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦର ଶୁଣାଣି ସୁପ୍ରିମକୋର୍ଟରେ ସୋମବାରଠାରୁ ହେବ। ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ହୋଇଥିବା ଏକାଧିକ ପିଟିଶନର ଶୁଣାଣି ୩ ଜଣିଆ ଖଣ୍ଡପୀଠ କରିବେ।

ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ମନେକରାଯାଉଥିବା ଅଯୋଧ୍ୟା ଜମି ବିବାଦ ମାମଲାର ବିଚାର ସୋମବାର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କରିବେ। ଏହି ପ୍ରସଙ୍ଗରେ ଶୁଣାଣି ପାଇଁ ସାମ୍ବିଧାନିକ ପୀଠ ଗଠନ କରିବାକୁ ସେପ୍ଟେମ୍ବର ୨୭ରେ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଥିଲେ। ଏଥିସହ ମସଜିଦ୍ ଇସ୍‌ଲାମ୍ ଧର୍ମର ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ଏବଂ ମୁସଲମାନ ଧର୍ମାବଲମ୍ବୀ ଯେକୌଣସି ସ୍ଥାନରେ ନମାଜ୍ ପାଠ କରିପାରିବେ ବୋଲି ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ଜଷ୍ଟିସ୍ ମିଶ୍ର ଅକ୍ଟୋବର ୨ରେ ଅବସର ନେବା ପରେ ଏହି ମାମଲାର ଶୁଣାଣି ପାଇଁ ନୂଆ ଖଣ୍ଡପୀଠ ଗଠନ କରାଯାଇଛି। ଏଥିରେ ସିଜେଆଇ ଗୋଗୋଇ ଅଧ୍ୟକ୍ଷତା କରୁଥିବାବେଳେ ଜଷ୍ଟିସ୍ ସଞ୍ଜୟ କିଷନ୍ ଏବଂ କେ.ଏମ୍. ଯୋସେଫ୍ ସଦସ୍ୟ ଅଛନ୍ତି। ପ୍ରକାଶ ଯେ, ୨.୭୭ ଏକର ପରିମିତ ବିବାଦୀୟ ଭୂମିକୁ ୩ ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହି ଆଖଡ଼ା ଓ ରାମ ଲାଲାଙ୍କ ମଧ୍ୟରେ ସମାନ ୩ ଭାଗରେ ବିଭକ୍ତ କରି ବାଣ୍ଟିଦେବାକୁ ଆଲ୍ଲାହାବାଦ ହାଇକୋର୍ଟ ୨୦୧୦ ସେପ୍ଟେମ୍ବର ୩୦ରେ ରାୟ ଦେଇଥିଲେ। ଏହାକୁ ନେଇ ସହମତି ପ୍ରକାଶ ନ ପାଇବାରୁ ପକ୍ଷମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


DSPL-224



ସତ୍ୟମେବ ଜୟତେ

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୧୮ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଚଳିତ ବର୍ଷ ୨୦୧୮ ଅକ୍ଟୋବର ୨୯ ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ଆନନ୍ଦର କଥା । ଏହି ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ ଅଭିଯାନରେ ସଂକଳ୍ପବଦ୍ଧ ଓ ଉତ୍ସର୍ଗୀକୃତ ଭାବେ ସାମିଲ ହୋଇ ଏକ ଉତ୍ତମ ସମାଜ, ରାଜ୍ୟ ଓ ରାଷ୍ଟ୍ର ଗଠନରେ ସହାୟକ ହେବା ପାଇଁ ଆହ୍ୱାନ କରୁଅଛି । ସାଧାରଣ ଜୀବନରେ ସାଧୁତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଦୁର୍ନୀତି ବିରୋଧୀ ଆଭିମୁଖ୍ୟ ତଥା ସ୍ୱଚ୍ଛତା ଅତ୍ୟନ୍ତ ଜରୁରୀ । ଏହା ମଧ୍ୟ ବିକାଶ, ସୁଶାସନ, ସାମାଜିକ ସଂହତି, ବ୍ୟକ୍ତି ମର୍ଯ୍ୟାଦା, ମାନବାଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ନିହାତି ଜରୁରୀ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଁ ଆଶା କରୁଛି ଯେ ଦୁର୍ନୀତି ନିବାରଣ ବିଭାଗ ଓଡ଼ିଶାର ଜନସାଧାରଣଙ୍କ ସେବାରେ ନିଜକୁ ଅଧିକ ନିଷ୍ଠା ଓ ଉତ୍ସର୍ଗୀକୃତ ଭାବେ ନିୟୋଜିତ କରିବେ ।

ଦୁର୍ନୀତି ଦୂରୀକରଣ ସହିତ ଏକ ନୂଆ ଓଡ଼ିଶା ଓ ନୂଆ ଭାରତ ନିର୍ମାଣ ଦିଗରେ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ନବୀନ ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

09002/13/0003/1819


# ଆଇନଜୀବୀ ସଂଘରେ ବିବାଦ ତେଜିଲା

### ଭିନ୍ନମୋଡ ନେଲା ଆନ୍ଦୋଳନ

- ମୁଖ୍ୟମନ୍ତ୍ରୀ, ଆଇନଜୀବୀଙ୍କ ଫଟୋ ପୋଡ଼ାଗଲା
- ସୋମବାର କାର୍ଯ୍ୟରେ ଯୋଗଦେବେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଦସ୍ୟ

କଟକ ଅଫିସ,୨୮।୧୦

ଆଇନଜୀବୀଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ପ୍ରାୟ ୨ ମାସ ଧରି ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଜାରି ରହିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଭିନ୍ନ ମୋଡ଼ ନେଇଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟରେ ସଦସ୍ୟ ଓ କର୍ମକର୍ତ୍ତା ଥିବା ହାଇକୋର୍ଟର ବହୁ ଆଇନଜୀବୀ ଶନିବାର ଆନ୍ଦୋଳନରୁ ଓହରିଯିବା ପରେ ବାର ଆସୋସିଏଶନରେ ଫାଟ ସୃଷ୍ଟି ହୋଇ ବିବାଦ ତେଜିଛି। ଆଡଭୋକେଟ ବଂଶୀଧର ଶତପଥୀ ହାଇକୋର୍ଟ ବାର ଆସୋସିଏଶନ ଉପସଭାପତି ପଦରୁ ଇସ୍ତଫା ଦେଇଥିବାବେଳେ ସାମ୍ମୁଖ୍ୟ ପକ୍ଷରୁ ଉପଦେଷ୍ଟା ଅସୀମ ଅମିତାଭ ଦାସ ସୋମବାରଠାରୁ ଆମେ କାର୍ଯ୍ୟରେ ଯୋଗଦେବୁ ବୋଲି କହିଛନ୍ତି। ସାମ୍ମୁଖ୍ୟ କର୍ମକର୍ତ୍ତାଙ୍କ ଏଭଳି ☞ପୃଷ୍ଠା-୪


୩ ଦିନ ପ୍ରବଳ ବର୍ଷିବ ...... ୩

ପୁରୀ ହିଂସା: ଆଉ ୫ ଗିରଫ ...... ୫

ଚାକିରି ନାଁରେ ହେଉଛି ଯୁବତୀ ଚାଲାଣ ନିର୍ଦ୍ଦେଶନାମା ଜାରି କଲା କ୍ରାଇମବ୍ରାଞ୍ଚ ...... ୭


**ଆଜିର ସମ୍ପାଦକୀୟ**

ଦାୟିତ୍ୱହୀନତାର ପରିଚୟ

**ଆଜିର ମନ୍ତବ୍ୟ**

"ଶାନ୍ତିର ତାତ୍ପର୍ଯ୍ୟ କେବଳ 'ଯୁଦ୍ଧ ନ ହେବା' ନୁହେଁ ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୭-୧୮ରେ ବ୍ୟାଙ୍କଗୁଡିକ ୭୪,୫୬୨ କୋଟି ଟଙ୍କାର ଏନ୍‌ପିଏ ଅସୁଲି କରିଥିବା ବେଳେ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଏହା ୩୬,୫୫୧ କୋଟି ଟଙ୍କା ରହିଛି।
– ଅର୍ଥ ମନ୍ତ୍ରଣାଳୟ

■ ଭାରତର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ

# ସାଧାରଣତନ୍ତ୍ର ଦିବସରେ ଆସିବେନି ଟ୍ରମ୍ପ୍

ନୂଆଦିଲ୍ଲୀ/ୱାଶିଂଟନ,୨୮।୧୦

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତା ବର୍ଷ ପାଳନ ହେବାକୁ ଥିବା ଭାରତର ୭୦ତମ ସାଧାରଣତନ୍ତ୍ର ଦିବସକୁ ମୁଖ୍ୟଅତିଥି ହୋଇ ଆସିବେ ନାହିଁ। ଏନେଇ ଭାରତର ନିମନ୍ତ୍ରଣକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିବା ରବିବାର ଜଣାପଡ଼ିଛି।

୨୦୧୯ ଜାନୁଆରୀ ୨୬ରେ ନୂଆଦିଲ୍ଲୀରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରୋଧ କରିଥିଲେ। ଏନେଇ ଭାରତ ପକ୍ଷରୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଥିବା ବିଷୟ ଗତ ଅଗଷ୍ଟରେ ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରୀ ସାରା ସ୍ୟାଣ୍ଡର୍ସ ସ୍ପଷ୍ଟ କରିଥିଲେ। କିନ୍ତୁ ଟ୍ରମ୍ପ୍ ଏଥିରେ ଯୋଗଦେବେ ନାହିଁ ବୋଲି ଏବେ ଜଣାପଡ଼ିଛି। ତେବେ ଏନେଇ ଭାରତ କିମ୍ବା ଆମେରିକା ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଟ୍ରମ୍ପ୍‌ଙ୍କ ଗସ୍ତ ଯୋଜନା ସମ୍ପର୍କରେ କେବଳ ହ୍ୱାଇଟ୍ ହାଉସ୍ ମନ୍ତବ୍ୟ ଦେଇପାରିବ ବୋଲି ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସ କହିଛି। ଅନ୍ୟପକ୍ଷରେ ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଥିବାରୁ ଟ୍ରମ୍ପ୍ ଭାରତ ଆସିପାରିବେ ନାହିଁ ବୋଲି ସେଠାକାର ଅନ୍ୟ କେତେଜଣ ଅଧିକାରୀ କହିଛନ୍ତି। ରୁଷିଆଠାରୁ ଭାରତ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବା ପାଇଁ ଚୁକ୍ତିବଦ୍ଧ ହୋଇଛି। ସେହିପରି ଇରାନଠାରୁ ତୈଳ ଆମଦାନୀ ଉପରେ ଆମେରିକା କଟକଣା ଜାରି କରିଛି। ଏହାକୁ ବେଖାତିର କରି ଭାରତ ତେହେରାନଠାରୁ ତୈଳ କିଣିବାକୁ ନିଷ୍ପତ୍ତି ନେଇଛି। ତେଣୁ ଏହାର ପ୍ରତିବାଦରେ ଟ୍ରମ୍ପ୍ ତାଙ୍କର ନୂଆଦିଲ୍ଲୀ ଗସ୍ତକୁ ବାତିଲ କରିଦେଇଥିବା ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ଆଗକୁ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶ ଯେ, ୨୦୧୫ ସାଧାରଣତନ୍ତ୍ର ଦିବସରେ ଟ୍ରମ୍ପ୍‌ଙ୍କ ପୂର୍ବସୁରୀ ବାରାକ୍ ଓବାମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମରେ ଯୋଗଦେବାରେ ଓବାମା ହେଉଛନ୍ତି ପ୍ରଥମ ଆମେରିକୀୟ ରାଷ୍ଟ୍ରପତି।


NECC NATIONAL EGG CO-ORDINATION COMMITTEE 28.10.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers



ଯମୁନା ଏକ୍ସପ୍ରେସ୍ ୱେରେ ରବିବାର ସକାଳୁ ଗୋଟିଏ ଗ୍ୟାସ ଟ୍ୟାଙ୍କର ସହ ଆଉ ଏକ ଗ୍ୟାସ ଟ୍ୟାଙ୍କର ଧକ୍କା ହେବା ଫଳରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ୩ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ମାତ୍ରା ଏତେ ଅଧିକ ଥିଲା ଯେ ଏହା ନିକଟରେ ଥିବା ଆଉ ୫ଟି ଗାଡି ସମ୍ପୂର୍ଣ୍ଣ ଜଳି ଯାଇଛି। ଖବର ପାଇ ଘଟଣାସ୍ଥଳରେ ଦମକଳ ବାହିନି ପହଞ୍ଚିବା ସହ ବହୁ କଷ୍ଟରେ ନିଆଁକୁ ଆୟତ୍ତ କରାଯାଇଛି।

# ମାଓବାଦୀ ନାଁରେ ୫ ଲକ୍ଷ ମାଗି କିରାଣି ସମେତ ୨ ଗିରଫ

**ମାଲକାନଗିରି/ଗୋବିନ୍ଦପାଲି, ୨୮।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲାର ଜଣେ ରାଜସ୍ୱ ସୁପରଭାଇଜରଙ୍କୁ ମାଓବାଦୀ ନାମରେ ଦୀର୍ଘ ଦିନ ଧରି ଚାନ୍ଦା ମାଗି ହତ୍ୟା ଧମକ ଦେଉଥିବା ଅଭିଯୋଗରେ ମାଲକାନଗିରି ପୋଲିସ ଜଣେ କନିଷ୍ଠ କିରାଣିଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି । ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇ କହିଛନ୍ତି ଯେ, ମୋଟୁ ତହସିଲରେ ରାଜସ୍ୱ ବିଭାଗ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା କେ. ଚିନ୍ନା ରାଓଙ୍କୁ ଗତ ୧୫ ଦିନ ହେବ ଏକ ମୋବାଇଲ୍ ଫୋନରୁ ମାଓବାଦୀ ସଙ୍ଗଠନକୁ ଚାନ୍ଦା ଦେବା ଲାଗି ବାରମ୍ବାର ଫୋନ ଆସୁଥିଲା। ମାଲକାନଗିରି ମାଓବାଦୀ ଡିଭିଜନ କମାଣ୍ଡର ରାମୁଡୁ କହୁଛି ବୋଲି କହି ଫୋନକର୍ତ୍ତା ଧମକଚମକ ଦେଇ ୫ ଲକ୍ଷ ଟଙ୍କା ଚାନ୍ଦା ମାଗୁଥିଲେ। ଏନେଇ ରାଓ ମାଲକାନଗିରି ଥାନାରେ ଏତଲା ଦେବା ପରେ ଫୋନ କଲ୍‌ର ଡିଟେଲ୍ ମଗାଯାଇଥିଲା। ରିପୋର୍ଟ ଆସିବା ପରେ ଏହି କଲଟି ପାଣ୍ଡ୍ରିପାଣିସ୍ଥିତ ସେରପାଲିରୁ ଆସୁଥିବା ଜଣାପଡ଼ିଥିଲା। ପରେ ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ଏକ ସ୍ୱତନ୍ତ୍ର ଟିମ୍ କରି ଘଟଣାର ତଦନ୍ତ କରିଥିଲେ । ପରବର୍ତ୍ତୀ ସମୟରେ ଏଥିରେ ଖଇରପୁଟ ତହସିଲର କନିଷ୍ଠ କିରାଣି କେଶବ ଖିଲ ଓ ପୂଜାରମୁଣ୍ଡା ଗ୍ରାମର ରାମଚନ୍ଦ୍ର ମାଝିଙ୍କ ଭୂମିକା ଥିବା ଜାଣିବାକୁ ମିଳିଥିଲା। ଗତ ଶନିବାର ରାଓଙ୍କୁ କୋରୁକୋଣ୍ଡା ନିକଟସ୍ଥ ପୋଲ ନିକଟକୁ ୫ ଲକ୍ଷ ଟଙ୍କା ଧରି ଆସିବାକୁ ଫୋନ୍ ଆସିବା ପରେ ଆଇଆଇସି ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ କୋରୁକୋଣ୍ଡା ପୋଲ ନିକଟକୁ ଯାଇଥିଲେ। ତେବେ କୌଣସି କାରଣରୁ ସନ୍ଦେହ କରି ଆଉ ସେଦିନ ରାଓଙ୍କଠାରୁ ଟଙ୍କା ନେବାକୁ ସେ ଆସି ନ ଥିଲେ । ଶନିବାର ପୁନର୍ବାର ରାଓଙ୍କୁ ଟଙ୍କା ନ ଦେଲେ ହତ୍ୟା କରିବା ନେଇ ଧମକ ଦେଇ ପୁନର୍ବାର ସେହି କୋରୁକୋଣ୍ଡା ପୋଲ ନିକଟକୁ ଟଙ୍କା ଧରି ଆସିବାକୁ ଫୋନକର୍ତ୍ତା କହିଥିଲେ । ତଦନୁସାରେ ରାଓ ଏକ ଲାଲ ଗାମୁଛାରେ ଟଙ୍କା ରଖି ଚାଲିଯିବା ପରେ ଅଭିଯୁକ୍ତ ଟଙ୍କା ନେବାକୁ ଆସିଥିଲେ। ତେବେ ସେଠାରେ ପୂର୍ବରୁ ଲୁଚି ରହିଥିବା ଡିଏସ୍‌ପି ପ୍ରଦୀପ କୁମାର ଦାଶ, ଆଇଆଇସି ତ୍ରିପାଠୀ, ଏସ୍‌ଆଇ ସୁଶାନ୍ତ କୁମାର ଦାଶ, ସୁକାନ୍ତ କିଶୋର ପ୍ରଧାନ, ମାନସ ରଞ୍ଜନ ସ୍ୱାଇଁ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ କାବୁ କରି ନେଇଥିଲେ। ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଏସ୍‌ପି ମୀନା କହିଛନ୍ତି।




# ବାଘ ମାରି ପୋତିଦେଲେ

- ମହାବଳ ବାଘ ମୃତଦେହ ସନ୍ଦେହ
- ବନ୍ୟପ୍ରାଣୀ ବିଭାଗ କହୁଛି ଚିତାବାଘ
- ଦାନ୍ତ, ନଖ କାଢ଼ି ନେଇଛନ୍ତି ଦୁର୍ବୃତ୍ତ
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

**ବରଗଡ଼ ଅଫିସ୍/ଭଟଲି, ୨୮।୧୦(ଡି.ଏନ.ଏ.)**

ବରଗଡ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରୁ ଏକ ବାଘର ଗଳିତ ମୃତଦେହ ମାଟିତଳୁ ଉଦ୍ଧାର କରାଯାଇଛି। ବାଘକୁ ୮ଦିନ ପୂର୍ବରୁ ମାରି ପୋତି ଦିଆଯାଇଥିବା ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଅନୁମାନ କରୁଛନ୍ତି। ତେବେ ମୃତ ବାଘଟି ଏକ ମହାବଳ ବାଘ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଥିବାବେଳେ ବନ୍ୟପ୍ରାଣୀ ବିଭାଗ ଏହାକୁ ଖଣ୍ଡନ କରିଛି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ସୁଦୀପ୍ତ କୁମାର ନାୟକ କହିଛନ୍ତି ଯେ, ବାଘର ମୃତଦେହ ଉଦ୍ଧାର କରାଯାଇଛି। ତାହା ମହାବଳ ବାଘର ନୁହେଁ, ଏକ ଚିତାବାଘର ମୃତଦେହ ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ତାହା ଯଦି ଶିକାର ହୋଇଥାଏ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତ୍ୟୁ ଯଦି ବିଷକ୍ରିୟାଜନିତ ହୋଇଥିବ ତେବେ ସେ ନେଇ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଏଫଓ ନାୟକ ପ୍ରକାଶ କରିଥିଲେ।

ପ୍ରକାଶ ଯେ, ଡେବ୍ରିଗଡ଼ ଅଭୟାରଣ୍ୟରେ ଏକ ମହାବଳ ବାଘକୁ ମାରି ପୋତି ଦିଆଯିବା ସହିତ ଦାନ୍ତ, ନଖ କାଢ଼ି ନେଇଥିବା ଚର୍ଚ୍ଚା ହୋଇଥିଲା। ଖବର ପାଇ ସ୍ଥାନୀୟ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବରଗଡ଼ ଡିଏଫଓ ଅଭୟ ଦଲେଇ, ରେଞ୍ଜର ମହେନ୍ଦ୍ର ପାତ୍ର, ଭଟଲି ରେଞ୍ଜର ରାଜେନ୍ଦ୍ର କୁମାର ଭୋଇ ପ୍ରମୁଖ ସେଠାରେ ପହଞ୍ଚି ଘଟଣାସ୍ଥଳରୁ ବାଘର ମୃତଦେହ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ମୃତବାଘଟି ମହାବଳ ନୁହେଁ, ତାହା ଏକ ଚିତାବାଘ ବୋଲି ସ୍ପଷ୍ଟ ହୋଇଥିବା ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡିଏଫଓ ନାୟକ କହିଛନ୍ତି। ଅନ୍ୟପକ୍ଷେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ମୃତବାଘର ଲାଞ୍ଜୁଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଯେଉଁ ଆକାର ରହିଛି ତାହା ଚିତାବାଘର ନୁହେଁ। ଏକ ମହାବାଳ ବାଘ ବୋଲି ଅନୁମାନ କରାଯାଉଛି। ମୃତବାଘ ସମ୍ପର୍କରେ ଖବର ପାଇ ଆମେ ବନ୍ୟପ୍ରାଣୀ ବିଭାଗକୁ ଖବର ଦେଇଥିଲୁ। ଖବର ପାଇ ବିଭାଗୀୟ ଅଧିକାରୀମାନେ ପହଞ୍ଚି ବାଘର ମୃତଦେହ ଉଦ୍ଧାର କରିଥିଲେ। ଏନ୍‌ଟିସିଏର(ନ୍ୟାଶନାଲ ଟାଇଗର କନଜରଭେସନ ଅଥରିଟି) ଗାଇଡ ଲାଇନ ଅନୁସାରେ, ମୃତବାଘର ନମୁନା ସଂଗ୍ରହ କରି ଡିଏନଏ ଟେଷ୍ଟ ପାଇଁ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆକୁ ପଠାଗଲେ ତାହା କେଉଁ ବାଘର ମୃତଦେହ ସ୍ପଷ୍ଟ ହୋଇଯିବ। ତେବେ ବାଘର ମୁହଁ ଅଂଶକୁ କାଟି ଦିଆଯାଇ ଥିବା ଯୋଗୁ ଦୁର୍ବୃତ୍ତମାନେ ଦାନ୍ତ କାଢ଼ି ନେଇଥିବା ଅନୁମାନ କରାଯାଉଛି। ଏହାପରେ ଘଟଣାକୁ ଚପାଇ ଦେବା ପାଇଁ ମୃତଦେହକୁ ପୋତି ଦେଇଥିବା ସନ୍ଦେହ କରାଯାଉଛି । ତେବେ ଦୁର୍ବୃତ୍ତମାନେ ବାଘ ଶରୀରର କେଉଁ ଅଂଶ କାଢ଼ି ନେଇଛନ୍ତି, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ ଏବଂ ବ୍ୟବଚ୍ଛେଦ ପରେ ତାହା ଜଣାପଡ଼ିବ ବୋଲି ଡିଏଫଓ ନାୟକ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ପାଇଁ ଘଟଣାସ୍ଥଳରେ ଭଟଲି ପ୍ରାଣୀ ଚିକିତ୍ସା ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ପହଞ୍ଚିଛନ୍ତି। ତେବେ ସନ୍ଧ୍ୟା ହୋଇ ଯାଇଥିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପାରିନାହିଁ। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶଯୋଗ୍ୟ ଯେ, ଡେବ୍ରିଗଡ଼ରେ କିଛିମାସ ତଳେ ଏକ ମହାବଳ ବାଘ ଦେଖାଯାଇଥିଲା। ମିଳିଥିବା ମୃତଦେହ ସେହି ବାଘର ବୋଲି ସାଧାରଣରେ ଆଲୋଚନା ହେଉଛି।

# ମାଟି ତଳୁ ଉଦ୍ଧାର ଶିଶୁ କନ୍ୟା ଡାକ୍ତରଖାନାରୁ ନିଖୋଜ

- ଜନ୍ମ ପରେ ରାସ୍ତାପାର୍ଶ୍ୱରେ ପୋତି ଦେଇଥିଲେ
- କାନ୍ଦ ଶୁଣି ଉଦ୍ଧାର କରିଥିଲେ ଛେଳି ଚରାଳି
- ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ପତ୍ତା ମିଳୁନି



ଉଦ୍ଧାର ପରେ ଶିଶୁକନ୍ୟାଙ୍କୁ ମହିଳା ଜଣକ ନିଆଁ ଶେକ ଦେଉଛନ୍ତି।

**ବନ୍ତଲା, ୨୮।୧୦ (ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ରବିବାର ଏକ ନବଜାତ ଶିଶୁ କନ୍ୟାଙ୍କୁ ଜୀବନ୍ତ ଅବସ୍ଥାରେ ମାଟି ତଳୁ ଉଦ୍ଧାର କରିଥିଲେ ଜଣେ ଛେଳି ଚରାଳି। ନୂଆକ୍ଷେତା ସାରୁଆଳି ଗ୍ରାମକୁ ଯାଇଥିବା ରାସ୍ତା ପାର୍ଶ୍ୱରେ କେହି କନ୍ୟା ସନ୍ତାନକୁ ପୋତି ଦେଇଥିବାବେଳେ କାନ୍ଦ ଶୁଣି ଛେଳି ଚରାଳି ଜଣକ ମାଟି ଖୋଳିବାରୁ ଶିଶୁଟିକୁ ଦେଖିବାକୁ ପାଇଥିଲେ। ପରେ ଶିଶୁ କନ୍ୟାଙ୍କୁ ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥଲା। ତେବେ ସେଠାରୁ ନବଜାତକ ନିଖୋଜ ହୋଇଯିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଘଟଣାରୁ ଜଣାପଡିଛି, ଉକ୍ତ ଅଞ୍ଚଳର ଜଣେ ଛେଳି ଚରାଳି ମଙ୍ଗୁଲୁ ଜାନି ସାରୁଆଳି ମଝିସାହି ତାଳବଣୀ ଠାରେ ଅପରାହ୍ନରେ ଛେଳି ଚରାଉଥିଲେ। ହଠାତ୍ ଜଣେ ଶିଶୁଙ୍କ କାନ୍ଦ ଶୁଣି ଖୋଜାଖୋଜି କରିବା ପରେ ରାସ୍ତାପାର୍ଶ୍ୱରେ ମାଟି ତଳୁ ସେ ଜଣେ ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ସ୍ତ୍ରୀ ପ୍ରତିମା ଭୋଇ ଶିଶୁକନ୍ୟାଙ୍କୁ ସଫା ସୁତୁରା କରିବା ସହ ସ୍ଥାନୀୟ ଆଶାକର୍ମୀଙ୍କୁ ଖବର ଦେଇଥିଲେ। ଆଶାକର୍ମୀ ସୁକାନ୍ତି ନାଏକ ୧୦୨ ଆମ୍ବୁଲାନ୍ସରେ ଶିଶୁ କନ୍ୟାକୁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଶିଶୁଟିକୁ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା। ଆଶା କର୍ମୀ ଓ ସାରୁଆଳି ଗ୍ରାମର ୩ ଜଣ ମହିଳା ପୁରୁଷ ଜିଲା ସାସ୍ଥ୍ୟକେନ୍ଦ୍ରକୁ ଶିଶୁଟିକୁ ନେଇ ବାହାରିଥିଲେ। ଆମ୍ବୁଲାନ୍ସ ସେଠାରେ ପହଞ୍ଚିବା ପରେ ଶିଶୁ କନ୍ୟାଙ୍କୁ ଆଶାକର୍ମୀ ସାଙ୍ଗରେ ଯାଇଥିବା ଗ୍ରାମବାସୀଙ୍କୁ ଧରାଇ ଡାକ୍ତରଖାନାର ଶିଶୁ ବିଭାଗକୁ ଯାଇଥିଲେ। ହେଲେ କିଛି ସମୟ ପରେ ସମ୍ପୃକ୍ତ ଗ୍ରାମବାସୀ ସେଠାରୁ ଶିଶୁ କନ୍ୟାଙ୍କ ସହ କେଉଁଆଡେ ଚାଲିଯାଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଅନୁଗୋଳ ଓ ବନ୍ତଲା ଥାନାକୁ ଜଣାଇଥିଲେ। ପରେ ସମ୍ପୃକ୍ତା ଆଶାକର୍ମୀଙ୍କୁ ନେଇ ବନ୍ତଲା ଥାନା ଆଇଆଇସି ସବ୍ୟସାଚୀ ରାଉତ ରାତି ପ୍ରାୟ ୮ ଟାରେ ସାରୁଆଳି ଗ୍ରାମକୁ ଯାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଶିଶୁଟିର କୌଣସି ପତ୍ତା ମିଳିପାରିନାହିଁ।

ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଗୌରୀ ଶଙ୍କର ବେହେରା କୁହନ୍ତି, ଉଦ୍ଧାର ଶିଶୁ କନ୍ୟାଙ୍କୁ ଜରୁରୀକାଳୀନ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଅପେକ୍ଷା କରିଥିଲୁ। ଆଶାକର୍ମୀ ଆମ୍ବୁଲାନ୍ସରେ ଶିଶୁଙ୍କୁ ନେଇ ଆସିଥିଲେ। ହେଲେ ଆମ୍ବୁଲାନ୍ସ ନିକଟରୁ ନବଜାତ ଶିଶୁ ସହ ଆସିଥିବା ଗ୍ରାମବାସୀ ହଠାତ୍ ନିଖୋଜ ହୋଇଗଲେ। ଏ ନେଇ ଅନୁଗୋଳ ଓ ବନ୍ତଲା ଥାନା ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେଇଥିଲୁ।




## ଶ୍ରଦ୍ଧାଞ୍ଜଳି



ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟର ପୂର୍ବତନ ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କର ଆଜି ଚତୁର୍ଥ ଶ୍ରାଦ୍ଧଦିବସ। ଏହି ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି।

# ୩ ଦିନ ପ୍ରବଳ ବର୍ଷିବ

- ୭ ଜିଲାକୁ ସତର୍କ ନିର୍ଦ୍ଦେଶ ଦେଲେ ଏସ୍ଆର୍ସି
- ଚାଷୀଙ୍କ ପାଇଁ ଓୟୁଏଟିର ସର୍କୁଲାର ଜାରି
- ସମୁଦ୍ର ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସୋମବାର ଲଘୁଚାପରେ ପରିଣତ ହେବାକୁ ଯାଉଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ଫଳରେ ୩ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିବ। ଏହା ପ୍ରଭାବରେ ଉପକୂଳ ଓଡ଼ିଶାର ୭ଟି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଇ ଦିଆଯାଇଛି। ତେବେ ପ୍ରବଳ ବର୍ଷା ହେବାକୁ ଥିବା ଜିଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ ଏବଂ ଗଞ୍ଜାମ। ପାଣିପାଗ କେନ୍ଦ୍ରର ସତର୍କ ସୂଚନା ଅନୁସାରେ, ଏସବୁ ଜିଲାର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟକୁ ପ୍ରାକୃତିକ ଦୁର୍ଦ୍ଦଶା ଛାଡୁନି। ଗୋଟିଏ ମାସରେ ବାତ୍ୟା ଏବଂ ଲଘୁଚାପଜନିତ ୩ ଦିନିଆ ଲଗାଣ ବର୍ଷା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ। ଚଳିତ ମାସର ଦ୍ୱିତୀୟ ସପ୍ତାହରେ ବାତ୍ୟା ତିତ୍‌ଲି ଗଜପତି, ରାୟଗଡା ଏବଂ ଗଞ୍ଜାମ ଜିଲାର ମେରୁଦଣ୍ଡ ଭାଙ୍ଗିଦେଇଛି। ଏହାର ଦୁଃଖ ଲୋକଙ୍କ ମନରୁ ନ ଲିଭୁଣୁ ଏବେ ପୁଣି ଆଉ ଏକ ଲଘୁଚାପ। ଏହି ଲଘୁଚାପଜନିତ ଲଗାଣ ବର୍ଷା ଚାଷୀଙ୍କ ଅମଳ ହେବାକୁ ଥିବା ଫସଲକୁ ଉଜାଡି ଦେବାକୁ ବସିଛି। ଯଦିଓ ପାଣିପାଗ କେନ୍ଦ୍ର କହୁଛି ପବନ ଏବଂ ଅଧିକ ବର୍ଷା ହେବାର ଆଶଙ୍କା କମ୍। ତଥାପି ବର୍ଷା ଛାଡିଯିବା ପରେ ଫସଲରେ ପୋକ ଲାଗିବାର ସମ୍ଭାବନା ଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ପକ୍ଷରୁ କୁହାଯାଇଛି। ଏହାକୁ ନେଇ ଚାଷୀକୁଳ ଚିନ୍ତିତ ଥିବାବେଳେ ଓୟୁଏଟି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି ଯେ, ପାଚି ଯାଇଥିବା ସଅଳ ଓ ମଧ୍ୟମ କିସମ ଧାନକୁ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଜମିରୁ ବଳକା ପାଣି ବାହାରିଯିବା ପାଇଁ ନାଳି କରନ୍ତୁ। ସଅଳ କିସମ ଧାନ ବିଲରେ ଥାଇ ଗଜା ନ ହେବା ପାଇଁ ବର୍ଷା ଛାଡ଼ିଗଲା ପରେ ଶତକଡ଼ା ୨ ଭାଗ ଲୁଣ ପାଣି ସିଞ୍ଚନ କରନ୍ତୁ। ବର୍ଷା ଛାଡ଼ିଗଲା ପରେ ପଡ଼ିଯାଇଥିବା ପନିପରିବା ଗଛର ମୂଳକୁ ମାଟିଦେଇ ଠିଆ କରାଇ ଦେବାକୁ କୁହାଯାଇଛି। ଧାନ, ପନିପରିବା ଓ ଡାଲିଜାତୀୟ ଫସଲରେ କେତେକ ରୋଗପୋକ ଲାଗିବାର ସମ୍ଭାବନା ରହିଛି। ଧାନରେ ମାଟିଆଗୁଣ୍ଡି ପୋକ, କେଣ୍ଡାକଟା ପୋକ, ଗନ୍ଧିପୋକ, କେଣ୍ଡା ଅଷ୍ଟପଦୀ, ବେକ ମହିଷା/କେଣ୍ଡା ମହିଷା ଭଳି ରୋଗ ହେବାର ସମ୍ଭାବନା ଅଛି। ସେହିପରି ପନିପରିବା ଓ ଡାଲିଜାତୀୟ ଫସଲରେ ଜଉପୋକ, ପାଉଁଶିଆ ଓ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି। ତେଣୁ ଚାଷୀମାନେ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ସହ ଯୋଗାଯୋଗ କରିବାକୁ ଓୟୁଏଟି ଡିନ୍ ଡ. ପ୍ରଭାତ କୁମାର ରାଉଳ କହିଛନ୍ତି।

ରବିବାର ମଧ୍ୟରାତ୍ରରୁ ବର୍ଷା ଆରମ୍ଭ ହୋଇ ୨୯, ୩୦ ଏବଂ ୩୧ ତାରିଖ ତିନିଦିନ ଧରି ପ୍ରବଳ ବର୍ଷା ହେବ। ୩୦ ତାରିଖରେ ବିଶେଷକରି ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ଅଧିକ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଭାତ କୁମାର ମହାପାତ୍ର କୁହନ୍ତି, ଯେଉଁ ଜିଲାଗୁଡିକରେ ଅଧିକ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ କରିଛି, ସେହି ଜିଲାର ଜିଲାପାଳଙ୍କୁ ପରିସ୍ଥିତି ଅନୁଯାୟୀ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ସକାଳୁ ଆକାଶ ମେଘାଚ୍ଛନ୍ନ ରହିଥିବା ବେଳେ ପୂର୍ବାହ୍ନରୁ ଭୁବନେଶ୍ୱର ଏବଂ କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ଲଘୁଚାପକୁ ଲକ୍ଷ୍ୟ ରଖି ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ନ ଯିବା ପାଇଁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଇ ଦିଆଯାଇଛି।

## କୁମ୍ଭୀର ମୁହଁରୁ ବର୍ତ୍ତିଲେ ବୃଦ୍ଧା

ରାଜନଗର, ୨୮।୧୦ (ଡି.ଏନ୍.ଏ.)

ଉପସ୍ଥିତ ବୁଦ୍ଧି ଖଟାଇ କୁମ୍ଭୀର ମୁହଁରୁ ବର୍ତ୍ତି ଯାଇଛନ୍ତି ଜଣେ ମହିଳା। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ ଗ୍ରାମର ଦିବାକର ଦାସଙ୍କ ସ୍ତ୍ରୀ ଛଇଳା(୬୦) ଶନିବାର ସନ୍ଧ୍ୟାରେ ଘର ନିକଟସ୍ଥ ନାଳକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ଏକ ବଉଳା କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ତେବେ ଛଇଳା ଚିତ୍କାର କରିବା ସହ ଉପସ୍ଥିତ ବୁଦ୍ଧି ଖଟାଇ କୁମ୍ଭୀର ପେଟକୁ ଜୋରରେ ଗୋଇଠା ମାରିଥିଲେ। ଫଳରେ କୁମ୍ଭୀର ତାଙ୍କୁ ଛାଡି ପଳାଇଥିଲା।

## ତ୍ରୁଟି ସଂଶୋଧନ

ଧରିତ୍ରୀ ୨୭।୧୦।୨୦୧୮ ସଂସ୍କରଣର ପ୍ରଥମ ପୃଷ୍ଠାରେ 'ଦଳ ଭିତରେ ଯୁବ ରାଜନୀତି' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ରଜତ ଚୌଧୁରୀ ଚିଟ୍‌ଫଣ୍ଡ ଦୁର୍ନୀତିରେ ଗିରଫ ହୋଇ ଜେଲ୍ ଯାଇଥିବା ପରିବର୍ତ୍ତେ ଭୁଲ୍‌ବଶତଃ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଥିଲେ ବୋଲି ଉଲ୍ଲେଖ ରହିଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।







Your classified advertisement published in Dharitri will be listed free in Dharitri online edition : www.dharitri.com






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବିଭୁ
ପରିବାରବର୍ଗ


ରିଙ୍କୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

## automobile

### SALE

Bolero plus, Swift Dezire, Swift VDI, Hondacity, Tata ACE, Maximo Dala/ Passenger. 9853020992. D-68399

## real estate

### SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

Duplex core house ranging Rs. 95,00,000/- land area 2000 sqft., construction 2800 sqft., 4BHK at Pokhariput, Bhubaneswar. Contact: 9861125539, 9040521173. D-63398

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

## construction

Construct your building in finished house contact: 9937064680. D-27282

For construction of residential commercial building. Please. Contact: 7008268129, 9439143273. D-62132

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Experience full body massage with us by experts. Enquiry: 7377048581. D-65128

Newly open herbal full body massage with refreshment well trained therapist. 7381239385. D-64625

Refresh your body with smart and expert therapist. Contact: 6370668486. D-65130

Herbal full body massage by smart/ expert therapist. Contact: 8338067247. D-65131

Newly opening ayurvedic body massage smart therapist, Shree herbal. 7750020754. D-65134

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

All type of full body massage by expert therapist. 7609005923. D-65132

Saishree ayurvedic full body massage ladies & gents. Contact: 7438896074. D-64626

Improving your health, skincare though expert therapist, excellent offfer. 9668374480. D-65129

## ତୃତୀୟ ଜନ୍ମଦିନ ଶୁଭେଚ୍ଛା


(ବିଭୁ)

### ସାଇ ପ୍ରକାଶ ମହାରଣା

**ଗୁଜିଦରଡ଼ା, ମିରପାଟଣା, ଭଦ୍ରକ**

ଆଜି ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓଁ ମା'ଭଦ୍ରକାଳୀଙ୍କ ପାଖରେ ଏତିକି ପ୍ରାର୍ଥନା ସେ ତୁମର ଚଲାପଥ କୁସୁମିତ କରନ୍ତୁ, ତଥା ଦୀର୍ଘାୟୁ, ସୁସ୍ଥ ଓ ଯଶସ୍ୱୀ କରାନ୍ତୁ। ଶୁଭେଚ୍ଛା ସହ: ବାପା, ମାମା, ଜେଜେମାଆ, ଜେଜେବାପା, ଅଜା, ଆଈ, ବଡ଼ବାପା, ବଡ଼ମାଆ, ପିଉସା, ପିଉସୀ, କାକୁ, ଦିଦି, ଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୮୯୩୨

## ଜନ୍ମଦିନ ଶୁଭେଚ୍ଛା



### କରମ୍‌ଜିତ୍ ଯଶ୍‌ରାଜ୍ ବିହାରୀ

**ବରିମୁଣ୍ଡେଇ, ନିଆଳି**

ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ। ତୋର ଜନ୍ମଦିନରେ **ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଦାଦା, ଖୁଡୀ, ପିଇସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ।** ଧ-୯୦୫୬

## ଦଶମ ଜନ୍ମଦିନ ଶୁଭେଚ୍ଛା


(ରିଙ୍କୁ)

### ଧନଞ୍ଜୟ ବାରିକ

ତୋର ଦଶମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା। ଗୁରୁଜନଙ୍କ ଆଶୀର୍ବାଦ ଏବଂ ଛୋଟମାନଙ୍କ ଶୁଭେଚ୍ଛା ରହିଛି। ତୋର: **ବାପା, ବୋଉ, ବଡବାପା, ବଡବୋଉ, ଜେଜେମା, ଦାଦା, ଖୁଡୀ ଓ ଭାଇ ଭଉଣୀ।** ଧ-୫୩୨୧୯

## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



### ଶୁଭମ୍

ଶୁଭ ଜନ୍ମଦିନରେ ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବଡବାପା, ବଡମାମା, ବାବା, ମାମା, ମାମୁଁ, ମାଇଁ, ମଉସା, ମାଉସୀ, ଅପା, ପିଇସୀ, ଜେଜେ, ଜେଜେମା, ଅଜା, ବନ୍ଧୁବାନ୍ଧବବର୍ଗ। ଧ-୬୪୬୨୭

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।**

## ୩ରେ ଫାର୍ମାସ୍ୟୁଟିକାଲ ଆସୋସିଏଶନର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଓଡ଼ିଶାରେ ପ୍ରଥମଥର ପାଇଁ ଭାରତୀୟ ଫାର୍ମାସ୍ୟୁଟିକାଲ ଆସୋସିଏଶନର ଜାତୀୟସ୍ତରୀୟ ବାର୍ଷିକ ସମ୍ମିଳନୀ ଆସନ୍ତା ନଭେମ୍ବର ୩ ଏବଂ ୪ ଦୁଇଦିନ ଧରି ଭୁବନେଶ୍ୱରସ୍ଥିତ ରେଳ ସଦନ ଅଡିଟୋରିୟମଠାରେ ଆୟୋଜିତ ହେବ। ଆଇପିଏ ଜୟପୁର ଲୋକାଲ ବ୍ରାଞ୍ଚ ଏବଂ ଓଡ଼ିଶା ଫାର୍ମାସୀ ଇଣ୍ଟେଲେକଚୁଆଲ ଫୋରମ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେବ ବୋଲି ଓଡ଼ିଶା ଫାର୍ମାସୀ ଆସୋସିଏଶନ୍ ସମ୍ପାଦକ ମନୋଜ ଦାଶ କହିଛନ୍ତି।

# ମନେ ପଡ଼ନ୍ତି

## ଅଶ୍ରୁଳ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
## ଦଶାହ ଉପଲକ୍ଷେ



### ସ୍ୱର୍ଗତ ଆର୍ତ୍ତବଲ୍ଲଭ ନନ୍ଦ
(ଗଗନ ନନ୍ଦ)

ତାଳଚେର ଟାଉନ (ବିରାଦରପଡା)
ଆବିର୍ଭାବ: ୧୦।୦୫।୧୯୪୪
ତିରୋଧାନ: ୨୦।୧୦।୨୦୧୮
(ଭୁବନେଶ୍ୱର)
ଶୋକାକୁଳ ନନ୍ଦ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୯୦୬୫

## ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



### ସ୍ୱର୍ଗତା ଅନଙ୍ଗପ୍ରଭା ନାୟକ

ଗୋବିନ୍ଦପୁର, ପିପିଲି, ପୁରୀ

ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୁମର ଶୋକସନ୍ତପ୍ତ ସ୍ୱାମୀ ଲକ୍ଷ୍ମୀଧର, ପୁଅ-ସାନୁ, ଝିଅ-ଲିଜା, ଲିପା, ପୁତୁଲି, ଜ୍ୱାଇଁ-ପ୍ରଭାତ, ପାପୁନି ଏବଂ କଲ୍ୟାଣମୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ। ଧ-୬୪୬୨୬

## ପଞ୍ଚମ ଶ୍ରାଦ୍ଧବାର୍ଷିକୀ



### ସ୍ୱର୍ଗତା ସୁଧାସିନୀ ପଟ୍ଟନାୟକ

ଆବିର୍ଭାବ: ୦୭।୧୦।୧୯୪୬
ତିରୋଧାନ: ୨୯।୧୦।୨୦୧୩

ତୋର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ସ୍ୱାମୀ-ଜୟକୃଷ୍ଣ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ସୁଧାସିନୀ ଭବନ, ମାରୁତି ନଗର, କାରିଗର ସାହି, ଢେଙ୍କାନାଳ। ଧ-୬୨୦୫୧

## ଏକାଦଶାହ ଉପଲକ୍ଷେ
## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



### ସ୍ୱର୍ଗତ ଶଶିଭୂଷଣ ଦୋରା

ଥାନୁଆଳ (ଝାରସୋଲ)
କାରକା, ଜି-ଯାଜପୁର
ଆବିର୍ଭାବ: ୦୧।୦୧।୧୯୩୩
ତିରୋଧାନ: ୧୯।୧୦।୨୦୧୮ (ପବିତ୍ର ଦଶହରା)

ଆପଣଙ୍କ ଅକୁଣ୍ଠ ସ୍ନେହ, କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଅସୀମ ତ୍ୟାଗ, ଆଜି ସ୍ମୃତି ପାଲଟି ଯାଇଛି। ସୃଷ୍ଟିର ଆବର୍ତ୍ତମାନରେ ଆପଣଙ୍କର ଅମରଆତ୍ମା ପରମ ସଦ୍‌ଗତି ଲାଭକରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏକାନ୍ତ କାମ୍ୟ। ଆପଣଙ୍କର ଚିର ଆଶିଷ ଆଶାରେ ଶୋକସନ୍ତପ୍ତ ଏକମାତ୍ର ଝିଅ, ଜ୍ୱାଇଁ ଏବଂ ବନ୍ଧୁ ପରିବାରବର୍ଗ। ଧ-୬୪୦୧୭

## ଏକାଦଶାହ ଉପଲକ୍ଷେ



### ସ୍ୱର୍ଗତ ସୁଦାମ ଚରଣ ସାମଲ

କିରଣି, ଝଙ୍କଡ, ଜଗତ୍‌ସିଂହପୁର
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଗରାମ ମ.ଇ. ବିଦ୍ୟାଳୟ
ଆବିର୍ଭାବ: ୧୭।୩।୧୯୩୭
ତିରୋଧାନ: ତା ୧୯।୧୦।୨୦୧୮

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅମାନେ-ସୁକୁମାର, ସୁଧୀର, ସ୍ମୃତିରଞ୍ଜନ, ସରୋଜ, ବୋହୂମାନେ- ପୁଷ୍ପିତା, ଅପର୍ଣ୍ଣା, ରେଣୁବାଳା, ପ୍ରଜ୍ଞା, କନ୍ୟାମାନେ: ମମତା, ସାନୁ, ଜ୍ୱାଇଁ -କୈଳାଶ, ମାନସ ଓ ନାତିନାତୁଣୀମାନେ। ଧ-୯୧୨୨

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ଆଇନଜୀବୀ...

ପ୍ରଥମ ପୃଷ୍ଠାରୁ...


କାର୍ଯ୍ୟବନ୍ଦ ଆନ୍ଦୋଳନରୁ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟ ଓ କର୍ମକର୍ତ୍ତା ଓହରିଯିବା ପରେ ରବିବାର ହାଇକୋର୍ଟ ପରିସରରେ ଅନ୍ୟ ଆଇନଜୀବୀମାନେ ପ୍ରତିବାଦ ଜଣାଉଛନ୍ତି।

ଆଭିମୁଖ୍ୟ ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି ବାର ଆସୋସିଏଶନର କେତେଜଣ କର୍ମକର୍ତ୍ତା ଓ ଆଇନଜୀବୀ। ସେମାନେ ରବିବାର ହାଇକୋର୍ଟ ପରିସରରେ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଟହଲି ଚରଣ ମହାନ୍ତି ଏବଂ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଉପଦେଷ୍ଟା ଦାସଙ୍କ ଫଟୋଚିତ୍ରରେ ଚପଲମାଳ ପିନ୍ଧାଇ ପୋଡ଼ିଥିଲେ। ଅନ୍ୟପକ୍ଷରେ ଆଇନଜୀବୀଙ୍କ ଦୀର୍ଘଦିନର ଆନ୍ଦୋଳନ ଯୋଗୁ ରାଜ୍ୟ ସାରା ସାଧାରଣ ଲୋକ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କୋର୍ଟ କାର୍ଯ୍ୟ ନ ହେବାରୁ ଅନେକେ ଜେଲରେ ଅଟକ ରହିଛନ୍ତି। ଫଳରେ ସେମାନଙ୍କ ପରିବାର ଦୁର୍ଦ୍ଦଶା ଭୋଗୁଛନ୍ତି। ଆନ୍ଦୋଳନରୁ ଓହରିଯିବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିବେଦନକୁ ମଧ୍ୟ ଆନ୍ଦୋଳନକାରୀମାନେ ମାନି ନ ଥିଲେ। ସରକାର ଏନେଇ କୌଣସି ପ୍ରତିକାର କରିପାରି ନ ଥିବାବେଳେ ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ଖୁବ୍‌ଶୀଘ୍ର କୋର୍ଟ ଅଚଳାବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ସରକାର ଦାବି ନ ମାନିଲେ ଆସନ୍ତା ୩୧ ତାରିଖରେ ସମଗ୍ର ରାଜ୍ୟର ବାର ଆସୋସିଏଶନ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ଗତ ଶୁକ୍ରବାର ହାଇକୋର୍ଟ ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ହିଁ ସଂଘରେ ଫାଟ ସୃଷ୍ଟି ହେବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଜେଡିଆଇନଜୀବୀ ସାମ୍ମୁଖ୍ୟ ଉପଦେଷ୍ଟା ଦାସ ଆନ୍ଦୋଳନକୁ ରାଜନୀତିକରଣ କରାଯାଉଥିବା ଶନିବାର ଅଭିଯୋଗ କରିଥିଲେ। ସେ ରବିବାର ବିଜେଡି ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ଘରେ ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ ଯେ, ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ନଜରରେ ରଖି ସୋମବାର କାର୍ଯ୍ୟରେ ଯୋଗଦେବାକୁ ଆମେ ସବୁ ଆଇନଜୀବୀଙ୍କୁ ନିବେଦନ କରୁଛୁ।

ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ଏବଂ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି, ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ନ୍ୟାୟ ଦେବା ପାଇଁ ଆମେ ଏହି ଆନ୍ଦୋଳନକୁ ଜାରି ରଖିଛୁ। ହେଲେ ଆନ୍ଦୋଳନକୁ ନେଇ ଏବେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର କେତେଜଣ ସଦସ୍ୟ ରାଜନୈତିକ ରଙ୍ଗ ଦେବାକୁ ଅପଚେଷ୍ଟା କରୁଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ମହାନ୍ତି କହିଛନ୍ତି, ଆଇନଜୀବୀ ଏକତାକୁ ଆମେ ସମ୍ମାନ ଜଣାଉଛୁ। ହେଲେ ଆଇନଜୀବୀ ଦେବୀପ୍ରସାଦଙ୍କ ଘଟଣାରେ କୋର୍ଟରେ ମାମଲା ଚାଲୁଥିବାରୁ ଏହାର ଚୂଡାନ୍ତ ଶୁଣାଣି ଆସିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା କେତେଦୂର ଠିକ୍ ତାହା ଆମେ ସମସ୍ତେ ଜାଣିରଖିବା ଉଚିତ। ତେଣୁ କୋର୍ଟ କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ସବୁ ଆଇନଜୀବୀ କାର୍ଯ୍ୟରେ ଯୋଗଦେବା ଉଚିତ। ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଚିନ୍ମୟ କୁମାର ମହାନ୍ତି କହିଛନ୍ତି, କାର୍ଯ୍ୟରେ ଯୋଗଦେବାକୁ କହି ଯେଉଁମାନେ ବିଜେଡିର ଏଜେଣ୍ଟ ସାଜୁଛନ୍ତି, ସେମାନଙ୍କୁ ନିବେଦନ ଯେ, ରାଜନୀତି କରି ଆଇନଜୀବୀ ସଂଘରେ ଫାଟ ସୃଷ୍ଟି ନ କରନ୍ତୁ।

ଅନ୍ୟପକ୍ଷରେ ଆନ୍ଦୋଳନ ଦୀର୍ଘ ଦିନ ଚାଲିବା ପଛରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରୋକ୍ଷ ଇଙ୍ଗିତ ଥିବା ଅଭିଯୋଗ ଆଣିଛି ରାଜ୍ୟ ଛାତ୍ର ସ୍ୱାଭିମାନ ମଞ୍ଚ। ରବିବାର ସନ୍ଧ୍ୟାରେ ମଞ୍ଚ ପକ୍ଷରୁ ଚାନ୍ଦିନୀଚୌକ ଛକ ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି।

ଆଇନଜୀବୀଙ୍କ ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ନେଇ ବିବାଦ ଚାଲିଥିବାବେଳେ ସୋମବାର ପରିସ୍ଥିତି ଜଟିଳ ହେବା ଆଶଙ୍କା କରାଯାଉଛି। ଏ ନେଇ କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ହାଇକୋର୍ଟ ପାଖ ଲାଲବାଗ ଥାନାରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ଅଛନ୍ତି। ପରିସ୍ଥିତି ଉପରେ ନଜର ରଖିଛୁ।

ସୂଚନାଥାଉ କି, ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ପିସିଆର ଭ୍ୟାନରେ ଥିବା ପୋଲିସ କର୍ମଚାରୀମାନେ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଉକ୍ତ କର୍ମଚାରୀମାନଙ୍କୁ ଗିରଫ କରିବା ଦାବିରେ ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଅଗଷ୍ଟ ୨୯ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଅନ୍ୟପକ୍ଷରେ ଦେବୀପ୍ରସାଦ ପିସିଆର ଭ୍ୟାନ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଦେବୀପ୍ରସାଦଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ଅକ୍ଟୋବର ୨୯ ତାରିଖ ଯାଏ ପ୍ରଦାନ କରିଥିଲେ। ସୋମବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ରହିଛି।

## କ୍ରାଇମବ୍ରାଞ୍ଚ ତଦନ୍ତ...

ପ୍ରୋଟେକ୍ସନ ଆକ୍ଟ-୫୭ ଅନୁଯାୟୀ କେସ୍ ନଂ. ୧୧୬/୧୮, ଦଫା ୧୬୬, ୪୨୯ ଓ ୩୪ରେ ମାମଲା ରୁଜୁ କରାଯାଇଛି। ସେହିପରି କ୍ରାଇମବ୍ରାଞ୍ଚ ପକ୍ଷରୁ ନଂ. ୨୩/୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ଅପରାହ୍ନ ୫ଟାରେ କ୍ରାଇମବ୍ରାଞ୍ଚ ଏସ୍‌ପି ଏମ୍.ଏସ୍. ସମ୍ପଦଙ୍କ ନେତୃତ୍ୱରେ ଡିଏସ୍‌ପି ଦେବୀଦତ୍ତ ବିଶ୍ୱଜୀବନ ମିଶ୍ରଙ୍କ ସମେତ ୪ଜଣିଆ ଅଧିକାରୀ ଦଳ ଏବଂ ଢେଙ୍କାନାଳ ଏସ୍‌ପି ସନ୍ତୋଷ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁସ୍ଥଳରେ ଖୋଳତାଡ଼ କରିଥିଲେ। ଅଧିକାରୀମାନେ ବନ ବିଭାଗ ଏବଂ ସେସୁ କର୍ମଚାରୀଙ୍କୁ ପଚରାଉଚୁରା କରିବା ସହ କମ୍ ଉଚ୍ଚତାରେ ଟଣାଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସମେତ ପାରିପାର୍ଶ୍ୱିକସ୍ଥିତିକୁ ଅନୁଧାନ କରିଥିଲେ। ଏଥିସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି ସାକ୍ଷ୍ୟପ୍ରମାଣ ଗ୍ରହଣ କରିଥିଲେ। ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ମଧ୍ୟାହ୍ନରେ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ, ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଏସିଏଫ୍ ଜିତେନ୍ଦ୍ରନାଥ ଦାସ, ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏପରି ଅଭାବନୀୟ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ପିସିସିଏଫ୍ ବନ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି।

ଅନ୍ୟପଟେ ହାତୀମୃତ୍ୟୁ ଘଟଣା ପରେ ସରକାରଙ୍କୁ ଅକଳରେ ପକାଇବାକୁ ଭାଜପା ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟ ଶକ୍ତିମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଦୁଇ ବିଭାଗୀୟ ସଚିବ ଏବଂ ପିସିସିଏଫ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଦଳ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ବିଷ୍ଣୁପ୍ରସାଦ ଲେଙ୍କା ପ୍ରମୁଖ ଏ ନେଇ କଣ୍ଟାବଣିଆ ଥାନାରେ ଅଭିଯୋଗ କରିଛନ୍ତି।

### ସରିଲା ମୃତଦେହ ବ୍ୟବଚ୍ଛେଦ

ଓଡ଼ାପଡ଼ା ବ୍ଲକ କମଲାଙ୍ଗ ନିକଟ ରେଙ୍ଗାଳି ଦକ୍ଷିଣ ଉପଶାଖା କେନାଲ ନିକଟରେ ଶନିବାର ଏକ ଅଭାବନୀୟ ଘଟଣାକ୍ରମେ କମ୍ ଉଚ୍ଚତାରେ ଝୁଲି ରହିଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ମାଈ, ୨ ଅଣ୍ଡିରା ଏବଂ ଗୋଟିଏ ଶାବକ ପ୍ରାଣ ହରାଇଥିଲେ। ବିଦ୍ୟୁତ୍ ଝଟ୍‌କାରେ ୩ ହାତୀ କେନାଲ ଭିତରକୁ ଖସିପଡ଼ିଥିଲେ। ଶନିବାର ରାତି ସୁଦ୍ଧା ୪ ହାତୀଙ୍କ ବ୍ୟବଚ୍ଛେଦ ହୋଇଥିବାବେଳେ ରବିବାର ଅବଶିଷ୍ଟ ହାତୀଙ୍କ ବ୍ୟବଚ୍ଛେଦ ହୋଇଛି। ମୃତଦେହ ଘଟଣାସ୍ଥଳ ନିକଟରେ ପୋତି ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମାଧିପ କେତୁ ନକ୍ଷତ୍ରରେ ଥିବାରୁ କାର୍ଯ୍ୟହାନି, କଳହ, ଧନକ୍ଷୟାଦି ଘଟିପାରେ। ଏହା ସଙ୍ଗକୁ ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା ଜାରିରଖିଲେ ଆଗାମୀ ଆଶା ପୂରଣ ହେବା ସମ୍ଭାବନା ରହିଛି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** ଭାଗ୍ୟାଧିପ ଗୁରୁକ୍ଷେତ୍ରରେ ଥିବାରୁ ପ୍ରତ୍ୟେକ ସଂକଟକୁ କୌଣସି ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ସାଧନ କରିପାରିବେ। ଅଭାବ ପୂରଣ ଦିଗରେ ସହକର୍ମୀ କିମ୍ବା ପାଖ ପଡୋଶୀଙ୍କ ସାହାଯ୍ୟ କାମକୁ ଆସିବ। ପିଲାମାନଙ୍କ ପଢା ସମସ୍ୟା, ପରିବହନରେ ଝଗଡା, ସଭାସମିତିରେ ବିତର୍କ ଜନିତ ସାମୟିକ ଅସ୍ଥିରତାର ସୂଚନା ମଧ୍ୟ ରହିଛି।

**ମିଥୁନ** ଗୁରୁନକ୍ଷତ୍ରସ୍ଥ ବୁଧ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ଓ ଉତ୍ତମ ପରାମର୍ଶରେ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବେ। ଜମିଜମା କାରବାର,ବାଣିଜ୍ୟ ବ୍ୟବସାୟ, ପରିବହନ ଦିଗରୁ ସମସ୍ୟା ଓ ପ୍ରତିବନ୍ଧକ ହଟିଯିବାର ସୂଚନା ରହିଛି। ମାଲି ମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ।

**କର୍କଟ** ଚତୁର୍ଥଭାବରେ ରବି ଓ ଶୁକ୍ରଙ୍କ ସ୍ଥିତି ଜନିତ ବନ୍ଧୁଙ୍କ ସାହାଯ୍ୟରୁ ନୂତନ କର୍ମାରମ୍ଭ, ଭ୍ରମଣ ସୁଯୋଗ ପାଇବେ। ବନ୍ଧୁଙ୍କ ନିମନ୍ତ୍ରଣ,ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସୀ ରହିବ। କିନ୍ତୁ ଅଶ୍ଳେଷା ନକ୍ଷତ୍ରର ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଉପୁଜିପାରେ।

**ସିଂହ** ଶନିଙ୍କ ପ୍ରଭାବରୁ ସନ୍ତାନଙ୍କ ସମ୍ପର୍କୀୟ ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଯାହା ଚିନ୍ତା କରିବେ ବାସ୍ତବ କ୍ଷେତ୍ରରେ ତାହାର ଓଲଟା ପ୍ରତିଫଳନ ଘଟିବ। ସଦାବେଳେ ହାତଖାଲି ରହିବା କାରଣରୁ ମନରେ ସରସତା ରହି ନ ପାରେ। ଅବଶ୍ୟ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଅପୂରଣୀୟ ଆଶା, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**କନ୍ୟା** ଗ୍ରହଚକ୍ରରେ ଶୁଭଗ୍ରହମାନଙ୍କ ସୁପ୍ରଭାବକୁ ସତ୍କର୍ମରେ ବିନିଯୋଗ କରିପାରିଲେ ସମସ୍ତ ସିଦ୍ଧିଲାଭ କରିପାରିବେ। ସମସ୍ୟା ହଟିଯିବ, ଅର୍ଥପାଇବେ, ସମ୍ମାନ ମିଳିବ ଓ ବନ୍ଧୁମାନଙ୍କ ଆଦର ସୋହାଗ ପାଖକୁ ଛୁଟିଆସିବ। ତଥାପି ଉତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା ସମ୍ପର୍କରେ ଦୁଃଚିନ୍ତା ବଢିବ।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବା ସହ ଅର୍ଥ, ସମ୍ମାନ ସହ ବନ୍ଧୁମିଳନ ଯୋଗ ରହିଛି। ନିକଟ ସମ୍ପର୍କୀୟ ମାନଙ୍କକଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିବେ। ସଭା ସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତି ବଦଳାଇବାକୁ ପଡିପାରେ।

**ବିଛା** ଅନୁକୂଳ ଗ୍ରହ ପ୍ରଭାବ ରହିଥିଲେ ମଧ୍ୟ ଉଦ୍ୟମ ବ୍ୟତିରେକ ଚେଇଁ ଶୋଇଲେ ହାତ ପାହାନ୍ତାରୁ ସୁଯୋଗ ଖସିଯାଇପାରେ। ଶନିଙ୍କ ପ୍ରଭାବରୁ ଠିକଣା ସମୟରେ ଉଚିତ ପଦକ୍ଷେପ ନନେଇ ଭାଗ୍ୟ ଓ କର୍ମକୁ ନିନ୍ଦା କରିବା ମୂଲ୍ୟହୀନ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ଆଦିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରନ୍ତି।

**ଧନୁ** ରାହୁ ଓ କେତୁଙ୍କ କୁପ୍ରଭାବରୁ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନୀ ଘଟିବାର ଆଶଙ୍କା ରହିଛି। ଟିକିଏ ଟିକିଏ କଥାରେ ରାଗି,କଡାକଥା କହି ନିଆଁବାଣ ହେଲେ ନିଜର କ୍ଷତି ବ୍ୟତୀତ କିଛି ଲାଭ ହେବନି। ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେବା ନାହିଁ। ପ୍ରକାଶନ,ପ୍ରଶାସନ, ସାହିତ୍ୟ,ଏଜେନସିପ୍ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ସ୍ଥଗିତ କାମକୁ ଯୁଦ୍ଧକାଳୀନ ଭିତିରେ ସମାପ୍ତକରି ଆତ୍ମତୃପ୍ତି ଲାଭ କରିବେ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ମନାନ୍ତର ଦେଖାଦେଇପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସହ ସ୍ଥଗିତ ରହିଯାଇଥିବା କାମର ପୁନଃଆରମ୍ଭ ପାଇଁ ଯୋଜନା କରିପାରନ୍ତି। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ବିବାଦୀୟ ମାମଲା, ଜମିଜମା ସମସ୍ୟା ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ। କୌଣସି ସରକାରୀ ସାହାଯ୍ୟର ସୂଚନା ପାଇବେ।

**ମୀନ** ପାଖପଡୋଶୀଙ୍କ ସାହାଯ୍ୟ, ସହଯୋଗରେ କାର୍ଯ୍ୟସିଦ୍ଧି ସହ ପ୍ରିୟ ବନ୍ଧୁମାନଙ୍କ ବନ୍ଧୁଙ୍କ ଆଦର ସୋହାଗ ମନକୁ ପ୍ରଫୁଲ୍ଲିତ କରିରଖିବ। କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ସଙ୍ଗକୁ ଆନୁଷ୍ଠାନିକ କାମରେ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।

ଆଜି କାର୍ତ୍ତିକ କୃଷ୍ଣ ୫ମୀ ସୋମବାର, ଅକ୍ଟୋବର ୨୯ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଦିବା ଘ୭।୧୨ମି. ମଧ୍ୟେ ଘ୧।୨୨ମି. ଗତେ, ଘ୨।୫୭ମି. ମଧ୍ୟେ ଘ୪।୨୬ମି. ଗତେ, ଘ୬।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୦୫ମି. ଗତେ ଘ୧୦।୧୮ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୧୦ମି. ମଧ୍ୟେ, ଘ୨।୩୫ମି. ଗତେ ଘ୪।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୫ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ।

## ଆନ୍ଦୋଳନକାରୀଙ୍କୁ ଉତ୍ତେଜିତ କରିବା ଅଭିଯୋଗ

# ଅନୁଗୋଳ ଜିଲା ଭାଜପା ସଭାପତି ଗିରଫ

**ଅନୁଗୋଳ ଅଫିସ୨୮।୧୦**

ବାଘୁଣୀ 'ସୁନ୍ଦରୀ' ଆକ୍ରମଣରେ ଅନୁଗୋଳ ଜିଲା ଟାଇଁସି ଅଞ୍ଚଳର ତ୍ରିନାଥ ସାହୁଙ୍କ ମୃତ୍ୟୁ ଅଭିଯୋଗକୁ ନେଇ ପୋଲିସ-ଜନତା ମଧ୍ୟରେ ହୋଇଥିଲା ଖଣ୍ଡଯୁଦ୍ଧ। ଏହି ହିଂସାକାଣ୍ଡ ପାଇଁ ଆନ୍ଦୋଳନାରୀଙ୍କୁ ଉସ୍କାଇଥିବା ଅଭିଯୋଗରେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନଙ୍କୁ ରବିବାର ଗିରଫ କରାଯାଇଛି। ଅନୁଗୋଳ ପୋଲିସ ଖୋର୍ଦ୍ଧା ଜିଲା ମେଣ୍ଢାଶାଳରୁ ପ୍ରଧାନ ଓ ତାଙ୍କ ଡ୍ରାଇଭର ବଇଣ୍ଡା ପାପସରା ଅଞ୍ଚଳର ବିପିନ ବିହାରୀ ସାହୁଙ୍କୁ ଗିରଫ କରିଛି। ପ୍ରଧାନଙ୍କ ବିରୋଧରେ ୧୯ଟି ଦଫାରେ ମାମଲା ହୋଇଥିବା ଅନୁଗୋଳ ଏସ୍‌ଡିପିଓ ହରିହର ପାଣି ସୂଚନା ଦେଇଛନ୍ତି। ପୋଲିସ କହିଛି, ବାଘୁଣୀ ଆକ୍ରମଣରେ ତ୍ରିନାଥଙ୍କ ମୃତ୍ୟୁ ହେବା ପରେ ମୃତଦେହ ରଖି ଲୋକେ ମୁଣ୍ଡାସାହି ଛକଠାରେ ଗତ ୨୧ ତାରିଖରେ ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ସମୟରେ ପୋଲିସ ଉପରକୁ ଢେଲା ମାଡ, ଗାଡି ଭଙ୍ଗାରୁଜା, ପୋଡାଜଳା କରିବା, ପୋଲିସ ପ୍ରଶାସନ ବିରୋଧରେ ଆନ୍ଦୋଳନକାରୀ ଜନତାଙ୍କୁ ଉତ୍ତେଜିତ କରିବାରେ ଭାଜପାର ଜିଲା ସଭାପତିଙ୍କ

**■ ମେଣ୍ଢାଶାଳରୁ ଉଠାଇନେଲା ଜିଲା ପୋଲିସ**

ସମ୍ପୃକ୍ତି ରହିଥିଲା। ଏ ନେଇ ତାଙ୍କ ନାମରେ ପୂର୍ବରୁ ପୁରୁଣାକୋଟ ଥାନାରେ ନଂ. ୨୩, ୨୪, ୨୫, ୨୬ ଓ ୨୮/୧୮ ଏବଂ ଜରପଡା ଥାନାରେ ନଂ. ୧୯୫, ୧୯୬, ୧୧୮/୧୮ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରେ ଭାଗୀରଥି ଗତ ୨୨ ତାରିଖରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସର ୩ଟି ଟିମ୍ ଉଦ୍ୟମ ଜାରି ରଖିଥିବାବେଳେ ରବିବାର ତାଙ୍କୁ ଗାଡ଼ିକୁ ପିଛା କରି ମେଣ୍ଢାଶାଳରୁ ଗିରଫ କରିଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ଡାକ୍ତରୀ ମାଇନା ପରେ ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଜିଲା ସଭାପତିଙ୍କୁ ଆକ୍ରୋଶମୂଳକ ଭାବେ ପୋଲିସ ଗିରଫ କରିଥିବା ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯିବା ସହ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିସହ ଦଳ ମୁଖ୍ୟାଳୟ ପକ୍ଷରୁ ମଧ୍ୟ ଏହି ଗିରଫଦାରୀକୁ ନିନ୍ଦା କରାଯାଇଛି।




# ପଦଯାତ୍ରା, ସମାବେଶ ପାଇଁ ମିଳିଲାନି ଅନୁମତି

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାରଠାରୁ ଖୋର୍ଦ୍ଧା ଜିଲାର ବାଲୁଗାଁ ଏବଂ ଯାଜପୁର ଜିଲାର କୁଆଖିଆରୁ ୫୦ହଜାର ଲେଖାଏ ଚାଷୀ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ଆସିବାର କାର୍ଯ୍ୟକ୍ରମ ଥିଲା। ନଭେମ୍ବର ୫ରେ ଭୁବନେଶ୍ୱରଠାରେ ୨ଲକ୍ଷ ଚାଷୀଙ୍କୁ ନେଇ ଏକ ବିଶାଳ ସମାବେଶ ହେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ରାଜ୍ୟ ସରକାର ନବ ନିର୍ମାଣ ସଙ୍ଗଠନର ଏହି ପଦଯାତ୍ରା ଏବଂ ସମାବେଶ ପାଇଁ ଅନୁମତି ଦେଇ ନାହାନ୍ତି। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ନେଇ ନବନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ଅକ୍ଷୟ କୁମାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଅକ୍ଷୟ କୁମାର କହିଛନ୍ତି ଯେ, ସରକାର ଗତଥର ରାଜଧାନୀକୁ ଆସିବା ପାଇଁ ଚାଷୀଙ୍କୁ ମନାକଲେ। ଏଥର ଚାଷୀଙ୍କୁ ରାଜରାସ୍ତାରେ ଚାଲିବାକୁ ମନା କରିଛନ୍ତି। ସରକାର ଗଣତନ୍ତ୍ରର ତଣ୍ଟି ଚିପିବାକୁ ଯାଉଛନ୍ତି। ରାଜ୍ୟ ସରକାର ଏକ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛନ୍ତି। ସରକାର ପଦଯାତ୍ରା ଏବଂ ସମାବେଶ ପାଇଁ ଅନୁମତି ପ୍ରଦାନ କରି ନାହାନ୍ତି। ଚାଷୀଙ୍କୁ ଗାଁ ଗାଁରେ ସରକାର ଧମକାଉଛନ୍ତି। ପୂର୍ବ ସୂଚନା ମୁତାବକ ଚାଷୀମାନେ ପଦଯାତ୍ରାରେ ଆସିବେ। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯେଉଁଠି ଅଟକାଇବାକୁ ଚେଷ୍ଟା କରାଯିବ ସେଠାରେ ପ୍ରତିବାଦ କରାଯିବ ବୋଲି ଅକ୍ଷୟ କହିଛନ୍ତି।

# ପୁରୀ ହିଂସା: ଆଉ ୫ ଗିରଫ

**ପୁରୀ ଅଫିସ,୨୮।୧୦**

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ଘଟିଥିବା ହିଂସାରେ ଗିରଫଙ୍କ ସଂଖ୍ୟା ଶହେ ଅତିକ୍ରମ କରିଛି। ପୂର୍ବରୁ ପୋଲିସ ୧୦୦ ଜଣଙ୍କୁ ଗିରଫ କରିଥିବାବେଳେ ରବିବାର ଆଉ ୫ ଜଣଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ମଣିକର୍ଣ୍ଣିକା ସାହି ହଜୁରି ଲେନ୍‌ର ବାସୁଦେବ ଓରଫ୍ ପଦ୍ମନାଭ ଖୁଣ୍ଟିଆ, ମାଟିମଣ୍ଡପ ସାହିର ସଞ୍ଜୟ କୁମାର ଗୌଡ଼, ଜଗା ଓରଫ୍ ଅଜୟ ସାହୁ, ବାସେଲି ସାହିର କାହ୍ନା ଓରଫ୍ ସନ୍ତୋଷ ପାତ୍ର ଓ ପିଡବ୍ଲୁଡି କଲୋନୀରେ ରହୁଥିବା ଚନ୍ଦନପୁର ଥାନା ବୀରନରସିଂହପୁରର କାଳୁ ଚରଣ ଦାଶ। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନାରେ ରୁଜୁ କେସ୍ ନଂ.୮୫/୧୮ରେ ବାସୁଦେବ ଏବଂ ଟାଉନ ଥାନା ପୋଲିସ କେସ୍ ନଂ. ୧୬୭/୧୮ରେ ସଞ୍ଜୟ, କାହ୍ନା, ଜଗା ଓ କାଳୁଚରଣଙ୍କୁ ଗିରଫ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଦି ଭଙ୍ଗାରୁଜା ହୋଇଥିଲା। ଏହି ହିଂସା ଘଟଣାରେ ପ୍ରମୁଖ ସେବାୟତ ତଥା ବିଭିନ୍ନ ରାଜନୈତିକ ଦଳର ଛାମୁଆ କର୍ମୀଙ୍କ ନାଁ ରହିଛି। କିନ୍ତୁ ପୋଲିସ ସେମାନଙ୍କୁ ଗିରଫ କରିପାରି ନାହିଁ। ଏହି ପ୍ରମୁଖ ସେବାୟତ ଏବେ ପୁରୀ ବାହାରେ ଆତ୍ମଗୋପନ କରିଛନ୍ତି। କୋର୍ଟ ଖୋଲିଲେ ସେମାନେ ଆଗୁଆ ଜାମିନ ପାଇବାରେ ସକ୍ଷମ ହେବେ। ପୋଲିସ ଏଥିପାଇଁ ସୁଯୋଗ ଦେଉଥିବା ଚର୍ଚ୍ଚା ହେଉଛି।






କୌଣସି ମାନୁଷୀପ୍ରୟାସ ବା ତପସ୍ୟା ନୁହେଁ– କେବଳ ଦିବ୍ୟଜନନୀଙ୍କର ଶକ୍ତି ହିଁ ଆବରଣ ଛିନ୍ନ କରିଦେଇ ପାରେ – ଆଧାରକୁ ଗଠନ କରିପାରେ। ଏହି ତ ମିଶ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଓ ଅମର ଆନନ୍ଦ।
–ଶ୍ରୀଅରବିନ୍ଦ



# ଦାୟିତ୍ୱହୀନତାର ପରିଚୟ

ଭାରତ ସରକାର ୨୦୧୦ ଅକ୍ଟୋବରରେ ହାତୀକୁ ଜାତୀୟ ଐତିହ୍ୟ ପ୍ରାଣୀର ମାନ୍ୟତା ଦେଇଛନ୍ତି। ହାତୀବଂଶ ସୁରକ୍ଷିତ ରଖିବା ପାଇଁ ସରକାରୀ ଭାବେ ଏଭଳି ପଦକ୍ଷେପ ନିଆଯାଇଥିଲା। ୨୦୧୭ ହାତୀଗଣନା ଅନୁଯାୟୀ ଭାରତରେ ୨୭,୩୧୨ ହାତୀ ଅଛନ୍ତି। ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୧,୯୭୬ ଗଣନା କରାଯାଇଥିଲେ ମଧ୍ୟ କ୍ରମାଗତ ବିପଦ ଏହି ପ୍ରାଣୀର ବଂଶ କମାଇବାରେ ଲାଗିଛି। ୨୦୧୮ ଅକ୍ଟୋବର ୨୭ରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଗ୍ରାମ ନିକଟରେ ବିଦ୍ୟୁତ୍ ଆଘାତରେ ଏକାଥରକେ ୭ ହାତୀଙ୍କ ମୃତ୍ୟୁ ଘଟିବା ଏବେ ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଭୂମିଠାରୁ ମାତ୍ର ୫ ଫୁଟ୍ ଉଚ୍ଚତାରେ ଓହଳିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏହି ହାତୀଙ୍କ ମୃତ୍ୟୁ ଘଟିଛି। ଇଣ୍ଡିଆ ଇଲେକ୍ଟ୍ରିସିଟି ରୁଲ୍ସ–୧୯୫୬ର ଧାରା ୭୭ ଏବଂ ୮୦ ଅନୁଯାୟୀ, ହାତୀ ଚଳପ୍ରଚଳ ଅଞ୍ଚଳରେ ବିଦ୍ୟୁତ୍ ତାରର ଉଚ୍ଚତା ୧୭ ଫୁଟ୍ ହେବା କଥା। ଏବେ ସମ୍ପୃକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରିଛି। ଏହାର କର୍ତ୍ତୃପକ୍ଷ କହୁଛନ୍ତି ଯେ, ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ତାର ଓହଳି ପଡ଼ିଥିଲା ସେ ବିଷୟରେ ବନ ବିଭାଗ ପୂର୍ବରୁ ଜଣାଇ ନ ଥିଲା। ଅନ୍ୟପକ୍ଷରେ ବନ ବିଭାଗ ଏ ବିଷୟ ସେସୁକୁ ପୂର୍ବରୁ ଜଣାଇଥିଲା ବୋଲି କହିଛି। ଏପରିକି ସମ୍ପୃକ୍ତ ଅଞ୍ଚଳରେ ହାତୀ ଚଲାବୁଲା କରୁଥିବାରୁ ସେମାନଙ୍କ ସୁରକ୍ଷା ଲାଗି ତାରଗୁଡ଼ିକୁ କେବୁଲ କରାଯିବା ସହ ଅନ୍ୟାନ୍ୟ ନିରାପତ୍ତା ବ୍ୟବସ୍ଥା କରିବାକୁ ୨୭ କୋଟି ଟଙ୍କା ଦିଆଯାଇଥିବା କଥା ବନ ବିଭାଗ କହିଛି। ଏଠାରେ ପ୍ରଶ୍ନ ଉଠେ, ଯଦି ଜଙ୍ଗଲ ବିଭାଗ ଏଭଳି ବିପଦର ସଂକେତ ପାଇଥିଲା, ତେବେ କେବଳ ଚିଠିଟିଏ ପଠାଇ ଚୁପ୍ ରହିଗଲା କାହିଁକି। ସରକାରଙ୍କ ଶକ୍ତି ଓ ଜଙ୍ଗଲ ବିଭାଗ ପରସ୍ପରର ଅପାରଗତା ଲୁଚାଇବାକୁ ଯାଇ ଯେଉଁଭଳି ଦୋଷ ଲଦାଲଦି ହେଉଛନ୍ତି, ତାହାକୁ ଦେଖି ବୁଝି ହେଉଛି ହାତୀଙ୍କ ସୁରକ୍ଷା ପାଇଁ କାହାରି ଦରଦ ନାହିଁ। ଅମଲାତନ୍ତ୍ରର ଘୋର ବିଫଳତା ଓ କାର୍ଯ୍ୟ ପ୍ରତି ଉଦାସୀନତାର ଏହା ଆହୁରି ଏକ ପ୍ରମାଣ।

ଭାରତୀୟ ରେଳପଥ ପକ୍ଷରୁ କମଳାଙ୍ଗ ଅଞ୍ଚଳରେ ଏକ ପୋଲ ନିର୍ମାଣ ଲାଗି ଘରୋଇ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା। ସେଥିପାଇଁ ସେସୁ ସମ୍ପୃକ୍ତ କମ୍ପାନୀକୁ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଦେଇଥିଲା। କାମ ଶେଷ ହେବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ସେହି ଅଞ୍ଚଳ ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଆରମ୍ଭରେ ତାର ସଂଯୋଗ କରାଯାଇଥିବା ବେଳେ ଏହାର ଉଚ୍ଚତା ପ୍ରତି ନଜର ଦିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଏହି ହାଇଟେନ୍‌ଶନ ତାରକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଥିବା ବେଳେ ମଧ୍ୟ କେହି ତାହାର ତଦାରଖ କରି ନ ଥିଲେ। ଫଳରେ ତାର ଭୂମିଠାରୁ ମାତ୍ର ୫ ଫୁଟ୍ ଉଚ୍ଚତାରେ ଦୀର୍ଘଦିନ ଧରି ଓହଳି ରହିଥିଲା। ସେସୁ ସବୁ ପ୍ରକାର ନିୟମକୁ ଜଳାଞ୍ଜଳି ଦେଇଥିବା ଏହି ଦୁର୍ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବହୁଦିନ ଧରି ବିଦ୍ୟୁତ୍ ତାର ବିପଜ୍ଜନକ ଅବସ୍ଥାରେ ଓହଳି ରହୁଥିବା ଦେଖାଯାଉଛି। ଏହା ଯେକୌଣସି ସମୟରେ ବଡ଼ ଦୁର୍ଘଟଣାକୁ ଡାକି ଆଣିପାରେ। ବନ ବିଭାଗର ସୂଚନା ମିଳିଥିଲେ ହାତୀ ମୃତ୍ୟୁ ଘଟିଥିବା ଅଞ୍ଚଳକୁ ଯାଇ ପରିସ୍ଥିତି ନିରେଖି ଥାଆନ୍ତେ ବୋଲି ସେସୁ ପକ୍ଷରୁ କୁହାଯାଉଛି। ଏପଟେ ରେଳପଥ ପାଇଁ ପୋଲ ନିର୍ମାଣ କରୁଥିବା ଘରୋଇ ସଂସ୍ଥା ତା'ର କାର୍ଯ୍ୟ ଶେଷ ପରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଲାଗି ସେସୁକୁ ଖବର ଦେଇ ନ ଥିଲା। ଏପରିକି ଭାରତୀୟ ରେଳପଥ ମଧ୍ୟ ପୋଲ ନିର୍ମାଣ ଘରୋଇ ସଂସ୍ଥାକୁ ଦେଇ ନିଜ ଦାୟିତ୍ୱରୁ ଖସିଯାଇଥିଲା। ଏଭଳି ବ୍ୟବହାର ଭାରତୀୟ ବ୍ୟବସ୍ଥାର ଗତାନୁଗତିକ ଚରିତ୍ର।

ଜଙ୍ଗଲ ଓ ପରିବେଶ ବିଭାଗ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଉ ନ ଥିବାରୁ ଅନେକ ସମୟରେ ଶିକାରୀଙ୍କ ଉପଦ୍ରବ ବଢୁଛି। ଦେଖାଯାଉଛି ଜଙ୍ଗଲ ଜଗୁଥିବା କର୍ମଚାରୀଙ୍କୁ ଆବଶ୍ୟକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଉ ନାହିଁ। ଅଧିକାଂଶ ସ୍ଥାନରେ ଅନଭିଜ୍ଞ ଓ ବୟସ୍କ ବ୍ୟକ୍ତି ବନରକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। କେବଳ ସେତିକି ନୁହେଁ, ବନ ବିଭାଗ କର୍ମଚାରୀ ଓ ଅସାଧୁ ବ୍ୟକ୍ତିଙ୍କ ମଧ୍ୟରେ ବୁଝାମଣା ସମସ୍ତଙ୍କୁ ଜଣା। ତେବେ ଯେଉଁଠି ଯେତେବେଳେ ଦୁର୍ଘଟଣା ବା ଅସ୍ୱାଭାବିକ ପରିସ୍ଥିତି ଉପୁଜୁଛି ସେତେବେଳେ ଏହି ବିଭାଗର ବରିଷ୍ଠ ଅଧିକାରୀମାନେ ମତାମତ ରଖି ନିଜ କାର୍ଯ୍ୟ ଶେଷ କରୁଛନ୍ତି। ବନ ବିଭାଗର ଅପାରଗତା ବାଘୁଣୀ 'ସୁନ୍ଦରୀ' ଘଟଣାରୁ ମଧ୍ୟ ସ୍ପଷ୍ଟ ବୁଝାପଡ଼ିଛି।

ଢେଙ୍କାନାଳରେ ୭ ହାତୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସେସୁର କନିଷ୍ଠ ଯନ୍ତ୍ରୀଙ୍କୁ ବହିଷ୍କାର କରାଯାଇଛି। ଏଥିସହିତ ସେସୁର ୩ ଜଣ ଅଧିକାରୀ ଓ କର୍ମଚାରୀ ଏବଂ ଜଙ୍ଗଲ ବିଭାଗର ୩ ଜଣଙ୍କୁ ନିଲମ୍ବିତ କରାଯାଇଛି। କୌତୂହଳର ବିଷୟ ହେଉଛି ସେସୁର ଜଣେ ଅଧୀକ୍ଷଣ ଯନ୍ତ୍ରୀ, ଯାହାଙ୍କ କାର୍ଯ୍ୟ ଅଫିସ ଭିତରେ ସୀମିତ ରହେ, ତାଙ୍କୁ ନିଲମ୍ବିତ କରାଯିବା ସହିତ ନିମ୍ନ ସ୍ତରରେ ଥିବା ସହକାରୀ ଯନ୍ତ୍ରୀ ଓ ଲାଇନ୍‌ମ୍ୟାନ୍‌ଙ୍କୁ ସସ୍‌ପେଣ୍ଡ କରାଯାଇଛି। ସେହିଭଳି ବନ ବିଭାଗର ରେଞ୍ଜର, ଫରେଷ୍ଟର ଓ ଗାର୍ଡଙ୍କ ଭଳି ତଳିଆ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ବାସ୍ତବରେ ଯେଉଁମାନେ ଦାୟୀ ଓ ଜିଲା ଦାୟିତ୍ୱରେ ଅଛନ୍ତି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। କୁହାଯାଉଛି ଯେ କେତେକ ଅଫିସରଙ୍କ ଉପରେ ହାତ ଥିବାରୁ ସେମାନଙ୍କୁ ଏହି ଦଣ୍ଡରୁ ବାଦ୍ ପକାଇ ଦିଆଯାଇଛି। ଏହାଫଳରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ସନ୍ଦେହ କରାଯାଇପାରେ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତୀ ମୃତ୍ୟୁର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦେଖିବାକୁ ଗଲେ ଜନସାଧାରଣଙ୍କ ଅସନ୍ତୋଷକୁ ପ୍ରଶମିତ କରିବା ସକାଶେ ସରକାରୀ ନିୟମ ଅନୁଯାୟୀ କେତେ ଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କିନ୍ତୁ ପରିସ୍ଥିତିର ଗମ୍ଭୀରତା ଦେଖିଲେ ଏତେ ବଡ଼ ପ୍ରାଣୀଙ୍କ ଜୀବନ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ହୋଇଥିବାରୁ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ କଡ଼ା ଦଣ୍ଡରେ ଦଣ୍ଡିତ କରାଯିବା ଦରକାର। ତାହା ହେଲେ ଅନ୍ୟ ସ୍ଥାନଗୁଡ଼ିକରେ ଉଚିତ ସୁରକ୍ଷା ପଦକ୍ଷେପ ନେବା ପାଇଁ ଏହିଭଳି ସରକାରୀ କର୍ମଚାରୀମାନେ ଦାୟିତ୍ୱବାନ୍ ହେବେ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 3 | | 0 | 6 | 8 | | | | | | | | |
| | 1 | | E | | 5 | 6 | | | | 9 | | | | |
| | | 6 | | | 8 | 7 | B | E | | | | A | 3 | |
| | 7 | 8 | | 2 | 3 | | | 4 | | | B | C | | |
| | | | | | | | | | | | 8 | | 4 | 2 |
| | D | | | | | 5 | | C | | | | | 9 | |
| 5 | | | | | | | | 0 | 4 | | | | | |
| | 3 | | | | | | | | | | C | | 0 | E |
| | 2 | 9 | | 4 | 1 | | | D | | | | | 7 | 3 |
| | B | | 0 | | | E | 7 | | 8 | | | | D | 1 |
| | | | | 6 | | 4 | 9 | 1 | | | | | | 7 |
| | | | | 1 | | 2 | 8 | | | | | D | A | |
| | 6 | 4 | 3 | | 7 | | C | | | | 2 | | | |
| | E | 2 | | 9 | | | 3 | | D | | | | | C |
| 9 | | | 8 | C | D | | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 2 | 5 | 8 | C | 6 | 4 | B | D | 1 | 3 | 0 | A | 9 | 7 |
| D | B | 9 | 3 | 2 | E | C | 8 | 7 | 6 | A | 5 | 1 | 0 | 4 |
| 8 | 0 | 1 | 4 | 7 | 9 | 3 | A | 6 | B | 2 | E | C | D | 5 |
| A | 3 | C | 0 | 1 | 5 | E | 9 | 2 | 4 | D | 7 | 8 | B | 6 |
| 6 | 7 | 4 | D | B | A | 5 | 0 | 1 | 8 | 9 | C | E | 2 | 3 |
| 1 | E | 8 | 5 | 6 | 4 | 9 | 7 | A | D | B | 2 | 3 | C | 0 |
| C | 9 | 6 | B | A | 3 | 0 | 2 | 4 | 7 | 5 | 8 | D | 1 | E |
| 7 | D | 0 | C | 9 | 2 | 8 | 3 | 5 | A | E | 1 | 6 | 4 | B |
| 3 | A | B | 7 | E | 0 | 1 | D | C | 9 | 6 | 4 | 2 | 5 | 8 |
| 5 | 4 | 2 | 1 | D | 8 | B | 6 | E | C | 0 | 3 | 7 | A | 9 |
| 2 | 6 | A | 9 | 4 | B | 7 | E | 3 | 0 | C | D | 5 | 8 | 1 |
| 0 | 1 | D | 2 | 3 | 7 | 6 | C | 8 | 5 | 4 | B | 9 | E | A |
| B | C | E | 6 | 0 | 1 | D | 5 | 9 | 3 | 8 | A | 4 | 7 | 2 |
| 9 | 5 | 7 | E | 8 | D | A | 4 | B | 2 | 1 | 6 | 0 | 3 | C |
| 4 | 8 | 3 | A | 5 | C | 2 | 1 | 0 | E | 7 | 9 | B | 6 | D |

ଗତକାଲିର ଉତ୍ତର



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

# ଅକ୍ଟୋବରରେ ବାତ୍ୟା ଭୟ

ଅକ୍ଟୋବର ମାସ ଆସିଲେ ଉପକୂଳବାସୀଙ୍କ ମନରେ ଯେଉଁ କୋକୁଆଭୟ ସଞ୍ଚରିତ ହୁଏ, ସେ ଭୟର କାରଣ ହେଲା ସାମୁଦ୍ରିକ ଝଡ ବା ବାତ୍ୟା। ଧାନଚାଷର ଆର୍ଥିକ ମେରୁଦଣ୍ଡ ଉପରେ ଦଣ୍ଡାୟମାନ ଚାଷୀର ଅଣ୍ଟା ଭାଙ୍ଗିଦିଏ ଏ ବାତ୍ୟା। ଖରିଫ ଚାଷର ଲଘୁଧାନ ପାଚି ଆସେ ଅକ୍ଟୋବରରେ ଓ ସେ ସମୟରେ ଅନ୍ୟ ଧାନରେ କେଣ୍ଡା ବାହାରି, ଧାନ ହାଟ କରୁଥାଏ ବୋଲି ଚାଷୀ କୁହନ୍ତି। ସେ ସମୟରେ ବାତ୍ୟା ଧାନ କେଣ୍ଡାକୁ ଝାଡିଦେଲେ ଚାଷୀ ଉପାୟଶୂନ୍ୟ ହୋଇ ମୁଣ୍ଡରେ ହାତଦିଏ। ଉପକୂଳବାସୀଙ୍କ ବଡ ଭୟ ଥାଏ ଦୀପାବଳି ବା ପିମ୍ପେଇ ଅମାବାସ୍ୟାକୁ। ଯଦି କୌଣସି ଚାଷୀଙ୍କୁ ତାଙ୍କ ଫସଲ କିପରି ହୋଇଛି ବୋଲି ପଚରାଯାଏ, ସେ ସଙ୍ଗେ ସଙ୍ଗେ କହେ, ପିମ୍ପେଇ ଅମାବାସ୍ୟା ଘାଟି ପରା ପାର ହୋଇନି। ପୂର୍ବକାଳରେ ଧାନ ସେ ସନ(ବର୍ଷ) ଅମଳ କିପରି ହେବ ବୋଲି ଚାଷୀ ଜ୍ୟୋତିଷ ପଣ୍ଡିତ ଓ ପୁରୋହିତଙ୍କୁ ପଚାରନ୍ତି। ସେମାନେ ପାଞ୍ଜି ଦେଖି ଗଣନା କରି କହନ୍ତି ସେ ସନ 'କେଲୁଣି ହାତରେ ଅଢା' (ଭଲ ଉତ୍ପାଦନ) ନା 'ବ୍ରାହ୍ମଣୀ ହାତରେ ଅଢା' (କମ୍ ଉତ୍ପାଦନ) ହେବ। ଏବେ ଦେଶ ଓ ରାଜ୍ୟର ପାଣିପାଗ ବିଭାଗ ଓ କୃଷି ବିଭାଗ, ବର୍ଷା ଓ ବାତ୍ୟା ସମ୍ଭାବନାର ପୂର୍ବାନୁମାନ କରି ସୂଚାଇ ଦିଅନ୍ତି ସେ ବର୍ଷ ଭଲ ଫସଲ ଅମଳ ହେବ ନା ଅମଳ କମିଯିବ। ଆମ ରାଜ୍ୟ ଅଧିକ ବାତ୍ୟାପ୍ରବଣ। ଅତୀତରେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଅଧିକ ଥର ବାତ୍ୟା ହୋଇଛି। ୧୮୯୧ରୁ ୨୦୦୦–୧୦୯ ବର୍ଷରେ ରାଜ୍ୟରେ ୯୮ ଥର ବାତ୍ୟା ହୋଇଛି, ଅର୍ଥାତ୍ ବର୍ଷକୁ ହାରାହାରି ଗୋଟିଏ। ଏବେ ଆଲୋଚନା କରିବା ବାତ୍ୟା ଉତ୍ପନ୍ନ ହୁଏ କିପରି।

ସମୁଦ୍ର ଉପରିସ୍ଥ ଜଳର ଉତ୍ତାପ ବଢିଲେ ସମୁଦ୍ର ଅଶାନ୍ତ ହୁଏ। ସମୁଦ୍ର ବକ୍ଷ ଆନ୍ଦୋଳିତ ହୋଇ ବାତ୍ୟା ସୃଷ୍ଟି ହୁଏ। ଜଳରେ ଅମ୍ଳଜାନ ଦ୍ରବୀଭୂତ ହୋଇ ଥିବାରୁ ସେଥିରେ ମାଛ, କଙ୍କଡା, ଅନ୍ୟ ଜୀବ ଓ ଜଳଜ ଉଦ୍ଭିଦ ବଞ୍ଚି ରହନ୍ତି। ସାଧାରଣତଃ ଏକ ଲିଟର ଜଳରେ ପାଖାପାଖି ୮ ମିଲିଗ୍ରାମ୍ ଅମ୍ଳଜାନ ଦ୍ରବୀଭୂତ ହୋଇଥାଏ। ସମୁଦ୍ର ଉପରିସ୍ଥ ଜଳର ଉତ୍ତାପ ବଢିଲେ ଦ୍ରବୀଭୂତ ଅମ୍ଳଜାନର ଭାଗ କମିଯାଏ। ଏ ଭାଗ ୨ ପ୍ରତିଶତ କମିଲେ ବାତ୍ୟା ସୃଷ୍ଟି ହୁଏ। ସମୁଦ୍ର ଉପରିସ୍ଥ ବାୟୁ ସୂର୍ଯ୍ୟରଶ୍ମିରେ ଉତ୍ତପ୍ତ ହେଲେ ତାହା ଜଳକଣା ଧରି ଊର୍ଦ୍ଧ୍ୱକୁ ଉଠେ। ବାୟୁର ସେ ଜାଗା ପୂରଣ କରିବାକୁ ଆଖପାଖ ଶୀତଳ ବାୟୁ ସେଠାକୁ ପ୍ରବାହିତ ହୁଏ। ବାୟୁ ଯେତେ ଅଧିକ ଉତ୍ତପ୍ତ ହେବ, ଏ ପ୍ରକ୍ରିୟା ସେତେ ତ୍ୱରାନ୍ୱିତ ହେବ ଓ ଜଳୀୟ ବାଷ୍ପର ଘନତ୍ୱ ସେତେ ବୃଦ୍ଧି ପାଇବ। ପୃଥିବୀର ଘୂର୍ଣ୍ଣନ ପ୍ରକ୍ରିୟା ଯୋଗୁ ଏ ଊର୍ଦ୍ଧ୍ୱଗାମୀ ଜଳୀୟ ବାଷ୍ପ ଗତିଶୀଳ ହୋଇ ଝଡ଼ ସୃଷ୍ଟି କରେ। ଏ ଝଡ଼ର ବେଗ ନିର୍ଭର କରେ ସମୁଦ୍ର ଜଳର ଉତ୍ତାପ ଓ ସ୍ଥଳଭାଗ ଉତ୍ତାପର ତାରତମ୍ୟ ଉପରେ। ଗ୍ରୀଷ୍ମମଣ୍ଡଳୀୟ ସମୁଦ୍ର ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରର ଜଳ ସୂର୍ଯ୍ୟଙ୍କ ରଶ୍ମିରେ ଅଧିକ ଉତ୍ତପ୍ତ ହୁଏ। ଆରବ ସାଗର ତୁଳନାରେ ବଙ୍ଗୋପସାଗର ଜଳ ଅଧିକ ଉତ୍ତପ୍ତ ହୁଏ। ଫଳରେ ଆମ ପୂର୍ବ ଉପକୂଳ ଅଧିକ ବାତ୍ୟାପ୍ରବଣ। ଯେତେବେଳେ ଜଳ ଉପରିସ୍ଥ ଉତ୍ତାପ ପାଖାପାଖି ୨୯ ଡିଗ୍ରୀ ଓ ୧୫୦ ଫୁଟ ତଳେ ଜଳର ଉତ୍ତାପ ୨୬ ଡିଗ୍ରୀ ସେଲ୍‌ସିୟସ ଛୁଏଁ ସେତେବେଳେ ସମୁଦ୍ରବକ୍ଷରେ ବଡ଼ ବାତ୍ୟା ଉତ୍ପନ୍ନ ହୁଏ ବୋଲି କୁହାଯାଉଛି।

ଏବେ ଆଲୋଚନା କରିବା ଅକ୍ଟୋବର ମାସରେ ବାତ୍ୟାକୁ ଏତେ ଭୟ କାହିଁକି। ପୂର୍ବରୁ କୁହାଯାଇଛି ଯେ କମ୍ ଉତ୍ତପ୍ତ ସ୍ଥଳଭାଗ ଓ ଅଧିକ ଉତ୍ତପ୍ତ ଜଳଭାଗ ବାତ୍ୟା ଉତ୍ପନ୍ନର କାରଣ। ଏପରି ପରିସ୍ଥିତି ସୃଷ୍ଟି ହୁଏ ମୌସୁମୀ ପ୍ରବାହ ପରେ ପରେ, ଅକ୍ଟୋବର ଓ ପର ମାସରେ ମଧ୍ୟ। ଏ ସମୟ ବାତ୍ୟା ପାଇଁ ଅନୁକୂଳ। ୧୯୯୯ରେ ଦୁଇଟି ବାତ୍ୟା ଅକ୍ଟୋବରରେ ଆସିଥିଲା। ୨୯ ତାରିଖରେ ଘଟିଥିବା ମହାବାତ୍ୟା ପୂର୍ବରୁ ୧୮ ତାରିଖରେ ଗଞ୍ଜାମ ଉପକୂଳରେ ବାତ୍ୟା ଦେଖା ଦେଇଥିଲା। ମହାବାତ୍ୟାରେ ୧୦ ହଜାର ପର୍ଯ୍ୟନ୍ତ ଲୋକ ଓ ଅଜସ୍ର ଗୃହପାଳିତ ପ୍ରାଣୀଙ୍କର ମୃତ୍ୟୁ ଘଟିଥିଲା। ସମୁଦ୍ରରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ତରଙ୍ଗ ଉପକୂଳ ଅଞ୍ଚଳକୁ ମାଡି ଆସିଥିଲା। ଜାତିସଂଘ ଇତିହାସ କହେ, ଏ ମହାବାତ୍ୟା ସେ ସମୟରେ ବିଶ୍ୱରଏକ ବଡ ବିପର୍ଯ୍ୟୟ ଥିଲା। ୨୦୧୩ ଅକ୍ଟୋବର ୧୨ରେ ଗଞ୍ଜାମ, ଗଜପତି ଜିଲାରେ ଆତଙ୍କ ଖେଳାଇ ଦେଇଥିଲା ବାତ୍ୟା ଫାଇଲିନ। ଫାଇଲିନ ବାତ୍ୟାର ବର୍ଷ ପୂର୍ତ୍ତି ପାଳନ ପାଇଁ ପରବର୍ଷ (୨୦୧୪) ଅକ୍ଟୋବରର ସେହି ୧୨ ତାରିଖରେ ମାଡିଆସିଥିଲା ବାତ୍ୟା ହୁଦ୍‌ହୁଦ୍। ତା'ର ଆଗମନ ପ୍ରଚାର ହେବା ସଙ୍ଗେ ସଙ୍ଗେ ଲୋକମାନେ ଭୟରେ ଘରଦ୍ୱାର ଛାଡି ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିଲେ। ଏ ବଡ଼ ବାତ୍ୟା ସାଙ୍ଗକୁ ଅନେକ ଛୋଟ ବାତ୍ୟା ସେ ସମୟରେ ଉତ୍ପନ୍ନ ହୋଇଥିଲା ଅକ୍ଟୋବର ମାସରେ। ସେସବୁ ସ୍ଥଳଭାଗ ଛୁଇଁବା ଆଗରୁ ସମୁଦ୍ରରେ ଲୀନ ହୋଇଯାଇଥିଲା ଅଥବା ଅନ୍ୟ ଦେଶଆଡେ ମାଡିଯାଇଥିଲା। ଅକ୍ଟୋବର ପୂର୍ବରୁ ଓ ପରେ କେତେକ ବାତ୍ୟା ହୋଇଥିଲେ ମଧ୍ୟ ସେ ସବୁ ଧାନ ଉତ୍ପାଦନରେ ବିଶେଷ କ୍ଷତି ଘଟାଇ ନ ଥିଲେ। ଚଳିତବର୍ଷ ସେପ୍ଟେମ୍ବର ୨୧ରେ ସାମୁଦ୍ରିକ ଝଡ 'ଡାଏ' ଖୋର୍ଦ୍ଧା ଓ ଗଜପତି ଜିଲାରେ କିଛି ଘର ଓ ବୃକ୍ଷ ଭାଙ୍ଗିବା ବ୍ୟତୀତ ଧାନଚାଷର କ୍ଷତି କରି ନ ଥିଲା। ତା'ପରେ ଅକ୍ଟୋବର ୧୦ ଓ ୧୧ରେ ଆସିଲା ବାତ୍ୟା ତିତ୍‌ଲି। ଏଥିରେ ରାଜ୍ୟର ବହୁ ଲୋକଙ୍କର ମୃତ୍ୟୁ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି।

ଏଠି ମନରେ ପ୍ରଶ୍ନ ଆସେ ଏ ବାତ୍ୟା ଉପରେ ଲଗାମ ଦେଇ ହେବ ନା ନାହିଁ! କିନ୍ତୁ ପ୍ରାକୃତିକ ପ୍ରକ୍ରିୟା ସାଙ୍ଗକୁ ମନୁଷ୍ୟ ଦ୍ୱାରା କରାଯାଉଥିବା ପରିବେଶ ଅବକ୍ଷୟ ବାତ୍ୟା ସୃଷ୍ଟି କରୁଛି। ପ୍ରାକୃତିକ ପ୍ରକ୍ରିୟାଗୁଡିକ ହେଲା ପୃଥିବୀର ଘୂର୍ଣ୍ଣନ, ସାମୁଦ୍ରିକ ସ୍ରୋତ ଏଲ୍‌ନିନୋ ଓ ସୂର୍ଯ୍ୟରଶ୍ମି ଦ୍ୱାରା ପୃଥିବୀର ବିଭିନ୍ନ ଅଞ୍ଚଳରେ ତାପମାନରେ ତାରତମ୍ୟ। ବିଷୁବମଣ୍ଡଳୀୟ ଅଞ୍ଚଳରେ ତାପମାନ ୫୦ ଡିଗ୍ରୀ ସେଲ୍‌ସିୟସ ବେଳେ ମେରୁ ଅଞ୍ଚଳରେ ତାପମାନ ଶୂନ୍ୟ ବା ବିଯୁକ୍ତ ଡିଗ୍ରୀ। ଘନଘନ ଝଡବାତ୍ୟା ସୃଷ୍ଟିର ପ୍ରମୁଖ କାରଣ ହେଲା, ମନୁଷ୍ୟକୃତ ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧି। ଉତ୍ତାପ ବୃଦ୍ଧି କରୁଥିବା ଗ୍ୟାସ ହେଲା ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ ଇତ୍ୟାଦି। ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ ତଥ୍ୟରୁ ଜଣାଯାଇଛି ଯେ, ୧୯୭୦–୭୧ ମସିହା ବେଳକୁ ହିମାଚଳପ୍ରଦେଶର ସର୍ବୋଚ୍ଚ ତାପମାତ୍ରା ୨୮.୫ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ୨୦୧୪–୧୫ ମସିହାରେ ଏହା ୩୩.୭ ଡିଗ୍ରୀ ସେଲ୍‌ସିୟସକୁ ବୃଦ୍ଧି ପାଇଥିଲା। ୨୦୦୧ରେ ସିମଲାର ସର୍ବୋଚ୍ଚ ତାପମାତ୍ରା ୨୨.୮ ଡିଗ୍ରୀ ଥିଲାବେଳେ ୨୦୧୨ ଜୁନ୍‌ରେ ଏହା ୩୦ ଡିଗ୍ରୀ ସେଲ୍‌ସିୟସ ହୋଇଥିଲା। ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ହେଉଛି ବାୟୁରେ ଅଙ୍ଗାରକାମ୍ଳ ଭାଗ ବୃଦ୍ଧି। ଏକ ଅନ୍ତର୍ଦ୍ଦେଶୀୟ ସଂଗଠନ ରିପୋର୍ଟ ଅନୁସାରେ ପୃଥିବୀରୁ ବାର୍ଷିକ ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନକୁ ୨–୩ ଟନ୍‌ରେ ସୀମିତ ରଖିଲେ, ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧିରେ ଲଗାମ ଦେଇ ହୁଅନ୍ତା। କିନ୍ତୁ ନିର୍ଗମନ ହେଉଛି ମୁଣ୍ଡ ପିଛା ୪.୮ ଟନ୍ ବୋଲି ୨୦୧୫ରେ ଆକଳନ କରାଯାଇଥିଲା। ଭୁବନେଶ୍ୱରରୁ ମୁଣ୍ଡ ପିଛା ଦୈନିକ ୪ କିଲୋଗ୍ରାମ୍ ଅଙ୍ଗାରକାମ୍ଳ ନିର୍ଗମନ ହେଉଥିବାର ଖବର ୨୦୦୮ରେ ପ୍ରକାଶ ପାଇଥିଲା। ଶିଳ୍ପ ବିପ୍ଳବ ପୂର୍ବରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭାଗ ୨୦ ନିୟୁତାଂଶ ଥିବାବେଳେ ଏହା ଏବେ ୪୦୦ ନିୟୁତାଂଶ ହେବାକୁ ଯାଉଛି। ଯାନବାହନ, ବିଜୁଳିଶକ୍ତି ଓ ଇଣ୍ଟରନେଟ୍ ବ୍ୟବହାର ବଢିବାକୁ ତାଳଦେଇ ଅଙ୍ଗାରକାମ୍ଳ ନିର୍ଗମନ ବଢି ବଢି ଚାଲିଛି। ଏସବୁର ବହୁଳ ଅପବ୍ୟବହାରରେ ଲଗାମ ଦେଲେ ଅଙ୍ଗାରକାମ୍ଳ ନିର୍ଗମନ କମାଇପାରିବା। ବାୟୁରେ ଅଙ୍ଗାରକାମ୍ଳ ଭାଗ କମାଇବାର ସହଜ ଉପାୟ ହେଲା ବ୍ୟାପକ ବୃକ୍ଷରୋପଣ। ଏସବୁ ପ୍ରତି ଆମର ନିଘା ରହିଲେ ଘନ ଘନ ବାତ୍ୟା ଉତ୍ପନ୍ନରେ କିଛିଟା ଲଗାମ ଦେଇପାରିବା।

କୋଟିତୀର୍ଥ, ଭୁବନେଶ୍ୱର–୨,
ମୋ–୭୦୦୮୮୪୬୨୭୨



ଅଞ୍ଜନ ଚାନ୍ଦ

# ମର୍ତ୍ତ୍ୟ ସୁଖ

ଆଚ୍ଛା, ଏଇ ଯେଉଁ କହୁଛ ମରିଯିବା ପରେ ସ୍ୱର୍ଗକୁ ଯିବ, କାହିଁକି ଯିବ ? ସ୍ୱର୍ଗକୁ ଗଲେ କ'ଣ ମଣିଷରୁ ଦେବତା ହୋଇଯିବ ? ଆଗରୁ କେବେ ଏମିତି ହୋଇଛି ? ଯଦି ହୋଇଛି ମଣିଷରୁ ଦେବତା ହୋଇଥିବା ସେମାନଙ୍କର ନାମ କ'ଣ ? ହଉ, ମନେକର ତୁମେ ସ୍ୱର୍ଗକୁ ଯାଇ ଜଣେ ଦେବତା ହେଲ, ସେଥିରୁ ଲାଭ କ'ଣ ମିଳିବ ? ପୁରାଣରୁ ଜଣାଯାଏ ସ୍ୱର୍ଗରେ ବିବିଧତା ବୋଲି କିଛି ନାହିଁ। ଆମର ଏଠି ନୀତିରୁ ରାଜନୀତି କେତେ କେତେ ଭେରାଇଟି।

ଆମେ ସକାଳେ ଉଠିଲୁ, ଖାଇଲୁ ବ୍ରେକ୍‌ଫାଷ୍ଟ। ଦି'ପହରେ ଲଞ୍ଚ। ରାତିରେ ଡିନର, ଛକରେ ଚା ପାନ। ଫୁଟ୍‌ପାଥରେ ଫାଷ୍ଟଫୁଡ୍। ବଡ ହୋଟେଲରେ ହରେକ ରକମର ଡିସ୍। ଗାଁର ଚିଙ୍ଗୁଡି ସେଠି ହୋଇଯିବ ପ୍ରନ୍। ଛତୁ ମସ୍‌ରୁମ୍।

ସ୍ୱର୍ଗରେ ଖାଇବ କ'ଣ ? ସକାଳେ ଅମୃତ। ଖରାବେଳେ ଅମୃତ। ରାତିରେ ସେଇ ଅମୃତ।

ଗୋଟେ ଖାଦ୍ୟକୁ କେତେଥର ଖାଇବ।

ଖାଇ ଖାଇ ଚିଟା ଲାଗିବ। ଶେଷରେ ଫାଣ୍ଡିଛକ ଗୁପ୍‌ଚୁପ୍ ଦୋକାନର ଖଟାପାଣିକୁ ଝୁରିହେବ।

ଆଲଣାରେ ଆମର କେତେ ରକମର ପୋଷାକ। ସ୍ତ୍ରୀମାନେ ତ ଆଲମିରାରେ ଦୋକାନ ସାଇତିଛନ୍ତି। ରାତିରେ ଶୋଇବୁ ସ୍ଲିପିଂ ଗାଉନ। ବାଥ୍‌ରୁମରେ ତଉଲିଆ, ଗାମୁଛା। ଅଫିସ, ବଜାରକୁ ପ୍ୟାଣ୍ଟ ଶାର୍ଟ। ଫଙ୍କ୍‌ଶନ ଗଲେ ସୁଟ୍ କୋଟ୍। ଲେଡିସ ଭେରାଇଟି କେତେ, ଆଲାଦିନର କୁହୁକ ଦୀପରୁ ବାହାରିଥିବା ଜିନ୍ ବି ଗଣିପାରିବ ନାହିଁ।

ଦେବତା ହେଲେ କ'ଣ ହେବ ?

ଗୋଟେ କଷ୍ଟ୍ୟୁମ୍‌ରେ ଜୀବନ ବିତିବ।

ଆଜିକାଲି ଘରେ ଘରେ ଗାଡ଼ି।

ଘରର ମୁରବି ତେଲ ଦାମ୍ ବୃଦ୍ଧି ବିରୋଧରେ ହରତାଳ କରୁଛନ୍ତି। ସ୍ତ୍ରୀ, ପୁଅ, ଝିଅମାନେ ଗୋଟେ ଲେଖାଏ ଗାଡ଼ି ଚଢ଼ି ଲଙ୍ଗ୍ ଡ୍ରାଇଭ କରୁଛନ୍ତି। ସ୍କୁଟି, ବାଇକ, କାର, ଭ୍ୟାନ୍ କେତେ କିସମର ଗାଡ଼ି।

ଦେବତାମାନଙ୍କର କ'ଣ ଅଛି ?

ଗରୁଡ଼, ଷଣ୍ଢ, ହାତୀ, ସିଂହ, ମୟୂର, ମୂଷା।

ତୁମେ ଗଲେ ତୁମକୁ ଗଧ କି କୁକୁରଟିଏ ମିଳିବ।

ସ୍ୱର୍ଗର ସବୁଠୁ ବଡ଼ ଦେବତା ବିଷ୍ଣୁ। ଚାରିପଟେ କେହି ନାହିଁ। ବିଶାଳ ଦରିଆ ମଝିରେ ସାପ ଶେଯରେ ଶୋଇଛନ୍ତି। ଉପରେ ଛାତ ସାପର ଫଣା। ଗୋଡ ପାଖରେ ବସିଛନ୍ତି ଲକ୍ଷ୍ମୀ। ମର୍ତ୍ତ୍ୟରେ ଥିଲେ ସ୍ୱାମୀଙ୍କୁ ଆଙ୍ଗୁଠି ଅଗରେ ନଚାଇଥାନ୍ତେ। ସେଠାରେ ଦିନରାତି ପାଦସେବା କରୁଛନ୍ତି।

ଚାରୋଟି ମୁଣ୍ଡରେ ଚାରୋଟି ପାଚିଲା ଦାଢ଼ି ଝୁଲାଇ ଗୋଟେ ପଦ୍ମଫୁଲ ଉପରେ ଦିନରାତି ବସିଛନ୍ତି ବ୍ରହ୍ମା। ଚାରି ମୁହଁରେ ଚାରିବେଦ ଅନର୍ଗଳ ଗାଉଛନ୍ତି। ପାଖରେ ସରସ୍ୱତୀ। ଚବିଶଘଣ୍ଟିଆ ଚାନେଲ ପରି ସବୁବେଳେ ବୀଣା ବଜାଉଛନ୍ତି। ଜାଣିପାରୁନାହାନ୍ତି ଯାହାଙ୍କ ପାଖରେ ବସିଛନ୍ତି ସେ ତାଙ୍କର ପିତା ନା ପତି।

ସବୁଠାରୁ ଦରିଦ୍ର ଅବସ୍ଥା ଶିବଙ୍କର। ଘରଦ୍ୱାର ନାହିଁ। ଶ୍ୱଶୁରଘରୁ କାଣିଚାଏ ନେଇ ମୁଣ୍ଡ ଗୁଞ୍ଜିଛନ୍ତି। ସ୍ତ୍ରୀ ଓ ପିଲାମାନେ କିଏ କେଉଁଠି ବୁଲୁଛନ୍ତି। ସେ ମଶାଣିକୁ ଯାଇ ଭୂତପ୍ରେତଙ୍କ ସାଙ୍ଗରେ ପାଉଁଶରେ ଗଡୁଛନ୍ତି। ପିନ୍ଧିଛନ୍ତି ବାଘଛାଲ। ବେକରେ ଗୁଡ଼ାଇଛନ୍ତି ନାଗସାପ। ମୁଣ୍ଡରେ ଜଟା। ଜହ୍ନ ଓ ଗଙ୍ଗା ସେଠି ଆଡ୍ଡା ମାରୁଛନ୍ତି। ବାହନ ବାସୁଆ ଷଣ୍ଢ। କେତେବେଳେ କେଉଁଠି ଘୂରୁଛି। ମର୍ତ୍ତ୍ୟକୁ ଆସି କାଞ୍ଜିଆହୁଦାରେ ପଶୁଛି। ତାକୁ ମୁକୁଳାଇବାକୁ ଶିବ ବିଚରା ହଟହଟା। ଗଣେଶଙ୍କ ବେକ ଉପରେ ହାତୀଛୁଆର ମୁଣ୍ଡ। ବାହନ ମୂଷା। କାର୍ତ୍ତିକ ସବୁଦିନ ସାନ ହୋଇ ରହିଛନ୍ତି। ତାଙ୍କ ପରେ ଆଉ କେହି ଦେବତା ଜନ୍ମ ହୋଇନାହାନ୍ତି।

ଦେବତାମାନେ ଅଜର ଓ ଅମର। ବୁଢ଼ା ହୁଅନ୍ତି ନାହିଁ କି ମରନ୍ତି ନାହିଁ। ଆମେ ଜନ୍ମ ହେଉ। ଶିଶୁ, କିଶୋର, ତରୁଣ, ଯୁବକ, ପ୍ରୌଢ଼, ବୃଦ୍ଧ ସବୁ ଅବସ୍ଥାକୁ ଭୋଗକରି ଶେଷରେ ମରିଯାଉ।

ମରଣ ଥିବାରୁ ତ ଜୀବନଟା ଏତେ ଆନନ୍ଦମୟ। ଅନ୍ଧାର ନ ଥିଲେ ଆଲୋକର ମହତ୍ତ୍ୱ କ'ଣ ? ଦୁଃଖ ନାହିଁ ତ ସୁଖର କିଛି ମାନେ ନାହିଁ। ନବରସ ଥିବାରୁ ଆମ ଜିହ୍ୱା ସ୍ୱାଦ ବାରୁଛି ଓ ଆମେ ଖୁସିରେ ଖାଉଛୁ। ରାତି ଅଛି। ରାତିରେ ନିଦ ଅଛି। ସେଥିପାଇଁ ସକାଳଟି ସତେଜ ଓ ସୁନ୍ଦର ଲାଗୁଛି। ମଧ୍ୟାହ୍ନର ଧୂ ଧୂ ଖରା ଅଛି ତ ଧୂମ୍ରାଭ ଗୋଧୂଳି କେତେ ଚମତ୍କାର ଲାଗୁଛି। ଗ୍ରୀଷ୍ମ ପରେ ବର୍ଷା, ଶୀତ ପରେ ବସନ୍ତ ଋତୁଚକ୍ରର ଘୂର୍ଣ୍ଣନ ପ୍ରକୃତିକୁ ରମଣୀୟ କରୁଛି।

ତେଣୁ ମୁଁ ମୋର କହିବି, ସ୍ୱର୍ଗଠାରୁ ମର୍ତ୍ତ୍ୟ ଢେର ଭଲ। ଯେତେଥର ମରିବି ଯଦି ପୁନର୍ଜନ୍ମ ଥାଏ ଏଇ ମର୍ତ୍ତ୍ୟରେ ହିଁ ଆଉଥରେ ଜନ୍ମ ନେବାକୁ ଚାହିଁବି।

କଳକୌଶଳ କରି ସରକାରୀ ଚାକିରି ଖଣ୍ଡେ ହାତେଇବି। ଦରମାଠାରୁ ବେଶି ଉପୁରି କମାଇବି। ଚାରି ଛଅଟା ପ୍ଲଟ୍ କିଣିବି। ଦୁଇ ଚାରିଟା କୋଠା ତୋଳିବି। ସ୍ତ୍ରୀକୁ ମାସକୁ ଥରେ ଶାଢ଼ି, ଗହଣା ଦୋକାନକୁ ବୁଲାଇନେବି। ପିଲାମାନଙ୍କୁ ଇଂରାଜୀ ସ୍କୁଲରେ ପଢ଼ାଇବି। ଟିଭି, ଫ୍ରିଜ, ଏସି, ଗାଡ଼ି, ଯେତେକ ବିଳାସ ସାମଗ୍ରୀ ଘରେ ଖଞ୍ଜିଦେବି।

ଯେଉଁମାନଙ୍କୁ ତୁମେ ସ୍ୱର୍ଗର ଦେବତା କହୁଛ ସେମାନଙ୍କୁ କେତେ ଟଙ୍କା ଦାନଦକ୍ଷିଣା ଦେଇ ମୋ ଘର ସଂସାରକୁ ଜଗିବା କାମରେ ଲଗାଇବି।

ଏବେ କୁହ, ଏତେ ସୁଖ ସୁବିଧା କେଉଁ ସ୍ୱର୍ଗରେ ଅବା ମିଳିବ ?

ଅଙ୍ଗାରଗାଡ଼ିଆ, ବାଲେଶ୍ୱର,
ମୋ–୯୪୩୭୨୯୬୮୬୪

## ଏଇ ଭାରତରେ

ଭାରତର ବିଭିନ୍ନ ନଗରୀର ପ୍ରାଚୀରକୁ ଚିତ୍ରକଳାରେ ସଜାଇବାରେ 'ଦିଲ୍ଲୀ ଷ୍ଟ୍ରିଟ୍ ଆର୍ଟ' ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସିଛି। କୁମ୍ଭମେଳା ପୂର୍ବରୁ ଆଲ୍ଲାହାବାଦ୍ ନଗରୀକୁ ରଙ୍ଗିନ ଚିତ୍ରରେ ସଜେଇବା ଲାଗି ଉକ୍ତ କଳା ସଂଗଠନ ଦାୟିତ୍ୱ ବହନ କରିଛି। ଏଥିପାଇଁ ପୌରାଣିକ କଥାବସ୍ତୁ, ଆଲ୍ଲାହାବାଦ୍ ଇତିହାସ ଏବଂ କୁମ୍ଭମେଳାର ବିଭିନ୍ନ ଘଟଣାବଳୀକୁ ଚିତ୍ରରେ ପ୍ରଦର୍ଶନ କରିବା ପାଇଁ ଏହା ଉଦ୍ୟମ କରୁଛି। ଉକ୍ତ କଳାକାର ଗୋଷ୍ଠୀ ୧୯୯୦ରେ ଆଲ୍ଲାହାବାଦ୍ ନଗରୀରେ ଏକ ଆବାସିକ କମ୍ପ୍ଲେକ୍ସର ୪୦ଫୁଟ ଉଚ୍ଚତା ବିଶିଷ୍ଟ ପ୍ରାଚୀର ଉପରେ ବିଶିଷ୍ଟ ହିନ୍ଦୀ କବି ହରିବଂଶ ରାୟ ବଚ୍ଚନଙ୍କର ଛବି ଅଙ୍କନ କରିଥିଲେ। ଯାହାକୁ ତାଙ୍କ ପୁତ୍ର ଅମିତାଭ ବଚ୍ଚନ ଉଦ୍‌ଘାଟନ କରିଥିଲେ। ଏହି ନଗରୀରେ ମଦନ ମୋହନ ମାଳଭିଆ ଜନ୍ମଗ୍ରହଣ କରିଥିବାରୁ ତାଙ୍କର ଏକ ବିଶାଳ ଛବି ଅଙ୍କନ କରିବା ପାଇଁ ମଧ୍ୟ ଯୋଜନା ହୋଇଛି। ଦିଲ୍ଲୀ ଷ୍ଟ୍ରିଟ୍ ଆର୍ଟର ପ୍ରତିଷ୍ଠାତା ଯୋଗେଶ ସାଇନି କହନ୍ତି, ଦେଶ ଭିତରୁ, ବ୍ରିଟେନ୍ ଏବଂ ରୁଷିଆରୁ ୫୦ କଳାକାର ଏହି ପ୍ରକଳ୍ପ ପାଇଁ କାର୍ଯ୍ୟ କରୁଛନ୍ତି। ଚିତ୍ରକଳାର ଏହି ନିଆରା ଭାବଧାରା ଭାରତର ସବୁ ନଗରୀରେ ସ୍ଥାନ ପାଇଲେ ବିଦେଶୀ ପର୍ଯ୍ୟଟକଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରାଯାଇପାରନ୍ତା।

## ଚିରନ୍ତନୀ

ଚାଲିଛି ଏକା ବିପଥେ ପଥେ
ନାହିଁରେ ସାହା ସାଥୀ,
ଚାଲିଛି ଏକା ନ ମାନି ଖରା
ବରଷା ଦିନ ରାତି।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୯୩

- ଆଲଜେରିଆରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତଥିବା ଅଭିଯୋଗରେ ଚଳିତବର୍ଷ ୩୦୦ ବ୍ୟକ୍ତିଙ୍କୁ ଫାଶୀ ଦିଆଯାଇଛି।
- ଚାଇନା ଦକ୍ଷିଣ ଆଫ୍ରିକା ଉପରୁ ନିଜର ବାସନ୍ଦ ବ୍ୟବସ୍ଥା ପ୍ରତ୍ୟାହାର କରିନେଇଛି।

## ସାପ୍ତାହିକ ପଞ୍ଜିକା

୨୧– ତାଇୱାନର ଦକ୍ଷିଣ–ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳକୁ ଯାତ୍ରା କରୁଥିବାବେଳେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣା ଗ୍ରସ୍ତ ହୋଇ ୨୨ ଜଣଙ୍କ ମୃତ୍ୟୁ ଓ ୧୨୦ ଆହତ।

୨୨– ଭାରତ ଓ ଚାଇନା ମଧ୍ୟରେ ପ୍ରଥମ ସୁରକ୍ଷା ସମନ୍ୱୟ ଚୁକ୍ତି ସ୍ୱାକ୍ଷରିତ।

୨୩– ଚାଇନାର ସହର ଜୁହାଇକୁ ହଂକଂ ଓ ମାକାଉ ସହ ଯୋଡୁଥିବା ବିଶ୍ୱର ଦୀର୍ଘତମ ସମୁଦ୍ର ପୋଲ ଉଦ୍‌ଘାଟିତ। ୫୫ କିମି ଦୀର୍ଘ ଏହି ପୋଲ ନିର୍ମାଣ କରିବାକୁ ୯ ବର୍ଷ ଲାଗିଛି।

୨୪– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ର ସିଓଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ।

୨୫– ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଦୁର୍ନୀତିରେ ଜଡ଼ିତ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ହଂକଂରେ ଥିବା ୨୫୫ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି।

୨୬– ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହୀନ୍ଦ୍ରା ରାଜପାକ୍ସେ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

* ଓଡ଼ିଆ ଭର୍ଚୁଆଲ ଏକାଡେମୀର ନୂତନ ୱେବ୍ ପୋର୍ଟାଲ ଲୋକାର୍ପିତ, ଯେଉଁଥିରେ ଡିଜିଟାଲ ରୂପରେ ଓଡ଼ିଆ ଭାଷା–ସାହିତ୍ୟର ବିଭବ ପ୍ରକାଶ ପାଇବ।

## ଆମ ସମସ୍ୟା

### ରାସ୍ତା ଖାଲଖମାରେ ପୂର୍ଣ୍ଣ

ମହାଶୟ,

ଭଦ୍ରକ ବ୍ଲକ୍ ଅଧୀନ ସାବରଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଖାଲଖମା ସୃଷ୍ଟି ହୋଇ ବର୍ଷା ପାଣି ଭରି ରହୁଛି। ଯାନବାହନ, ସାଧାରଣ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେବା ସଙ୍ଗେସଙ୍ଗେ କାଦୁଅ ପାଣି ଲୋକଙ୍କ ଉପରେ ଛିଟିକି ପଡୁଛି। ଆଖପାଖ ତିନି ଚାରିଟି ପଞ୍ଚାୟତର ଲୋକେ ଓ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ଏହା ଏକ କେନ୍ଦ୍ରସ୍ଥଳୀ ହୋଇଥିବାରୁ ହାଟ ବଜାର ନିମନ୍ତେ ଦିନକୁ ଶହ ଶହ ଲୋକ ଏଠାକୁ ଆସିଥାନ୍ତି। ଏହାର ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେବାକୁ ଅନୁରୋଧ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ଡାକ ବିଭାଗରେ ଅବ୍ୟବସ୍ଥା

ଯାଜପୁର ଜିଲା ମୁଖ୍ୟ କାର୍ଯ୍ୟାଳୟ ଅନ୍ତର୍ଗତ ଚଣ୍ଡିଖୋଲ ଡାକଘରେ ଦୀର୍ଘମାସ ହେବ ଲଫାପା, ପୋଷ୍ଟକାର୍ଡ, ଷ୍ଟାମ୍ପ ଆଦି କିଛି ମିଳୁନାହିଁ। ଛତିଆ ପୋଷ୍ଟ ଅଫିସରେ ଷ୍ଟାମ୍ପ ମିଳୁନାହିଁ। ଉଭୟ ସବ୍‌ପୋଷ୍ଟ ଅଫିସ ହୋଇଥିବା ବେଳେ ଉଭୟ ସ୍ଥାନ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର। ବ୍ୟବସ୍ଥାର ପରିବର୍ତ୍ତନ ଯୋଗୁ ଲଫାପା ଆଦି ଆଉ ଆସୁ ନ ଥିବାର ଚଣ୍ଡିଖୋଲ ପୋଷ୍ଟମାଷ୍ଟର କହୁଛନ୍ତି। ଡାକ ବ୍ୟବସ୍ଥାରେ ଯୋଗାଯୋଗ ପାଇଁ ଆବଶ୍ୟକ ସାମଗ୍ରୀ ଯଦି ଡାକଘରୁ ନ ମିଳିବ, ତେବେ ଡାକ ବିଭାଗ କି ପ୍ରକାର ସେବା ପ୍ରଦାନ କରୁଛି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଗ୍ରାମାଞ୍ଚଳରେ ବିଭିନ୍ନ ପୋଷ୍ଟ ଅଫିସରେ ମଧ୍ୟ ସମାନ ସମସ୍ୟା। ଲୋକେ ଡାକଘରକୁ ଆସି ନିରାଶ ହୋଇ ଫେରୁଛନ୍ତି।

ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### ରାସ୍ତା ମରାମତି ନୋହିଲା

ପୁରୀ ଜିଲା ସତ୍ୟବାଦୀ ଅନ୍ତର୍ଗତ ଭାର୍ଗବୀ ନଦୀର ବାମପାର୍ଶ୍ୱରେ ଗବକୁଣ୍ଡ–ବଳଙ୍ଗା ଚନ୍ଦନପୁର ବ୍ରାଞ୍ଚ କେନାଲ ପିଚୁ ରାସ୍ତାରୁ ଚିଲପାଟଣାଠାରୁ ଗୁଆଳିଗୋରଡା ପର୍ଯ୍ୟନ୍ତ ପିଚୁ ଉଠି ଖାଲଖମାରେ ପରିପୂର୍ଣ୍ଣ ହେବା ଖବର ଅନେକଥର ପ୍ରକାଶିତ ହୋଇ ମଧ୍ୟ ରାସ୍ତା ମରାମତି ହେଲାନାହିଁ। ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା କ'ଣ ଜନପ୍ରତିନିଧି, ପ୍ରଶାସକଙ୍କୁ ମାଲୁମ ହେଉନାହିଁ ?

ଶ୍ରୀରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ମଧ୍ୟପ୍ରଦେଶର ସୁଦାମା ନଗରରେ ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ସଫେଇ କର୍ମଚାରୀଙ୍କ ୪ ବର୍ଷର ଝିଅକୁ ତାଙ୍କ ସମ୍ପର୍କୀୟ ମାମୁ ବଳାତ୍କାର କରିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି। ଏହାପରେ ମୃତଦେହକୁ ଏକ ନଦୀକୂଳରେ ଫିଙ୍ଗିଦେଇ ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ମୃତଦେହକୁ ଦେଖି ପୋଲିସକୁ ଖବର ଦେବା ପରେ ନାବାଳିକାଙ୍କୁ ଚିହ୍ନଟ କରାଯାଇଛି। ପୂର୍ବରୁ ମଧ୍ୟ ଉକ୍ତ ବଳାତ୍କାରୀ ମାମୁ ଜଣେ ନାବାଳିକାଙ୍କୁ ବଳାତ୍କାର କରି ହତ୍ୟା କରିଥିଲେ। ଏଥିପାଇଁ ତାଙ୍କୁ ଜେଲଦଣ୍ଡ ମଧ୍ୟ ଭୋଗିବାକୁ ପଡିଥିଲା।




PLEDGE 'PLASTIC-FREE' ODISHA



Akash Dasnayak
Actor

#PlasticFreeOdisha

ଧରିତ୍ରୀ DHARITRI TEAM


## ସଂକ୍ଷେପରେ

### ପିସିସି ମୁଖପାତ୍ରରୁ ଦେବୀଙ୍କ ଇସ୍ତଫା

#### ଚର୍ଚ୍ଚାରେ କୈଳାସଙ୍କ ଟୁଇଟ୍

**ଭୁବନେଶ୍ୱର,୨୮ା୧୦(ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ରଙ୍କ ନାମ ଘୋଷଣାର ୨୪ ଘଣ୍ଟା ନ ପୂରୁଣୁ ମୁଖପାତ୍ର ପଦରୁ ରବିବାର ଇସ୍ତଫା ଦେଇଛନ୍ତି ଦେବୀ ପ୍ରସାଦ ପୃଷ୍ଟି। ସେ ନିଜ ହାତଲେଖା ଇସ୍ତଫାପତ୍ର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ନିଜର ବ୍ୟକ୍ତିଗତ କାରଣରୁ ସେ ମୁଖପାତ୍ର ପଦରୁ ଇସ୍ତଫା ଦେଇଥିବା ଦେବୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଦଳରେ ଜଣେ ସାଧାରଣ କର୍ମୀ ଭାବେ କାର୍ଯ୍ୟ କରିବେ। ମୁଖପାତ୍ର ଏକ ଗୁରୁଦାୟିତ୍ୱ, ସେଥିପାଇଁ ପର୍ଯ୍ୟାପ୍ତ ସମୟ ଦେଇପାରିବି ନାହିଁ। ତେଣୁ ଉକ୍ତ ପଦରୁ ସମ୍ମାନର ସହ ଅବ୍ୟାହତି ଚାହୁଁଛି। କଂଗ୍ରେସ କର୍ମୀଙ୍କ ଦଳ। କର୍ମୀମାନେ ହିଁ ନେତା ତିଆରି କରିଥାନ୍ତି। ତେଣୁ ଜଣେ ଗର୍ବିତ କର୍ମୀ ଭାବେ କଂଗ୍ରେସରେ ପୂର୍ବଭଳି କାର୍ଯ୍ୟ କରିବି ବୋଲି ସେ କହିଛନ୍ତି। ଅପରପକ୍ଷରେ ଦଳର ବରିଷ୍ଠ ନେତା କୈଳାସ ଆଚାର୍ଯ୍ୟ ଟୁଇଟର ଜରିଆରେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଟୁଇଟ୍ କରି ସେ କହିଛନ୍ତି ଯେ, ମୁଖପାତ୍ର ତାଲିକାରେ କେତେଜଣଙ୍କ ଉପଲବ୍ଧିକୁ ସ୍ୱୀକାର କରିବା କଷ୍ଟକର। ତଥାପି ସ୍ଥାନ ପାଇଥିବା ସମସ୍ତଙ୍କୁ ସାଦର ଅଭିନନ୍ଦନ। ଏହି ତାଲିକାରେ ରାଜ୍ୟ ସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳ, ଏଆଇସିସି ସମ୍ପାଦକ ଶରତ ରାଉତ ଓ ବିଶ୍ୱରଞ୍ଜନ ମହାନ୍ତି ଏବଂ ପିସିସି ସାମାଜିକ ଗଣମାଧ୍ୟମ ସଂଯୋଜକ ଅଭିଷେକ ମହାନନ୍ଦଙ୍କୁ ସ୍ଥାନ ମିଳିଥିଲେ ଭଲ ହୋଇଥାନ୍ତା ବୋଲି କୈଳାସ କହିଛନ୍ତି।

### ବ୍ୟାଙ୍କଗୁଡ଼ିକୁ ଏସାର ଷ୍ଟିଲ୍‌ର ନୂଆ ପ୍ରସ୍ତାବ

**ନୂଆଦିଲ୍ଲୀ,୨୮ା୧୦:** ଏସାର ଷ୍ଟିଲ୍ ପାଇଁ ଆର୍ସେଲର ମିତ୍ତଲ ଏକମାତ୍ର ବିଡର୍ ବୋଲି ଘୋଷଣା ହେବା ପରେ ରୁଇୟା ପରିବାର ପକ୍ଷରୁ କମ୍ପାନୀ ଆଉ ଏକ ଋଣ ସମାଧାନ ପ୍ରସ୍ତାବ ଦେଇଛି। ଏଥିରେ କୁହାଯାଇଛି ଯେ,କମ୍ପାନୀର ପ୍ରସ୍ତାବକୁ ଗ୍ରହଣ କରି ନିଆଗଲେ ଗ୍ରୁପ୍‌ର ମୋଟ୍ ଋଣ ପରିମାଣରୁ ୧.୨୫ ଲକ୍ଷ କୋଟି ଟଙ୍କା ପରିଶୋଧ ହୋଇଯିବ। ଅନ୍ୟପକ୍ଷରେ ଏସାର ଷ୍ଟିଲ ପକ୍ଷରୁ ଋଣ ସମାଧାନ ଲାଗି ୫୪,୩୮୯ କୋଟି ଟଙ୍କା ପ୍ରଦାନର ପ୍ରସ୍ତାବ ଦିଆଯାଇଥିଲା। ତେବେ ଋଣପ୍ରଦାନକାରୀମାନେ ଏହାକୁ ଗ୍ରହଣ କରି ନାହାନ୍ତି। ଏହା ବଦଳରେ ସେମାନେ ଆର୍ସେଲର ମିତ୍ତଲଙ୍କ ଦ୍ୱାରା ଦିଆଯାଇଥିବା ୪୨ ହଜାର କୋଟି ଟଙ୍କାର ପ୍ରସ୍ତାବକୁ ଗ୍ରହଣ କରିଛନ୍ତି। ଋଣପ୍ରଦାନକାରୀ କମିଟିର ନିଷ୍ପତ୍ତି ବିରୋଧରେ ଏସାର ଷ୍ଟିଲ ଅଦାଲତର ଦ୍ୱାରସ୍ଥ ହେବ ବୋଲି ସ୍ଥିର କରିଛି। କମ୍ପାନୀର ମୁଖପାତ୍ର କହିଥିଲେ ଯେ, ସେମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ଗ୍ରହଣ କରାଯାଇଥିଲେ ଋଣଦାତାଙ୍କ ସମସ୍ତ ବକେୟା ପରିଶୋଧ ହୋଇଥାନ୍ତା। ଅନ୍ୟପକ୍ଷରେ ମିତ୍ତଲଙ୍କ ଦ୍ୱାରା ପ୍ରଦତ୍ତ ପ୍ରସ୍ତାବ ଯୋଗୁ ସେମାନେ କ୍ଷତିଗ୍ରସ୍ତ ହେବେ।






# 'ଶାସନ ନାଁରେ ପ୍ରବଞ୍ଚନା ଚାଲିଛି'

- ବାସୁଦେବପୁରରେ ପଦ୍ମ ଧରିଲେ ମାଧବାନନ୍ଦ
- ବିଞ୍ଝାରପୁରରେ ବିଜେଡି, କଂଗ୍ରେସର ଶତାଧିକ କର୍ମୀ ଭାଜପାରେ ମିଶିଲେ

**ବାସୁଦେବପୁର/ବିଞ୍ଝାରପୁର, ୨୮ା୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ମାଧବାନନ୍ଦ ମଲିକ ସମର୍ଥକଙ୍କ ସହିତ ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି। ଏହି ଉପଲକ୍ଷେ ଭାଜପା ପକ୍ଷରୁ ସ୍ଥାନୀୟ ଯାଦବ ପଡ଼ିଆଠାରେ ମିଶ୍ରଣପର୍ବ ଆୟୋଜିତ ହୋଇଥିଲା। ଜିଲା ସଭାପତି ବଦ୍ରିନାରାୟଣ ଧଳ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କେନ୍ଦ୍ର ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ପ୍ରତାପ ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଆଗାମୀ ଦିନରେ ଭାଜପା ଶାସନ କ୍ଷମତାକୁ ଆସିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ କହିଥିଲେ, ବର୍ତ୍ତମାନ ରାଜ୍ୟରେ ଏକ ଅପାରଗ, ସ୍ଥାଣୁ, ବ୍ୟଭିଚାରୀ ଓ ଚିଟ୍‌ଫଣ୍ଡର ସରକାର ଚାଲିଛି। ଶାସନ ନାଁରେ ପ୍ରବଞ୍ଚନା ଚାଲିଛି। ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ସରକାର ଓ ସ୍ଥାନୀୟ ଲୋକପ୍ରତିନିଧି ଅଣଦେଖା କରିବା କ୍ଷୋଭର ବିଷୟ। ଭାଜପା କ୍ଷମତାକୁ ଆସିଲେ ଓଡ଼ିଶାରେ ଚାଷୀଙ୍କ କୃଷିଋଣ ଛାଡ଼ କରିବା ସହିତ ଲୋକଙ୍କୁ ସ୍ୱଚ୍ଛ ସରକାରର ସୁଶାସନ ପ୍ରଦାନ କରିବ ବୋଲି ସେ କହିଥିଲେ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ପୃଥିବୀର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ଯୋଜନା। ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରୁ ନ ଥିବାରୁ ସେ କଡ଼ା ସମାଲୋଚନା କରିଥିଲେ।

ସେହିପରି ଯାଜପୁର ଜିଲା ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ସିଂହପୁରଠାରେ ଭାଜପା ଜିଲା ସଭାପତି ଗୌତମ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହି ମିଶ୍ରଣ ପର୍ବରେ ଓଡ଼ିଶା ପରିବର୍ତ୍ତନର ସ୍ପଷ୍ଟ ଚିତ୍ର ବାରି ହୋଇପଡୁଛି। ରାଜ୍ୟରେ ପିସି ଓ ଯାଦୁଗରର ସରକାର ଚାଲିଛି ବୋଲି ସେ କଟାକ୍ଷ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବିଞ୍ଝାରପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ବେହୁରିଆ ଓ ବିଜେଡିର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ଖାନନଗର ସମିତି ସଭ୍ୟ କ୍ଷିତିଶ ଚନ୍ଦ୍ର ନାଏକ ତାଙ୍କ ଶତାଧିକ ସମର୍ଥକଙ୍କୁ ଧରି ଭାଜପାରେ ଯୋଗ ଦେଇଥିଲେ। ଭାଜପା ନେତା ସମୀର ଦେ, ମନମୋହନ ସାମଲ, ବବିତା ମଲ୍ଲିକ, ଅମିୟ ମଲ୍ଲିକ, ବରୀ ଭାଜପାର ଯୁବ ନେତା ବିଶ୍ୱରଞ୍ଜନ ମଲ୍ଲିକ, ଦେବେନ୍ଦ୍ର ଦାସ, ଆଳି ନିର୍ବାଚନ ମଣ୍ଡଳୀରୁ ଦୋଳଗୋବିନ୍ଦ ନାୟକ, ଅମରେନ୍ଦ୍ର ନାୟକ, ବିଶ୍ୱଜିତ ଦାସ, ସୁରଜଲାଲ ସାମଲ, ବିଷ୍ଣୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

- ଚାକିରି ନାଁରେ ହେଉଛି ଯୁବତୀ ଚାଲାଣ

# ନିର୍ଦ୍ଦେଶନାମା ଜାରି କଲା କ୍ରାଇମ୍‌ବ୍ରାଞ୍ଚ

**କଟକ ଅଫିସ୍, ୨୮ା୧୦**

ଚାକିରି ଦେବା ନାଁରେ ଯୁବତୀ ଚାଲାଣ ହେଉଥିବା ଘଟଣା ଦେଖିବାକୁ ମିଳୁଛି। ଦେଶର ବଡ଼ ବଡ଼ ସହର ସମେତ ଅନ୍ୟ ଦେଶକୁ ଯୁବତୀମାନଙ୍କୁ ଚାଲାଣ କରାଯାଉଛି। ଝାଡ଼ଖଣ୍ଡର କେତକ ଯୁବତୀଙ୍କୁ ଏଭଳି ଚାଲାଣ କରାଯାଇଥିବା ନେଇ ସେଠାକାର ଏମ୍‌ପି ଲକ୍ଷ୍ମଣ ଗିଲୱା ନିକଟରେ ପାର୍ଲାମେଣ୍ଟରେ ପ୍ରଶ୍ନ ଉଠାଇଥିଲେ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟର ପୋଲିସ ବିଭାଗକୁ ଚାକିରି ଦେଉଥିବା ପ୍ଲେସ୍‌ମେଣ୍ଟ ଏଜେନ୍ସି କାର୍ଯ୍ୟଶୈଳୀ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଥିଲା। ତେଣୁ କ୍ରାଇମବ୍ରାଞ୍ଚ ପକ୍ଷରୁ ରବିବାର ସମସ୍ତ ଏସ୍‌ପି ଏବଂ କମିଶନରେଟ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଓଡ଼ିଶାରୁ ଯୁବତୀ ଚାଲାଣ ଭଳି ଘଟଣା ଦେଖିବାକୁ ମିଳୁଥିବାରୁ ସମସ୍ତ ପ୍ଲେସ୍‌ମେଣ୍ଟ ଏଜେନ୍ସି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ପ୍ଲେସ୍‌ମେଣ୍ଟ ଏଜେନ୍ସି ଉପରେ ନଜର ରଖିବାକୁ ନିର୍ଦ୍ଦେଶ**

ସମସ୍ତ ଥାନା ଅଧିକାରୀଙ୍କୁ ନିଜ ଅଞ୍ଚଳରେ ଥିବା ପ୍ଲେସ୍‌ମେଣ୍ଟ ଏଜେନ୍ସି ଏବଂ ବିବାହ ପାଇଁ ଥିବା ସଂସ୍ଥାଗୁଡ଼ିକର ଏକ ଡାଟାବେସ ତିଆରି କରିବାକୁ କୁହାଯାଇଛି। ଏନେଇ ମହିଳା ଓ ଶିଶୁ ଉନ୍ନୟନ ବିଭାଗ, ଶ୍ରମ ବିଭାଗ, ରେଲୱେ, ପର୍ଯ୍ୟଟନ ବିଭାଗ ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ସହ ଯୋଗାଯୋଗ ରଖିବାକୁ ପରାମର୍ଶ ଦିଆଯାଇଛି। ଚାକିରି ନାଁରେ କେତେକ ସଂସ୍ଥା ଯୁବତୀ ଚାଲାଣ କରୁଥିବା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ କୁହାଯାଇଛି। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ବିମାନବନ୍ଦର, ହୋଟେଲ, ଗେଷ୍ଟହାଉସ ଆଦି ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ନିୟମିତ ବ୍ୟବଧାନରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ବିନା ଲାଇସେନ୍ସରେ କୌଣସି ପ୍ଲେସ୍‌ମେଣ୍ଟ ଏଜେନ୍ସି ଖୋଲାଯାଇଥିବାର ଦେଖିବାକୁ ମିଳୁଛି ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯବତୀମାନଙ୍କୁ ବିଦେଶ ଚାଲାଣ କରାଯାଉଥିବାରୁ ପାସପୋର୍ଟ ଯାଞ୍ଚ ବେଳେ ଧ୍ୟାନଦେବାକୁ ନିର୍ଦ୍ଦେଶ ରହିଛି। ସମସ୍ତ ଥାନା ଅଧିକାରୀ ଯେପରି ଏହା ଠିକ୍ ଭାବେ ପାଳନ କରିବେ ତା'ର ତଦାରଖ ପାଇଁ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ କୁହାଯାଇଛି।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଭାଜପାର ଟାର୍ଗେଟ

**ଭୁବନେଶ୍ୱର, ୨୮ା୧୦(ବ୍ୟୁରୋ)**



କ୍ୟାପିଟାଲ ଥାନା ଅଧିକାରୀଙ୍କୁ ଭାଜପା ନେତୃମଣ୍ଡଳୀ ଲିଖିତ ଅଭିଯୋଗ ଦେଉଛନ୍ତି।

- ସ୍ୱାସ୍ଥ୍ୟ ଓ ସୂଚନା, ଲୋକସମ୍ପର୍କ ବିଭାଗ ସଚିବଙ୍କ ନାଁରେ ଭାଜପାର ଏତଲା
- ବିଜେଡି କହିଲା ବିରୋଧ କରିବା ଭାଜପାର ପୁରୁଣା ରୋଗ

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ୧ କୋଟି ଲୋକ ଉପକୃତ ହେବେ ବୋଲି ରାଜ୍ୟ ସରକାର କହି ରାଜ୍ୟବାସୀଙ୍କୁ ପ୍ରତାରିତ କରିଛନ୍ତି। ପୂର୍ବରୁ ଅନେକ ଯୋଜନାରେ ରାଜ୍ୟ ସରକାର ମିଥ୍ୟା ତଥ୍ୟ ରଖିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛି। ଭାଜପା ପକ୍ଷରୁ ଏନେଇ ସ୍ୱାସ୍ଥ୍ୟ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ସଚିବଙ୍କ ନାମରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ଅନ୍ୟପଟେ ଭାଜପା ଅଭିଯୋଗ ଉପରେ ବିଜେଡି ପ୍ରତିକ୍ରିୟା ରଖିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇଛନ୍ତି ବୋଲି କହିଥିଲେ। ଏହି ତଥ୍ୟ ସମ୍ପୂର୍ଣ୍ଣ ମିଥ୍ୟା, ଅବିଶ୍ୱସନୀୟ ଏବଂ ପ୍ରମାଣ ଆଧାରିତ ନୁହେଁ। ଏବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧ କୋଟି ଲୋକ ଉପକୃତ ହେବେ ବୋଲି ଗଣମାଧ୍ୟମକୁ ମିଥ୍ୟା ବିବୃତି ଏବଂ ବିଜ୍ଞାପନ ଦେବା ମୁଖ୍ୟମନ୍ତ୍ରୀଙ୍କର ଆଉ ଏକ ମିଛ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ଲୋକମାନଙ୍କୁ ବିଭ୍ରାନ୍ତ କରି ଏପରି ତଥ୍ୟ ଦେବା ବେଆଇନ ଏବଂ ଅପରାଧ ସହ ସମାନ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ରବିବାର ସମୀରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କ୍ୟାପିଟାଲ ଥାନାରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଲୋକ ସମ୍ପର୍କ ବିଭାଗର ସଚିବଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ସରକାରୀ ଅର୍ଥରେ ମିଥ୍ୟା ବିଜ୍ଞାପନ ଦେଇ ଜନମତକୁ ବିଭ୍ରାନ୍ତ କରିବା ଅପରାଧରେ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏହି ଅବସରରେ ମହାନ୍ତି କହିଛନ୍ତି ଯେ, ୨୦୧୬-୧୭ରେ ରାଜ୍ୟରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା ଏବଂ ଓଡିଶା ଷ୍ଟେଟ ଟ୍ରିଟ୍‌ମେଣ୍ଟ ଫଣ୍ଡ ଏହି ତିନୋଟି ଯୋଜନାରେ ସମୁଦାୟ ୧୨ଲକ୍ଷ ୬୦ ହଜାର ଲୋକ ଉପକୃତ ହୋଇଥିଲେ । ହେଲେ ମାତ୍ର ୨ମାସ ଭିତରେ କିପରି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧ କୋଟି ଲୋକ ଉପକୃତ ହେଲେ। ଏହା ସନ୍ଦେହଜନକ। ସେହିପରି ଗତ ଜୁନ ମାସରେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନୂଆ ସ୍ମାର୍ଟ କାର୍ଡ ଦେବେ ବୋଲି ଘୋଷଣା କରିଥିଲେ। ମାତ୍ର ଏବେ ସୁଦ୍ଧା ଲୋକମାନଙ୍କୁ କାର୍ଡ ମିଳିନାହିଁ। ଏହା କେଉଁ ଏଜେନ୍ସି କରିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ଏପରି ସ୍ଥିତିରେ ୧ କୋଟିର ହିସାବ ରାଜ୍ୟ ସରକାର କେଉଁଠୁ ଆଣିଲେ ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ପୁରୁଣା ମଦ ନୂଆ ବୋତଲ ସଦୃଶ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଭାଜପାର ଏହି ଅଭିଯୋଗକୁ ନେଇ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ଆରମ୍ଭ କରାଯାଇଛି। ସବୁ କଥାରେ ବିରୋଧ କରିବା ଭାଜପାର ଅଭ୍ୟାସଗତ ରୋଗରେ ପରିଣତ ହୋଇଛି। ଆମର ନୂଆ ମଦ ପୁରୁଣା ମଦ ନୁହେଁ ଏହା ସେମାନଙ୍କର କାମ। ସେତେବେଳର ଇନ୍ଦିରା ଆବାସ ଯୋଜନା ଏବେ ତାହା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଯାଇଛି। ତେଣୁ ଏଥିରୁ ଧର୍ମେନ୍ଦ୍ର ପ୍ରଧାନ ଚିନ୍ତା କରନ୍ତୁ ନୂଆ ମଦ ପୁରୁଣା ବୋତଲ ଫର୍ମୁଲା କାହାର ବୋଲି ସମୀର କହିଛନ୍ତି।

# ଟ୍ରକ୍ ଧକ୍କାରେ ଝିଅ ମୃତ, ବାପା ଗୁରୁତର

- କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ୫ ଘଣ୍ଟା ରାସ୍ତା ଅବରୋଧ

**ବେଦବ୍ୟାସ, ୨୮ା୧୦ (ଡି.ଏନ.ଏ)**

ରାଉରକେଲା ସହର ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର କଲୁଙ୍ଗା ରେଳ ଫାଟକ ନିକଟରେ ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ ଧକ୍କା ଦେବା ଫଳରେ ବାପା ଗୁରୁତର ଥିବାବେଳେ ଝିଅ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ପୋଲିସ ସୂଚନାନୁଯାୟୀ କଲୁଙ୍ଗା ନିବାସୀ ବଳରାମ ସାୟଲ (୩୮), ତାଙ୍କ ଝିଅ ଖୁସି ପ୍ରିୟଦର୍ଶନୀ ସାୟଲ (୧୪) ନିଜ ହିରୋହୋଣ୍ଡା ବାଇକ ନଂ. ଓଡି ୧୪ ପି- ୪୮୧୩ ରେ ଘରୁ ବାହାରି କଲୁଙ୍ଗା ବଜାର ସ୍ଥିତ ଲକ୍ଷ୍ମୀପୂଜା ଦେଖିବାକୁ ଯାଉଥିଲେ। ବଲଣ୍ଡା ପାର୍ଶ୍ୱରୁ ବେଦବ୍ୟାସ ଆଡକୁ ଆସୁଥିବାବେଳେ ଏକ ଟ୍ରକ ନଂ. ଓଡି ୧୪ ଡି- ୮୩୭୦ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା। ଫଳରେ ବାପା ଓ ଝିଅ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଝିଅ ଖୁସି ପ୍ରିୟଦର୍ଶନୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବରପାଇ ସ୍ଥାନୀୟ ବାସିନ୍ଦା ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବିରେ ପ୍ରାୟ ୪ରୁ ୫ ଘଣ୍ଟା ରାସ୍ତା ଅବରୋଧ କରି ଉତ୍ତେଜନା ସୃଷ୍ଟି କରିଥିଲେ। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀ ମାନସରଞ୍ଜନ ସ୍ୱାଇଁ, ଫାଣ୍ଡି ଅଧିକାରୀ ଦୁର୍ଗାଚରଣ ଜେନା, ଏସଡିପିଓ ପଦ୍ମିନୀ ସାହୁ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇଲା ପରେ ଶାନ୍ତି ବାତାବରଣ ଫେରିଥିଲା। ରବିବାର ମର୍ଗ ହାଉସରେ ଥିବା ମୃତଦେହ ବ୍ୟବଚ୍ଛେଦ କଲାପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପରବର୍ତ୍ତୀ ଉନ୍ନୟନ କମିଶନରଙ୍କୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୨୮ା୧୦(ବ୍ୟୁରୋ)**

- ନଭେମ୍ବରରେ ଅବସର ନେବେ ଆର. ବାଲ୍‌କ୍ରିଷ୍ଣନ
- ଚର୍ଚ୍ଚାରେ ଅସିତ୍ ତ୍ରିପାଠୀ, ଗଗନ ଧଳଙ୍କ ନାମ

ବର୍ତ୍ତମାନର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର. ବାଲ୍‌କ୍ରିଷ୍ଣନ ଆସନ୍ତା ନଭେମ୍ବର ଶେଷରେ ଅବସର ନେବେ। ତେଣୁ ପରବର୍ତ୍ତୀ ଉନ୍ନୟନ କମିଶନର କିଏ ହେବେ, ତାହାକୁ ନେଇ ପାୱାର କରିଡରରେ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଭାରତୀୟ ପ୍ରଶାସନିକ ସେବାର କ୍ୟାଡର ଅନୁଯାୟୀ ଓଡ଼ିଶାରେ ଜଣେ ପ୍ରମୁଖ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେବାର ବିଧିବ୍ୟବସ୍ଥା ରହିଛି।

ଓଡ଼ିଶାରେ ଦୀର୍ଘବର୍ଷ ଧରି ରାଜ୍ୟରେ ଜଣେ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ବିଭାଗର ସଚିବ ଭାବେ ନିଯୁକ୍ତି ଦିଆଯାଉଛି। ତେଣୁ ପ୍ରଚଳିତ ପ୍ରଥା ଅନୁଯାୟୀ, ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ପାହ୍ୟାରେ ଥିବା ଅଫିସର ମଧ୍ୟରୁ ଜଣଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯିବ। ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ଥିବା ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ବାଦ୍ ଦେଇ ସଂଖ୍ୟାଧିକ ଅଫିସର ଏହି ପାହ୍ୟାରେ ଅଛନ୍ତି। ସେମାନେ ହେଉଛନ୍ତି-୧୯୮୩ ବ୍ୟାଚ୍‌ର ଆଇ. ଶ୍ରୀନିବାସ, ୧୯୮୪ ବ୍ୟାଚ୍‌ର ଡକ୍ଟର ଅରୁଣ କୁମାର ପଣ୍ଡା, ଡକ୍ଟର ସୁନୀଲ କୁମାର ଭାର୍ଗବ, ୧୯୮୫ ବ୍ୟାଚ୍‌ର ବିପିନ୍ କୁମାର ସକ୍‌ସେନା, ଉପେନ୍ଦ୍ର ପ୍ରସାଦ ସିଂ, ସୁରେନ୍ଦ୍ର ନାଥ ତ୍ରିପାଠୀ ଏବଂ ଡକ୍ଟର ଗଗନ କୁମାର ଧଳ। ସେହିପରି ୧୯୮୬ ବ୍ୟାଚ୍‌ର ଅସିତ୍ କୁମାର ତ୍ରିପାଠୀ, ଲକ୍ଷ୍ମୀ ନାରାୟଣ ଗୁପ୍ତା, ସୁରେଶ ଚନ୍ଦ୍ର ମହାପାତ୍ର, ସୁଦର୍ଶନ ପାଲ ଠାକୁର ଏବଂ ଜି.ଭି.ଭି. ଶର୍ମା। ୧୯୮୭ ବ୍ୟାଚ୍‌ର ତୁହିନକାନ୍ତ ପାଣ୍ଡେ, ନିକୁଞ୍ଜ କିଶୋର ସୁନ୍ଦରାୟ, ରାଜେଶ ବର୍ମା ଏବଂ ରାଜକୁମାର ଶର୍ମା।

ଏମାନଙ୍କ ମଧ୍ୟରୁ ଆଇ. ଶ୍ରୀନିବାସ, ଡକ୍ଟର ଅରୁଣ କୁମାର ପଣ୍ଡା, ଡକ୍ଟର ସୁନୀଲ କୁମାର ଭାର୍ଗବ, ବିପିନ୍ କୁମାର ସକ୍‌ସେନା, ଉପେନ୍ଦ୍ର ପ୍ରସାଦ ସିଂ ଏବଂ ସୁରେନ୍ଦ୍ର ନାଥ ତ୍ରିପାଠୀ ଦିଲ୍ଲୀରେ ଅବସ୍ଥାପିତ ଅଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଏବଂ ଦିଲ୍ଲୀ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଏମାନଙ୍କ ମଧ୍ୟରୁ କେହି ନିକଟ ଭବିଷ୍ୟତରେ ରାଜ୍ୟକୁ ଫେରିବାର ସମ୍ଭାବନା ନାହିଁ। ତେଣୁ ସରକାର ରାଜ୍ୟରେ କାର୍ଯ୍ୟରତ ଜଣେ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେବେ ବୋଲି ଆଲୋଚନା ହେଉଛି।

ବରିଷ୍ଠତା ଦୃଷ୍ଟିରୁ ୧୯୮୫ ବ୍ୟାଚ୍‌ର ଅଧିକାରୀ ଡକ୍ଟର ଗଗନ କୁମାର ଧଳଙ୍କ ନାମ ପ୍ରଥମେ ଆସୁଛି। ହେଲେ ସେ କୃଷି ଉନ୍ନୟନ କମିଶନର ଭାବେ ବର୍ତ୍ତମାନ ଅବସ୍ଥାପିତ। ଏହା ବାଦ୍ ତାଙ୍କୁ ଅନ୍ୟ ୫ଟି ବିଭାଗର ଦାୟିତ୍ୱ ଦିଆଯାଇଛି। ତେଣୁ ତାଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ସମ୍ଭାବନା ଅପେକ୍ଷାକୃତ କମ୍। ତାଙ୍କୁ ବାଦ୍ ଦେଲେ ୧୯୮୬ ବ୍ୟାଚ୍‌ର ଅଧିକାରୀଙ୍କ ମଧ୍ୟରୁ ଜଣେ ଉନ୍ନୟନ କମିଶନର ହେବା ସମ୍ଭାବନା ଅଧିକ। ସେହି ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନର ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସାଧାରଣ ନିର୍ବାଚନ ନିକଟତର ହେଲାଣି। ନିର୍ବାଚନ ପାଖାପାଖିରେ ରାଜ୍ୟ ସରକାର ପ୍ରଶାସନିକ ଅଦଳବଦଳ କରିବାକୁ ମନ ବଳାଇବେ ନାହିଁ। ତେଣୁ ନଭେମ୍ବର ମାସରେ ରାଜ୍ୟରେ କାର୍ଯ୍ୟରତ ବରିଷ୍ଠ ପ୍ରଶାସନକୁ ଅଦଳବଦଳ ସମ୍ଭାବନା ଯଥେଷ୍ଟ ରହିଥିବା ଆଲୋଚନା ହେଉଛି।


ଧରିତ୍ରୀ DHARITRI
Quiz No. 15
Puja Quiz- 2018

Main Sponsor: TVS
Co-Sponsors: CENTRAL, Nikon

☑ Tick mark the box which is correct

୧. ଭାରତର ନାଟ୍ୟଶାସ୍ତ୍ରର ଲେଖକ କିଏ ?
କ. ଅଭିନବ ଗୁପ୍ତ ☐ ଖ. ଭରତ ମୁନି ☐ ଗ. ତୁଣ୍ଡ ମୁନି ☐ ଘ. କେଉଁଟି ନୁହେଁ ☐

୨. ଦାଣ୍ଡିଆ ନୃତ୍ୟ କେଉଁ ରାଜ୍ୟରେ ପ୍ରସିଦ୍ଧ ?
କ. ଗୁଜରାଟ ☐ ଖ. ପଞ୍ଜାବ ☐ ଗ. ମଧ୍ୟପ୍ରଦେଶ ☐ ଘ. କେଉଁଟି ନୁହେଁ ☐

୩. କଥାକଳି ନୃତ୍ୟ କେଉଁ ରାଜ୍ୟରେ ପ୍ରସିଦ୍ଧ ?
କ. କର୍ଣାଟକ ☐ ଖ. କେରଳ ☐ ଗ. ଗୁଜରାଟ ☐ ଘ. କେଉଁଟି ନୁହେଁ ☐

୪. ୨୦୧୧ ଜନଗଣନା ଅନୁଯାୟୀ କେଉଁ ରାଜ୍ୟ ସାକ୍ଷରତା ହାରରେ କମ୍ ବୋଲି ଜଣାପଡ଼ିଛି ?
କ. ଉତ୍ତରପ୍ରଦେଶ ☐ ଖ. ବିହାର ☐ ଗ. ମିଜୋରାମ ☐ ଘ. କେଉଁଟି ନୁହେଁ ☐

୫. କେଉଁ ସିନେମା ଅଭିନେତ୍ରୀ ପ୍ରଥମେ ରାଜ୍ୟ ସଭାକୁ ମନୋନୀତ ହୋଇଥିଲେ ?
କ. ନର୍ଗିସ୍ ଦତ୍ତ ☐ ଖ. ସବାନା ଆଜ୍‌ମୀ ☐ ଗ. ମଧୁବାଳା ☐ ଘ. କେଉଁଟି ନୁହେଁ ☐

Participant's Name:....................
Address:....................
....................
Education ....................
Mobile....................Age:..........
E-mail:....................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 15
B-15, Industrial Estate, Rasulgarh, Bhubaneswar-10





ବିଫଳତା ହେଉଛି ସଫଳତାର ପ୍ରଥମ ପାହାଚ। ମୁଁ ସବୁବେଳେ ବିଫଳତାରୁ ଶିକ୍ଷାଲାଭ କରେ।
-ସାକିବ ସଲିମ୍, ବଲିଉଡ୍ ଅଭିନେତା

# ଇଣ୍ଡୋନେସିଆରେ ‘ଲିଟିଲ୍ ଇଣ୍ଡିଆ ଗେଟ୍’

**ସିଙ୍ଗାପୁର:** ଇଣ୍ଡୋନେସିଆର ମେଦାନ୍ ନଗରୀରେ ରବିବାର ‘ଲିଟିଲ୍ ଇଣ୍ଡିଆ ଗେଟ୍’ ଉଦ୍‌ଘାଟିତ ହୋଇଛି। ମେଦାନ୍ ନଗରୀକୁ ଭାରତୀୟ ଲୋକଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ପ୍ରଥମ କରି ଏଭଳି ଏକ ଢାଞ୍ଚା ନିର୍ମାଣ କରାଯାଇଛି। ଇଣ୍ଡୋନେସିଆର ଚତୁର୍ଥ ବୃହତ୍ତମ ନଗରୀ ମେଦାନ୍‌ଠାରେ ଉକ୍ତ ତୋରଣ ଭାରତର ରାଷ୍ଟ୍ରଦୂତ ପ୍ରଦୀପ କୁମାର ରାଓ୍ୱତ ଏବଂ ମେଦାନ୍ ନଗରୀ ମେୟର ଏଚ.ଟି. ଜୁଲ୍‌ମି ଏଲଡିନ୍‌ଙ୍କ ଦ୍ୱାରା ମିଳିତ ଭାବରେ ଉଦ୍‌ଘାଟିତ ହୋଇଥିଲା। ଏହି ଐତିହାସିକ ମୁହୂର୍ତ୍ତରେ ପାଖାପାଖି ୭,୦୦୦ ଲୋକ ଉପସ୍ଥିତ ରହିଥିଲେ ବୋଲି ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି।



‘ବସୁଧୈବ କୁଟୁମ୍ବକମ୍’ ବା ‘ସମଗ୍ର ପୃଥିବୀ ଏକ ପରିବାର’ରେ ବିଶ୍ୱାସ କରୁଥିବା ଭାରତର ଏହା ବାସ୍ତବ ଉପସ୍ଥାପନ ବୋଲି ରାଷ୍ଟ୍ରଦୂତ ରାଓ୍ୱତ୍ ପ୍ରକାଶ କରିଛନ୍ତି। ବିଶେଷକରି ଭାରତୀୟ ପର୍ଯ୍ୟଟକଙ୍କ ନିମନ୍ତେ ‘ଲିଟିଲ୍ ଇଣ୍ଡିଆ ଗେଟ୍’ର ପ୍ରଚାର ପ୍ରସାର ଦିଗରେ ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସ ଏବଂ ମେଦାନ ସ୍ଥିତ ଭାରତୀୟ କନସୁଲେଟ୍ ସହାୟତା କରିବ ବୋଲି ରାଓ୍ୱତ୍ ମେୟରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଲିଟିଲ୍ ଇଣ୍ଡିଆ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ ବ୍ୟବସାୟିକ ସମ୍ପର୍କରେ ଏକ ସେତୁ ଭଳି କାର୍ଯ୍ୟ କରିବ ବୋଲି ସେ କହିଥିଲେ। ମେଦାନ ନଗରୀରେ ଏହି ନୂତନ ଢାଞ୍ଚାକୁ ଏକ ଉଲ୍ଲେଖନୀୟ ପର୍ଯ୍ୟଟନସ୍ଥଳରେ ପରିଣତ କରାଯିବ। ଇଣ୍ଡୋନେସିଆରେ ପ୍ରଥମକରି ସ୍ଥାପିତ ଏଭଳି ତୋରଣ ଭାରତୀୟ ସମାଜର ଅବଦାନର ସ୍ୱୀକୃତି ବହନ କରୁଛି ବୋଲି ମେୟର ଜୁଲ୍‌ମି ପ୍ରକାଶ କରିଥିଲେ।

# ବ୍ରୋଞ୍ଜ୍ ଯୁଗର ସନ୍ଧାନ ମିଳିଲା

**ବେଜିଂ:** ଚାଇନାର ଜିଲିନ୍ ପ୍ରଦେଶରେ ବ୍ରୋଞ୍ଜ୍ ଯୁଗର ସନ୍ଧାନ ମିଳିଛି। ଏକ ପ୍ରତ୍ନତାତ୍ତ୍ୱିକ ଦଳ ସେଠାରୁ ପ୍ରାଚୀନ ଗୃହର ଧ୍ୱଂସାବଶେଷ, ପ୍ରାଣୀଙ୍କ ଅସ୍ଥି, ବ୍ରୋଞ୍ଜ୍ ଏବଂ ପଥର ସାମଗ୍ରୀ ପାଇଥିବା ଘୋଷଣା କରିବା ପରେ ଏ କଥା ସ୍ପଷ୍ଟ ହୋଇଯାଇଛି। ଜିଲିନ୍ ୟୁନିଭର୍ସିଟିର ଆର୍କିଓଲୋଜିକାଲ୍ ସ୍କୁଲ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହିସବୁ ସାମଗ୍ରୀ ଶୁଆନଗ୍ଲିଆଓ ସହର ନିକଟବର୍ତ୍ତୀ ଏକ ବାଲିକୁଦ ଉତ୍‌ଖନନ ଫଳରେ ଆବିଷ୍କାର କରାଯାଇଛି। ପ୍ରତ୍ନତାତ୍ତ୍ୱିକ ଦଳର ନେତୃତ୍ୱ ନେଇଥିବା ଫାଙ୍ଗ୍ କ୍ୱି କହନ୍ତି, ଏହି ସ୍ଥାନରୁ ପ୍ରଚୁର ପରିମାଣର ବାସନକୁସନ, ପ୍ରାଣୀଙ୍କ ଅସ୍ଥି, ମାଛକଣ୍ଟା ଏବଂ ଜଳଚର ପ୍ରାଣୀଙ୍କ ଖୋଳପା ମିଳିଥିବାରୁ ଏହା ଏକ ମାଛଧରା ସ୍ଥାନ ଥିଲା ଏବଂ ପ୍ରାଚୀନକାଳରେ ଲୋକମାନେ ଏଠାରେ ବାସ କରୁଥିଲେ ବୋଲି ଅନୁମାନ କରାଯାଉଛି। ଚାଇନା, ଫ୍ରାନ୍ସ ଏବଂ ଆମେରିକାର ଗବେଷକମାନେ ଉତ୍‌ଖନନ କାର୍ଯ୍ୟରେ ସାମିଲ ହୋଇଥିଲେ। ଉତ୍‌ଖନନ ସମ୍ପୂର୍ଣ୍ଣ ହେବାପରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ୨୦ଟି କାର୍ବନ ସାମ୍ପୁଲ୍ ଅକ୍ସଫୋର୍ଡ ୟୁନିଭର୍ସିଟିକୁ ପଠାଇବେ। ଏହି ଆବିଷ୍କାର ପ୍ରାଚୀନ ଲୋକଙ୍କ ଚଳଣି ଓ କାର୍ଯ୍ୟ ଉପରେ ଆଲୋକପାତ କରିବା ସହିତ ଉକ୍ତ ଅଞ୍ଚଳର ପ୍ରାଚୀନ ଜୀବନଯାପନ ସମ୍ବନ୍ଧରେ ସୂଚନା ଦେଇପାରିବ।



# ସବୁବେଳେ ଅନୁସନ୍ଧାନ ପ୍ରୟାସୀ




**ମୁମ୍ବାଇ:** ପିଲାଦିନେ ପାଠ ପଢ଼ିବା ସମୟରେ ଅଭିନୟ କରିବାକୁ ଇଚ୍ଛା ଥିଲା। ତେବେ ଜୀବନରେ କିଛି ନୂଆ କରି ଦେଖାଇବାର ପ୍ରୟାସ ସବୁବେଳେ ରଖିଥାନ୍ତି ବୋଲି ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି। ସେ ‘ବେବି’, ‘ପିଙ୍କ୍’ ଏବଂ ‘ମୁଲକ୍’ ଭଳି ଫିଲ୍ମରେ ଅଭିନୟ କରିଛନ୍ତି। ଏଣ୍ଟରଟେନମେଣ୍ଟ-ଭିତ୍ତିକ ଅଡିଓ ଶୋ ‘ଟେକ୍ ଟୁ ୱିଥ୍ ଅନୁପମା ଆଣ୍ଡ ରାଜୀବ’ରେ ସେ ତାଙ୍କ ଜୀବନ ଏବଂ କ୍ୟାରିୟର ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ତାଙ୍କ ଅଭିନୀତ ତେଲୁଗୁ ଫିଲ୍ମ ହିଟ୍ ହୋଇଥିବା ବେଳେ ତାମିଲ ଫିଲ୍ମ ‘ଆଡୁକଲମ୍’ ମଧ୍ୟ ଜାତୀୟ ପୁରସ୍କାର ଲାଭ କରିଛି। ତେବେ ତାଙ୍କୁ ଭାଗ୍ୟ ସାଥ୍ ଦେଇଥିବା ଜାଣିବା ପରେ ସେ ଆଉ ଅଭିନୟରୁ ମୁହଁ ଫେରାଇ ନାହାନ୍ତି। ଦିଲ୍ଲୀରେ ପଢ଼ିଥିଲେ ଓ ବଢ଼ିଥିଲେ ବି ତାମିଲ ଓ ତେଲୁଗୁ ଭାଷା ପ୍ରତି କିପରି ଆକୃଷ୍ଟ ହେଲେ ପ୍ରଶ୍ନରେ ସେ କହନ୍ତି, ମୁଁ ଜୀବନରେ କିଛି ଦୁଃସାହସିକ କାର୍ଯ୍ୟ କରିବାକୁ ପ୍ରୟାସ କରେ। ତେଣୁ ଆଶା କରାଯାଉ ନ ଥିବା କିଛି କାର୍ଯ୍ୟ କଲେ ଖୁସି ଲାଗେ। ଯେଉଁ ସ୍ଥାନକୁ କେହି ଯାଇନାହାନ୍ତି ସେ ସ୍ଥାନକୁ ଯିବାକୁ ମଧ୍ୟ ଇଚ୍ଛାକରେ। ବିଶିଷ୍ଟ ନିର୍ଦ୍ଦେଶକ ମଣିରତ୍ନମ୍‌ଙ୍କ ଫିଲ୍ମରେ ଅଭିନୟ କରିବାକୁ ସେ ଆଶାୟୀ।

## ଇତିହାସର ଆଇନାରେ

### ଅକ୍ଟୋବର ୨୯ର ପ୍ରମୁଖ ଘଟଣା

୧୮୬୩ ଅକ୍ଟୋବର ୨୯ରେ ସ୍ୱିଜରଲାଣ୍ଡର ଜେନେଭାରେ ୧୮ଟି ଦେଶ ଏକାଠି ହୋଇ ଅନ୍ତର୍ଜାତୀୟ ରେଡ୍‌କ୍ରସ୍ ଗଠନ କରିବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ରେଡ୍‌କ୍ରସ ଅନ୍ତର୍ଜାତୀୟ କମିଟି(ଆଇସିଆରସି) ହେଉଛି ଏକ ମାନବବାଦୀ ସଙ୍ଗଠନ। ଏହାର ଲକ୍ଷ୍ୟ ଲୋକଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା।

୨୦୦୫ ଅକ୍ଟୋବର ୨୯ରେ ଭାରତର ରାଜଧାନୀ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ଏଥିରେ ୬୦ଜଣ ନିହତ ହୋଇଥିବା ବେଳେ ୨୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଦୀପାବଳିର ଦୁଇଦିନ ପୂର୍ବରୁ ଦିଲ୍ଲୀର ଭିନ୍ନ ଭିନ୍ନ ୩ଟି ସ୍ଥାନରେ ବିସ୍ଫୋରଣ ହୋଇଥିଲା। ଘଟଣା ପଛରେ କଶ୍ମୀର ବିଚ୍ଛିନ୍ନତାବାଦୀ/ଇସଲାମିକ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବାର ହାତଥିବା ନେଇ ତଦନ୍ତକାରୀ ଏଜେନ୍ସି ସୂଚନା ଦେଇଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୧୯.୦ |
| ଚାନ୍ଦବାଲି | ୨୯.୫ | ୨୧.୪ |
| କଟକ | ୨୪.୮ | ୧୯.୦ |
| ପାରାଦ୍ୱୀପ | ୨୯.୫ | ୨୨.୪ |
| ଭୁବନେଶ୍ୱର | ୨୪.୮ | ୧୯.୦ |
| ଗୋପାଳପୁର | ୨୬.୯ | ୨୦.୪ |
| ପୁରୀ | ୨୭.୬ | ୨୨.୪ |
| ଅନୁଗୋଳ | ୩୦.୧ | ୧୫.୦ |
| ବାରିପଦା | --- | ୧୮.୮ |
| ଝାରସୁଗୁଡ଼ା | ୩୨.୦ | ୧୭.୦ |
| କେନ୍ଦୁଝର | ୨୮.୦ | ୧୪.୯ |
| ସମ୍ବଲପୁର | ୩୨.୨ | ୧୭.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୨.୬ | ୧୮.୬ |
| ତାଳଚେର | ୩୩.୪ | ୧୮.୩ |
| ଭବାନୀପାଟଣା | --- | ୧୫.୦ |
| ବଲାଙ୍ଗୀର | ୩୩.୦ | ୧୭.୫ |
| କୋରାପୁଟ | ୨୯.୦ | ୧୧.୬ |
| ଫୁଲବାଣୀ | ୨୬.୪ | ୧୦.୨ |
| ଟିଟିଲାଗଡ଼ | ୩୧.୦ | ୧୫.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୧.୮ | ୧୬.୦ |
| ଦାରିଙ୍ଗିବାଡ଼ି | ୨୮.୨ | ୧୩.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍


DSPL-227





ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ ଆଦେଶ ଦେବାର ଅଧିକାରୀ ହୋଇଥାଏ।
- ସେଣ୍ଟ୍ ଜନ୍ ପଲ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ୨୦୧୮ ଉପଲକ୍ଷେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଉଦ୍‌ଘାଟନ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା।
- ବାଲିଯାତ୍ରାର ଖ୍ୟାତି ସମ୍ପର୍କିତ ସ୍ୱତନ୍ତ୍ର ଆଲୋଚନା, ମେଫେୟାର୍ ଲାଗୁନ୍, ମଧ୍ୟାହ୍ନ ୧୨ଟା।
- ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଗଜଲକ୍ଷ୍ମୀ ପୂଜା ଉତ୍ସବ, ୬୦, ଖାରବେଳ ନଗର, ୟୁନିଟ୍-୩, ଅପରାହ୍ନ ୫ଟା ୩୦।
- ଗଜଲକ୍ଷ୍ମୀ ପୂଜା କମିଟି, କପିଳପ୍ରସାଦ ପକ୍ଷରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ନାଟକ 'କାଲିର ବନ୍ଧନ କଳାଚନ୍ଦନ' ପରିବେଷଣ, ସୁନ୍ଦରପଦା, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ୩୮ତମ ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୟୁନିଟ୍-୯, ଫ୍ରେଣ୍ଡ୍ସ କ୍ଲବ ପଡ଼ିଆ, ରୋଡ୍ ନଂ. ୬, ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳନଗର, ସନ୍ଧ୍ୟା ୬ଟା।
- ୨୬ତମ ନୃତ୍ୟାଞ୍ଜଳି ମହୋତ୍ସବ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।
- ଶହୀଦନଗର ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ୧୮ତମ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଶହୀଦନଗରସ୍ଥିତ ପୂଜାମଣ୍ଡପ ନିକଟ, ସନ୍ଧ୍ୟା ୬ଟା ୩୦।

**କଟକ**

- କଟକ ମହାନଗର ନିଗମ ପକ୍ଷରୁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ନିରାକରଣ ଦିବସ ପାଳନ, ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ, ଚୌଧୁରୀବଜାର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ନିମନ୍ତେ ବୈଠକ, ଜିଲା ରେଡ୍‌କ୍ରସ ଭବନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ଟାଙ୍ଗୀ ବ୍ଲକ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- କଟକ ମହାନଗର ଶାନ୍ତି କମିଟିର କାଳୀପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭା, ମାରୱାଡ଼ି କ୍ଲବ, ନୟାସଡ଼କ, ସନ୍ଧ୍ୟା ୬ଟା ୩୦।

**ବାଲିପାଟଣା**

- ବାଲିପାଟଣା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସକାଳ ୮ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ନିଆଳି,୨୮।୧୦(ଡି.ଏନ୍.ଏ.): ପ୍ରାଚୀ ନଦୀରେ ବୁଡ଼ି ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିଆଳି ଥାନା ଅଧୀନ ଜଲ୍ଲାରପୁର ପଞ୍ଚାୟତର ଟୋଲାଗୋପିନାଥପୁର ଗ୍ରାମର ମନୋରମା ସାହୁ(୪୮)। ସୂଚନା ଅନୁଯାୟୀ, ନଦୀକୁ ପୂର୍ବାହ୍ନ ପ୍ରାୟ ୧୧ଟା ରେ ମନୋରମା ଗାଧୋଇବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାଲୋକେ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ଗାଧୁଆ ତୁଠ ଠାରୁ କିଛି ଦୂରରେ ନଦୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ନିଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇଥିବା ଜଣାପଡିଛି।

### ଶ୍ରୀମନ୍ଦିରରେ ଅସମ୍ଭାଳ ଭିଡ଼

# ମହାପ୍ରଭୁଙ୍କ ଦର୍ଶନ ପାଇଁ ଅଣନିଃଶ୍ୱାସୀ ହବିଷିଆଳି

**ପୁରୀ ଅଫିସ, ୨୮।୧୦**

- ସାତପାହାଚ, ଭିତର କାଠ ନିକଟରେ ଠେଲାପେଲା
- ଦର୍ଶନ କରି ନ ପାରି ଫେରିଲେ ବହୁ ହବିଷିଆଳି
- ସ୍ୱତନ୍ତ୍ର ଦର୍ଶନ ସୁବିଧା କରିବାକୁ ଗୁହାରି



କାର୍ତ୍ତିକ ମାସ ସାଙ୍ଗକୁ ଛୁଟିଦିନ। ରବିବାର ଶ୍ରୀମନ୍ଦିରରେ ଦେଖିବାକୁ ମିଳିଥିଲା ଅସମ୍ଭାଳ ଭିଡ଼। କେତେକ ସ୍ଥାନରେ ଠେଲାପେଲା ଓ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ଭିତରେ ଅଣନିଃଶ୍ୱାସୀ ହୋଇପଡୁଥିଲେ ଭକ୍ତ ଓ ହବିଷିଆଳି। ପରିଣତ ବୟସର ଏହି ହବିଷିଆଳିମାନେ ଠାକୁରଙ୍କୁ ଦର୍ଶନ କରିବା ଏକପ୍ରକାର ଅସମ୍ଭବ ହୋଇପଡିଥିଲା। ଠେଲାପେଲା ଓ ଭିଡ଼କୁ ଡରି ଅନେକ ବ୍ରତଧାରୀ ମହାପ୍ରଭୁଙ୍କୁ ଦର୍ଶନ କରି ନ ପାରି ଅସନ୍ତୋଷରେ ଫେରି ଆସିଥିଲେ।

ଦ୍ୱାର ଖୋଲାଯିବା ପୂର୍ବରୁ ବ୍ୟାରିକେଡ୍‌ରୁ ଭକ୍ତ ଏବଂ ହବିଷିଆଳିଙ୍କ ଧାଡ଼ି ବହୁ ଦୂରକୁ ଲମ୍ବିଥିଲା। ଦ୍ୱାର ଫିଟିବା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ ଲାଗି ସମସ୍ତେ ଭିତରକୁ ପଶିଥିଲେ। ଫଳରେ ସାତପାହଚ ନିକଟରେ ଦଳାଚକଟା ସ୍ଥିତି ଉପୁଜିଥିଲା। ଭିତରେ ବି ସୃଷ୍ଟି ହୋଇଥିଲା ପ୍ରବଳ ଗହଳି। ନିୟନ୍ତ୍ରଣ ପାଇଁ ମୁତୟନ ଥିବା ପୋଲିସ କର୍ମଚାରୀ ବି ଅସହାୟ ହୋଇପଡିଥିବା ଦେଖିବାକୁ ମିଳିଥିଲା।

ନିମାପଡ଼ା ଦିଘାଳୋରୁ ଆସିଥିବା ହବିଷିଆଳି ପ୍ରତିଭା ସ୍ୱାଇଁ କହିଛନ୍ତି, ରହିବା ଓ ଖାଇବା ଆମ ପାଇଁ ବଡ଼ କଥା ନୁହେଁ। କାଳିଆ ଠାକୁରଙ୍କୁ ଟିକେ ଆଖିପୂରେଇ ଦର୍ଶନ କରିଦେଲେ ତାହା ଆମ ପାଇଁ ଯଥେଷ୍ଟ। ଘରେ ରହି ବି ହବିଷ କରିପାରିଥାନ୍ତୁ। ହେଲେ କାର୍ତ୍ତିକ ମାସରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଏଠାକୁ ଧାଇଁ ଆସିଛୁ। କିନ୍ତୁ ଦୁଃଖ ଲାଗୁଛି ଭଲ ଭାବେ ଦର୍ଶନ କରିପାରୁ ନାହୁଁ। ଶ୍ରୀମନ୍ଦିରରେ ଭିଡ଼ ଭିତରେ ଅଣଃନିଶ୍ୱାସୀ ହୋଇପଡିଲି। ଠେଲାପେଲା ବି ହେଉଥିଲା। ମୁଁ ବୁଢୀ ଲୋକ। ତେଣୁ ଦର୍ଶନ କରି ନ ପାରି ପଳାଇ ଆସିଲି ବୋଲି ସେ କହିଛନ୍ତି। ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଥିବା ପ୍ରତିଭାଙ୍କ ସମେତ ସମାନ ଦୁଃଖ ବଖାଣିଛନ୍ତି ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ବ୍ଲକ ଆଙ୍କୁଲିକଣାର ପୂଜାଲକ୍ଷ୍ମୀ ଧଳ। ସେ କହିଛନ୍ତି, କେବଳ ମହାପ୍ରଭୁଙ୍କୁ ଟିକେ ଦର୍ଶନ କରିବୁ ବୋଲି ଏତେବାଟରୁ ଆସି ରହିଛୁ। ହେଲେ ସକାଳୁ ଏତେ ଗହଳି ହେଉଛି ଯେ, ଦର୍ଶନ କରି ହେଉନାହିଁ। ଶୁକ୍ରବାର ଏମିତି ଠେଲାପେଲାରେ ମୋ ଗୋଡ଼ କାନ୍ଥରେ ବାଡେଇ ହୋଇଯିବାରୁ ଡାହାଣ ଆଣ୍ଠୁ ପାଖରେ ଖଣ୍ଡିଆ ହୋଇଯାଇଛି। ଏଥିରେ ମନ ଦୁଃଖ ନାହିଁ। କାଳିଆ ଠାକୁରର ଯାହା ଇଚ୍ଛା। ପ୍ରଶାସନ ଯଦି ଆମ ପାଇଁ କିଛି ନିର୍ଦ୍ଦିଷ୍ଟ ସମୟ ସ୍ୱତନ୍ତ୍ର ଦର୍ଶନ ସୁବିଧା କରନ୍ତା ମହାପ୍ରଭୁ ମଙ୍ଗଳ କରନ୍ତେ ବୋଲି ଭାବ ବିହ୍ୱଳ ହୋଇ କହିଥିଲେ ପୂଜାଲକ୍ଷ୍ମୀ।

### ତିନି ଦ୍ୱାରରେ ହବିଷିଆଳିଙ୍କୁ ଛଡ଼ାଗଲା ନାହିଁ

ହବିଷିଆଳି ଚାରି ଦ୍ୱାର ଦେଇ ଯିବାଆସିବା କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। କିନ୍ତୁ ରବିବାର ଏଥିରେ ବ୍ୟତିକ୍ରମ ଘଟିଥିବା ଅଭିଯୋଗ ହୋଇଛି। ସିଂହଦ୍ୱାର ଛଡା ଅନ୍ୟ ତିନିଦ୍ୱାର ଦେଇ ହବିଷିଆଳିଙ୍କୁ ଛଡା ଯାଇ ନ ଥିବା କେତେଜଣ କହିଛନ୍ତି। ପରିଚୟପତ୍ର ଦେଖାଇଥିଲେ ବି ମୁତୟନ ପୋଲିସ କର୍ମଚାରୀ କିଛି ଶୁଣି ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

### ମାଙ୍କଡ଼ କାମୁଡ଼ାରେ ହବିଷିଆଳି ଆହତ

ରବିବାର ସକାଳେ ଶ୍ରୀମନ୍ଦିର ପରିସରରେ ଜଣେ ହବିଷିଆଳି ମାଙ୍କଡ଼ କାମୁଡାରେ ଆହତ ହୋଇଛନ୍ତି। ସେ ହେଲେ ଜଗନ୍ନାଥ ବଲ୍ଲଭ ପରିସର ଆଶ୍ରୟସ୍ଥଳରେ ରହୁଥିବା ଗଞ୍ଜାମ ଜିଲା ଖଲ୍ଲିକୋଟ ପଥରା ଜଳାସାହିର ସୁବର୍ଣ୍ଣ ବେହେରା (୫୮)। ଠାକୁରଙ୍କ ଦର୍ଶନ ସାରି ଉତ୍ତର ଦ୍ୱାର ନିକଟରେ ପାଣି ପିଉଥିବାବେଳେ ପଛପଟୁ ଏକ ମାଙ୍କଡ଼ ଆସି ତାଙ୍କ ବାମଗୋଡ଼କୁ କାମୁଡି ଦେଇଥିଲା। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ପୁଣି ଆଶ୍ରୟସ୍ଥଳକୁ ଫେରିଥିଲେ।

## କେନ୍ଦ୍ରରେ ଦଳତନ୍ତ୍ର, ରାଜ୍ୟରେ ଜଣତନ୍ତ୍ର: ଦାମ




ଆଲୋଚନା ସଭାରେ ଉପସ୍ଥିତ ବିଧାୟକ ଡା. ଦାମୋଦର ରାଉତ ଓ ଅନ୍ୟମାନେ।

**ବାଲିପାଟଣା,୨୮।୧୦(ଡି.ଏନ୍.ଏ.)**

ବାଲିପାଟଣାସ୍ଥିତ ମେଳଣ ପଡିଆରେ ରବିବାର ଅନୁଷ୍ଠିତ ହୋଇଥିଲା 'ଦୁର୍ନୀତି ଏବଂ ଭ୍ରଷ୍ଟାଚାର ଶାସନ ବିରୋଧରେ ସୂଚନା ଅଧିକାର ଆଇନର ଭୂମିକା' ଶୀର୍ଷକ ଆଲୋଚନା ସଭା। ଏଥିରେ ବିଜେଡିରୁ ବହିଷ୍କୃତ ବରିଷ୍ଠ ନେତା ତଥା ବିଧାୟକ ଡା. ଦାମୋଦର ରାଉତ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି ଯେ, ୧୯୫୦ରୁ ଭାରତରେ ଗଣତନ୍ତ୍ର ଶାସନ ଆରମ୍ଭ ହୋଇଥିଲା। କିନ୍ତୁ ଏବେ କେନ୍ଦ୍ରରେ ଦଳ ତନ୍ତ୍ର ଓ ଓଡ଼ିଶାରେ ଜଣ ତନ୍ତ୍ର ଶାସନ ଚାଲିଛି। ଦୁର୍ନୀତି ଏବଂ ଭ୍ରଷ୍ଟାଚାରର ଏହି ଶାସନରେ ମୋ ପରି ସ୍ୱଷ୍ଟବାଦୀ ମଣିଷର ସ୍ଥାନ ନାହିଁ। ମୁଁ ସତ କହିବାରୁ ମୋତେ ମନ୍ତ୍ରୀ ପଦରୁ ବିଦା କରାଗଲା। ସ୍ୱର୍ଗତ ବିଜୁ ପଟ୍ଟନାୟକ ଆଦିବାସୀ ଅଞ୍ଚଳରୁ ମଦ ଭାଟି ଉଠାଇଥିଲେ। କିନ୍ତୁ ବିଜୁ ବାବୁଙ୍କ ପୁଅ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ଗ୍ରାମରେ ମଦ ଦୋକାନ ଖୋଲିଲେ। ମନ୍ତ୍ରୀମାନେ କେବଳ ପାଣ୍ଡିଆନଙ୍କ କଥାରେ ଦସ୍ତଖତ କରିଥାନ୍ତି ବୋଲି ଡା. ରାଉତ କହିଛନ୍ତି। ଗଛ କିଣାରେ ୫୯ କୋଟି ଟଙ୍କା ଦୁର୍ନୀତି ହୋଇଥିବା ମଧ୍ୟ ସେ କହିଛନ୍ତି।

ରାଜ୍ୟ ଦୁର୍ନୀତି ସଂଘର୍ଷ ମଞ୍ଚ ଓ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଏହି ସଭା ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ବରିଷ୍ଠ ସାମ୍ବାଦିକ ରବି ଦାସ, ଆଇନଜୀବୀ ସୁଧୀର ମହାନ୍ତି, ଚିତ୍ତରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଅଭିଯାନର ଜିଲା ଆବାହକ ସନ୍ତୋଷ କୁମାର କୁଣ୍ଡ ସଭା ପରିଚାଳନା କରିଥିଲେ।

## ସାଇକ୍ଲୋଥନରେ ସଚେତନତାର ବାର୍ତ୍ତା

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ସ୍ମାର୍ଟସିଟିରେ ସ୍ଥାନିତ ହୋଇଛି ଭୁବନେଶ୍ୱର। କିନ୍ତୁ ଘରୋଇକରଣ, ଜଗତୀକରଣ ଓ ଉଦାରୀକରଣ ବ୍ୟବସ୍ଥାରେ ହଜିଯାଉଛି ସହରର ବିକାଶର ଧାରା। ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା, ପରିବେଶ ଓ ଗମନାଗମନ ତଥା କର୍ମ ସଂସ୍ଥାନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ୭୪ତମ ସମ୍ବିଧାନ ସଂଶୋଧନ ଆଧାରରେ ସହରରେ ସର୍ବନିମ୍ନ ମୌଳିକ ସୁବିଧା, ମାନବ ସମ୍ବଳର ସ୍ଥିରତା, ଗୁଣାତ୍ମକ ଜୀବନଧାରଣ ମାନ, ଶିଶୁ ଓ ମହିଳାଙ୍କ ସୁରକ୍ଷା, ପରିବେଶର ସୁରକ୍ଷା, ପ୍ଲାଷ୍ଟିକ ତଥା ପଲିଥିନମୁକ୍ତ ସହର, ଶ୍ରମିକଙ୍କ ଅଧିକାର ଓ ସାମାଜିକ ନିରାପତ୍ତା ଏବଂ ବାସହରାଙ୍କ ପାଇଁ ସ୍ୱତନ୍ତ୍ର ସୁବିଧାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ଆକ୍ସନଏଡ୍ ଓ ସିସିଡବ୍ଲ୍ୟୁଡିର ମିଳିତ ଆନୁକୂଲ୍ୟରେ ସହରର ବାସିନ୍ଦାମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ରବିବାର ଏକ ସାଇକ୍ଲୋଥନ୍ ଆୟୋଜିତ ହୋଇଥିଲା। ଶୈଳଶ୍ରୀ ବିହାର ଛକଠାରୁ ରେଡ୍‌କ୍ରସ ଛକ ପର୍ଯ୍ୟନ୍ତ ୧୦୦ରୁ ଅଧିକ ସାଇକେଲ ଆରୋହୀ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଅତିଥିଭାବେ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଓ ମୋନାଲିସା ସାହୁ, ଆକ୍ସନଏଡ୍‌ର ପ୍ରୋଗ୍ରାମ୍ ମ୍ୟାନେଜର ଘାସିରାମ ପଣ୍ଡା, ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସହରର ଜନସଂଖ୍ୟା ସହ ବଢ଼ିଚାଲିଛି ଯାତାୟାତ ସମସ୍ୟା। ଅଫିସ୍ ଟାଇମ୍ ଓ ଘରକୁ ଫେରିବା ସମୟରେ ସମସ୍ତେ ଅନୁଭବ କରିପାରୁଥିବେ ଯେ, ସାଇକେଲ ଟ୍ରାକ୍‌ର ଆବଶ୍ୟକତା କେତେ ମାତ୍ରାରେ ରହିଛି। କିନ୍ତୁ ଆଜିକାଲି ସାଇକେଲ କଥା କହିଲେ ସମସ୍ତେ ମୁହଁ ମୋଡୁଛନ୍ତି। ସହରର ବିକାଶ ପ୍ରକ୍ରିୟାରେ ଜନସାଧାରଣଙ୍କ ଦାୟିତ୍ୱ ତଥା ଜନସାଧାରଣଙ୍କ ମତାମତକୁ ନେଇ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ହାତକୁ ନେବାକୁ ପଡ଼ିବ। ଜନସାଧାରଣଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ତୃଣମୂଳ ସ୍ତରରେ ବ୍ୟାପକ ଖସଡା ପ୍ରସ୍ତୁତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଦୃଢ଼ ମାନସିକତାର ଆବଶ୍ୟକତା ରହିଛି। ସମସ୍ତଙ୍କ ପାଇଁ ସୁରକ୍ଷିତ ସହର ଗଢ଼ି ତୋଳିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।





ରବିବାର ସନ୍ଧ୍ୟାରେ ବିନ୍ଦୁସାଗରରେ ମ୍ୟୁଜିକାଲ ଫାଉଣ୍ଟେନ ଟ୍ରାଏଲ ଅବସରରେ ଶିବ ଏବଂ 'ଓଁ'ର ପ୍ରତିଛବି।

### ବିନ୍ଦୁସାଗରରେ ମ୍ୟୁଜିକାଲ ଫାଉଣ୍ଟେନ ଟ୍ରାଏଲ

# ଓଁ ନମଃ ଶିବାୟ, ଶିବ ପଞ୍ଚାକ୍ଷରରୁ କାର୍ଯ୍ୟକ୍ରମ ଆରମ୍ଭ

**ପୁରୁଣା ଭୁବନେଶ୍ୱର,୨୮।୧୦(ଡି.ଏନ.ଏ.)**

ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ରବିବାର ସନ୍ଧ୍ୟାରେ ପବିତ୍ର ବିନ୍ଦୁସାଗରର ଦକ୍ଷିଣ ପାର୍ଶ୍ୱରେ ମ୍ୟୁଜିକାଲ ଫାଉଣ୍ଟେନ (ସଙ୍ଗୀତ ଜଳ ଫୁଆର)ର ଟ୍ରାଏଲ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ୭୧ ମିଟର ଲମ୍ବ ବିଶିଷ୍ଟ ମ୍ୟୁଜିକାଲ ଫାଉଣ୍ଟେନ ସହ କଣ୍ଟ୍ରୋଲ ରୁମକୁ ମିଶାଇ ମୋଟ ୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଇଡ୍‌କଲ୍ ସହାୟତାରେ ପ୍ରିମିୟର ୱାର୍ଲ୍ଡ ଟେକ୍ନୋଲଜି ଲିମିଟେଡ ଏହି ପ୍ରକଳ୍ପର ନିର୍ମାଣ କରୁଛି। ନଭେମ୍ବରରେ ହକି ବିଶ୍ୱକପ୍ ନେଇ ଦେଶ ବିଦେଶର ଖେଳାଳି ଏବଂ ଅତିଥି ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣକୁ ନଜରରେ ରଖି ଶୀଘ୍ର ଏହାର ପୂର୍ଣ୍ଣାଙ୍ଗ ରୂପ ଦିଆଯିବ। ପ୍ରାୟ ୨୦ ମିନିଟ୍‌ର ସ୍କ୍ରିପ୍ଟରେ ଏହି ମ୍ୟୁଜିକାଲ ଫାଉଣ୍ଟେନ ପ୍ରସ୍ତୁତ ହୋଇଛି। ସେଥିରେ ଶିବ ବନ୍ଦନା ଏବଂ ଶିବ ତାଣ୍ଡବ ରହିଛି। ତେବେ ଆଉ ୩ ମାସ ପରେ ଅର୍ଥାତ ଜାନୁୟାରୀରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଯାନିଯାତ୍ରା, ମନ୍ଦିର ବୈଶିଷ୍ଟ୍ୟ ଏକାମ୍ରକ୍ଷେତ୍ରର ନାମକରଣ ଅନ୍ୟ ମନ୍ଦିର, ମନ୍ଦିରମାଳିନୀ ଏକାମ୍ରକ୍ଷେତ୍ରର ସମସ୍ତ ବୈଶିଷ୍ଟ୍ୟକୁ ନେଇ ଷ୍ଟୋରି ପ୍ରସ୍ତୁତ ହୋଇ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ନିର୍ମାଣକାରୀ ସଂସ୍ଥା କହିଛି।

କାର୍ଯ୍ୟକ୍ରମକୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ଟ୍ରାଏଲ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, ଟୁରିଷ୍ଟ ଅଫିସର ଅଜୟ କୁମାର ରାଉତ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ, ପୂର୍ବତନ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନୀତିନ ଭାନୁଦାସ ଜାୱଲେ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ରାଜେନ୍ଦ୍ର ସମର୍ଥା, ନିର୍ମାଣକାରୀ ସଂସ୍ଥା ଟେକ୍‌ନିସିଆନ ସରୋଜ କୁମାର ପାଣିଗ୍ରାହୀ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଏହି ମ୍ୟୁଜିକାଲ ଫାଉଣ୍ଟେନ ଟ୍ରାଏଲକୁ ଦେଖିବାକୁ ଶତାଧିକ ଦର୍ଶକ ବିନ୍ଦୁସାଗରର ଉଭୟପାର୍ଶ୍ୱରେ ଭିଡ଼ ଜମାଇଥିଲେ।



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅଧିକାରୀମାନେ ମ୍ୟୁଜିକାଲ ଫାଉଣ୍ଟେନ କାର୍ଯ୍ୟକ୍ରମ ଦେଖୁଛନ୍ତି।

## ଭିକାରିଙ୍କୁ ହତ୍ୟା ସନ୍ଦେହ

### ମୃତଦେହ ଜବତ, ବାରଣ୍ଡାରେ ରକ୍ତ ଛିଟା

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ସେକ୍ଟର-୧ର ଏକ ଘର ବାରଣ୍ଡାରୁ ଜଣେ ଭିକାରିଙ୍କ ମୃତଦେହକୁ ରବିବାର ପୋଲିସ ଜବତ କରିଛି। ମୃତକଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ନିକଟରେ ଏକ ରକ୍ତଭିଜା ଇଟା ପଡିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(୮୦/୧୮) ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ସାମାନ୍ୟ ପଚିଯାଇଥିବାରୁ ଦିନେ କିମ୍ବା ଦୁଇଦିନ ଆଗରୁ ତାଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି।

ସୂଚନା ମୁତାବକ, ଯେଉଁ ଘର ବାରଣ୍ଡାରେ ମୃତଦେହ ପଡ଼ିଥିଲା ଉକ୍ତ ପରିବାରର ଲୋକମାନେ ନିକଟରେ ଥିବା ଅନ୍ୟ ଏକ ଘରେ ରୁହନ୍ତି। ରବିବାର ମୃତଦେହରୁ ଦୁର୍ଗନ୍ଧ ଆସିବାରୁ ଉକ୍ତ ପରିବାର ଲୋକେ ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ତେବେ ରକ୍ତଛିଟା ପଡିଥିବାରୁ ଯକ୍ଷ୍ମା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହୁଛି। ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଦୀପକ ମିଶ୍ର କହିଛନ୍ତି, ଉକ୍ତ ବ୍ୟକ୍ତି ଜଣେ ଭିକାରି ବୋଲି ଜଣାପଡିଛି। ତାଙ୍କ ନିକଟରେ ରକ୍ତ ଛିଟା ପଡିଛି। କିନ୍ତୁ ତା' ଅର୍ଥ ନୁହେଁ ତାଙ୍କୁ ହତ୍ୟା କରାଯାଇଛି। କୌଣସି ରୋଗରେ ଆକ୍ରାନ୍ତ ହୋଇ ସେ ରକ୍ତବାନ୍ତି କରି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ଏ ନେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ।

## ଫଟୋରେ ଖବର




ରବିବାର ଲଘୁଚାପ ଜନିତ ବର୍ଷାରେ ରାଜଧାନୀ ରାସ୍ତାର ଦୃଶ୍ୟ।




ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଡିଟୋରିୟମରେ ରବିବାର ଆୟୋଜିତ ତୃତୀୟ ଦେବପ୍ରସାଦ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

### କୋଣାର୍କ ପୋଲିସର ୨ଦିନିଆ ରିମାଣ୍ଡ ଶେଷ

## ଝାରପଡ଼ା ଜେଲ ଗଲେ ଅଭିଜିତ୍ ଆୟର

**କୋଣାର୍କ, ୨୮।୧୦(ଡି.ଏନ୍.ଏ.)**

ସୂର୍ଯ୍ୟମନ୍ଦିର ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତ ଅଭିଜିତ୍ ଆୟର ମିତ୍ରଙ୍କୁ କୋଣାର୍କ ପୋଲିସ ଦୁଇ ଦିନିଆ ରିମାଣ୍ଡରେ ଆଣି ପଚରାଉଚୁରା କରିବା ପରେ ରବିବାର ଅପରାହ୍ନରେ କୋଣାର୍କ ଜେଏମ୍ଏଫ୍‌ସି କୋର୍ଟରେ ହାଜର କରିଥିଲା। ସେଠାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ତାଙ୍କୁ ନେଇ ପୁଣି ଝାରପଡା ଜେଲରେ ଛାଡିଛି। ଆସନ୍ତା ୫ତାରିଖରେ କୋଣାର୍କ କୋର୍ଟରେ ଅଭିଜିତ୍‌ଙ୍କ ଜାମିନ ଆବେଦନର ଶୁଣାଣି ହେବ। କୋଣାର୍କ ପୋଲିସର ଜେରା ସମୟରେ ଅଭିଜିତ୍ ନିଜର ଓଡ଼ିଶା ଭ୍ରମଣ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରକାଶ କରିଛନ୍ତି। ଅଭିଜିତଙ୍କ ବୟାନ ଅନୁଯାୟୀ ସେ ସେପ୍ଟେମ୍ବର ୧୫ତାରିଖରେ ବୈଜୟନ୍ତ ପଣ୍ଡାଙ୍କ ଆମନ୍ତ୍ରଣରେ ତାଙ୍କର ଜଣେ ବାନ୍ଧବୀଙ୍କ ସହିତ ଓଡ଼ିଶା ଆସି ଆକାଶମାର୍ଗରେ ପୁରୀ, ଚିଲିକା, କୋଣାର୍କ ଭ୍ରମଣ କରିବା ପରେ କେନ୍ଦ୍ରାପଡାରେ ଓହ୍ଲାଇଥିଲେ। ସେଠାରୁ ସଡକପଥରେ ଯାଇ ଲଳିତଗିରିଠାରେ ମଧ୍ୟାହ୍ନ ଭୋଜନ କରିବା ପରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ୧୬ତାରିଖରେ ସେ ଓ ତାଙ୍କ ବାନ୍ଧବୀ ସଡକପଥରେ କୋଣାର୍କ ପରିଦର୍ଶନରେ ଆସିଥିଲେ। ସୂର୍ଯ୍ୟମନ୍ଦିରରେ ସୂକ୍ଷ୍ମ କାରୁକାର୍ଯ୍ୟସମ୍ପନ୍ନ ମୂର୍ତ୍ତି ଦେଖି ସେ ମଜାରେ ଏହାର ଭିଡିଓକୁ ଟୁଇଟ୍ କରିଥିଲେ। ଓଡ଼ିଶାକୁ ବଦନାମ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା, କିନ୍ତୁ ଓଡ଼ିଶାବାସୀଙ୍କ ପ୍ରତିକ୍ରିୟା ଜାଣିବା ପରେ ସେ ନିଜର ଭୁଲ ବୁଝିପାରିଥିବା ସଫେଇ ଦେଇଥିଲେ।



ଯେଉଁ ଲୋକ ଦୁଃଖ କଷ୍ଟ ନ ସହିଛି, ତା' ହୃଦୟରେ ଶକ୍ତିର ସଞ୍ଚାର ହୋଇନାହିଁ।
- ହେମାନସ୍

# ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଓଡ଼ିଶା ପଛୁଆ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ଅବସ୍ଥା ଦିନକୁ ଦିନ ଅବନତି ଆଡ଼କୁ ଗତି କରୁଛି। ଇଣ୍ଡଷ୍ଟ୍ରିରେ ପେସାଦାର ପ୍ରଯୋଜକ ଓ ଫିଲ୍ମ ନିର୍ମାତାଙ୍କ ଅଭାବ ଏକ ପ୍ରମୁଖ ସମସ୍ୟା ସାଜିଥିବା ବେଳେ କପି-ପେଷ୍ଟ୍ର ଟ୍ରେଣ୍ଡ ଦର୍ଶକଙ୍କ ମଧ୍ୟରେ ଏକ ନକାରାତ୍ମକ ଭାବନା ସୃଷ୍ଟି କରିଛି। ଆଗରୁ ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନେ ବର୍ଷକୁ ହାତଗଣତି ଗୋଟିଏ, ଦୁଇଟି ଚଳଚ୍ଚିତ୍ର ନିର୍ମାଣ କରୁଥିବା ବେଳେ ଏବେ ଏହି ସଂଖ୍ୟା ବୃଦ୍ଧି ପାଇଛି। ପାଖାପାଖି ୪୦ ଫିଲ୍ମ ପ୍ରତିବର୍ଷ ମୁକ୍ତିଲାଭ କରୁଛି। ଏହା ମଧ୍ୟରୁ ଅତିବେଶିରେ ଗୋଟିଏ କିମ୍ବା ଦୁଇଟି ଫିଲ୍ମ ଦର୍ଶକଙ୍କ ମନକୁ ଛୁଇଁପାରୁଛି। ସେପଟେ ଓଡ଼ିଆ ଭାଷାରେ ପ୍ରାମାଣିକ ଚଳଚ୍ଚିତ୍ର ଓ ଭିନ୍ନ ସ୍ୱାଦର ଫିଲ୍ମ ଅବସ୍ଥା ମଧ୍ୟ ଖରାପ। ବ୍ୟବସାୟିକ ସଫଳତା ଓ ରାତାରାତି ପ୍ରଯୋଜକର ଟ୍ୟାଗ୍ ପାଇଁ ଅଧିକାଂଶ ନିର୍ମାତା କମ୍ ଦିନରେ ଶେଷ ହୋଇପାରୁଥିବା ଫିଚର ଫିଲ୍ମ ନିର୍ମାଣ କରୁଛନ୍ତି। ମାତ୍ର ଆନ୍ତରିକତା ଓ ପ୍ରୋତ୍ସାହନ ଅଭାବରୁ ପ୍ରାମାଣିକ ଚଳଚ୍ଚିତ୍ର, ଶିଶୁ ଚଳଚ୍ଚିତ୍ର, ଆଦିବାସୀ ଭାଷାର ଚଳଚ୍ଚିତ୍ର ଓ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର ଆଦି କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ପଡ଼ିଛି।

ଓଡ଼ିଆ ଭାଷାରେ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ଲାଗି କେତେଜଣ ପ୍ରଯୋଜକ ଆନ୍ତରିକତା ଦେଖାଉଥିଲେ ବି ପ୍ରୋତ୍ସାହନ ଅଭାବ ଓ ଫିଲ୍ମରେ ଲଗାଉଥିବା ଟଙ୍କା ଫେରସ୍ତ ପାଉ ନ ଥିବାରୁ ଆଗକୁ ବଢ଼ୁନାହାନ୍ତି। ୧୯୭୩ ମସିହାରୁ ପ୍ରାମାଣିକ ଚଳଚ୍ଚିତ୍ର ଲାଗି ରାଜ୍ୟ ସରକାର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବ୍ୟବସ୍ଥା କରିଛନ୍ତି। ହେଲେ ହାତଗଣତି କିଛି ବର୍ଷକୁ ଛାଡ଼ିଦେଲେ ପ୍ରାମାଣିକ ଚଳଚ୍ଚିତ୍ର ଚୟନ ପ୍ରକ୍ରିୟାକୁ ଆସିନାହିଁ। ୧୯୭୩ ମସିହାରେ ପ୍ରାମାଣିକ ଚଳଚ୍ଚିତ୍ର 'ରାଧୁ ଓ ଶ୍ୟାମ' ପୁରସ୍କାର ହାତେଇଥିବା ବେଳେ ଦୀର୍ଘବର୍ଷ ବ୍ୟବଧାନରେ ୧୯୯୧ରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର

- ଫିଚର୍ ଫିଲ୍ମ ଅବସ୍ଥା ବି ଖରାପ
- ଆଦିବାସୀ ଭାଷାରେ ଫିଲ୍ମ ନିର୍ମାଣ ପାଇଁ ମିଳୁନି ପ୍ରୋତ୍ସାହନ



'ପ୍ରଗତି ପଥେ ବିଦ୍ୟୁତ୍ ଶକ୍ତି' ପୁରସ୍କାର ପାଇଥିଲା। ସେହିପରି ୧୯୯୨ରେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର 'ଗଣକବି ବୈଷ୍ଣବ ପାଣି' ପୁରସ୍କାର ଲାଗି ମନୋନୀତ ହୋଇଥିଲା। ମାତ୍ର ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରାମାଣିକ ଚଳଚ୍ଚିତ୍ର ବିଭାଗ ପ୍ରାୟତଃ ଖାଲିପଡୁଛି, ଯାହାର ପ୍ରମୁଖ କାରଣ ହେଉଛି କୌଣସି ଆଖିଦୃଶିଆ ଚଳଚ୍ଚିତ୍ର ନିର୍ମାଣ ଲାଗି ପ୍ରଯୋଜକ ସଂସ୍ଥା କିମ୍ବା ସରକାର ଆନ୍ତରିକତା ଦେଖାଉନାହାନ୍ତି। ଏପରି କି, ପୂର୍ବରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ସରକାରୀ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଲାଗି ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ କରାଯାଉଥିଲା। ଏଥିପାଇଁ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା ରହୁଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ସୂଚନା ଓ ଲୋକସମ୍ପର୍କ ବିଭାଗ ଆଦି ସରକାରଙ୍କ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରୁଥିଲେ। ଏଥିଲାଗି କେତେଜଣ ନିର୍ଦ୍ଦେଶକ ଓ ନିର୍ମାତା ମଧ୍ୟ ରହୁଥିଲେ। ହେଲେ ଏବେ ଏହା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସେହିଭଳି ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ରହିଥିବା ବେଳେ ସେମାନଙ୍କ ଭାଷା ଭିନ୍ନ ଭିନ୍ନ। ୩୦ ଜିଲା ମଧ୍ୟରୁ ୧୪ ଜିଲାରେ ଏମାନଙ୍କ ସଂଖ୍ୟା ଅଧିକ। ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫ ପ୍ରତିଶତ ଅର୍ଥାତ୍ ପ୍ରାୟ ୧ କୋଟି ହେଉଛନ୍ତି କେବଳ ଆଦିବାସୀ। କିନ୍ତୁ ସେମାନଙ୍କ ଭାଷାରେ ବି ଫିଲ୍ମ ନିର୍ମାଣ ହେଉନାହିଁ। ରାଜ୍ୟ ସରକାରଙ୍କ ଅଧୀନରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ କାର୍ଯ୍ୟ କରୁଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ପୂର୍ବରୁ ଏଭଳି ଫିଲ୍ମ ପ୍ରାୟତଃ ନିର୍ମାଣ ହେଉଥିବା ବେଳେ ଗତ ତିନି ଦଶନ୍ଧି ହେଲା ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟିଯାଇଛି।

ଅନ୍ୟପକ୍ଷରେ ଓଡ଼ିଆ ଚଳଚ୍ଚିତ୍ର ଇତିମଧ୍ୟରେ ୮୦ବର୍ଷ ପୂରଣ କରିସାରିଛି। ହେଲେ ଏହା ଦିନକୁ ଦିନ ସମୃଦ୍ଧ ହେବା ପରିବର୍ତ୍ତେ ନିଜର ମାନ ହରାଉଛି। ଏବେ ଯେଉଁ ଚଳଚ୍ଚିତ୍ର ରିଲିଜ୍ ହେଉଛି, ତାହା ଗୋଟିଏ ଦିନ ପରେ ହାଉସ୍‌ଫୁଲ ହେବା ମୁସ୍କିଲ ହୋଇଯାଉଛି। ତେଲୁଗୁ, ତାମିଲ ଚଳଚ୍ଚିତ୍ରକୁ ନକଲ କରାଯାଉଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ବିଶେଷଜ୍ଞ ଓ ସିନେ ସମୀକ୍ଷକମାନେ ମତ ଦେଇଛନ୍ତି। ଯେତେ ସମାଲୋଚିତ ହେଲେ ବି ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିରେ ନକଲ ପ୍ରକ୍ରିୟା ସେହିଭଳି ଜାରି ରହୁଛି। ୨୦ରୁ ୩୦ ହଜାର ଟଙ୍କାରେ ଚଳଚ୍ଚିତ୍ର ସ୍କ୍ରିପ୍ଟ ପ୍ରସ୍ତୁତ ହେଉଛି ଏବଂ ୧୫ରୁ ୩୦ଦିନ ମଧ୍ୟରେ ଫିଲ୍ମ ନିର୍ମାଣ ସରି ରିଲିଜ୍ ହୋଇଯାଉଛି। ଏ ନେଇ ସିନେ ସମୀକ୍ଷକ ଦିଲୀପ ହାଲି କହିଛନ୍ତି, ବର୍ତ୍ତମାନ ଚଳଚ୍ଚିତ୍ରର ମୌଳିକତାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଉନାହାନ୍ତି। କାଁ ଭାଁ କେତେଜଣ ନିର୍ମାତା ନିଜସ୍ୱ ଅର୍ଥରେ ଡକ୍ୟୁମେଣ୍ଟାରୀ ନିର୍ମାଣ କରୁଛନ୍ତି। କିନ୍ତୁ ଆଗରୁ ବିଭିନ୍ନ ବିଭାଗ ଯେପରି ଡକ୍ୟୁମେଣ୍ଟାରୀ କରୁଥିଲେ, ଏବେ ତାହା ଆଉ ହେଉନି। ସଂସ୍କୃତି ବିଭାଗ ବିଭିନ୍ନ ପ୍ରକାର ଭିଜୁଆଲ ଆର୍ଟକୁ ନେଇ ଏକାଧିକ ପ୍ରାମାଣିକ ଚଳଚ୍ଚିତ୍ର କରିପାରନ୍ତା। ସେହିଭଳି କୃଷି ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ କରିପାରନ୍ତା। ମାତ୍ର ସେମାନେ ଡକ୍ୟୁମେଣ୍ଟାରୀ ଅପେକ୍ଷା ଟେଲିଭିଜନ ବିଜ୍ଞାପନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି।

## ଶହୀଦ ବ୍ରଜମୋହନଙ୍କୁ ଗାର୍ଡ ଅଫ ଅନର



ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଛତିଶଗଡ଼ରେ ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ବ୍ରଜମୋହନ ବେହେରାଙ୍କ ପାର୍ଥିବ ଶରୀର ରବିବାର ଅପରାହ୍ନ ପ୍ରାୟ ୫ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରେ ସିଆରପିଏଫ୍ ପକ୍ଷରୁ ତାଙ୍କ ମରଶରୀରକୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ମେୟର ଅନନ୍ତ ନାରାୟଣ ଜେନା, ଭାଜପା ଉପସଭାପତି ସମୀର ମହାନ୍ତି, ସିଆରପିଏଫ୍ ଆଇଜି ଭିତ୍ତୁଲ କୁମାର, ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ଶହୀଦ ବ୍ରଜମୋହନଙ୍କ ପରିବାର ସଦସ୍ୟ ଉପସ୍ଥିତ ରହି ମରଶରୀରକୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରିବାର ଲୋକଙ୍କ କ୍ରନ୍ଦନରେ ବିମାନବନ୍ଦର ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ମରଶରୀରକୁ ବ୍ରଜମୋହନଙ୍କ ଜନ୍ମମାଟି କେନ୍ଦୁଝର ଜିଲାର ଘସିପୁରା ନଦୁଆଁ ଗ୍ରାମକୁ ନିଆଯାଇଥିଲା।

ସିଆରପିଏଫ୍ ଆଇଜି ଭିତ୍ତୁଲ କୁମାର କହିଛନ୍ତି ଯେ, ଯବାନମାନେ ରୋଡ୍ ଓପନିଂ ଡ୍ୟୁଟିରେ ବୁଲେଟ ପ୍ରୁଫ୍ ଗାଡିରେ ଯାଉଥିବାବେଳେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଥିଲା। ଏଥିରେ ୫ ଯବାନ ଶହୀଦ ହୋଇଥିଲେ। ଆକ୍ରମଣକାରୀ ମାଓବାଦୀଙ୍କୁ ଉଚିତ ଜବାବ ଦିଆଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଛତିଶଗଡ଼ ବିଜାପୁର ଜିଲାର ଅୱାପଲ୍ଲୀ ଥାନା ଅନ୍ତର୍ଗତ ମୁର୍ଦାଣ୍ଡ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଏହି ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଥିଲା।

## ଭୁବନେଶ୍ୱରରେ ପହଞ୍ଚିଲା ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘର ପଦଯାତ୍ରା

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଶିକ୍ଷା ଅଧିକାର ଆଇନ ପୂର୍ଣ୍ଣ ପ୍ରଚଳନ ଦାବି କରୁଥିବା ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘର ପଦଯାତ୍ରା ରବିବାର ଭୁବନେଶ୍ୱରରେ ପହଞ୍ଚିଛି। ନୂଆପଡା ଜିଲାର ସିନାପାଲିଠାରୁ ଗାନ୍ଧୀ ଜୟନ୍ତୀରୁ ବାହାରିଥିବା ପଦଯାତ୍ରା ରବିବାର ପୂର୍ବାହ୍ନରେ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲା। ଏଥିରେ ବହୁ ଶିକ୍ଷାବିତ୍ ସାମିଲ ହୋଇଥିଲେ। ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ପକ୍ଷରୁ ପଦଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଏଥିରେ ରେଭେନ୍‌ଶା ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ତଥା ସାମାଜିକ କର୍ମୀ ସଞ୍ଜୀବ ପାତ୍ର କହିଲେ, ରାଜଧାନୀ ସମେତ ରାଜ୍ୟର ଗ୍ରାମାଞ୍ଚଳରେ ଅସଂଖ୍ୟ ପଞ୍ଜୀକୃତ ଓ ଅଣପଞ୍ଜୀକୃତ ବିଦ୍ୟାଳୟ ରହିଛି। ନିଜସ୍ୱ ପୁଞ୍ଜିରେ ଏସବୁ ବିଦ୍ୟାଳୟଗୁଡିକ ପରିଚାଳିତ ହେଉଛି। ଗାଁ ଗହଳିରେ ସ୍କୁଲ ଖୋଲି ସମସ୍ତଙ୍କୁ ଶିକ୍ଷା ଦେବା ଏକ ମୌଳିକ ଅଧିକାର ହେବା ବଦଳରେ ଏବେ ଏକ ବ୍ୟବସାୟରେ ପରିଣତ ହୋଇଛି। ଯେକୌଣସି ଉପାୟରେ ଶିକ୍ଷା ଅଧିକାର ଆଇନ କୁହାଯାଉଥିବା ୬ରୁ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ବ୍ୟବସ୍ଥାକୁ ଦୁର୍ବଳ କରି ଘରୋଇ ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବା ପାଇଁ ଶିକ୍ଷା ବ୍ୟବସାୟୀଙ୍କୁ ସୁଯୋଗ ଦିଆଯାଇଛି ବୋଲି ପାତ୍ର କହିଛନ୍ତି।






@ ଅଭିଜିତ୍



@ ଅବିନାଶ



@ ଅନିଲ୍



@ ଗିରି



@ କୁକି



@ କିରଣ



@ ନମିତା



@ ପ୍ରଦୀପ୍ତ

### ଓଏଫ୍‌ଡିସି ଜୁନିୟର, ଆସିଷ୍ଟାଣ୍ଟ ମ୍ୟାନେଜର ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା

## ଗୋଟିଏ ନାଁରେ ଏକାଧିକ ପ୍ରାର୍ଥୀ, ତାତିଲେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ଜୁନିୟର ମ୍ୟାନେଜର ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ପଦବୀ ପାଇଁ ରବିବାର ଲିଖିତ ପରୀକ୍ଷା ରହିଥିଲା। ରାଜଧାନୀର ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ସାରା ରାଜ୍ୟରୁ ଏହି ପୋଷ୍ଟ ପାଇଁ ପ୍ରାୟ ଦୁଇ ହଜାର ଆଶାୟୀ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଆସିଥିଲେ। ହେଲେ ଗୋଟିଏ ନାଁରେ ଏକାଧିକ ପିଲା ପରୀକ୍ଷା ଦେବାକୁ ଆସିଥିବାବେଳେ ସେମାନଙ୍କୁ ରୋଲ ନମ୍ବର ଦିଆଯାଇ ନ ଥିଲା। ଫଳରେ ସେମାନଙ୍କ ପାଇଁ ବସିବାକୁ ସ୍ଥାନ ନ ଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରୀକ୍ଷା ପରିଚାଳନାରେ ଏଭଳି ଅବ୍ୟବସ୍ଥା ପ୍ରତିବାଦରେ ଛାତ୍ରୀଛାତ୍ରମାନେ ହୋହଲ୍ଲା କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ପିଲାଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ଓଏଫ୍‌ଡିସିର ୧୪ ଆସିଷ୍ଟାଣ୍ଟ ମ୍ୟାନେଜର ଏବଂ ୩୧ ଜୁନିୟର ମ୍ୟାନେଜର ପଦବୀ ଲାଗି ଅନେକ ପ୍ରାର୍ଥୀ ୧ହଜାର ଟଙ୍କା ଦେଇ ଫର୍ମ ପକାଇଥିଲେ। ପରୀକ୍ଷା ଦେବା ଲାଗି ସେମାନଙ୍କୁ ଅନ୍‌ଲାଇନରେ ଆଡମିଟ୍ କାର୍ଡ ଦିଆଯାଇଥିଲା। କିନ୍ତୁ ସେଥିରେ ରୋଲ ନମ୍ବର ନ ଥିଲା। ରବିବାର ପରୀକ୍ଷା ହଲ୍‌କୁ ଯିବା ପୂର୍ବରୁ ଦାୟିତ୍ୱରେ ଥିବା ଅଧିକାରୀ ପିଲାଙ୍କୁ ରୋଲ ନମ୍ବର ଦେଇ ନ ଥିଲେ। ନାମ ଅନୁସାରେ ସିଟ୍ ନମ୍ବରିଂ କରାଯାଇଥିବା କୁହାଯାଇଥିଲା। ପରୀକ୍ଷାର୍ଥୀମାନେ ନିଜ ନିଜ ସିଟ୍‌ରେ ବସିବା ପାଇଁ ଯାଇଥିବା ବେଳେ ଗୋଟିଏ ନାମରେ ଏକାଧିକ ପିଲା ଆସିଥିବା ଦେଖିବାକୁ ମିଳିଥିଲା। ଗୋଟିଏ ସିଟରେ କିଭଳି ଏକାଧିକ ପିଲା ବସିବେ ତାହାକୁ ନେଇ ସମସ୍ୟା ଉପୁଜିଥିଲା। ଏକାଧିକ ପିଲାଙ୍କ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳିବା ପରେ ପରୀକ୍ଷା ଦେବାକୁ ଆସିଥିବା ପିଲାମାନେ ପାଟିତୁଣ୍ଡ କରିଥିଲେ। ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ଓଡିଶା ସରକାରଙ୍କ ଅନ୍ୟାନ୍ୟ ପଦବୀ ଲାଗି ଫର୍ମ ଆବେଦନ କରିବାକୁ କମ୍ ଟଙ୍କା ନିଆଯାଉଛି। କିନ୍ତୁ ଏହି ପରୀକ୍ଷା ପାଇଁ ପିଲାଙ୍କଠାରୁ ୧ ହଜାର ଟଙ୍କା ନିଆଯାଇଛି, ଯାହା ଯଥେଷ୍ଟ ଅଧିକ। ଏହା ସତ୍ତ୍ୱେ ପରୀକ୍ଷା ପରିଚାଳନାରେ ଅନିୟମିତତା ହୋଇଛି। ଏଥିଲାଗି ଦାୟିତ୍ୱରେ ଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର।

## ସଂକ୍ଷେପରେ

### ଗାଧୋଇବାବେଳେ ଯୁବତୀଙ୍କ ଫଟୋ ଉଠାଇ ଭଡ଼ାଟିଆ ଗିରଫ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ):** ଗାଧୋଇବା ବେଳେ ଜଣେ ଭିନ୍ନକ୍ଷମ ଯୁବତୀଙ୍କ ଫଟୋ ଉଠାଇବା ଅଭିଯୋଗରେ ପୋଲିସ ଜଣେ ଭଡ଼ାଟିଆଙ୍କୁ ଗିରଫ କରିଛି। ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ଅଞ୍ଚଳରେ ରବିବାର ଏହି ଘଟଣା ଘଟିଛି। ଅଭିଯୁକ୍ତ ହେଲେ ନବକିଶୋର ଦେହୁରୀ(୪୨)। ପୋଲିସ ଦଫା ୩୫୪(ବି),୩୫୪(ଡି)ରେ ଏକ ମାମଲା(୪୯୦/୧୮) ରୁଜୁ କରି ନବଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ନବ ସମ୍ପୃକ୍ତ ଯୁବତୀଙ୍କ ଘରେ ପରିବାର ସହ ଭଡ଼ାରେ ରୁହନ୍ତି। ରବିବାର ସକାଳ ପ୍ରାୟ ୭ଟାରେ ଯୁବତୀ ଜଣକ ଗାଧୋଉ ଥିବାବେଳେ ନବ ଲୁଚିରହି ତାଙ୍କ ଫଟୋ ଉଠାଉଥିଲେ। ମୋବାଇଲ୍ ଫ୍ଲାଶ୍ ଲାଇଟ ପଡ଼ିବାରୁ ଯୁବତୀ ଜଣକ ଜାଣିପାରି ଚିତ୍କାର କରିଥିଲେ। ଏହି ସମୟରେ ଯୁବତୀଙ୍କ ପରିବାର ଲୋକେ ଆସି ନବଙ୍କୁ କାବୁ କରିଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ।

### ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ପକ୍ଷରୁ ଆଲୋଚନାଚକ୍ର
## ଯୁବପିଢ଼ି ଚାହିଁଲେ ପରିବର୍ତ୍ତନ ସମ୍ଭବ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ):** ସାମାଜିକ ଅନୁଷ୍ଠାନ ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ଏବଂ ଟି.ଜି. ସୁରକ୍ଷା ଟ୍ରଷ୍ଟର ମିଳିତ ସହଯୋଗରେ ‘ଦେଶ ନିର୍ମାଣରେ ଯୁବ ଓ ଛାତ୍ରର ଭୂମିକା’ ଶୀର୍ଷକ ଆଲୋଚନାଚକ୍ର ରବିବାର ନେହେରୁ ଯୁବ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଂଯୋଜକ ମିର୍ ଅହମ୍ମଦ ଅଲୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତା ଭାବେ କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ, ସମାଜବାଦୀ ପାର୍ଟି ଓଡ଼ିଶା ଶାଖା ସଭାପତି ରବି ବେହେରା, ଯୁବ ସମାଜିକ କର୍ମୀ ପ୍ରତାପ ସାହୁ ଓ ଟି.ଜି. ସୁରକ୍ଷା ଟ୍ରଷ୍ଟ ଅଧ୍ୟକ୍ଷା ମେନକା ପରିଡ଼ା ଯୋଗଦେଇଥିଲେ। ଯୁବକମାନେ ଦେଶରେ ବଢ଼ି ଚାଲିଥିବା ବେକାରି ସମସ୍ୟା ଓ ଦୁର୍ନୀତି ମୂଳପୋଛ ପାଇଁ ଆଗେଇ ଆସିବା ଉଚିତ। ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରିବା ଆବଶ୍ୟକ। ଯୁବକ ଓ ଛାତ୍ରମାନେ ଦେଶର ଭବିଷ୍ୟତ। ସେମାନେ ଚାହିଁଲେ ହିଁ ସମାଜରେ ପରିବର୍ତ୍ତନ ଆସିପାରିବ। ସକାରାତ୍ମକ କାର୍ଯ୍ୟ ଦ୍ୱାରା ଜଣେ ଯୁବକ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିପାରିବ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ସାହୁ, ବର୍ଷା, ଶୁଚିସ୍ମିତା, ପ୍ରଭୁ ଜେନା, ଇତିଶ୍ରୀ ପ୍ରିୟଦର୍ଶିନୀ, ଲୋକରନ ବେହେରା, ଗୋପାଳ, ଅଫତାବ୍, ଚିନ୍ମୟ, ବନ୍ୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ■ ବରିଷ୍ଠ ନାଗରିକଙ୍କୁ କମିଶନରେଟ ପୋଲିସର ଉପହାସ
# ୪ମାସ ଥାନାକୁ ଦୌଡ଼ିଲେଣି ବୃଦ୍ଧ

**ଅଭିଯୋଗ ରଖୁନି ପୋଲିସ**

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ବରିଷ୍ଠ ନାଗରିକଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଥାନାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ନାଗରିକ ଥାନାକୁ ଆସିଲେ ତାଙ୍କ ଅଭିଯୋଗକୁ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। କିନ୍ତୁ କମିଶନରଙ୍କ ଏହି ନିର୍ଦ୍ଦେଶ କେବଳ ପାଣିରେ ଗାର ସଦୃଶ ହୋଇଛି। ଜଣେ ବରିଷ୍ଠ ନାଗରିକ ଏକ ଠକେଇ ଅଭିଯୋଗ ନେଇ ଖଣ୍ଡଗିରି ଥାନାକୁ ୪ମାସ ହେବ ଦୌଡ଼ୁଛନ୍ତି। କିନ୍ତୁ ପୋଲିସ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନି। ବୃଦ୍ଧ ଜଣକ ରାଉରକେଲା ସେକ୍ଟର-୨୦ରେ ରହୁଥିବାବେଳେ ସେ ଅଭିଯୋଗ କରିବା ପାଇଁ ପ୍ରତିଥର ବସରେ ଭୁବନେଶ୍ୱରକୁ ଆସୁଛନ୍ତି। ପୋଲିସ ତାଙ୍କ ଅଭିଯୋଗ ରଖୁ ନ ଥିବାରୁ ପୋଲିସ ଉପରେ ତାଙ୍କର ଭରସା ତୁଟି ଯାଇଥିବା କହିଛନ୍ତି। ସେ ଭୁବନେଶ୍ୱର ଡିସିପିଙ୍କଠାରୁ ଆରମ୍ଭ କରି ଇଓଡବ୍ଲ୍ୟୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ମଧ୍ୟ ତାଙ୍କ କଥାକୁ କେହି ଶୁଣୁ ନାହାନ୍ତି, ଯାହା ତାଙ୍କୁ ପରିଣତ ବୟସରେ ଅତ୍ୟନ୍ତ କଷ୍ଟ ଦେଇଥିବା ବୃଦ୍ଧ ଜଣକ ଗଣମାଧ୍ୟମକୁ କହିଛନ୍ତି।

ରାଉରକେଲା ସେକ୍ଟର-୨୦ ପ୍ଲଟ ନଂ.ଏ/୫୯ରେ ରହୁଥିବା ଅନିରୁଦ୍ଧ ମିଶ୍ର(୬୭)ଙ୍କ ପୁଅ ଆମେରିକାର ରହୁଛନ୍ତି। ତାଙ୍କ ପୁଅ ପାଇଁ ସେ ଭୁବନେଶ୍ୱରରେ ଏକ ଜାଗା କିଣିବାକୁ ଚାହୁଁଥିଲେ। ୨୦୧୬ରେ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ବିଲ୍ଡର ସଂସ୍ଥା ତାଙ୍କୁ ବେଗୁନିଆ କଲେଜ ନିକଟରେ ଜାଗା ଦେବାକୁ କହିଥିଲା। ୩ହଜାର ବର୍ଗଫୁଟର ଏକ ଜାଗା ତାଙ୍କୁ ଦେଖାଯିବା ସହ ତାହାର ମୂଲ୍ୟ ୧୫ ଲକ୍ଷ ଟଙ୍କା ଛିଣ୍ଡିଥିଲା। ଅନିରୁଦ୍ଧ ପ୍ରଥମେ ଅଗ୍ରିମ ଆକାରରେ ୩ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ସଂସ୍ଥା ପକ୍ଷରୁ ତାଙ୍କୁ ଜମି ଦିଆଯାଇ ନ ଥିଲା। ସେ ଉକ୍ତ ବିଲ୍ଡର୍ସ ଅଫିସକୁ ବୁଝିବାକୁ ଯିବାରୁ ତାଙ୍କୁ ଧମକ ଦିଆଯାଇଥିଲା। ତେଣୁ ଅନିରୁଦ୍ଧ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। କିନ୍ତୁ ଇଓଡବ୍ଲ୍ୟୁ ପକ୍ଷରୁ ତାଙ୍କୁ ଭୁବନେଶ୍ୱର ଡିସିପିଙ୍କ ନିକଟକୁ ପଠାଇ ଦିଆଯାଇଥିଲା। ଡିସିପି ଖଣ୍ଡଗିରି ଥାନାକୁ ନିର୍ଦ୍ଦେଶ ଦେଇ ଅଭିଯୋଗର ତଦନ୍ତ କରିବାକୁ କହିଥିଲେ। ଏହା ପରେ ସେ ଥାନାକୁ ଯାଇ ବାରମ୍ବାର ଅଭିଯୋଗ କରିଥିଲେ ହେଁ ପୋଲିସ ତାହାକୁ ଗୁରୁତ୍ୱ ଦେଉନି କି ଘଟଣାର ତଦନ୍ତ କରୁନି ବୋଲି ଅନିରୁଦ୍ଧ କହିଛନ୍ତି।

ଏ ନେଇ ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି, ଡିସିପିଙ୍କ ନିର୍ଦ୍ଦେଶ ପରେ ଉକ୍ତ ବ୍ୟକ୍ତିଙ୍କ ଅଭିଯୋଗକୁ ଆମେ ଗ୍ରହଣ କରିଛୁ। ସେ ଯେଉଁ ବ୍ୟକ୍ତିଙ୍କ ଫୋନ୍ ନମ୍ବର ଦେଇଥିଲେ ତାହା ଭୁଲ ଓ ସେମାନେ ଦେଇଥିବା ଠିକଣା ମଧ୍ୟ ଭୁଲ। ତେଣୁ ଆମେ ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ ଜାରି ରଖିଛୁ।



ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ‘ନାରୀ ତୁ ନାରାୟଣୀ’ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଏକବିଂଶ ଶତାବ୍ଦୀ ହେବ ନାରୀ ଶତାବ୍ଦୀ

**‘ନାରୀ ତୁ ନାରାୟଣୀ’ ଶୀର୍ଷକ ଆଲୋଚନାଚକ୍ର**

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ଉଭୟ ମହିଳା ଓ ପୁରୁଷ ପରସ୍ପର ସହ କାନ୍ଧ ମିଳାଇ ସମସ୍ତ କାର୍ଯ୍ୟରେ ସହଭାଗିତା ରକ୍ଷା କଲେ ସମାଜର କଲ୍ୟାଣ ହେବ। ପରସ୍ପରକୁ ସମ୍ମାନ ଦେବା ସହ ସମସ୍ତେ ସମସ୍ତଙ୍କୁ ପବିତ୍ର ଦୃଷ୍ଟିରେ ଦେଖିଲେ ଏକ ସକାରାତ୍ମକ ସମାଜ ସୃଷ୍ଟି ହେବ ବୋଲି ଏଠାରେ ମତପ୍ରକାଶ ପାଇଛି। ରବିବାର ସୂଚନା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ‘ନାରୀ ତୁ ନାରାୟଣୀ’, କର୍ମଶାଳା ଓ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିବା ବକ୍ତାମାନେ ଏହା କହିଛନ୍ତି।

ଦେବ ସଂସ୍କୃତି ଯୋଗ ବିଦ୍ୟାଳୟ, ଦିବ୍ୟଭାରତ ଯୁବକ ସଙ୍ଗଠନ, ଓଡ଼ିଶା ଏବଂ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଲ୍ଲୀସ୍ଥିତ ଦିବ୍ୟଭାରତ ଯୁବ ସଙ୍ଗଠନର ଶ୍ୱେବା ଚକ୍ରବର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକବିଂଶ ଶତାବ୍ଦୀ ନାରୀ ଶତାବ୍ଦୀ ରୂପେ ପରିଚିତ ହେବ ବୋଲି କହିଥିଲେ। ଶ୍ରୀ ସତ୍ୟସାଇ ସେବା ସମିତିର ରାଜ୍ୟ ଆଧ୍ୟାତ୍ମିକ ସଂଯୋଜିକା ପ୍ରିୟମ୍ବଦା ପଟ୍ଟନାୟକ ଉପସ୍ଥିତ ଥିଲେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସମ୍ପାଦିକା ଅପର୍ଣ୍ଣା ନାୟକ ଓ ମା’ ଘରର ସାମାଜିକ କର୍ମୀ ଋତୁପର୍ଣ୍ଣା ମହାନ୍ତି ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ମହିଳାମାନେ ଆଗକୁ ବାହାରି ନୂତନ ପିଢ଼ିଙ୍କୁ ପ୍ରେରିତ କରିବାକୁ ନିବେଦନ କରିଥିଲେ। ଶୋଭନୀୟ ଆନ୍ଦୋଳନ ସମ୍ପାଦିକା ମା’ ଅରୁନ୍ଧତୀ ଓ ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ଦୁର୍ଗେଶନନ୍ଦିନୀ ସମସ୍ତ ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଯୋଗ ବାଧ୍ୟତାମୂଳକ କରିବା ପାଇଁ ଦାବି କରିଥିଲେ। ସାମାଜିକ କର୍ମୀ ନମ୍ରତା ଚଢ଼ା, ପ୍ରମିଳା ସ୍ୱାଇଁ ଓ ଡ. ସେବା ମହାପାତ୍ର ସମସ୍ତ ଅଶ୍ଳୀଳ ୱେବ୍‌ସାଇଟ ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି କହିଥିଲେ। ଡ. ବିଶ୍ୱରଞ୍ଜନ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଳାସିନୀ ସାହୁ, ଭୁବନେଶ୍ୱର ମହିଳା ମଣ୍ଡଳ ସଂଯୋଜିକା ରଜନୀରାଣୀ ରାଜହଂସ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ୧୦୦ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୧ଲକ୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ‘ରଙ୍ଗ ଭାରତୀ’ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ନାଟ୍ୟସଂସ୍ଥା ଉତ୍ତର ପୁରୁଷ ପକ୍ଷରୁ ରବିବାର ଉତ୍କଳ କରାଟେ ସ୍କୁଲ ପରିସରରେ ନାଟ୍ୟ କର୍ମଶାଳା ‘ରଙ୍ଗ ଭାରତୀ-୧୧’ର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୨୦ଜଣ ଯୁବ ପ୍ରଶିକ୍ଷାର୍ଥୀଙ୍କୁ ନେଇ ଏହି ୨୧ଦିନିଆ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହେବ। ଜଣାଶୁଣା ମଞ୍ଚ ଅଭିନେତ୍ରୀ ଭାସ୍ୱତୀ ବସୁ କର୍ମଶାଳାରେ ଭାଗନେଇଥିବା ଯୁବ କଳାକାରମାନଙ୍କୁ ପ୍ରଶିକ୍ଷଣ ଦେବେ। ଏହାସହ ନାଟକ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବହୁ ବିଶେଷଜ୍ଞ ଏଥିରେ ଶିକ୍ଷାଦାନ କରିବେ। ରବିବାର ଉଦ୍‌ଘାଟନୀ ସଭାରେ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଶୁଭାରମ୍ଭ କରିଥିଲେ। ନାଟକରେ ଯୁବପିଢ଼ିଙ୍କ ଯୋଗଦାନ, ଆବଶ୍ୟକ ଶିକ୍ଷା ଓ ଦକ୍ଷତା ଓଡ଼ିଆ ନାଟକକୁ ବିଶ୍ୱସ୍ତରରେ ପହଞ୍ଚାଇବ ବୋଲି ପଟ୍ଟନାୟକ କହିଥିଲେ। ଉତ୍ତର ପୁରୁଷର ସଭାପତି ଗୌରୀଶ୍ୟାମ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରସନ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ। ନାଟ୍ୟବିତ୍ ତଥା କଳାକାର ଚୌଧୁରୀ ଜୟପ୍ରକାଶ ଦାସ, ମିହିର ସ୍ୱାଇଁ, ସୀମାନ୍ତ ମହାନ୍ତି, ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ କପିଳାସ ଭୂୟାଁ, ନାଟ୍ୟ ସଂଘ ସଭାପତି ହରେନ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଭା ପୂର୍ବରୁ ମଞ୍ଚରେ ନିଆଁ ଲଗାଇଲେ ଦୁର୍ବୃତ୍ତ


ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ସଭାମଞ୍ଚ।

ବାଲକାଟୀ,୨୮।୧୦(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଝିଂଷ୍ଟି ପଞ୍ଚାୟତରେ ରବିବାର ଆମ ସଙ୍ଗଠନ ନାମକ ଅନୁଷ୍ଠାନ ପକ୍ଷରୁ ଏକ ସଭା ପାଇଁ ଆୟୋଜନ ଚାଲିଥିବା ବେଳେ କେତେଜଣ ଦୁର୍ବୃତ୍ତ ସଭା ପୂର୍ବରୁ ମଞ୍ଚରେ ନିଆଁ ଲଗାଇ ଦେଇଛନ୍ତି। ଏ ନେଇ ସଙ୍ଗଠନର ସଭ୍ୟ ଚୈତନ୍ୟ ପାତ୍ର ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଆମ ସଙ୍ଗଠନ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ଜେନାମଣି, ସମ୍ମାନିତ ଅତିଥି ପୂର୍ବତନ ଜିଲାପରିଷଦ ସଦସ୍ୟ ଚୌଧୁରୀ ଦ୍ୱାରିକାନାଥ ବାଶ ଓ ସଙ୍ଗଠନର କମଳ କୁମାର ପାତ୍ରଙ୍କୁ ଅତିଥି ରୂପେ ଆମନ୍ତ୍ରଣ କରାଯାଇଥିଲା। ଏ ନେଇ ସଭା ମଞ୍ଚ ଓ ବର୍ଷାକୁ ଆଖି ଆଗରେ ରଖି ୨ହଜାର ଲୋକ ବସିବା ଭଳି ଟେଣ୍ଟ ବନ୍ଧାଯାଇଥିଲା। କିନ୍ତୁ ସଭାର ଅବ୍ୟବହିତ ପୂର୍ବରୁ ଶନିବାର ରାତିରେ କେତେକ ଦୁର୍ବୃତ୍ତ ମଞ୍ଚରେ ନିଆଁ ଲଗାଇ ଦେଇଥିଲେ। ସଙ୍ଗଠନ ପକ୍ଷରୁ ଲିଖିତ ଅଭିଯୋଗ କରିଥିବାବେଳେ ପୁଣି ନୂତନ ଟେଣ୍ଟ ଲଗାଯାଇ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟକ୍ରମ କରାଯାଇଥିଲା। ଘଟଣାକୁ ଅଧ୍ୟକ୍ଷା ଜେନାମଣି ନିନ୍ଦା କରିବା ସହ ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ଦାବି କରିଛନ୍ତି।

# ପାଠପଢ଼ାର ନୂଆ ପ୍ରେରଣା ଦେଲା ବିଦ୍ୟାମନ୍ଦିର କ୍ଲାସେସ୍


ଆଚାର୍ଯ୍ୟ ପୱନ ପାଠପଢ଼ା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଟିପ୍ସ ଦେଉଛନ୍ତି।

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

କେତେଜଣ ଛାତ୍ରୀଛାତ୍ର କାହିଁକି ପାଠ ପଢିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ପାଠ ପଢିବାବେଳେ ଅନ୍ୟମନସ୍କ ରହୁଛନ୍ତି। ଏପରି କି ଘଣ୍ଟା ଘଣ୍ଟା ଧରି ପଢୁଥିଲେ ମଧ୍ୟ ପାଠ ମନେ ରହୁନି। ପରୀକ୍ଷା ପୂର୍ବରୁ ଭଲ ଭାବେ ପ୍ରସ୍ତୁତି ହୋଇଥିଲେ ମଧ୍ୟ ପରୀକ୍ଷାରେ ଖରାପ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସମସ୍ୟାକୁ ସମାଧାନ କରିବା ପାଇଁ ରବିବାର ରେଲୱେ ଅଡିଟୋରିୟମ୍ ହଲରେ ବିଦ୍ୟାମନ୍ଦିର କ୍ଲାସେସ୍ ପକ୍ଷରୁ ଏକ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଅମିତ ଦୁବେ କହିଛନ୍ତି, ବିଦ୍ୟାମନ୍ଦିର କ୍ଲାସେସ୍ ଏଭଳି କାର୍ଯ୍ୟକ୍ରମ ଦିଲ୍ଲୀ, ମୁମ୍ବାଇ, କୋଲକାତା, ହାଇଦ୍ରାବାଦ ଏବଂ ଚେନ୍ନାଇ ଆଦି ସହରରେ କରିସାରିଛି। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରରେ ପ୍ରଥମ। ଛାତ୍ରୀଛାତ୍ର ସମସ୍ୟାକୁ ଦୂର କରିବା ପାଇଁ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହେବ ବୋଲି ସେ କହିଛନ୍ତି। ପ୍ରେରଣାଦାୟକ ଭାବେ ମଧ୍ୟପ୍ରଦେଶର ଆଚାର୍ଯ୍ୟ ପୱନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଅନେକ ପରାମର୍ଶ ଦେଇଥିଲେ। କିପରି ପାଠ ପଢ଼ିବେ, ପରୀକ୍ଷା ପାଇଁ କିଭଳି ପ୍ରସ୍ତୁତି କରିବେ ସେ ସମ୍ପର୍କରେ ପୱନ ଅନେକ ଟିପ୍ସ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ଅଂଶଗ୍ରହଣ କରିଥିଲେ।

# ପ୍ରସନ୍ନ ସାମଲ ପାଇବେ ଭିକାରୀ ବଳ ସମ୍ମାନ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)


ଅତିଥିଙ୍କ ଗହଣରେ ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ।

ଚଳିତବର୍ଷ ବରିଷ୍ଠ ଗୀତିକାର ଡା. ପ୍ରସନ୍ନ କୁମାର ସାମଲଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନ-୨୦୧୮ରେ ସମ୍ମାନିତ କରାଯିବ। ଭିକାରୀ ବଳ ସ୍ମୃତି ସଂସଦ ତରଫରୁ ଆସନ୍ତା ନଭେମ୍ବର ୨ରେ ସୂଚନା ଭବନରେ ହେବାକୁ ଥିବା ଭଜନ ସମ୍ରାଟ ଭିକାରୀ ବଳଙ୍କ ୮ମ ଶ୍ରଦ୍ଧାଞ୍ଜଳି ସଭାରେ ଡା. ସାମଲ ଏହି ସମ୍ମାନ ପାଇବେ। ରବିବାର ଭିକାରୀ ବଳ ସ୍ମୃତି ସଂସଦ କମିଟି ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏ ନେଇ ଘୋଷଣା କରାଯାଇଛି। ଏଥିସହ ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମାନ ପ୍ରଦାନ ଉତ୍ସବରେ ଚଳିତବର୍ଷ ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ପିପୁଲ୍ସ ଫୋରମ୍ ସମ୍ପାଦକ ଗୋବିନ୍ଦ ପଟ୍ଟନାୟକ ଯୋଗଦେବେ ବୋଲି ସ୍ମୃତି ସଂସଦ ସଭାପତି ସଂଗ୍ରାମ କେଶରୀ ପାଇକରାୟ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରବିବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠାନ ପକ୍ଷରୁ ‘ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗିତା-୨୦୧୮’ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନିୟର ଗ୍ରୁପ୍‌ରେ ୩୨ଜଣ ଓ ସିନିୟର ଗ୍ରୁପ୍‌ରେ ୧୨ଜଣ ପ୍ରତିଯୋଗୀ ଭାଗନେଇଥିଲେ। ବିଚାରକ ଭାବେ କଣ୍ଠଶିଳ୍ପୀ ସୁଶାନ୍ତ ପଣ୍ଡା ଓ ଛନ୍ଦା ମିଶ୍ର ଯୋଗଦେଇଥିବା ବେଳେ ସଂଗ୍ରାମ କେଶରୀ ପାଇକରାୟ ସଭା ପରିଚାଳନା କରିଥିଲେ। ଭିକାରୀ ବଳ ସ୍ମୃତି ସଂସଦ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଟ୍ରାଞ୍ଜିଟ୍ ହାଉସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ):** ହକି ବିଶ୍ୱକପ୍ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ବିଶ୍ୱକପ ସମୟରେ ଖେଳାଳି ଓ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜଧାନୀକୁ ବାହାରୁ ଅନେକ ପୋଲିସ ଅଫିସର ଆସିବେ। ତେଣୁ ସେମାନଙ୍କୁ ରହିବାର ଯେଭଳି କିଛି ସମସ୍ୟା ସୃଷ୍ଟି ନ ହେବ ସେଥିଲାଗି ରିଜର୍ଭ ବାରାକ୍‌ରେ ଏକ ଟ୍ରାଞ୍ଜିଟ୍ ହାଉସ୍ ଖୋଲାଯାଇଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି ରବିବାର ଅପରାହ୍ନରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ହାଉସ୍‌ରେ ୨୪ଟି ରୁମ୍ ରହିଛି। ପ୍ରତି ରୁମ୍‌ରେ ଦୁଇ ଜଣ ପୋଲିସ ଅଧିକାରୀ ରହିବା ପାଇଁ ବେଡ୍ ପଡିଛି।

# ଗଜଲକ୍ଷ୍ମୀ ପୂଜା: ସମ୍ବର୍ଦ୍ଧିତ ହେଲେ କଳାକାର

ପୁରୁଣା ଭୁବନେଶ୍ୱର,୨୮।୧୦(ଡି.ଏନ.ଏ.)


କାର୍ଯ୍ୟକ୍ରମରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା କଳାକାର।

ସ୍ଥାନୀୟ ପୋଖରୀପୁଟରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାର ରବିବାର ଥିଲା ୫ମ ଦିବସ। ମା’ ଭୁଆସୁଣୀ ୟୁଥ ଟ୍ରଷ୍ଟ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଗଜଲକ୍ଷ୍ମୀ ପୂଜାରେ ରବିବାର ଥିଲା ସ୍ୱତନ୍ତ୍ର। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଜସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ଆରମ୍ଭ ହୋଇଥିଲା ଜସନରେ ଝୁମ୍ ପୋଖରୀପୁଟ ଝୁମ। ସ୍ଥାନୀୟ ଅଞ୍ଚଳର ଉତ୍ସାହୀ କଳାକାରଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଆୟୋଜକ କମିଟିର ସମ୍ପାଦକ ହୃଦୟ ବଲ୍ଲଭ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନନ୍ଦନକାନନରୁ ବୃଦ୍ଧ ନିଖୋଜ

ବାରଙ୍ଗ,୨୮।୧୦(ଡି.ଏନ୍.ଏ.)




■ଘଟଣାର ୭ ଦିନ ପରେ ବି ମିଳୁନି ପତ୍ତା
■ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ

ଗତ ୨୧ତାରିଖରେ ପରିବାର ସହ ନନ୍ଦନକାନନ ବୁଲିବାକୁ ଆସି ଜଣେ ବୃଦ୍ଧ ଏଠାରୁ ନିଖୋଜ ହୋଇଯାଇଛନ୍ତି। ଘଟଣାକୁ ୭ଦିନ ବିତିଯାଇଥିଲେ ସୁଦ୍ଧା ବୃଦ୍ଧଙ୍କର କୌଣସି ପତ୍ତା ମିଳିପାରିନାହିଁ। ସେପଟେ ତାଙ୍କ ପରିବାର ଲୋକ ଏ ନେଇ ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ କେବଳ ଏକ ନିଖୋଜ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି, ଯାହାକୁ ନେଇ ଏବେ ନନ୍ଦନକାନନ ଆଖପାଖ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

ମିଳିଥିବା ସୂଚନାନୁଯାୟୀ, ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଦାନ୍ତୁଣିଦା ଗ୍ରାମର ଅନନ୍ତ ସାମଲ(୫୮) ସପରିବାର ଦଶହରା ବୁଲିବାକୁ ଭୁବନେଶ୍ୱର ଆସିଥିଲେ। ସେମାନେ ଚନ୍ଦ୍ରଶେଖରପୁର ଥାନା ଅଧୀନ ନୀଳାଦ୍ରି ବିହାରରେ ରହୁଥିବା ତାଙ୍କ ସାନସଢୁ ଅରୁଣ ଦେବଙ୍କ ଘରେ ରହିଥିଲେ। ଦଶହରା ଭସାଣି ଦେଖିସାରିବା ପରେ ଗତ ୨୧ତାରିଖ ରବିବାର ସଢୁଙ୍କ ପରିବାର ସହ ମିଶି ନନ୍ଦନକାନନ ବୁଲିବାକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ସମସ୍ତେ ସରୀସୃପ ଉଦ୍ୟାନ ପାଖରେ ବିଶ୍ରାମ ନେଉଥିଲେ। କିଛି ସମୟ ପରେ ଅନନ୍ତଙ୍କୁ ଛାଡ଼ି ତାଙ୍କ ସ୍ତ୍ରୀ କନକ, ବୋହୂ ସଞ୍ଜୁ ଓ ଅନ୍ୟମାନେ ପାଖରେ ଥିବା ଶୌଚାଳୟକୁ ଯାଇଥିଲେ। ଶୌଚାଳୟରୁ ଆସିବା ପରେ ଅନନ୍ତ ବସିଥିବା ସ୍ଥାନରେ ନ ଥିବା ଦେଖି ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଫଳରେ କେହି ଆଉ ନନ୍ଦନକାନନ ନ ବୁଲି ପ୍ରବେଶ ପଥ ଆଡ଼େ ଆସି ସେଠାରେ ଉପସ୍ଥିତ କର୍ମଚାରୀଙ୍କୁ ଅନନ୍ତଙ୍କ ନିଖୋଜ ବିଷୟରେ ଜଣାଇଥିଲେ। ହେଲେ କର୍ମଚାରୀ ଜଣକ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଏହାପରେ କିଛି ଦୂରରେ ଥିବା ପର୍ଯ୍ୟଟନ ପୋଲିସକୁ ଘଟଣା ସମ୍ପର୍କରେ କହିବା ପରେ ପୋଲିସ ସେମାନଙ୍କୁ ଥାନାରେ ଅଭିଯୋଗ କରିବାକୁ କହି ଚୁପ୍ ହୋଇଯାଇଥିଲା। ସେଠାରୁ ନିରାଶ ହୋଇ ସମସ୍ତେ ନୀଳାଦ୍ରି ବିହାର ଘରକୁ ଫେରିଆସିଥିଲେ। ଅନନ୍ତଙ୍କ ସାନସଢୁ ଅରୁଣ ଦେବଙ୍କୁ ଘଟଣା ବିଷୟରେ କହିବା ପରେ ସେ ନନ୍ଦନକାନନ ଥାନାକୁ ଯାଇ ଏ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୧୨/୧୮ରେ ମାମଲା ରୁଜୁ କରିବା ସହ ନିଖୋଜ ଅନନ୍ତଙ୍କ ଫଟୋକୁ ସବୁ ଥାନାକୁ ପଠାଇଥିଲା। ଏବେ ଏହି ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅନନ୍ତଙ୍କୁ ଖୋଜି ପାଇପାରିନାହିଁ। ଅନ୍ୟପକ୍ଷରେ ଘଟଣା ସଂକ୍ରାନ୍ତରେ ନନ୍ଦନକାନନ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ରେଞ୍ଜର ମନୋରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ନେଇ କୌଣସି ଖବର ନ ଥିବା କହିଛନ୍ତି। ପର୍ଯ୍ୟଟକଙ୍କ ଗତିବିଧିକୁ ଅନୁଧ୍ୟାନ କରିବା ପାଇଁ ନନ୍ଦନକାନନ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ପରିସରସ୍ଥ ବିଭିନ୍ନ ସ୍ଥାନରେ ସୁରକ୍ଷା କର୍ମଚାରୀ ଓ ପର୍ଯ୍ୟଟନ ଥାନା ପୋଲିସ ମୁତୟନ ରହିଛନ୍ତି। ଏପରି କି, ଟିକେଟ ଯାଞ୍ଚ ଫାଟକ ପାଖରେ କର୍ମଚାରୀ ଉପସ୍ଥିତ ରହୁଛନ୍ତି। ଏହାସତ୍ତ୍ୱେ ପର୍ଯ୍ୟଟକ କିଭଳି ନିଖୋଜ ହୋଇଯାଉଛନ୍ତି ଏବଂ ପୋଲିସ ସେମାନଙ୍କର ପତ୍ତା ପାଇପାରୁନାହିଁ, ତାହା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଘଟଣା ବିଷୟରେ ମୁଁ ବର୍ତ୍ତମାନ ଜାଣୁଛି। ବୃଦ୍ଧ ଜଣକ କେଉଁଆଡ଼େ ପଳାଇଯାଇଥିବେ। ମୁଁ ସୋମବାର ଗଲେ ଏ ବିଷୟରେ ବୁଝିବି। ସୂଚନାଥାଉ କି, ପୂର୍ବରୁ ମଧ୍ୟ ନନ୍ଦନକାନନ ବୁଲିବାକୁ ଆସି କୁନିଝିଅ ପାୟଲ ଓ ଶିଶୁ ରୋହନ ନିଖୋଜ ହୋଇଯାଇଥିଲେ, ଯାହାକୁ ନେଇ ଏହି ଚିଡ଼ିଆଖାନା ଚର୍ଚ୍ଚା ପରିସରକୁ ଆସିଥିଲା।





## ସଂକ୍ଷେପରେ

### ଅଗ୍ନିକାଣ୍ଡ: ୨ ଗାଈ, ୫ ଛେଳି ଜୀବନ୍ତ ଦଗ୍ଧ, ଜଣେ ଆହତ



**ଖୋର୍ଦ୍ଧା ଅଫିସ,୨୮।୧୦:** ଖୋର୍ଦ୍ଧା ତହସିଲ ଓରବରସିଂହ ପଞ୍ଚାୟତ କୃଷ୍ଣପୁର ଗାଁରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ଗୁହାଳ ସହ ୨ ଷ୍ଟୋର ରୁମରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଏଥିରେ ୨ଗାଈ, ୫ ଛେଳି ଜୀବନ୍ତଦଗ୍ଧ ହୋଇଛନ୍ତି। ନିଧି ସୁନ୍ଦରାୟ ନିଆଁରେ ପୋଡି ଯାଇ ଅକ୍ଷକ ବର୍ତ୍ତି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବସନ୍ତ ସୁନ୍ଦରାୟଙ୍କ ଘରୁ ନିଆଁ ବାହାରି ଗୁହାଳ ଘର ପୋଡିଯିବା ସହ ୪ ଛେଳି ଓ ୧ ଗାଈ ଜୀବନ୍ତ ଦଗ୍ଧ ହୋଇଥିଲେ। ପରେ ନିମିଷକ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା। ନିଧି ସୁନ୍ଦରାୟ ନିଜେ ଆହତ ହୋଇଥିବାବେଳେ ତାଙ୍କର ଗୋଟିଏ ଗାଈ, ଗୋଟିଏ ଛେଳି ସହ ଗୁହାଳ ଘର ପୋଡିଯାଇଛି। ପ୍ରସନ୍ନ ସୁନ୍ଦରାୟଙ୍କର ଷ୍ଟୋର ଘରେ ସହ କାଠ ଉପକରଣ, ଆସବାବପତ୍ର, ଜୟନ୍ତ ସୁନ୍ଦରାୟଙ୍କର ଷ୍ଟୋର ଘର ସହ ଆସବାବପତ୍ର ପୋଡି ଯାଇଛି। ଖୋର୍ଦ୍ଧାରୁ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ପିଇବା ପାଣିରେ ଜୋକ

**ଯାଁଳା,୨୮।୧୦(ଡି.ଏନ.ଏ.):** ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଉତ୍ତର ମୁଣ୍ଡମୁହାଣ, ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମକୁ ଯାଇଥିବା ପାନୀୟ ଜଳ ଯୋଗାଣ ପାଣିରେ ଜୋକ ବାହାରୁଛି। ଫଳରେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଉନାହାନ୍ତି। ୮ ଦିନ ହେଲା ପାଣିରେ ଜୋକ ବାହାରୁଥିବାରୁ ଲୋକେ ପିଇବାକୁ ଭଲ ପାଣି ଟିକେ ପାଉନାହାନ୍ତି। ଏ ସମ୍ପର୍କରେ ବାରମ୍ବାର ଜନସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଲୋକେ ବାଧହୋଇ ସେହି ପାଣିକୁ ଫୁଟାଇ ପିଉଛନ୍ତି। ଏଠାରେ କରାଯାଇଥିବା ଟାଙ୍କି ହେବା ଦିନଠାରୁ ବ୍ଲିଚିଂ କି ସଫେଇ କରାଯାଇନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଖୋର୍ଦ୍ଧା ଲିଗ୍ ଫୁଟବଲ: ଆୟୋଜକ ଦଳ ବିଜୟୀ

**ଖୋର୍ଦ୍ଧାଅଫିସ,୨୮।୧୦:** ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟବଲ୍ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ଆୟୋଜକ ଜୟଦୁର୍ଗା କ୍ଲବ ୧-୦ ଗୋଲରେ ନାଇଜର ଜଟଣୀକୁ ପରାସ୍ତ କରିଛି। ଖେଳ ପ୍ରଥମାର୍ଦ୍ଧର ୧୦ତମ ମିନିଟ୍‌ରେ ଆୟୋଜକ ଦଳର ବବୁଲ ନାୟକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। ଖେଳକୁ ବରାବର ସ୍ଥିତିକୁ ଆଣିବାକୁ ଜଟଣୀ ଦଳ ବାରମ୍ବାର ଚେଷ୍ଟା ଜାରି ରଖିଥିଲେ ମଧ୍ୟ ସଫଳ ହୋଇ ପାରି ନ ଥିଲା। ମନୋରଞ୍ଜନ ଖୁଣ୍ଟିଆ ଖେଳ ପରିଚାଳନା କରିଥିବାବେଳେ ପ୍ରଫୁଲ୍ଲ ବେହେରା, ଅରୁଣ ଦାସ, ଦିଲୀପ କର ସହଯୋଗ କରିଥିଲେ।

### ସାମାଜିକ କର୍ମୀଙ୍କ ବନ୍ଧୁମିଳନ

**ଟାଙ୍ଗୀ(ଖୋର୍ଦ୍ଧା),୨୮।୧୦(ଡି.ଏନ.ଏ.):** ଚଣ୍ଡୀମନ୍ଦିର ପରିସରରେ ଟାଙ୍ଗୀ ପଞ୍ଚାୟତ ଯୁବ ସାମାଜିକ କର୍ମୀମାନଙ୍କ ଏକ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ହେମନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ଜଳଯୋଗାଣ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ଆଲୋକ ବ୍ୟବସ୍ଥା ଓ ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ନେଇ ଆଲୋଚନା ହୋଇଥିଲା । ଟାଙ୍ଗୀର ବିଭିନ୍ନ ସମସ୍ୟା ପ୍ରତି ଅବହେଳା ପ୍ରଦର୍ଶନ ବିରୋଧରେ ନିନ୍ଦାପ୍ରସ୍ତାବ ଗ୍ରହଣ କରାଯାଇଥିଲା। ହେମନ୍ତ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ତ୍ରିନାଥ ରାହୁଲ, ପ୍ରଫୁଲ୍ଲ ପ୍ରଧାନ, ବ୍ରଜବନ୍ଧୁ ଦାସ, ପଦ୍ମଚରଣ ରାଉତରାୟ ଓ ସୁକାନ୍ତ ଦାସ ପ୍ରମୁଖଙ୍କୁ ନେଇ ୭ ଜଣିଆ କମିଟି ଗଠିତ ହୋଇଥିଲା। ସମସ୍ୟାଗୁଡିକର ତୁରନ୍ତ ସମାଧାନ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବା ନେଇ କମିଟି ପକ୍ଷରୁ ପ୍ରସ୍ତାବ ଗୃହୀତ ହୋଇଛି।

# ଉତ୍କଳୀୟ ଶାକ୍ତ ପରମ୍ପରାରେ ବୌଦ୍ଧତନ୍ତ୍ର

## ■ ଖୋର୍ଦ୍ଧାଗଡ଼ରେ ଜଗନ୍ନାଥଙ୍କ ହୋଇଥିଲା ପ୍ରଥମ ନବକଳେବର

**ଖୋର୍ଦ୍ଧା ଅଫିସ,୨୮।୧୦**



ମାସିକ ସଂସ୍କୃତି ଚର୍ଚ୍ଚାରେ ଉପସ୍ଥିତ ଅତିଥିବୃନ୍ଦ।

**■ କୁଜଙ୍ଗରୁ ବ୍ରହ୍ମ ଅଣାଯାଇ କରାଯାଇଥିଲା ନବକଳେବର**

**■ କାଞ୍ଚିରୁ ଆସିଥିବା ସାକ୍ଷୀଗୋପାଳ ବିଗ୍ରହ ଖୋର୍ଦ୍ଧାରେ ୪୭ ବର୍ଷ ରହିଥିଲେ**

ଜିଲା ସଂସ୍କୃତି ଭବନ ପରିସରରେ ମାସିକ ସଂସ୍କୃତି ଚର୍ଚ୍ଚାରେ ଉତ୍କଳୀୟ ଶାକ୍ତ ପରମ୍ପରାରେ ବୌଦ୍ଧତନ୍ତ୍ର ଓ ଖୋର୍ଦ୍ଧାଗଡରେ ଜଗନ୍ନାଥଙ୍କ ପ୍ରଥମ ନବକଳେବର ଉପରେ ରବିବାର ଦୁଇ ଭିନ୍ନ ଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କବୟିତ୍ରୀ କଳା ପଟ୍ଟନାୟକ ସାରସ୍ୱତ ମଞ୍ଚ ପକ୍ଷରୁ ଆୟୋଜିତ ପ୍ରଥମ ଆଲୋଚନା ଚକ୍ରରେ ଡ. ଜନ୍ମେଜୟ ଚୌଧୁରୀ ଓ ସତ୍ୟ ଷଡଙ୍ଗୀ ଯୋଗଦେଇ ଉତ୍କଳୀୟ ଶାକ୍ତ ପରମ୍ପରାରେ ବୌଦ୍ଧତନ୍ତ୍ର ଉପରେ ମତବ୍ୟକ୍ତ କରିଛନ୍ତି। ତନ୍ତ୍ର ମନ୍ତ୍ରର ଦେଶ ଓଡ଼ିଶାର ପୁରପଲ୍ଲୀରେ ତନ୍ତ୍ର ଦେବତା ବିଭିନ୍ନ ରୂପ ଓ ନାଁରେ ପୂଜା ପାଇଥାନ୍ତି। ବୌଦ୍ଧଧର୍ମ ବିକାଶ ଲାଭ କରିବା ପୂର୍ବରୁ ଆଦିବାସୀ ସମ୍ପ୍ରଦାୟରେ କାଠ, ପଥର ପୂଜା ପାଉଥିବା ନିଦର୍ଶନ ରହିଛି। କିନ୍ତୁ ବୌଦ୍ଧଧର୍ମ ବିକାଶ ପରେ ସେମାନେ ବୁଦ୍ଧଙ୍କୁ ବିଭିନ୍ନ ନାମ ଓ ରୂପରେ ପୂଜା କରୁଥିଲେ। ବୌଦ୍ଧ ଓ ଜୈନ ଧର୍ମର ଉତ୍ପତ୍ତି ଏତେ ନିକଟବର୍ତ୍ତୀ ଯେ କିଏ କାହାଠାରୁ ମୂର୍ତ୍ତି ପୂଜା ଗ୍ରହଣ କଲେ ତାହା ସ୍ପଷ୍ଟ କରି ହେଉନାହିଁ। ତେବେ ସମ୍ରାଟ ଅଶୋକଙ୍କ ଦ୍ୱାରା ବୌଦ୍ଧଧର୍ମ ସମଗ୍ର ବିଶ୍ୱରେ ଆଦୃତି ଲାଭ କରିଥିଲା। ତେବେ ଉତ୍ପତ୍ତି ସ୍ଥଳ ଭାରତରୁ ବୌଦ୍ଧଧର୍ମ ପତନାଭିମୁଖି ଅବସ୍ଥାରେ। ଅନ୍ୟ ଦେଶରେ କିନ୍ତୁ ଏହା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ମାତୃରୂପା ଶକ୍ତି ହିଁ ବିଶ୍ୱର ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳ ଉତ୍ସ। ଶାକ୍ତ ଧର୍ମ ବିଧିବଦ୍ଧ ଭାବେ ଭାରତୀୟ ଧର୍ମଧାରା ମଧ୍ୟରେ ପ୍ରତିଷ୍ଠା ଲାଭ କରିଛି। ବିଭିନ୍ନ ସମୟରେ ମା' ଦୁର୍ଗାଙ୍କର ଭିନ୍ନ ଭିନ୍ନ ରୂପ ଅଞ୍ଚଳରେ ପ୍ରତିଷ୍ଠିତ ହୋଇ ଶାକ୍ତଧର୍ମକୁ ବିସ୍ତାରିତ କରିଛି। ଓଡ଼ିଶା ତଥା ଭାରତର ଯେଉଁ ୪ ଗୋଟି ଶାକ୍ତପୀଠର ଆଲୋଚନା କରାଯାଉଛି ସେଥିରେ ଓଡ଼ିଆନ ପୀଠ ହେଉଛି ମୁଖ୍ୟ। ଯାହାକି ପ୍ରାଚୀନ ଓଡ଼ିଶାକୁ ବୁଝାଏ। ବୌଦ୍ଧଧର୍ମର ଉତ୍ପତ୍ତି ସହଜଯାନ ଓଡ଼ିଶାରେ ପ୍ରତିଷ୍ଠିତ ହେବା ପରେ ଅନେକ ବୌଦ୍ଧ ଦେବୀ ପୀଠ ପ୍ରତିଷ୍ଠା ଲାଭ କଲା। କିନ୍ତୁ ପରେ ବୈଷ୍ଣବ ଧର୍ମର ପ୍ରାଦୁର୍ଭାବ ବୃଦ୍ଧି ପାଇଥିବାବେଳେ ଏହି ବୌଦ୍ଧ ଦେବୀ ହିନ୍ଦୁଧର୍ମକୁ ନାମାନ୍ତରିତ ହେଲେ। ଏହାର ଜ୍ୱଳନ୍ତ ଉଦାହରଣ ପୁରୀର ଜଗନ୍ନାଥ ମନ୍ଦିର ବୋଲି ମାସିକ ସଂସ୍କୃତି ଚର୍ଚ୍ଚାରେ ମତପ୍ରକାଶ ପାଇଛି।

ସେହିପରି ଖୋର୍ଦ୍ଧାଗଡରେ ଜଗନ୍ନାଥଙ୍କ ପ୍ରଥମ ନବକଳେବର ଉପରେ ଅନୁରୂପ ଆଲୋଚନା ହୋଇଥିଲା। ଏଥିରେ ଆଲୋଚକ ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଓ ଐତିହାସିକ ନାରାୟଣ ରାଓ ଯୋଗଦେଇ ନୀଳମାଧବ ପ୍ରସଙ୍ଗରୁ ଆରମ୍ଭ କରି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଭୂମିକା, ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ଖୋର୍ଦ୍ଧାର ଭୂମିକା ଉପରେ ବ୍ୟାଖ୍ୟା କରିଥିଲେ। ନବକଳେବରରେ କୁଜଙ୍ଗରୁ ବ୍ରହ୍ମ ଅଣାଯାଇ ଖୋର୍ଦ୍ଧାରେ ବନଜାଗ ଓ ନବକଳେବରର ବିଧିବିଧାନ କରାଯାଇଥିଲା। ୧୫୭୫ ମସିହାରେ ଗଜପତି ରାମଚନ୍ଦ୍ର ଦେବଙ୍କ ଦଶମ ଅଙ୍କରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖୋର୍ଦ୍ଧାଗଡରେ ନିର୍ମାଣ କରି ଶ୍ରୀମନ୍ଦିରରେ ପୁନଃ ସ୍ଥାପନ କରାଯାଇଥିଲା। ଯାହାର ସ୍ମୃତି ସ୍ୱରୂପ ଖୋର୍ଦ୍ଧା ଦୁର୍ଗର ନାମକରଣ ଶ୍ରୀଜଗନ୍ନାଥପୁର କଟକ ରଖାଯାଇଥିଲା। ଯାହାକି ଏବେ ଗଡଖୋର୍ଦ୍ଧା ନାମରେ ପରିଚିତ। ଶ୍ରୀବିଗ୍ରହ ଗଡଖୋର୍ଦ୍ଧାର ଗୋପାଳଜୀଉ ମନ୍ଦିରରେ ୧୫୭୪ ନବମ ଅଙ୍କରୁ ୧୫୭୫ ଦଶମ ଅଙ୍କ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ। କାଞ୍ଚିରୁ ଆସିଥିବା ସାକ୍ଷୀଗୋପାଳଙ୍କ ବିଗ୍ରହ ଖୋର୍ଦ୍ଧାରେ ୪୭ ବର୍ଷ ରହିଥିବାରୁ ଏହି ମନ୍ଦିର ଗୋପାଳଜୀଉ ଭାବେ ପରିଚିତ। ପରେ ସାକ୍ଷୀଗୋପାଳ ଜଟଣୀ ନିକଟବର୍ତ୍ତୀ ରଥିପୁର ଓ ଚିଲିକା କୂଳସ୍ଥ କନ୍ତଳବାଇ ଗାଁରେ କିଛିମାସ ଧରି ଅବସ୍ଥାନ କରିଥିଲେ। ଭକ୍ତଙ୍କ ଦର୍ଶନ ଅସୁବିଧାକୁ ଏଡାଇବା ପାଇଁ ପୁରୀ ଯିବା ପଥ ପାର୍ଶ୍ୱସ୍ଥ ସତ୍ୟବାଦୀରେ ନୂତନ ମନ୍ଦିରରେ ପୂଜା ପାଇଲେ। ଖୋର୍ଦ୍ଧା ମନ୍ଦିର ଶ୍ରୀହିନ ହୋଇ ବର୍ଷବର୍ଷ ଧରି ରହିବା ପରେ ଜରାଜୀର୍ଣ୍ଣ ହୋଇପଡ଼ିଲା। ୨୦୧୪ରେ ମନ୍ଦିରର ପୁନରୁଦ୍ଧାର କରାଯାଇ ଚତୁର୍ଦ୍ଧା ବିଗ୍ରହ ପୂଜା ପାଇ ଆସୁଛନ୍ତି। ପରେ ଉତ୍କଳୀୟ ସଂସ୍କୃତିରେ ଶାକ୍ତ ପରମ୍ପରା ଉପରେ କବିମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନର ରାଜ୍ୟ ସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ଉପଦେଷ୍ଟା ବୈକୁଣ୍ଠନାଥ ରାଜଗୁରୁ, ଶିବ ସୁନ୍ଦର ପଟ୍ଟନାୟକ, ଆବାହକ ସଞ୍ଜୟ ପଟ୍ଟନାୟକ ଓ ସମ୍ମିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ଭାଙ୍ଗିଲା ଲେଭଲ୍ କ୍ରସିଂ ଗେଟ୍: ଯାତ୍ରୀ ହନ୍ତସନ୍ତ

**ନିରାକାରପୁର,୨୮।୧୦(ଡି.ଏନ.ଏ.)**

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ନିରାକାରପୁର ଲେଭଲ୍ କ୍ରସିଂ ଗେଟ୍‌କୁ ରବିବାର ଅପରାହ୍ନ ୪.୨୫ରେ ଏକ ଟିପ୍‌ସି ବୋଝେଇ ଟ୍ରକ ଧକ୍କାଦେଇଥିଲା। ଫଳରେ ରେଳଫାଟକର ପଶ୍ଚିମ ପଟ ଲୁହାବାଡ଼ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଗେଟ୍ ଦେଇ ନୂଆ ଜଗନ୍ନାଥ ସଡ଼କରେ ଯାତାୟାତ କରୁଥିବା ଜନସାଧାରଣ ଏଥିଯୋଗୁ କିଛି ସମୟ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳୁଛି। ଗେଟ୍‌ର ଉଭୟ ପାର୍ଶ୍ୱରେ ଯାନବାହନଗୁଡ଼ିକ ଜାମ ହୋଇ ରହିଥିଲା। ଖବର ପାଇ ଖୋର୍ଦ୍ଧାରୋଡ଼ ରେଳ ସୁରକ୍ଷା ବାହିନୀ ଓ ଗେଟ୍ ମରାମତି ଦଳ ଘଟଣାସ୍ଥଳରେ ପହଞ୍ଚି ଗେଟ୍ ପୁନଃ ମରାମତି କରିବା ସହ ରାସ୍ତାପାର୍ ହେବା ପାଇଁ ବ୍ୟବସ୍ଥା କରିଥିଲେ। ଏ ନେଇ ଫାଟକ ଜଗୁଆଳି ସର୍ବେଶ୍ୱର ପରିଡ଼ା କହନ୍ତି ଆଜି ଅପରାହ୍ନ ୪.୨୫ରେ ମୁଁ ଗେଟ୍ ପକାଇବା ସମୟରେ ରାମେଶ୍ୱର ପଟୁ ଏକ ଟିପ୍‌ସି ବୋଝେଇ ଟ୍ରକ୍ ଦ୍ରୁତଗତିରେ ଆସି ଗେଟକୁ ଧକ୍କାଦେଇ ପୁରୀ ଆଡ଼କୁ ପଳାଇଥିଲା। ସେ ଏହି ଗାଡ଼ିକୁ ଅଟକାଇବାକୁ ଚାହିଁଥିଲେ ବି ସମ୍ଭବ ହୋଇ ନ ଥିଲା। ପରେ ସେ ଗାଡ଼ି ନମ୍ବରକୁ ଲେଖି ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଅଭିଯୋଗ ମିଳିବା ପରେ ଡାଏରୀରେ ଏଣ୍ଟ୍ରି କରିଛନ୍ତି ବୋଲି ନିରାକାରପୁର ଷ୍ଟେଶନ ମାଷ୍ଟର ଦିଲୀପ କୁମାର ମହାରଣା କହିଥିଲେ। ଖୋର୍ଦ୍ଧାରୋଡ଼ରୁ ଆସିଥିବା ରେଳ ସୁରକ୍ଷା ବଳ ଅଧିକାରୀ ପ୍ରେମାନନ୍ଦ ଜେନା କହିଛନ୍ତି, ସେ ଏହି ଟ୍ରକର ନମ୍ବରକୁ ଟ୍ରେସ କରିସାରିଲେଣି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଲେଭଲ କ୍ରସିଂ ଗେଟ୍ ଭାଙ୍ଗିଯିବା ପରେ ଲୋକମାନେ ଅପେକ୍ଷା କରିଛନ୍ତି।

## ■ ଗ୍ରାମାଞ୍ଚଳ ବୋଲି ଗ୍ରାହକଙ୍କୁ ଉପେକ୍ଷା

# ପଢ଼ା ବେଳେ ବିଦ୍ୟୁତ୍ କାଟ

**ବେଗୁନିଆ,୨୮।୧୦(ଡି.ଏନ.ଏ.)**

**ଦିନକୁ କଟୁଛି ୨ ଘଣ୍ଟା, ଜନ ଅସନ୍ତୋଷ**

ଚଳିତବର୍ଷ ବିଦ୍ୟୁତ କାଟ୍ ହେବନାହିଁ ବୋଲି ଶକ୍ତି ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ ଅଧୀନ ଅଞ୍ଚଳରେ ବ୍ୟତିକ୍ରମ ଦେଖାଦେଇଛି। ମାସେ ହେଲା ଯାନ୍ତ୍ରିକ ତ୍ରୁଟି ଦର୍ଶାଇ ଦିନତମାମ ଅହରହ ବିଦ୍ୟୁତ୍ କାଟ୍ କରାଯାଉଛି। ଏଥିସହ ଦୈନିକ ସକାଳ ୭ରୁ ୮ଟା ପର୍ଯ୍ୟନ୍ତ ଏବଂ ପିଲାଙ୍କ ପଢା ସମୟରେ ସନ୍ଧ୍ୟା ୬ରୁ ୭ଟା ପର୍ଯ୍ୟନ୍ତ ୧ ଘଣ୍ଟା ଲେଖାଏ ବିଦ୍ୟୁତ୍ କାଟ କରାଯାଉଛି। ତେବେ ବିଭିନ୍ନ ସେକ୍ସନ ଅନୁସାରେ ସମୟ ପରିବର୍ତ୍ତନ କରାଯାଇ ଦୈନିକ ନିର୍ଦ୍ଦିଷ୍ଟ ୨ ଘଣ୍ଟା ଲେଖାଏ ବିଦ୍ୟୁତ୍ କାଟ୍ ହେଉଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ବୁଧବାର କୁମାର ପୂର୍ଣ୍ଣିମା ଅବସରରେ ସବୁଠି ଉତ୍ସବ ପାଳନ କରାଯାଉଥିବା ବେଳେ ଏହି ବେଆଇନ ବିଦ୍ୟୁତ୍ କାଟ୍ କରାଯାଇଥିଲା। ଏଥିଯୋଗୁ ଜନଅସନ୍ତୋଷ ଦେଖା ଦେବା ସହ ପିଲାମାନଙ୍କର ପଢିବାରେ ଅସୁବିଧା ସୃଷ୍ଟି ହେଉଛି। ଏହାକୁ ନେଇ ଅଞ୍ଚଳରେ ବହୁ ଉପଭୋକ୍ତା ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି। ସେହିପରି ଗ୍ରାମାଞ୍ଚଳ ଲୋକମାନଙ୍କ ପ୍ରତି ସରକାରଙ୍କର ମହତ ଆଭିମୁଖ୍ୟ ଏଠି ପଦାରେ ପଡିଛି। ଏଥିସହ ଗ୍ରାମାଞ୍ଚଳ ଉପଭୋକ୍ତାମାନଙ୍କୁ ଉପେକ୍ଷା କରାଯାଉଛି ବୋଲି ଅଞ୍ଚଳରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ପଚାରିବାରୁ ଉତ୍ତର ମିଳିଥାଏ ୩୩ କେଭି ଲାଇନରେ ଫଲ୍ଟ ଅଛି ତ ଆଉ କେତେବେଳେ କୁହନ୍ତି ଦିନତମାମ ଓଭରଲୋଡ ବ୍ୟବହାର କରିଥିବା ଯୋଗୁ ସନ୍ଧ୍ୟା ସମୟରେ ପାୱାର କଟ କରାଯାଉଛି। ସେହିପରି ଏ ସମ୍ପର୍କରେ ଯଦି ସେକ୍ସନର କଷ୍ଟମର କେୟାର ମୋବାଇଲ ନମ୍ବରକୁ ଫୋନ କରାଯାଏ ତାହା ହେଲେ ସେଠାରେ ଥିବା କର୍ମଚାରୀ ଜଣକ କୁହନ୍ତି, ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ବର୍ଷା ପବନ ଦେଖିଲେ ବିଦ୍ୟୁତ କାଟ କରିଦେବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଖୋର୍ଦ୍ଧା ସେସୁ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନୋଜ ଦାସ କୁହନ୍ତି, ବର୍ତ୍ତମାନ ପାୱାର କାଟ ପାଇଁ କୌଣସି ସରକାରୀ ନିୟମ ନ ଥିଲେ ମଧ୍ୟ ଗ୍ରାହକମାନେ ଦୈନିକ ମାତ୍ରାଧିକ ଶକ୍ତି ବ୍ୟବହାର କରୁଥିବାରୁ ସଂରକ୍ଷଣ ଲାଗି ଗ୍ରୀଡ ପକ୍ଷରୁ ନିର୍ଦ୍ଦିଷ୍ଟ ଦୈନିକ ୨ ଘଣ୍ଟା କେବଳ ଗ୍ରାମାଞ୍ଚଳରେ ହିଁ ବିଦ୍ୟୁତ୍ କାଟ କରାଯାଉଛି।





କର୍ମଶାଳାରେ ଯୋଗଦେଇଥିବା ଅତିଥି।

# 'ପ୍ରାଣନାଥ ପୁଣି ଥରେ ଜନ୍ମ ନେବା ଉଚିତ'

**ଖୋର୍ଦ୍ଧା ଅଫିସ,୨୮।୧୦**

**ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଗତିଶୀଳ ସାହିତ୍ୟିକ, ଶିକ୍ଷାବିତ୍ ଓ ସର୍ବୋପରି ଖୋର୍ଦ୍ଧା ମାଟିର ବରପୁତ୍ର ପ୍ରାଣନାଥ ପଟ୍ଟନାୟକଙ୍କର ଅବଦାନ ଉପରେ ଶନିବାର ଆରମ୍ଭ ହୋଇଥିବା କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଅବସରରେ ସମାଜ ପ୍ରତି ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ଅବଦାନକୁ ନେଇ ମହାବିଦ୍ୟାଳୟରେ ଇତିହାସ, ରାଜନୀତି ବିଜ୍ଞାନ, ଶିକ୍ଷା ଓ ଓଡିଆ ବିଭାଗ ପକ୍ଷରୁ ଅନୁଷ୍ଠିତ ପ୍ରଥମ କର୍ମଶାଳାର ତୃତୀୟ ଅଧିବେଶନ ରବିବାର ପୂର୍ବାହ୍ନରେ ହୋଇଥିଲା। ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବିଷ୍ଣୁ ଚରଣ ଚୌଧୁରୀ ଯୋଗଦେଇଥିଲେ। ଏଥିରେ ଅଧ୍ୟାପକ ପ୍ରମୋଦ ରାୟ, ପ୍ରଫେସର ପଦ୍ମାଳୟା ମହାପାତ୍ର, ଡ. ବିଜୟାଲକ୍ଷ୍ମୀ ମହାନ୍ତି, ପ୍ରଦୀପ ମିଶ୍ର, ବିଦଶ୍ରୀ ମିଶ୍ର, ହିମାଦ୍ରୀ ତନୟା ମିଶ୍ର ଓ କବିତାରାଣୀ ପ୍ରଧାନ ଆଲୋଚକମାନେ ଉତ୍କଳ ବିଶ୍ୱ ବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିଥିଲେ। ବିଶ୍ୱମୋହିନୀ ମଙ୍ଗରାଜ ଓ ସୁନିତା ତ୍ରିପାଠୀ ସଂଯୋଜନା କରିଥିଲେ। ସେହିଭଳି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ପୂର୍ବତନ ଏମ୍‌ପି ଶିବାଜୀ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଲେଖିକା ତଥା ସମାଜର ପୂର୍ବତନ ସମ୍ପାଦକ ମନୋରମା ମହାପାତ୍ର, ସମ୍ମାନିତ ଅତିଥି ରୂପେ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କମ୍ୟୁନିଷ୍ଟ ନେତା ପ୍ରାଣନାଥ ପଟ୍ଟନାୟକଙ୍କର ଜୀବନୀ ଉପରେ ଆଲୋଚକ ଓ ବକ୍ତାମାନେ ମତ ଉପସ୍ଥାପନ କରି କହିଥିଲେ ଏଭଳିଆ ସାଲିସ ବିହୀନ ନେତା ଖୋର୍ଦ୍ଧା ଜିଲାରେ ଜନ୍ମ ନେବା ଆବଶ୍ୟକ। ବିଶିଷ୍ଟ ଅତିଥି ଭାବେ ପ୍ରଫେସର ରଞ୍ଜନ କୁମାର ବଳ, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ଶୁଭେନ୍ଦୁ ମହାନ୍ତି ଏଥିରେ ସଂଯୋଜନା କରିଥିଲେ।

# ୩୦ରେ ଭାଜପା ପକ୍ଷରୁ ବ୍ଲକ୍ ଘେରାଉ

**କୃଷ୍ଣପ୍ରସାଦ,୨୮।୧୦(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକ୍ ଭାଜପା ପକ୍ଷରୁ ୩୦ରେ ବ୍ଲକ୍ ଘେରାଉ କରାଯିବ। ଟିଛିଣି ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ବ୍ଲକ ସଭାପତି ଦୀନବନ୍ଧୁ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବ୍ଲକ୍ ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ସଂଗ୍ରାମ କେଶରୀ ଜେନା, ସୁରେନ୍ଦ୍ର କୁମାର ବିଶ୍ୱାଳ, ଅନିଲ କୁମାର ସିଠ୍, ଦେବାଶିଷ ଜଗଦ୍ଦେବ ନାୟକ, ହରିହର ଦାସ ଓ ବରିଷ୍ଠ ନେତା ରଘୁନାଥ ବଡ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ଦଳ ପକ୍ଷରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ପୂର୍ବତନ ସରପଞ୍ଚ କୁମାର ସିଂହ, ପ୍ରମୋଦ କୁମାର ବିଶ୍ୱାଳ, ନାଲୁ ପ୍ରଧାନ ଓ ଭୋବନା ତରେଇ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଆଗାମୀ ୩୦ ତାରିଖରେ ଦଳ ପକ୍ଷରୁ ଚିଲିକା, ନୂଆପଡ଼ା ବ୍ଲକ୍ ଛକରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ସୂଚନା ମିଳିଛି।

# ମୁଁ ହୀରୋ କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୨୮।୧୦**

ବାଣପୁର ବ୍ଲକର କୁମାରଙ୍ଗ, ନାଚୁଣୀ ଓ ଗମ୍ଭାରୀମୁଣ୍ଡା ପଞ୍ଚାୟତରେ ରବିବାର ବିଜେଡିର ମୁଁ ହୀରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗମ୍ଭାରୀମୁଣ୍ଡାରେ ଜିଲା ପରିଷଦ ସଭ୍ୟ ଡମ୍ବରୁଧର ନାୟକ, ଯୁବ ବାହିନୀର ବ୍ଲକ ସଂଯୋଜିକା ରଞ୍ଜିତା ସାମନ୍ତସିଂହାର, ସରପଞ୍ଚ ବିମଳ ପଟ୍ଟନାୟକ, ସମିତି ସଭ୍ୟ ସଂଗ୍ରାମ ପଲେଇ ଅତିଥି ରୂପେ ଯୋଗଦେଇଥିଲେ। ଏହାକୁ ପଞ୍ଚାୟତ ଯୁବ ବାହିନୀ ସଭାପତି କାହ୍ନୁ ବରାଳ, ସମ୍ପାଦକ ରାଜେଶ ହାବଡାସିଂହ ପ୍ରମୁଖ ପରିଚାଳନା କରିଥିଲେ। କୁମାରଙ୍ଗରେ ଶୁଭଶ୍ରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣପୁର ତହସିଲଦାର ତଥା ବିଡିଓ ପୃଥ୍ୱୀରାଜ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମନୋଜ ପ୍ରଧାନ, ସମିତିସଭ୍ୟ ନାରାୟଣ ସ୍ୱାଇଁ, ନୋଡାଲ ଅଫିସର ନୃସିଂହ ଚରଣ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନାଚୁଣୀରେ ଅରୁଣ ଦାସଙ୍କ ଅଧ୍ୟକ୍ଷତାରେ ବାଣପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା ସେଠୀ ମୁଖ୍ୟଅତିଥି ଓ ଭିକାରୀ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଏଥିରେ ପଞ୍ଚାୟତ ଯୁବ ବାହିନୀର ସଭାପତି ଶୁକଦେବ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୁମାରଙ୍ଗରେ ଅନୁଷ୍ଠିତ ମୁଁ ହୀରୋ କାର୍ଯ୍ୟକ୍ରମରେ କର୍ମୀମାନେ।

# ପ୍ରକାଶ ପାଉନି ପରୀକ୍ଷା ଫଳ : ଧାରଣା ଦେବେ କମ୍ପ୍ୟୁଟର ବିଜ୍ଞାନ ସ୍ନାତକ ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୨୮।୧୦**

ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ସ୍ନାତକ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଉନାହିଁ। ପ୍ରତିବାଦରେ ପରୀକ୍ଷାର୍ଥୀମାନେ ମହାବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଅଭିଯୋଗ ଅନୁସାରେ, ୨୦୧୬ -୧୮ ଶିକ୍ଷାବର୍ଷର କମ୍ପ୍ୟୁଟର ବିଜ୍ଞାନ ସ୍ନାତକ ଛାତ୍ରୀଛାତ୍ର ୨୦୧୭ ଡିସେମ୍ବରରେ ଥାର୍ଡ ସେମିଷ୍ଟର ପରୀକ୍ଷା ଦେଇଥିଲେ। ସେହିପରି ୪ର୍ଥ ସେମିଷ୍ଟର ଗତ ଜୁଲାଇରେ ଦେଇଥିଲେ। ପ୍ରାୟ ୧ ମାସ ଭିତରେ ପରୀକ୍ଷା ଫଳ ପ୍ରକାଶ ପାଇବାର ରହିଛି। ହେଲେ ମାସ ପରେ ମାସ ଗଡି ଚାଲିଥିଲେ ମଧ୍ୟ ପରୀକ୍ଷା ଫଳ ପ୍ରକାଶ ପାଉନାହିଁ। ପରୀକ୍ଷା ଫଳ ପ୍ରକାଶ ପାଇଁ ପରୀକ୍ଷାର୍ଥୀମାନେ ମହାବିଦ୍ୟାଳୟର ଏଚଓଡି, କୋର୍ସ କୋର୍ଡିନେଟର ଓ ଅଧ୍ୟକ୍ଷଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନି। କୋର୍ସ କୋର୍ଡିନେଟର ଏବେ ଅନୁପସ୍ଥିତ ଥାଇ ଦିଲ୍ଲୀରେ ଥିବାର ଜଣାପଡିଛି। ଏ ନେଇ ଅଧ୍ୟକ୍ଷ ବିଦ୍ୟାଧର ବେହେରାଙ୍କୁ ପଚାରିବାରେ ସେ କହିଥିଲେ, ବିଶ୍ୱ ବିଦ୍ୟାଳୟରେ ଟଙ୍କା ଡିପୋଜିଟ୍ ସରିଛି। ତେବେ କୋର୍ସ କୋର୍ଡିନେଟର ଦିଲ୍ଲୀରେ ଥିବାରୁ ବିଳମ୍ବ ହେଉଛି। ଅଭିଯୋଗ ପରେ ପରୀକ୍ଷା ଫଳ ଶୀଘ୍ର ପ୍ରକାଶ କରିବାକୁ ସେ ତତ୍ପରତା ଦେଖାଇଥିବା କହିଛନ୍ତି।

# ଡିସେମ୍ବର ୩୦ରେ ଶ୍ରୀଜଗନ୍ନାଥ ମହୋତ୍ସବ

**ଖୋର୍ଦ୍ଧା ଅଫିସ,୨୮।୧୦**

**■ ଚବିଶ ବେଶ, ଛପନ ଭୋଗର ହେବ ଫଟୋ ପ୍ରଦର୍ଶନୀ**

**■ ଉତ୍ସବମୁଖର ହେବ କାଙ୍କଣ ଶିଖରୀ**

ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଚିଲିକା ମଧ୍ୟସ୍ଥ କାଙ୍କଣ ଶିଖରୀରେ ଡିସେମ୍ବର ୩୦ରୁ ଜାନୁୟାରୀ ୬ ପର୍ଯ୍ୟନ୍ତ ଆଠଦିନ ବ୍ୟାପୀ ଶ୍ରୀଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେବ। ଭୁବନେଶ୍ୱରର ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଆଠ ଚନ୍ଦିକ ପରିଷଦ, ନଈରୀ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ମହୋତ୍ସବରେ ଉଦ୍‌ଘାଟନ ଦିବସରେ ପୁରୀର ଗଜପତି ଦିବ୍ୟସିଂହ ଦେବ ଯୋଗ ଦେବେ। ଉତ୍ସବର ଭିନ୍ନ ଭିନ୍ନ ଦିବସରେ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ମହାଯଜ୍ଞ, ଶ୍ରୀଜଗନ୍ନାଥଙ୍କ ୨୪ ବେଶ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ସେହିପରି ଛପନ ଭୋଗ ପ୍ରଦର୍ଶନୀ, ୧୯୯୬ ଓ ୨୦୧୫ ନବକଳେବର ବର୍ଷର ଫଟୋ ପ୍ରଦର୍ଶନୀ, ଜଗନ୍ନାଥଙ୍କ ବିଭିନ୍ନ ଲୀଳାକ୍ଷେତ୍ରର ଫଟୋ ପ୍ରଦର୍ଶନୀ ଅନୁରୂପ ଭାବେ ସ୍ଥାନ ପାଇବ। ଅପରପକ୍ଷେ ଆଧ୍ୟାତ୍ମିକ ପୁସ୍ତକ ମେଳା, କିଶୋର ମେଳା ଅନୁଷ୍ଠିତ ହେବ। ଏ ଅବସରରେ ରବିବାର ଏକ ପ୍ରସ୍ତୁତି ବୈଠକ ବଡପଦରସ୍ଥିତ ଶ୍ରୀ ଶ୍ରୀନୀଳକଣ୍ଠେଶ୍ୱର ଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ଆବାହକ ଡ. ସୁଶାନ୍ତ କୁମାର ସାହୁଙ୍କ ଆବାହକତ୍ୱ ଓ ସାମାଜିକ କର୍ମୀ କେଦାର ଚନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ମାଦଳା ପାଞ୍ଜି ଅନୁସାରେ ନଈରୀ ଗାଁ ଭିତର ହରିହରେଶ୍ୱର ମନ୍ଦିର ଭିତରେ ଜଗତର ନାଥ ଜଗନ୍ନାଥ ୭ ମାସ ୨୭ ଦିନ ଲୀଳା କରିଥିଲେ। ଯେଉଁ ଉପରେ ବିଗ୍ରହ ଅବସ୍ଥାପିତ ହୋଇଥିଲେ ସେ ପିଢ଼ିର ସ୍ମାରକୀ ବର୍ତ୍ତମାନ ସୁଦ୍ଧା ବିଦ୍ୟମାନ। ୧୭୩୨ରେ ଏହି ହରିହରେଶ୍ୱର ମନ୍ଦିରରେ ଗୋଟିଏ ବର୍ଷ ରଥଯାତ୍ରା ହୋଇଥିଲା। ସେଠାରେ ଗୋଟିଏ ଦିନ ପାଇଁ ଖୋଲା ଯାଇଥିବା ଗୁଣ୍ଡିଚା କୂପ, ବଡଦାଣ୍ଡ, ଗୁଣ୍ଡିଚା ବରଗଛ, ଆଜି ମଧ୍ୟ ବିଦ୍ୟମାନ। ୨୦୦୭ ମସିହାରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶାସନିକ ଅଧିକାରୀ ଆସି ସଭା କରିଥିଲେ। ପରେ ସେଠାରେ ୨୦୦୮ରେ ସିଂହାସନ ପ୍ରତିଷ୍ଠା କରାଗଲା। ପରବର୍ତ୍ତୀ ସମୟରେ ବଡଦାଣ୍ଡରୁ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ଅଣାଯାଇ ପୂଜାର୍ଚ୍ଚନା କରାଯାଉଛି। ହରିହରେଶ୍ୱର ମନ୍ଦିରରେ ଜଗନ୍ନାଥ ଥିବାବେଳେ ୨୮ ମାର୍ଚ୍ଚ ୧୭୩୨ରେ ତର୍କି ଖାଁ ବାଣପୁର ଆକ୍ରମଣ ବେଳେ କାଙ୍କଣ ଶିଖରୀକୁ ସ୍ଥାନାନ୍ତର ହୋଇଥିଲେ। ସେବକମାନେ ଡଙ୍ଗାରେ ଯାଇ ନିକଟସ୍ଥ ଯମୁନା ନିର୍ଝରରୁ ମଧୁର ଜଳ ଆଣି ଠାକୁରଙ୍କ ପୂଜାର୍ଚ୍ଚନା କରୁଥିଲେ। ସେହିଭଳି କାଙ୍କଣ ଶିଖରୀରେ ପ୍ରଭୁଙ୍କ ଅବସ୍ଥାନ ସମୟରେ କାଙ୍କଣ ଫଳ ନୈବେଦ୍ୟ ଭାବେ ଲାଗି ହେଉଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀମନ୍ଦିର ରୋଷରେ କାଙ୍କଣ ଫଳର ବ୍ୟବହାର କରିବାକୁ ଅନୁମତି ମିଳିଥିଲା। ଏବେବି ଯମୁନା ନିର୍ଝର, କାଙ୍କଣ ଶିଖରୀ, ହରିଶ୍ୱର ମଣ୍ଡପ ପୁରୁଣା ଗାଥା ବହନ କରୁଛି।



"ଶ୍ରୀଲଙ୍କାର ରାଜନୈତିକ ଘଟଣାକ୍ରମ ଉପରେ ନୂଆଦିଲ୍ଲୀର ନଜର ରହିଛି। ପଡ଼ୋଶୀ ଦେଶ ତା'ର ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମ୍ବିଧାନିକ ପ୍ରକ୍ରିୟାକୁ ସମ୍ମାନ ଦେବ ବୋଲି ଭାରତ ଏକ ଘନିଷ୍ଠ ବନ୍ଧୁରାଷ୍ଟ୍ର ଭାବେ ଆଶାପୋଷଣ କରେ।"

-ରବୀଶ କୁମାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

## ସଂକ୍ଷେପରେ

### ଭାଜପାରେ ଯୋଗଦେଲେ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ମାଧବନ ନାୟାର



**ନୂଆଦିଲ୍ଲୀ,୨୮।୧୦:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ ଜି. ମାଧବନ୍ ନାୟାର ଶନିବାର ରାତିରେ ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କେରଳ ଗସ୍ତରେ ଯାଇଥିବେଳେ ସେ ଅନ୍ୟ ୫ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ଦଳରେ ମିଶିଛନ୍ତି। ୨୦୦୫ରେ ଇସ୍ରୋର କମର୍ସିଆଲ ଆର୍ମ ଆଣ୍ଟରିକ୍ସ କର୍ପୋରେଶନ୍ ଏବଂ ଡେଭାସ୍ ମଲ୍ଟିମିଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ହୋଇଥିବା ସନ୍ଦେହଜନକ ଚୁକ୍ତି ପାଇଁ ୨୦୧୨ରେ ନାୟାରଙ୍କୁ ଉପା ସରକାର କଳା ତାଲିକାଭୁକ୍ତ କରିଥିଲେ। ନାୟାର ଇସ୍ରୋର ଅଧ୍ୟକ୍ଷ ଥିବାବେଳେ ଭାଜପାରେ ଯୋଗଦେବା ନେଇ ଆଗ୍ରହ ପ୍ରକାଶ କରିଥିଲେ। କାରଣ ସେ ଡେଭାସ୍ ଚୁକ୍ତିରେ କୌଣସି ଭୁଲ କରିନଥିଲେ ବୋଲି ସେତେବେଳେ କହିଥିଲେ।

### ଭାରତୀୟ ବଂଶୋଦ୍ଭବ ସିନେଟରଙ୍କୁ ପଠାଗଲା ସନ୍ଦିଗ୍ଧ ପାର୍ସଲ



**ୱାଶିଂଟନ୍, ୨୮।୧୦:** ଭାରତୀୟ ବଂଶୋଦ୍ଭବ ତଥା ଆମେରିକାର ଡେମୋକ୍ରାଟିମ୍ ସିନେଟର କମଲା ହ୍ୟାରିସ୍ ଏବଂ ଆରବପତି ରାଜନେତା ଟମ୍ ଷ୍ଟିୟରଙ୍କୁ ଶୁକ୍ରବାର ଦୁଇଟି ସନ୍ଦେହଜନକ ପାର୍ସଲ ପଠାଯାଇଥିଲା। ଏହି ଘଟଣାରେ ଫ୍ଲୋରିଡ଼ାର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଆମେରିକାରେ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇଥିବା ଏଭଳି ପାର୍ସଲ ସଂଖ୍ୟା ୧୪ରେ ପହଞ୍ଚିଛି । ଏହାଦ୍ୱାରା ଯଦିଓ କେଉଁଠି ମଧ ବିସ୍ଫୋରଣ ହୋଇନାହିଁ, କିନ୍ତୁ ଅଧିକାରୀମାନେ ସତର୍କ ରହିଛନ୍ତି। ହ୍ୟାରିସ୍ ୨୦୨୦ରେ ରାଷ୍ଟ୍ରପତି ପଦ ଦୌଡରେ ଅଛନ୍ତି। ନିକଟରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଏବଂ ପୂର୍ବତନ ପରରାଷ୍ଟ୍ର ସଚିବ ହିଲାରୀ କ୍ଲିଣ୍ଟନଙ୍କ ନିକଟକୁ ପାର୍ସଲ ଯୋଗେ ବିସ୍ଫୋରକ ସାମଗ୍ରୀ ପଠାଯାଇଥିଲା। ତେବେ ଏହାକୁ ଯାଞ୍ଚ ସମୟରେ ବିସ୍ଫୋରକ ଠାବ ହେବାପରେ ବଡ ଧରଣର ଦୁର୍ଘଟଣା ଟଳି ଯାଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ୧୨ ଜଣ ସନ୍ଦିଗ୍ଧ ଗିରଫ ହୋଇସାରିଛନ୍ତି।

### ସାବରିମାଳା ବିବାଦ ରାହୁଲ ଈଶ୍ୱର ଗିରଫ



**ଥିରୁଭାନନ୍ତପୁରମ, ୨୮।୧୦(ପି.ଟି) :** ସାବରିମାଳା ମନ୍ଦିରକୁ ମହିଳାଙ୍କୁ ପ୍ରବେଶ କରାଇ ନ ଦେବା ମାମଲାରେ ରବିବାର ସକାଳେ ସାମାଜିକ କର୍ମୀ ରାହୁଲ ଈଶ୍ୱରଙ୍କୁ ଗିରଫ କରାଯାଇଛି । ଗତ ସପ୍ତାହରେ କୋଚିରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ରାହୁଲ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇଥିବାରୁ ତାଙ୍କୁ ଗିରଫ କରାଯାଇଛି। ଫଳରେ ଗିରଫଙ୍କ ସଂଖ୍ୟା ୩,୩୪୬ରେ ପହଞ୍ଚିଛି। ଏହାସହ ରାଜ୍ୟର ବିଭିନ୍ନ ପୋଲିସ ଷ୍ଟେଶନ୍‌ରେ ୫୧୭ଟି ମାମଲା ରୁଜୁ ହୋଇଛି ବୋଲି କେରଳ ପୋଲିସ ମୁଖ୍ୟ ଲୋକନାଥ ବେହେରା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟକୁ ଯେଉଁମାନେ ବିରୋଧ କରିଛନ୍ତି ତାଙ୍କୁ ଗିରଫ କରାଯାଇଛି ।

## ■ କଶ୍ମୀରରେ ବୁଲୁଛନ୍ତି ୪ ଉଚ୍ଚ ପ୍ରଶିକ୍ଷିତ ଜେଇଏମ୍ ଆତଙ୍କବାଦୀ

# ସ୍ନାଇପର ଆକ୍ରମଣ ବିପଦ

**ଶ୍ରୀନଗର,୨୮।୧୦(ପି.ଟି.)**



ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍) ଟାର୍ଗେଟରେ ଜମ୍ମୁ-କଶ୍ମୀର। ଜେଇଏମ୍‌ର ୪ ଉଚ୍ଚ ପ୍ରଶିକ୍ଷିତ ଆତଙ୍କବାଦୀ ଉପତ୍ୟକାରେ ବୁଲୁଛନ୍ତି। ସେମାନେ କୌଣସି ସମୟରେ ସୁରକ୍ଷା ବଳକୁ ଆକ୍ରମଣ କରିପାରନ୍ତି। ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ରବିବାର ଏଭଳି ଆଶଙ୍କା ବ୍ୟକ୍ତ କରାଯିବା ପରେ ସେନା ଅଧିକ ତତ୍ପର ହୋଇଉଠିଛି।

ମିଳିଥିବା ସୂଚନାନୁସାରେ, ଜମ୍ମୁ-କଶ୍ମୀରରେ ସେପ୍ଟେମ୍ବର ମଧ୍ୟଭାଗରୁ ସୁରକ୍ଷା ବଳ ଉପରେ ଲଗାତର ସ୍ନାଇପର (ଗୁପ୍ତ ଉପାୟରେ କରାଯାଉଥିବା ଆତଙ୍କବାଦୀ) ଆକ୍ରମଣ ହେଉଛି। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜେଇଏମ୍‌ର ଏଭଳି ଆକ୍ରମଣରେ ୩ ଯବାନ ଶହୀଦ ହୋଇସାରିଲେଣି। ଏହାକୁ ନେଇ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ରଣନୀତି ବଦଳାଇବାକୁ ବାଧ୍ୟହୋଇଛନ୍ତି। ପ୍ରଥମ ଆକ୍ରମଣ ସେପ୍ଟେମ୍ବର ୧୮ରେ ହୋଇଥିଲା। ଏଥିରେ ପୁଲୱାମା ଜିଲାର ନେୱାରେ ଜଣେ ସିଆର୍‌ପିଏଫ୍ ଯବାନ ଆହତ ହୋଇଥିଲେ। ସେହିପରି ନିକଟରେ ସ୍ନାଇପର ଆକ୍ରମଣରେ ତ୍ରାଲ୍‌ଠାରେ ସଶସ୍ତ୍ର ସୀମା ବଳର ଜଣେ ଓ ସେନାର ଜଣେ ଯବାନ ଶହୀଦ ହୋଇଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ନାଓଗାମ୍‌ରେ ମଧ ଜଣେ ଯବାନଙ୍କ ଜୀବନ ଯାଇଛି। ଆତଙ୍କବାଦୀମାନେ ଆଗକୁ ମଧ ଏଭଳି କାଣ୍ଡ ଭିଆଇପାରନ୍ତି ବୋଲି ସୁରକ୍ଷା ସଂସ୍ଥାଗୁଡ଼ିକୁ ଗୋଇନ୍ଦା ସୂଚନା ମିଳିଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଜେଇଏମ୍‌ର ଦୁଇଟି ଗୋଷ୍ଠୀ କଶ୍ମୀର ଉପତ୍ୟକାରେ ଅନୁପ୍ରବେଶ କରିଛନ୍ତି। ଦୁଇଗୋଷ୍ଠୀରେ ଦୁଇଜଣ ଲେଖାଏ ସ୍ନାଇପର ଅଛନ୍ତି। ଏବେ ସେମାନେ ପୁଲୱାମାରେ ଥିବା ଜଣାପଡ଼ିଛି। ଅଣ୍ଡରଗ୍ରାଉଣ୍ଡ ସମର୍ଥକମାନେ ସେମାନଙ୍କୁ ପୋଲିସ ଓ ସୁରକ୍ଷା ବଳ ସମ୍ପର୍କରେ ନିୟମିତ ଭାବେ ତଥ୍ୟ ଦେଉଛନ୍ତି। ଏହି ୪ ଆତଙ୍କବାଦୀଙ୍କୁ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ତାଲିମ ଦେଇ କଶ୍ମୀରକୁ ପଠାଇଛି। ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ରହିଛି ଏମ୍-୪ କାର୍ବାଇନ୍ସ, ଯାହାକି ଆମେରିକା ନେତୃତ୍ୱାଧୀନ ସେନା ଆଫଗାନିସ୍ତାନରେ ପ୍ରୟୋଗ କରିଥାଏ। ଆଫଗାନିସ୍ତାନରେ ତାଲିବାନ ଓ ଜେଇଏମ୍ ଆତଙ୍କବାଦୀମାନେ ମିଳିତ ଭାବେ ସେନା ବିରୋଧରେ ଲଢ଼େଇ ବେଳେ ଏହି ଘାତକ ଅସ୍ତ୍ର ଛଡ଼ାଇ ଆଣିଥିବା କୁହାଯାଉଛି। ୫୦୦ରୁ ୬୦୦ ମିଟର ଦୂରରୁ ଶତ୍ରୁପକ୍ଷକୁ ଟାର୍ଗେଟ କରିପାରୁଥିବା ଏମ୍-କାର୍ବାଇନ୍ସକୁ ସ୍ନାଇପର ଆତଙ୍କବାଦୀମାନେ ବ୍ୟବହାର କରି ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳକୁ ଆକ୍ରମଣ କରିବେ ବୋଲି ଜଣାପଡ଼ିଛି। ଏହାକୁ ନେଇ ସିଆର୍‌ପିଏଫ୍, ସେନା ଓ ପୋଲିସ ଯବାନମାନଙ୍କୁ ଆଲର୍ଟ କରାଯାଇଛି।

# ସବ୍‌ଇନ୍ସପେକ୍ଟରଙ୍କୁ ହତ୍ୟା



**ଶ୍ରୀନଗର,୨୮।୧୦:** ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀମାନେ ଜଣେ ପୋଲିସ ସବ୍ ଇନ୍ସପେକ୍ଟରଙ୍କୁ ହତ୍ୟା କରିଛନ୍ତି। ଚେୱା କଲାନରେ ରବିବାର ତାଙ୍କର ମୃତଦେହ ଠାବ କରାଯାଇଛି। ସେହିପରି ଆତଙ୍କବାଦୀମାନେ ଜଣେ ପିଡିପି କର୍ମୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସେ ହେଲେ ଗଙ୍ଗବଗ୍ ନିବାସୀ ୪୦ ବର୍ଷୀୟ ମହମ୍ମଦ ଅମିନ ଦାର୍। ଆତଙ୍କବାଦୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ୩୦ ବର୍ଷୀୟ ସବ୍ ଇନ୍ସପେକ୍ଟର ଇମ୍‌ତିଆଜ୍ ଅହମ୍ମଦ ମୀର ଜମ୍ମୁ-କଶ୍ମୀର ପୋଲିସରେ କାର୍ଯ୍ୟରତ ଥିଲେ। ଗତ ମାର୍ଚ୍ଚରେ ତାଙ୍କୁ ସିଆଇଡି ବିଭାଗକୁ ବଦଳି କରାଯାଇଥିଲା। ସେ ନିଜ ପରିବାର ଲୋକଙ୍କୁ ଭେଟିବା ପାଇଁ ରବିବାର ଘରକୁ ଯାଉଥିବାବେଳେ ୱାହିବଗ୍‌ଠାରେ ଆତଙ୍କବାଦୀମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଗୁଳିମାଡ଼ରେ ସେ ଟଳିପଡ଼ିଛନ୍ତି। ଆତଙ୍କବାଦୀମାନେ ପୋଲିସ କର୍ମଚାରୀଙ୍କୁ ଟାର୍ଗେଟ କରିଆସୁଥିବାରୁ ଇମ୍‌ତିଆଜ୍ ଘରକୁ ଗଲେ ତାଙ୍କୁ ମଧ ଆକ୍ରମଣ କରାଯାଇପାରେ ବୋଲି ପୂର୍ବରୁ ସତର୍କ କରାଯାଇଥିଲା। ଏଥିପାଇଁ ସେ ସତର୍କ ହୋଇ ନିଶଦାଢ଼ି କାଟି ଦେଇ ସୋତାବଗସ୍ଥିତ ନିଜ ଘରକୁ ଯିବାକୁ ବାହାରିଥିଲେ। ଯିବା ପୂର୍ବରୁ ସହକର୍ମୀମାନଙ୍କୁ ଇମ୍‌ତିଆଜ୍ କହିଥିଲେ, ଏବେ ଆତଙ୍କବାଦୀମାନେ ମୋତେ ଚିହ୍ନି ପାରିବେ ନାହିଁ।

## ■ 'ମନ୍ କୀ ବାତ୍'ରେ ଓଡ଼ିଶାକୁ ମନେପକାଇଲେ ମୋଦି

# ହକିରେ ଗୌରବ ଆଣିବେ ଖେଳାଳି

**ନୂଆଦିଲ୍ଲୀ,୨୮।୧୦ (ପି.ଟି.)**

ଓଡ଼ିଶାର ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ ଭାରତୀୟ ଖେଳାଳିମାନେ ଦେଶ ପାଇଁ ପୁଣିଥରେ ଗର୍ବ ଓ ଗୌରବ ଆଣିଦେବେ। ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏଭଳି ଆଶା ପ୍ରକଟ କରିଛନ୍ତି। ଏହା ସହ ନିକଟରେ ଶେଷ ହୋଇଥିବା ଏସିଆନ୍ ଗେମ୍ସ ଏବଂ ଏସିଆନ୍ ପାରା ଗେମ୍ସରେ ଭାରତୀୟ ଖେଳାଳିଙ୍କ ଉତ୍କୃଷ୍ଟ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଜାକର୍ତ୍ତାରେ ଅନୁଷ୍ଠିତ ହୋଇଥିବା ଏସିଆନ୍ ପାରା ଗେମ୍ସରେ ପ୍ରତିଭାବାନ ପାରା ଆଥଲେଟ୍‌ଙ୍କୁ ଭେଟିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ଭାରତ ୭୨ଟି ପଦକ ଜିତି ନୂତନ ରେକର୍ଡ ସୃଷ୍ଟି କରିଛି ବୋଲି ମୋଦି କହିଛନ୍ତି। ସେହିପରି ୩୧ ଅକ୍ଟୋବରରେ ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ ହେବ। ଏହି ଅବସରରେ 'ରନ୍ ଫର୍ ୟୁନିଟି'ରେ ଯୋଗଦେବାକୁ ମୋଦି ଯୁବପିଢ଼ିଙ୍କୁ ଆହ୍ୱାନ କରିଛନ୍ତି। ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ 'ଷ୍ଟାଚୁ ଅଫ୍ ୟୁନିଟି'କୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯିବ। ଗୁଜରାଟର ନର୍ମଦା ନଦୀ କୂଳରେ ଥିବା ପଟେଲଙ୍କ ଏହି ପ୍ରତିମୂର୍ତ୍ତି ଆମେରିକାର 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ଉଚ୍ଚତାଠାରୁ ଦୁଇଗୁଣ ଅଧିକ। ଏହା ବିଶ୍ୱର ସବୁଠାରୁ ଉଚ୍ଚତମ ପ୍ରତିମୂର୍ତ୍ତି ଭାବରେ ପରିଗଣିତ ହେବ ବୋଲି ସେ କହିଛନ୍ତି।

## ■ ଶ୍ରୀଲଙ୍କାରେ କ୍ଷମତା ଯୁଦ୍ଧ

# ୱିକ୍ରମସିଂହେଙ୍କୁ ପ୍ରଧାନମନ୍ତ୍ରୀ ଭାବେ ସ୍ୱୀକୃତି ଦେଲେ ବାଚସ୍ପତି

**କଲମ୍ବୋ,୨୮।୧୦(ପି.ଟି.)**



ରନିଲ ୱିକ୍ରମସିଂହେ

ଶ୍ରୀଲଙ୍କା ପାର୍ଲାମେଣ୍ଟର ବାଚସ୍ପତି କାରୁ ଜୟସୂର୍ଯ୍ୟା ରବିବାର ରନିଲ ୱିକ୍ରମସିଂହେଙ୍କୁ ପ୍ରଧାନମନ୍ତ୍ରୀ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହାସହ ଗଣତନ୍ତ୍ରର ସୁରକ୍ଷା ଓ ସୁଶାସନ ସକାଶେ ୱିକ୍ରମସିଂହେଙ୍କ ନିକଟରେ ଜନାଦେଶ ରହିଛି ବୋଲି ବାଚସ୍ପତି ସ୍ପଷ୍ଟ କରିଛନ୍ତି। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଶୁକ୍ରବାର ରାତିରେ ଏକ ନାଟକୀୟ ଘଟଣାକ୍ରମରେ ୟୁନାଇଟେଡ୍ ନ୍ୟାଶନାଲ ପାର୍ଟି (ୟୁଏନ୍‌ପି) ୱିକ୍ରମସିଂହେଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବରଖାସ୍ତ କରିଥିଲେ। ଏଥିସହ ସେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କୁ ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ପାଠ କରାଇଥିଲେ। ଏହି ନିଷ୍ପତ୍ତିକୁ ବିରୋଧ କରି ବାଚସ୍ପତି ଜୟସୂର୍ଯ୍ୟା ତାଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ରାଷ୍ଟ୍ରପତି ନଭେମ୍ବର ୧୬ ପର୍ଯ୍ୟନ୍ତ ପାର୍ଲାମେଣ୍ଟକୁ ମୁଲତବୀ ରଖିଥିବାରୁ ଶ୍ରୀଲଙ୍କା ଉପରେ ଏହାର ଗମ୍ଭୀର ଓ ଅବାଞ୍ଛିତ ପ୍ରଭାବ ପଡ଼ିବ ବୋଲି ବାଚସ୍ପତି ଏଥିରେ ଚେତାଇଦେଇଛନ୍ତି। ଏହାସହ ଗଣତନ୍ତ୍ରର ସୁରକ୍ଷା ପାଇଁ ୱିକ୍ରମସିଂହେଙ୍କୁ ପ୍ରଧାନମନ୍ତ୍ରୀ ପଦରେ ପୁନଃ ଅବସ୍ଥାପିତ କରିବାକୁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଛନ୍ତି।

## ■ ଥରୁରଙ୍କ ମନ୍ତବ୍ୟକୁ ନେଇ ଝଡ଼

# ମୋଦି ଶିବଲିଙ୍ଗ ଉପରେ ବସିଥିବା ବିଛା

**ବେଙ୍ଗାଲୁରୁ/ନୂଆଦିଲ୍ଲୀ,୨୮।୧୦**



ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଛା ସହ ତୁଳନା କରିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଥିରୁଭାନନ୍ତପୁରମ୍ ଏମ୍‌ପି ଥରୁର ରବିବାର ବାଙ୍ଗାଲୋର ସାହିତ୍ୟ ମହୋତ୍ସବରେ ଯୋଗଦେଇ ନିଜ ପୁସ୍ତକ 'ଦି ପାରାଡୋକ୍ସିକାଲ ପ୍ରାଇମ୍ ମିନିଷ୍ଟର' ସମ୍ପର୍କରେ କହିଛନ୍ତି, ଆର୍‌ଏସ୍‌ଏସ୍ ପାଇଁ ମୋଦି ହେଉଛନ୍ତି ଶିବଲିଙ୍ଗ ଉପରେ ବସିଥିବା ଏକ ବିଛା ସଦୃଶ। ତାଙ୍କୁ ତୁମେ ହାତରେ କାଢ଼ି କି ଚପଲରେ ଆଘାତ ଦେଇ ପାରିବ ନାହିଁ। ମୋଦି ଓ ହିନ୍ଦୁତ୍ୱର ସମାହାରକୁ ନେଇ 'ମୋଦିତ୍ୱ'ର ସୃଷ୍ଟି। ମୋଦି ଏହାକୁ ନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଊର୍ଦ୍ଧ୍ୱକୁ ଉଠିପାରିଥିବା ଥରୁର କହିଛନ୍ତି। ୨୦୧୨ରେ ଆର୍‌ଏସ୍‌ଏସ୍‌ର ଜଣେ ଅଜ୍ଞାତ ସଦସ୍ୟଙ୍କ ଦ୍ୱାରା ପ୍ରକାଶିତ ଏକ ପୁସ୍ତକରେ ମୋଦିଙ୍କୁ ଶିବଲିଙ୍ଗ ଉପରେ ବସିଥିବା ବିଛା ଭାବେ ଅଭିହିତ କରାଯାଇଥିବା ମନେପକାଇ ଥରୁର ଏଭଳି କହିଛନ୍ତି। ଥରୁରଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କ୍ଷମାମାଗନ୍ତୁ ବୋଲି ଭାଜପା ଦାବି କରିଛି। ରାହୁଲ ନିଜକୁ ଶିବଭକ୍ତ ବୋଲି ଦାବି କରୁଥିବାବେଳେ ତାଙ୍କ ଦଳର ଏମ୍‌ପି ଥରୁର ଶିବଲିଙ୍ଗକୁ ନେଇ ଖରାପ ଭାଷା ପ୍ରୟୋଗ କରିଛନ୍ତି। ସେ ଏପରି କରି ଶିବଲିଙ୍ଗର ପବିତ୍ରତା ନଷ୍ଟ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ସମାଲୋଚନା କରିଛନ୍ତି।

# ଏନ୍‌ଆର୍‌ଆଇ କରିପାରିବେ ଆର୍‌ଟିଆଇ ଆବେଦନ

**ନୂଆଦିଲ୍ଲୀ,୨୮।୧୦(ପି.ଟି.)**

## ନରମିଲା କେନ୍ଦ୍ର

ସୂଚନା ଅଧିକାର (ଆର୍‌ଟିଆଇ)କୁ ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଛି। ଆଗକୁ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ)ମାନେ ମଧ ଆର୍‌ଟିଆଇରେ ଶାସନ ସମ୍ପର୍କିତ ତଥ୍ୟ ମାଗିପାରିବେ ବୋଲି ରବିବାର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏନ୍‌ଆର୍‌ଆଇମାନେ ଆର୍‌ଟିଆଇ ଆବେଦନ କରିପାରିବେ ନାହିଁ ବୋଲି ୨୦୧୮ ଅଗଷ୍ଟ ୮ରେ ଏକ ପ୍ରଶ୍ନର ଉତ୍ତରରେ କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଲୋକ ସଭାରେ କହିଥିଲେ। ଆର୍‌ଟିଆଇ କର୍ମୀ ଲୋକେଶ ବାତ୍ରା ଆର୍‌ଟିଆଇ ଆଇନ, ୨୦୦୫ରେ ସ୍ୱଚ୍ଛତା ଆଣିବା ଲାଗି ପ୍ରତ୍ୟେକ ଭାରତୀୟଙ୍କୁ ଏହାର ସୁବିଧା ପ୍ରଦାନ ପାଇଁ ମନ୍ତ୍ରଣାଳୟକୁ ଏକ ପତ୍ର ଲେଖିଥିଲେ। ଫଳରେ ଏବେ ମନ୍ତ୍ରଣାଳୟ ତା' ଅଭିମୁଖ୍ୟକୁ ନରମ କରିଛି। ସରକାରଙ୍କ ସଂଶୋଧିତ ଉତ୍ତର ଲୋକ ସଭା ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି।

# ପ୍ରଫେସରଙ୍କୁ ଗୁଳିକରି ହତ୍ୟା

**ବିହାର ଶରିଫ୍(ନାଳନ୍ଦା),୨୮।୧୦(ପି.ଟି.)**

ବିହାରର ନାଳନ୍ଦା ଜିଲା ସଦର ମହକୁମା ବିହାର ଶରିଫ୍‌ରେ ରବିବାର ଦୁର୍ବୃତ୍ତମାନେ ଜଣେ ପ୍ରଫେସରଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପୈରୁ ମହତୋ ସୋମାରି କଲେଜର ପ୍ରାଧ୍ୟାପକ ଅରବିନ୍ଦ କୁମାର ପ୍ରାତଃଭ୍ରମଣରେ ଯାଉଥିବାବେଳେ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ଖୁବ୍ ନିକଟରୁ ତାଙ୍କୁ ଗୁଳି କରିଥିଲେ। ହତ୍ୟାକାରୀଙ୍କୁ ଧରିବା ପାଇଁ ଏକ ଏସ୍‌ଆଇଟି ଗଠନ କରାଯାଇଛି।

# ଛାତ୍ରଙ୍କୁ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କଲେ

**ବେଗୁସରାଇ, ୨୮।୧୦**

ବିହାରର ବେଗୁସରାଇ ଜିଲାରେ ଘଟିଛି ଏକ ଲଜ୍ଜାଜନକ ଘଟଣା। ୪ ଜଣ ଛାତ୍ରଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିବାପରେ ମାଡ ମାରି ଅପ୍ରାକୃତିକ ଯୌନ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଲୁ, ଅଜୟ, ବିନୋଦ, ରାଜକୁମାର, ରୋହିତ, ଗଣେଶ ଏବଂ ରାହୁଲ। ପୀଡିତ ଛାତ୍ରମାନେ କୁଶୱାହ ହଷ୍ଟେଲରେ ଏକାଠି ରହୁଥିଲେ। ପୀଡିତ ଛାତ୍ରମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ■ ମୋଦିଙ୍କୁ 'ଭରସାଯୋଗ୍ୟ ବନ୍ଧୁ' କହିଲେ ଆବେ

# ବୁଲେଟ୍ ଟ୍ରେନ୍‌ରେ ଟୋକିଓ ଯାତ୍ରା

**ୟାମାନାଶି,୨୮।୧୦(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଜାପାନ ପ୍ରତିପକ୍ଷ ଶିଞ୍ଜୋ ଆବେ ରବିବାର ୟାମାନାଶିରେ ଏକାଠି ୮ ଘଣ୍ଟା ବିତାଇବା ପରେ ଟୋକିଓକୁ ଟ୍ରେନ୍‌ରେ ଯାତ୍ରା କରିଛନ୍ତି। ଏହି ଅବସରରେ ଦୁଇନେତା କେତେକ ପ୍ରସଙ୍ଗରେ ଅଣାନୁଷ୍ଠାନିକ ଆଲୋଚନା କରିଛନ୍ତି। ଦୁଇଦିନିଆ ଜାପାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ଶନିବାର ରାତିରେ ପର୍ଯ୍ୟଟନ ୟାମାନାଶିରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତ୍ରୟୋଦଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ଯାଇଥିବା ମୋଦି ଜାପାନ ପ୍ରଧାନମନ୍ତ୍ରୀ ଆବେଙ୍କ ସହ ୟାମାନାଶିର ଏକ ଶିଳ୍ପ ପ୍ରତିଷ୍ଠାନକୁ ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୋଦିଙ୍କୁ ଆବେ ତାଙ୍କର ଜଣେ ନିର୍ଭରଯୋଗ୍ୟ ବନ୍ଧୁ ଭାବେ ଅଭିହିତ କରିଛନ୍ତି। ଆବେ କହିଛନ୍ତି, ଭାରତ ଏକ ବିଶ୍ୱଶକ୍ତି ଭାବେ ଉଭା ହୋଇ ଦକ୍ଷିଣ ଏସିଆର ନେତୃତ୍ୱ ନେଉଛି। ମୋଦି ଏହି ଦେଶର ଜଣେ ମହାନ୍ ନେତା। ତେଣୁ ଭାରତ ସହିତ ଜାପାନ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାକୁ ଆଗ୍ରହୀ। ଦୁଇଦେଶ ହାତ ମିଳାଇଲେ ନିରାପତ୍ତା, ପୁଞ୍ଜିନିବେଶ, ସୂଚନା ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ, ପରିବେଶ ଓ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଭୂତ ବିକାଶ ସମ୍ଭବ। ଯେଉଁଦିନ ଅହମ୍ମଦାବାଦ ଓ ମୁମ୍ବାଇ ମଧ୍ୟରେ ବୁଲେଟ୍ ଟ୍ରେନ୍ ଦୌଡ଼ିବା ଆରମ୍ଭ କରିବ, ସେହିଦିନ ଦୁଇଦେଶର ବନ୍ଧୁତା ଭବିଷ୍ୟତ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆବେ ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଅହମ୍ମଦାବାଦ ଓ ମୁମ୍ବାଇ ମଧ୍ୟରେ ଜାପାନ ସହାୟତାରେ ବୁଟେଲ ଟ୍ରେନ୍ ଯାତ୍ରା କରିବ। ଏହି ୫୦୮ କି.ମି. ଦୂରତା ମଧ୍ୟରେ ସମୁଦ୍ର ମଧ୍ୟରେ ୨୧ କି.ମି.ର ଏକ ସୁଡ଼ଙ୍ଗ ରହିବ। ଏହି ପ୍ରକଳ୍ପ ପାଇଁ ୧.୧୦ ଟ୍ରିଲିୟନ୍ ଟଙ୍କା ଖର୍ଚ୍ଚ କରାଯିବ। ଏଥିଲାଗି ଜାପାନ ମାତ୍ର ୦.୧% ସୁଧହାରରେ ୮୮,୦୦୦ କୋଟି ଟଙ୍କା ସହାୟତା ପ୍ରଦାନ କରୁଛି। ଏହି ଋଣ ଅର୍ଥକୁ ଭାରତ ୫୦ ବର୍ଷରେ ଜାପାନକୁ ପରିଶୋଧ କରିବ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825, ପାରଳାଖେମୁଣ୍ଡି-9437140002.

**ସଂକ୍ଷେପରେ**

## ଗ୍ରାମୀଣ ମହିଳାଙ୍କୁ ମହୁବାକ୍ସ ବଣ୍ଟନ

**ଭଦରୱା(ଜମ୍ମୁ-କଶ୍ମୀର),୨୮।୧୦:** ଏକ 'ସଦ୍ଭିଚ୍ଛାମୂଳକ କାର୍ଯ୍ୟକ୍ରମ'ର ଅଂଶସ୍ୱରୂପ ସ୍ଥଳସେନା ପକ୍ଷରୁ ଜମ୍ମୁ-କଶ୍ମୀରର ଡୋଡା ଜିଲାର ୨୮ଜଣ ମହିଳାଙ୍କୁ ମହୁଚାଷ ପାଇଁ ବାକ୍ସ ବଣ୍ଟନ କରାଯାଇଛି। ଇତିପୂର୍ବରୁ ମହିଳାମାନଙ୍କୁ ମହୁଚାଷ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ଜମ୍ମୁସ୍ଥିତ ଶେର-ଇ-କଶ୍ମୀର ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍ଚରାଲ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ମିଳିତ ଉଦ୍ୟମରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସ୍କିଲ୍ ଇଣ୍ଡିଆ ଇନିସିଏଟିଭ୍ ଅଧୀନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗ୍ରାମୀଣ ମହିଳାମାନେ କିପରି ମହୁମାଛି ପାଳନ କରି ତାହାକୁ ପରିଚାଳନା କରିବା ସହିତ ଲାଭଜନକ ବ୍ୟବସାୟରେ ପରିଣତ କରିପାରିବେ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ତାଲିମ କାର୍ଯ୍ୟକ୍ରମରେ ଡୋଡା ଜିଲାର ଗ୍ରାମାଞ୍ଚଳରୁ ୨୮ ମହିଳା ଅଂଶଗ୍ରହଣ କରିଥିଲେ।

# ବେଦାନ୍ତକୁ ରିହାତି ଦରରେ ବକ୍ସାଇଟ୍ ଦେଉଛି ଓଏମ୍ସି: ଦାମ

## ■ ଗଣମାଧ୍ୟମରେ ନିଜକୁ ବଞ୍ଚାଇବାର ପ୍ରୟାସ: ପ୍ରତାପ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ରାଜ୍ୟ ସରକାରଙ୍କୁ ପୁଣି ଟାର୍ଗେଟ କରିଛନ୍ତି ବିଜେଡିରୁ ବହିଷ୍କୃତ ନେତା ଦାମୋଦର ରାଉତ। ବେଦାନ୍ତକୁ ରିହାତି ଦରରେ ଓଏମ୍ସି(ଓଡିଶା ମାଇନିଂ କର୍ପୋରେଶନ) ବକ୍ସାଇଟ୍ ଯୋଗାଉଛି। କେନ୍ଦ୍ର ଦ୍ୱାରା ନିର୍ଦ୍ଧାରିତ ଦରଠାରୁ ବେଦାନ୍ତକୁ ଢେର୍ କମ୍ ଦରରେ ବକ୍ସାଇଟ୍ ଦିଆଯାଉଛି। ସରକାର ବେଦାନ୍ତ କମ୍ପାନୀ ମାଲିକ ଅନିଲ ଅଗ୍ରୱାଲଙ୍କୁ ଅହେତୁକ ଅନୁକମ୍ପା ଦେଖାଉଛନ୍ତି, ଯାହାଦ୍ୱାରା ରାଜ୍ୟର ପ୍ରାକୃତିକ ସମ୍ପଦକୁ ଶାଗ, ମାଛ ଦରରେ ବେଦାନ୍ତ ଲୁଟୁଛି ବୋଲି ରାଉତ ରବିବାର ଅଭିଯୋଗ କରିଛନ୍ତି। ବିଭିନ୍ନ ତଥ୍ୟ ଦେଇ ଖଣିଲୁଟ୍ ସମ୍ପର୍କରେ ଦାମ



ସରକାରଙ୍କ ଉପରେ ଗଣମାଧ୍ୟମ ଆଗରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଟନ୍କୁ ୩ଶହ ଟଙ୍କା ହିସାବରେ ପ୍ରତ୍ୟେକ ଦିନ ହଜାର ହଜାର ଟନ୍ ବେଦାନ୍ତ ବକ୍ସାଇଟ୍ ନେଉଛି। ବେଆଇନ ଭାବେ ରାତି ଗୋଟାଏ ବେଳେ ମାଇନିଂ ଚାଲିଛି। ଏହି ଘଟଣାରେ ସିବିଆଇ ତଦନ୍ତ ହେବା କଥା। ମାତ୍ର ରାଜ୍ୟ ସରକାର ଏହିସବୁ କାର୍ଯ୍ୟକ୍ରମ ପ୍ରଶାସନିକ ଅଧିକାରୀ ମନୋଜ ଗୁଆଁରା ସେଠୀଙ୍କ ଦ୍ୱାରା କରାଉଛନ୍ତି।

ରାଉତଙ୍କ ଏଭଳି ଅଭିଯୋଗକୁ ନେଇ ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ଏଭଳି ଅଭିଯୋଗର କୌଣସି ଭିତ୍ତିନାହିଁ। କେବଳ ଗଣମାଧ୍ୟମରେ ନିଜକୁ ବଞ୍ଚାଇ ରଖିବା ପାଇଁ ସେ ଏଭଳି ପ୍ରତିକ୍ରିୟା ଦେଉଛନ୍ତି। ଯିଏ ଚାହିଁବ ଆର୍ଟିଆଇ ମାଧ୍ୟମରେ ସମସ୍ତ ତଥ୍ୟ ପାଇପାରିବ। ସବୁ କଥା ଅନ୍ ଲାଇନ୍ରେ ରହୁଥିବାରୁ ଏଥିରେ କିଛି ଲୁଚା ଛପା ନାହିଁ ବୋଲି ପ୍ରତାପ କହିଛନ୍ତି। ଅନ୍ୟପଟେ ରାଉତ ଅଭିଯୋଗ ଆଣିଥିବା ଅଫିସରଙ୍କ ମତାମତ ମିଳିପାରି ନାହିଁ।

# ହାତୀ ମୃତ୍ୟୁ ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ

## ■ ବିଜେଡି କହିଲା ପ୍ରଥମେ ସିବିଆଇ କନ୍ଦଳ କଥା କୁହ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ଢେଙ୍କାନାଳ ଜିଲାରେ ବିଦ୍ୟୁତ ଆଘାତରେ ୭ ହାତୀ ମୃତ୍ୟୁ ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ଏହି ଘଟଣାକୁ ନେଇ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି। ସରକାରର ଗୋଟିଏ ହାତ କ'ଣ କରୁଛି ତାହା ଅନ୍ୟ ହାତ ଜାଣୁ ନାହିଁ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର ଏକ ଟୁଇଟ୍ କରି କହିଛନ୍ତି ଯେ, ବିଦ୍ୟୁତ ଆଘାତରେ ପଶୁ ମୃତ୍ୟୁ ଓଡିଶାରେ ବହୁ ପୂର୍ବରୁ ବହୁ ଚର୍ଚ୍ଚିତ ପ୍ରସଙ୍ଗ ହୋଇଥିଲେ ସୁଦ୍ଧା ପୁନର୍ବାର ହାତୀ ମୃତ୍ୟୁ ଦୁଃଖ ଓ ପରିତାପର ବିଷୟ ପାଲଟିଛି। ବ୍ୟବସ୍ଥା ଚଳାଉଥିବା ଲୋକମାନେ ଏହାକୁ ଗୁରୁତର ସହ ନେଇଛି। ଯେପରି ଓଡିଶାର ସମ୍ପଦକୁ ବଞ୍ଚାଇବା ପାଇଁ ଚେଷ୍ଟା କରିବେ ବୋଲି ମୋର ଆଶା। ଦୁଃଖର ବିଷୟ ରାଜ୍ୟ ସରକାରର ଗୋଟିଏ ହାତ କ'ଣ କରୁଛି ଆଉ ଗୋଟେ ହାତ ଜାଣୁନି। ଜଙ୍ଗଲ ବିଭାଗ ଆଉ ବିଜୁଳି ବିଭାଗ ଅଧୀନରେ ସେସୁ ଉଭୟଙ୍କ ମଧ୍ୟରେ ସାମାନ୍ୟତମ ଯୋଗ ସୂତ୍ର ନ ରହିବା ଓଡିଶାର ଅମୂଲ୍ୟ ସମ୍ପଦକୁ ନଷ୍ଟ କରୁଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ, ସାତ ହାତୀ ମରିବା ପରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହା ଧର୍ମକୁ ଆଖିଠାର। ହାତୀ ପଲ ଖାଦ୍ୟ ଅନୁସନ୍ଧାନରେ ଏକ ନିର୍ଦ୍ଦିଷ୍ଟ ପଥ ଦେଇ ଯାତାୟତ କରି ଥାଆନ୍ତି। ସେମାନଙ୍କ ଚଲା ପଥରେ ବିଦ୍ୟୁତ ତାର ନିରାପଦରେ ବିଛା ଯାଇ ନ ଥିଲା। ତେଣୁ ଏଭଳି ପ୍ରଶାସନିକ ହତ୍ୟାକୁ କେଉଁ ସ୍ୱାର୍ଥରେ ତଦନ୍ତ କରାଯିବ। ବିଦ୍ୟୁତ ବିଭାଗର ସମ୍ପୃକ୍ତି ଆସୁଥିବାରୁ ସେସୁର ସିଏମ୍ଡି ସର୍ବପ୍ରଥମେ ଇସ୍ତଫା ଦେବା ଦରକାର। କେତେଜଣ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ରାଜନୀତି ଚାଲିଛି ବୋଲି ଶ୍ରୀକାନ୍ତ କହିଛନ୍ତି। ଧର୍ମେନ୍ଦ୍ରଙ୍କ ଏଭଳି ଆଭିମୁଖ୍ୟକୁ ସମାଲୋଚନା କରି ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ଧର୍ମେନ୍ଦ୍ରଙ୍କ ଅଭିଯୋଗ ଭିତ୍ତିହୀନ। ସେ ପ୍ରଥମେ ନିଜ କଥା ଚିନ୍ତା କରନ୍ତୁ। ଦିଲ୍ଲୀରେ ସିବିଆଇ କନ୍ଦଳ କଥା ଧର୍ମେନ୍ଦ୍ର କୁହନ୍ତୁ। ହାତୀ ମୃତ୍ୟୁ ଘଟଣାକୁ ଗୁରୁତର ସହ ନେଇ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି।

**ଖେଳ ଖବର**

# ଅଲ ଓଡ଼ିଶା ଓପନ ସ୍ନୁକର: ଆକାଶ ଚାମ୍ପିୟନ

**କଟକ ଅଫିସ,୨୮।୧୦**

ମାତାମଠସ୍ଥିତ ଗୋଲ୍ଡେନ କିଙ୍ଗ ସ୍ନୁକର କ୍ଲବ ପକ୍ଷରୁ ଚାଲିଥିବା ୪ର୍ଥ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି। ୧୧ଫ୍ରେମ ବିଶିଷ୍ଟ ଫାଇନାଲ ମୁକାବିଲାରେ ଆକାଶ ମହାପାତ୍ର ୬-୧ ଫ୍ରେମରେ ସୁବ୍ରତ ଦାସଙ୍କୁ ପରାସ୍ତ କରି ଚଳିତ ସଂସ୍କରଣର ଚାମ୍ପିୟନ ଟାଇଟଲ ହାସଲ କରିଛନ୍ତି। ପ୍ରଥମ ଫ୍ରେମ ଖେଳକୁ ଆକାଶ ୫୮-୪୬, ଦ୍ୱିତୀୟ ଫ୍ରେମକୁ ୬୬-୫, ତୃତୀୟ ଫ୍ରେମକୁ ୬୨-୧, ଚତୁର୍ଥ ଫ୍ରେମକୁ ୭୨-୧୩ରେ ଜିତିଥିଲେ। ୫ମ ଫ୍ରେମରେ ସୁବ୍ରତ ମ୍ୟାଚ୍କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଏହି ଫ୍ରେମକୁ ୬୪-୫୪ରେ ବିଜୟୀ ହୋଇ ସ୍ଥିତିକୁ ୪-୧ରେ ପହଞ୍ଚାଇଥିଲେ। ମାତ୍ର ପରବର୍ତ୍ତୀ ୨ଟି ଫ୍ରେମ ପୁନର୍ବାର ଆକାଶ ଜିତି ମ୍ୟାଚ୍କୁ ନିଜ ଅକ୍ତିଆରକୁ ଆଣିଥିଲେ। ୬ଷ୍ଠ ଫ୍ରେମ ୬୫-୩୬ ଓ ୭ମ ଫ୍ରେମ ୭୦-୪୧ରେ ଆକାଶ ବିଜୟୀ ହୋଇଛନ୍ତି। ସରୋଜ ଦାସ ଫାଇନାଲ ମ୍ୟାଚ୍ ରେଫ୍ରି ରହିଥିବା ବେଳେ ଅନୁଜ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ମ୍ୟାନେଜର ଜ୍ଞାନରଞ୍ଜନ ବେହେରା ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ଅଲ ଓଡ଼ିଶା ଓପନ ସ୍ନୁକର ଚାମ୍ପିୟନ ଆକାଶ ମହାପାତ୍ର (ବାମ)ଓ ରନର୍ସଅପ୍ ସୁବ୍ରତ ଦାସ (ଡାହାଣ)।

# ଭାରତୀୟ ଗେଟ୍ବଲ୍ ଦଳ ଚାମ୍ପିୟନ

**ଭୁବନେଶ୍ୱର, ୨୮।୧୦ (କ୍ରୀଡ଼ା ପ୍ରତିନିଧି)**

ତାଇୱାନ୍ର ମିଓଲିଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗେଟ୍ବଲ ଚାମ୍ପିୟନଶିପ୍ରେ ଭାରତ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତା ଅକ୍ଟୋବର ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜାତୀୟ ଚାମ୍ପିୟନ ହୋଇଥିବାରୁ ଓଡ଼ିଶା ଗେଟ୍ବଲ ଟିମ୍କୁ ଭାରତୀୟ ଗେଟ୍ବଲ ୟୁନିୟନ ପକ୍ଷରୁ ତାଇୱାନ୍ ପଠାଯାଇଥିଲା। ଏହି ଦଳରେ ୫ ଖେଳାଳି ସତୀଶ ପୃଷ୍ଟି, ରଞ୍ଜନ କୁମାର ପାତ୍ର, ବିଶ୍ୱରଞ୍ଜନ ମିଶ୍ର, ଦ୍ୱିପାୟନ ପଟ୍ଟନାୟକ, ନିରଞ୍ଜନ ମଙ୍ଗରାଜ ଓ ମ୍ୟାନେଜର ସଞ୍ଜୀବ କୁମାର ପରିଡ଼ା ସାମିଲ ଥିଲେ। ଭାରତୀୟ ଦଳ ପୂର୍ବରୁ ୨୦୧୦ ବାଲି ଓ ୨୦୧୨ ଥାଇଲାଣ୍ଡରେ ଚାମ୍ପିୟନଶିପ୍ ଜିତିଥିଲା। ତେଣୁ ୬ ବର୍ଷ ବ୍ୟବଧାନରେ ଦଳ ପୁଣି ଟାଇଟଲ ହାସଲରେ ସକ୍ଷମ ହୋଇଛି। ଦଳର ସଦସ୍ୟମାନେ ୩୦ ତାରିଖରେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ଭାରତୀୟ ଗେଟ୍ବଲ ୟୁନିୟନ ପକ୍ଷରୁ ଚଳିତ ବର୍ଷର ଇଣ୍ଡିଆନ ଓପନ୍ ଗେଟ୍ବଲ ଟୁର୍ନାମେଣ୍ଟ ଡିସେମ୍ବର ୨୨ ଓ ୨୩ ତାରିଖରେ ଭୁବନେଶ୍ୱରରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଚାଇନା, ଅଷ୍ଟ୍ରେଲିଆ, ୟୁରୋପ, ତାଇୱାନ୍, ମାକାଉ, ଜାପାନ, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ଅଂଶଗ୍ରହଣ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି।



ତାଇୱାନ୍ର ମିଓଲିଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗେଟ୍ବଲ୍ରେ ଚାମ୍ପିୟନ ଭାରତୀୟ ଦଳ ।

# ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଓଡ଼ିଶା ୫୮/୦

**କଟକ ଅଫିସ,୨୮।୧୦:** ସନ୍ସାଇନ୍ ଗ୍ରାଉଣ୍ଡରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଓଡ଼ିଶା-ଝାଡ଼ଖଣ୍ଡ ମ୍ୟାଚ୍ର ଦ୍ୱିତୀୟ ଦିବସ ଖେଳ ବର୍ଷା ଓ ଖରାପ ପାଗ ଯୋଗୁ ବାଧାପ୍ରାପ୍ତ ହୋଇଛି । ଶନିବାର ପ୍ରଥମ ଇନିଂସ୍ ବ୍ୟାଟିଂ କରୁଥିବା ଝାଡ଼ଖଣ୍ଡ ୯ ଉଇକେଟ ହରାଇ ୨୯୭ରନ୍ କରିଥିବା ବେଳେ ରବିବାର ଆଉ ୧୮ରନ୍ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ଶ୍ରେଷ୍ଠ ସିଂ ଅନ୍ତିମ ଉଇକେଟଟି ଦଖଲ କରିଥିଲେ। ଜବାବରେ ଓଡ଼ିଶା ୨୮ଟି ଓଭର ଖେଳି ବିନା ଉଇକେଟରେ ୫୮ରନ୍ କରିଛି । ସଙ୍କେତ ବେହେରା ୨୩ରନ୍, ବିଶ୍ୱଜିତ ପାତ୍ର ୨୦ରନ୍ରେ ଅପରାଜିତ ଅଛନ୍ତି।

# ଓଡ଼ିଶା ବାଳିକା ଦଳ ରନର୍ସଅପ

**କଟକ ଅଫିସ,୨୮।୧୦**

ଆସାମର ଗୁଆହାଟୀରେ ଚାଲିଥିବା ୨୨ତମ ଜାତୀୟ ଜୁନିୟର ସିପକ୍ଟାକ୍ର ଚାମ୍ପିୟନଶିପ୍ରେ ଓଡ଼ିଶା ବାଳିକା ଦଳ ରନର୍ସଅପ ହୋଇଛି। ଫାଇନାଲରେ ଦଳ ୧-୨ ସେଟ୍ରେ ନାଗାଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେମିରେ ଦଳ ଉତ୍ତରପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

DADLS-154

**ରାଷ୍ଟ୍ରୀୟ ସଂକଳ୍ପ ଦିବସ ରାଜ୍ୟସ୍ତରୀୟ ସମାରୋହ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା୩୧।୧୦।୨୦୧୮ — ସ୍ଥାନ: ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା** — ସମୟ: ମଧ୍ୟାହ୍ନ ୧୨ ଘଟିକା
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** — ସମୟ: ଅପରାହ୍ନ ୨ ଘଟିକା
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ/ ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତିପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୩୧।୧୦।୨୦୧୮ରିଖ ସନ୍ଧ୍ୟା ୫ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ
15001/13/0345/1819

**OFFICE OF THE HEADMASTER**
**KASTURABA GANDHI BALIKA VIDYALAYA, TARAGAM**
**BLOCK- NABARANGPUR, DIST.- NABARANGPUR, PIN- 764059**
Cell: 8249886197 (HM) Email: kgbvtaragam@rediffmail.com
Letter No. 77/2018 Date: 26.10.2018
ଶିକ୍ଷା ଅଧିକାର

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV, TARAGAM, Block/Dist.- Nabarangpur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV TARAGAM, Nabarangpur during office hours by 5.00PM of Dt.26.11.18. The bid document shall be opened at 10.00AM on Dt.27.11.18 in the office of the Headmistress, KGBV, TARAGAM, Nabarangpur in the presence of the bidders or their authorised representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

*Sd./- Headmistress, KGBV TARAGAM, Nabarangpur*

See Career Appointment on every Wednesday & Saturday

**OFFICE OF THE COLLECTOR, RAYAGADA**
**(SOCIAL WELFARE SECTION)**
No. 2486 Dated: 26.10.18

**TENDER NOTICE**

Sealed tenders in the prescribed format are invited from the intending registered transport contractor / agents / individuals / company for undertaking transportation of rice & wheat, under Supplementary Nutrition feeding programme during the year 2018-19 in Rayagada district, which is to be transported from the FSD depot of the FCI/OSWC of Rayagada & Gunupur to all the AWC & Chhatua production points of the district.

For details please visit our official website http://rayagada.nic.in. The tender completed in all respect shall reach to the Office of the DSWO, Rayagada by registered / speed post Collectorate, Rayagada on or before 15.11.2018 by 5PM and the tender will be opened on 16.11.2018 at 11AM by the tender committee constituted for this purpose.

The tender received beyond the date and time mentioned above shall not be taken into consideration. The authority also reserves the right to reject any or all tenders without assigning any reason thereof.

*Sd./- COLLECTOR, RAYAGADA*

**ପଞ୍ଚାୟତ ସମିତି, ସୁକିନ୍ଦା, ଜିଲ୍ଲା-ଯାଜପୁର**
Email: ori-sukinda@nic.in, PIN- 755018, Cell: 8280405157
No. 2572 Date: 27.10.2018

**TENDER CANCELLATION NOTICE**

This is to inform all concerned that Tender Notice No. 2230, dtd. 10.09.2018 of Sukinda Block for 11 nos. of OMC CSR projects, is hereby cancelled.

*Sd./- Block Development Officer, Sukinda*

idco Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
**No. HO/Civil/T&E/E/4443/01/2018/21446** **Date:26.10.2018**

**EXPRESSION OF INTEREST NOTICE**

Expression of Interest is invited from renowned Artisans / Agencies for "Design, Supply and Installation of Display items with Supportive backdrops for Dance Costume Gallery of Odisha Craft Museum at Gandamunda, Bhubaneswar". The detail EOI can be seen in our website **www.idco.in** (in tenders EOI /REP/Others). The last date of submission of the EOI is **16.11.2018** by 5.00pm.

For the detailed EOI, please visit our web site **www.idco.in**

**Sd/-**
**Chief General Manager (Civil)I/C**
**IDCO, Bhubaneswar**

**OFFICE OF THE HEADMISTRESS**
**KASTURABA GANDHI BALIKA VIDYALAYA, CHARAMULA**
**BLOCK- TENTULIKHUNTI, DIST.- NABARANGPUR, PIN- 764070**
Cell: 9777723789 (HM) Email: kgbvcharamula@rediffmail.com
Letter No. 85/2018 Date: 26.10.2018
ଶିକ୍ଷା ଅଧିକାର

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV, CHARAMULA, Block- Tentulikhunti, Dist.- Nabarangapur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV CHARAMULA, Block- Tentulikhunti, Nabarangpur during office hours by 5.00PM of Dt.28.11.18. The bid document shall be opened at 10.00AM on Dt.29.11.18 in the office of the Headmistress, KGBV, CHARAMULA, Block- Tentulikhunti, Nabarangpur in the presence of the bidders or their authorised representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

*Sd./- Headmistress, KGBV CHARAMULA*

**OFFICE OF THE REGULATED MARKET COMMITTEE, BALANGIR**
**At/PO.-Balangir, Dist- Balangir- 767001**
**E-mail- rmcbgr@rediffmail.com, MOB.9437116739/9437063300**

**E-PROCUREMENT (INVITATION FOR BIDS)**
**TENDER CALL NOTICE NO.495RMC, Dated:- 27.10.2018**
**BID IDENTIFICATION NO.RMC – 02/ 2017-18**

1. The Sub-Collector,Balangir-cum-Chairman, R.M.C.,Balangir invites Percentage Rate bids in Single cover system in online mode for the construction of works as detailed in the table, from the class of eligible contractors as mentioned in column – 7 (Seven ) registered with the State Governments and contractors of equivalent Grade / Class Registered with Central Government / MES/ Railway/CPWD for execution of civil works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the appropriate registering authority of the State Government of Odisha in appropriate class of eligibility before award of the work.
2. The bidders may submit bids for the following works.

| Sl. No. | Name of the Work | Value of the Work (Rs.) | Concerned T.I.A. | EMD @1% Rs. (Approx) Online | Cost of Bid Documents + 18% GST Rs. (Online) | Class of Bidder | Period of Completion in Calendar months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of 16nos shop rooms at Bijakhaman Market Yard under RMC Balangir. | 41,51,727.00 | Sub-Collector, Balangir-cum-Chairman, R.M.C. , Balangir | 41517.00 | 6000.00 | 'A' & 'B' | 6 Calendar Months |
| 2 | Construction of barbed wire fencing at Bijakhaman Market Yard under RMC Balangir. | 53,318.00 | Sub-Collector, Balangir-cum-Chairman, R.M.C. , Balangir | 533.00 | 400.00 | 'C' & 'D' | 1 Calendar Months |
| 3 | Construction of Farmers facilation centre with auction hall at Bijakhaman Market Yard under RMC Balangir. | 28,82,596.00 | Sub-Collector, Balangir-cum-Chairman, R.M.C. , Balangir | 28,826.00 | 6000.00 | 'C' & 'B' | 6 Calendar Months |
| 4 | Construction of e-NAM office with laboratory at Bijakhaman Market Yard under RMC Balangir | 10,87,886.00 | Sub-Collector, Balangir-cum-Chairman, R.M.C. , Balangir | 10,879.00 | 6000.00 | 'C' & 'D' | 4 Calendar Months |

3. Bid documents consisting of Plans, specifications, the schedule of quantities and the set of terms and conditions of contract and All other details can be seen from DTCN available at E-procurement portal Govt. website :www.tendersorissa.gov.in.
4. The Tender Paper cost and Earnest Money Deposit / Bid security of the amount specified for the work in Col. 05 and 06 above, the bidder shall make electronic payment using his / her Internet Banking enabled account with designated Bank or their aggregator Bank such as SBI / ICICI / HDFC or the bidder having account in other bank can make payment using NEFT / RTGS facilities of designated banks . Bidders desirous to hire machineries or equipments from outside the State or owned but deployed outside the state are required to furnish 2 % of the amount put to tender as Bid security.
5. The Bid documents will be available in the website :www.tendersorissa.gov.in from 10.00AM of 30.10.2018 to 08.11.2018 5.00 PM for online bidding.
6. The bidder must possess compatible Digital Signature Certificate (DSC) of Class-II or Class-III
7. Bids shall be received only "on line" on or before 08/11/2018 up to 5.00 PM.
8. Bids received on line shall be opened at 10.00 AM on 09/11/2018 in the office of the R.M.C. Balangir in the presence of the bidders who wish to attend. Bidders who participated in the bid can witness the opening of bids after logging on to the site through their DSC. If the office happens to be closed on the last date of opening of the bids as specified, the bids will be opened on the next working day at the same time and venue.
9. After finalisation of tender the successful bidder shall submit the original affidavit regarding authentication of the documents and all other documents in the original shall be furnished in the office for verification.
10. The cost of bid documents as mentioned in Column 6, the bidder shall make electronic payment using his / her Internet Banking enabled account with designated Bank or their aggregator Banks such as SBI / ICICI / HDFC or the bidder having account in other Bank can make payment using NEFT / RTGS facilities of designated Banks .
11. The Engineer contractor willing to avail the Exemption of EMD will submit scan copy of the affidavit to avail the exemption along with bid document and original affidavit will be submitted before opening of technical Bid. Affidavit should contain how many times such facilities have been availed by him prior to this during the current financial year. Otherwise they will not be entitled to avail such facilities.
12. The SC/ST contractors willing to avail the facilities as fixed by Govt. will submit an affidavit for the same along with tender document; otherwise they will not be entitled to avail such facilities. Claim at the time of opening of tender or later will not be entertained.
13. Special Clause: If the rate quoted by the bidder is less than the estimate cost put to tender, then the successful bidder shall have to furnish the exact amount of differential cost i.e estimated cost put to tender minus the quoted amount as Additional Performance Security within five days of opening tender in shape of Demand Draft/Fixed deposit receipt/N.S.C/K.V.P drawn in any nationalized bank in favour of the Chairman, RMC Balangir.
14. Other details can be seen in the bidding documents.
15. The authority will not be held responsible for any technical snag or network failure during on-line bidding.
16. The authority reserves the right to cancel any or all bids without assigning any reason.

**Sd/-SubCollector, Balangir, -cum-Chairman, R.M.C. Balangir**

## ସ୍ୱା ସ୍ଥ୍ୟ ସୂ ଚ ନା



❖ଆପଣ ଡାଇବେଟିସ ଦ୍ୱାରା ଆକ୍ରାନ୍ତ କି ? ଯଦି ହଁ, ତେବେ ପ୍ରଥମେ ନିଜ ଜୀବନଶୈଳୀକୁ ସନ୍ତୁଳିତ କରନ୍ତୁ। ଖାଦ୍ୟପେୟ ପ୍ରତି ନଜର ଦେବା ସହ ନିୟମିତ ସମୟ ଅନ୍ତରାଳରେ ବିଭିନ୍ନ ଶାରୀରିକ ପରୀକ୍ଷା କରାଇ ନିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ପ୍ରତି ମାସରେ ରକ୍ତରେ ସୁଗାର ପରିମାଣ, ରକ୍ତଚାପ ମାପି ନିଅନ୍ତୁ।

❖ଏଣୁତେଣୁ ଚିନ୍ତା କଲେ ତାହା ଦ୍ୱାରା ଟେନ୍‌ସନ ବଢ଼ିଥାଏ। ଏହାଦ୍ୱାରା ଆପଣ ରକ୍ତଚାପ (ବ୍ଲଡ୍‌ପ୍ରେସର) ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ନିଜକୁ ଯେତେ ସମ୍ଭବ ଟେନ୍‌ସନମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ।

❖କେତେକେ ରାତିରେ ଡେରିରେ ଶୋଇ ସକାଳ ୮-୯ଟା ପାଖାପାଖି ଉଠିଥାଆନ୍ତି। ଏଭଳି ଅଭ୍ୟାସ ଯେତେଶୀଘ୍ର ପରିହାର କରିବେ ତାହା ସେତେ ଭଲ।

❖ନିଜକୁ ସୁସ୍ଥ ରଖିବା ହେଉଛି ନିଜର ଦାୟିତ୍ୱ। ତେଣୁ ଏଭଳି କିଛି କରନ୍ତୁ ନାହିଁ, ଯାହାଦ୍ୱାରା ଆପଣ ରୋଗାକ୍ରାନ୍ତ ହେବେ ଏବଂ ବାକି ଜୀବନ ଆପଣଙ୍କର ଔଷଧ ଖାଇବାରେ ବିତିବ।

❖ବୟସ ବଢ଼ିଲେ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ହୋଇଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ଆଗ୍ରହ ଶକ୍ତି ବଢ଼ାଏ ବ୍ୟାୟାମ

ନିୟମିତ ବ୍ୟାୟାମ କଲେ ତାହା ଶରୀର ପାଇଁ କେତେ ଉପକାରୀ ତାହା ଅନୁଭବୀ ହିଁ ଜାଣେ। ତେଣୁ ଆଜିକାଲି ଜଣେ ବ୍ୟକ୍ତି ଅତିକମ୍‌ରେ କିଛି ସମୟ ବ୍ୟାୟାମ କରିବା ଆବଶ୍ୟକ। ତେଣୁ ନିଜ ଦୈନନ୍ଦିନ ଜୀବନରେ ଏହାକୁ ସାମିଲ କରିବା କେତେଦୂର ଠିକ୍ ତାହା ନିଜେ ଥରେ ଚିନ୍ତା କରନ୍ତୁ। ଏହାର ଉପକାରୀ ତାଲିକାରେ ଆଉ ଏକ କଥାକୁ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଯୋଡ଼ିଛନ୍ତି। ସେମାନଙ୍କ ଦ୍ୱାରା ସଦ୍ୟ ସମାପିତ ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ପ୍ରତିଦିନ ବ୍ୟାୟାମ କଲେ ତାହା ସଂପୃକ୍ତ ବ୍ୟକ୍ତିଙ୍କର ଆଗ୍ରହ ଶକ୍ତିକୁ ବଢ଼ାଇବାରେ ସହାୟକ ହୋଇଥାଏ। ନିୟମିତ ବ୍ୟାୟାମ କରୁଥିବା ଏବଂ ଆଦୌ ବ୍ୟାୟାମ କରୁ ନ ଥିବା କିଛି ବ୍ୟକ୍ତିଙ୍କର ଆଗ୍ରହକୁ ତନ୍ନ ତନ୍ନ କରି ନିରୀକ୍ଷଣ କରିବା ପରେ ସେମାନେ ଏଭଳି ଏକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ହେଲେ ବ୍ୟାୟାମ କରିବା ପୂର୍ବରୁ ନିଜର ଶାରୀରିକ ସୁସ୍ଥତା ପ୍ରତି ସବୁବେଳେ ନଜର ରଖନ୍ତୁ ବୋଲି ଉକ୍ତ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ଦ୍ୱୈତଗ୍ରହ : ପୃଥିବୀ



ନୀରଦ ଚନ୍ଦ୍ର ରାଉତ

**ପୃଥିବୀର ଶୈଶବ ଅବସ୍ଥା। ଏକାକୀ ପୃଥିବୀ, ଉପଗ୍ରହ ଚନ୍ଦ୍ରର ସୃଷ୍ଟି ହୋଇନାହିଁ। 'ଥାଏ' ନାମକ ଭ୍ରୂଣାବସ୍ଥାରେ ଥିବା ଏକ ଗ୍ରହ ପୃଥିବୀ ସହିତ ମୁହାଁମୁହିଁ ଧକ୍କା ହୁଏ। ସଂଘାତର ଫଳ ସ୍ୱରୂପ 'ଥାଏ' ପୃଥିବୀ ଦେହରେ ସଂପୂର୍ଣ୍ଣ ବିଲୀନ ହୋଇଯାଏ ଏବଂ ପୃଥିବୀରୁ ଛିଟିକି ପଡି ସୃଷ୍ଟିହୁଏ ଉପଗ୍ରହ ଚନ୍ଦ୍ର। ଦୁଇ ଦୁଇଟି ଗ୍ରହର ମିଳନରୁ ସୃଷ୍ଟ ପୃଥିବୀ...**

ସୌର ମଣ୍ଡଳ ସୃଷ୍ଟି ହେବାର ପ୍ରାୟ ୧୦୦ ମିଲିୟନ ବର୍ଷ ପର୍ଯ୍ୟନ୍ତ ପୃଥିବୀ ଆଜିର ପୃଥିବୀ ଠାରୁ ଭିନ୍ନ ଏବଂ ଉପଗ୍ରହ ରହିତ ଥିଲା। ଚନ୍ଦ୍ରର ସୃଷ୍ଟିର କାରଣ ପୃଥିବୀ ଜନ୍ମର ଏକଶତ ମିଲିୟନ ବର୍ଷ ପରେ ସଂଘଟିତ ଏକ ମହାଜାଗତିକ



ଦୁର୍ଘଟଣା। ଆଜିକୁ ପ୍ରାୟ ୪.୫ ବିଲିୟନ ବର୍ଷ (1 ବିଲିୟନ ବର୍ଷ = $10^9$ ବର୍ଷ) ତଳର ଘଟଣା। ଥାଏ (Theia) ନାମକ ଏକ ଭ୍ରୂଣାବସ୍ଥାରେ ଥିବା ଗ୍ରହ ସଦ୍ୟପ୍ରସୂତ ପୃଥିବୀ (ଯାହାର ବୟସ ପାଖାପାଖି ୧୦୦ ମିଲିୟନ ବର୍ଷ)କୁ ସଜୋରେ ଟକ୍କର ମାରେ। ସଂଘାତ ପରିଣାମ ସ୍ୱରୂପ 'ଥାଏ' ନିଜର ଅସ୍ତିତ୍ୱକୁ ପୃଥିବୀ ଭିତରେ ସମାହିତ କରିଦିଏ ଏବଂ ଏହି ସଂଘାତରୁ ଛିଟିକି ପଡି ଜାତ ହୁଏ ଚନ୍ଦ୍ର।

ଏବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ, ଏହି ଅବତାରିତ ଘଟଣାଟି ବାସ୍ତବିକ ନା ଅନ୍ତରୀକ୍ଷବିତ୍‌ମାନଙ୍କ କପୋଳକଳ୍ପିତ। ପ୍ରମାଣ ପାଇଁ ଆପୋଲୋ ୧୨, ୧୫ ଓ ୧୭ ର ଚନ୍ଦ୍ର ଅଭିଯାନରୁ ସଂଗୃହୀତ ୭ଟି ପ୍ରସ୍ତରଖଣ୍ଡ ଏବଂ ହାୱାଇ ଓ ଆରିଜୋନା ଅଞ୍ଚଳରୁ ସଂଗୃହୀତ ଆଗ୍ନେୟଶୀଳାକୁ ଗବେଷକମାନେ ପରୀକ୍ଷା କରି ଦେଖିଛନ୍ତି। ଏହି ପ୍ରସ୍ତର ଖଣ୍ଡ ଗୁଡ଼ିକରେ ଅମ୍ଳଜାନ ପରମାଣୁ ସମଷ୍ଟିର ୯୯.୯ ପ୍ରତିଶତ ୦-୧୬ ଏବଂ ଅଳ୍ପ ଅଂଶରେ ୦-୧୭/୦-୧୮ ଆଇସୋଟପ୍ ଥିବାର ଦେଖାଯାଏ। ଏହି ଅନୁପାତ ଉଭୟ ପୃଥିବୀ ଓ ଚନ୍ଦ୍ରରେ ସମାନ। ପୃଥିବୀ, ମଙ୍ଗଳ ତଥା ସୌରଜଗତର ଅନ୍ୟ ଗ୍ରହଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଅନୁପାତର ୦-୧୬/୦-୧୭ ଅମ୍ଳଜାନର ଫିଙ୍ଗରପ୍ରିଣ୍ଟ ଥାଏ। ବୈଜ୍ଞାନିକ ଏଡ୍‌ୱାର୍ଡ ୟଙ୍ଗ କହନ୍ତି ପୃଥିବୀ ଓ ଚନ୍ଦ୍ରର ପ୍ରସ୍ତର ଖଣ୍ଡରେ ଅମ୍ଳଜାନର ଫିଙ୍ଗରପ୍ରିଣ୍ଟ ସମାନ ଓ ଅଭିନ୍ନ। ଏହା ପ୍ରମାଣ କରେ ଯେ 'ଥାଏ' ଓ ପୃଥିବୀର ସଂଘାତ ମୁହାଁମୁହିଁ ଘଟିଥିଲା। ଫଳରେ 'ଥାଏ' ନିଜକୁ ପୃଥିବୀ ଦେହରେ ସଂପୂର୍ଣ୍ଣ ଭାବେ ଲୀନ କରି ଦେଇଥିଲା। ଏହି ନବନିର୍ମିତ ଦ୍ୱୈତଗ୍ରହରୁ ଛିଟିକି ପଡ଼ିଲା ଉପଗ୍ରହ ଚନ୍ଦ୍ର। ସେଥିପାଇଁ ଚନ୍ଦ୍ର କିମ୍ବା ପୃଥିବୀରେ 'ଥାଏ'ର ରାସାୟନିକ ଛାପ ଦେଖିବାକୁ ମିଳେ ନାହିଁ। 'ଥାଏ'ର ଆକାର ସମ୍ଭବତଃ ପୃଥିବୀ ସହିତ ସମାନ କିମ୍ବା ଛୋଟଥିଲା। ଏହି ମହାଜାଗତିକ ଦୁର୍ଘଟଣା ଘଟି ନ ଥିଲେ 'ଥାଏ' ଏକ ସ୍ୱତନ୍ତ୍ର ଗ୍ରହ ଭାବେ ନିଜକୁ ପ୍ରତିଷ୍ଠିତ କରିଥାନ୍ତା ଏବଂ ପୃଥିବୀ ହୁଏତ ଆଜିର ପୃଥିବୀ ହୋଇ ନ ଥାନ୍ତା।

*-ସି.ଏସ୍.ଆଇ.ଆର- ଆଇ.ଏମ୍.ଏମ୍.ଟି*
*(ପ୍ରାକ୍ତନ ଆଞ୍ଚଳିକ ଗବେଷଣାଗାର)*
*ମୋ : ୯୪୩୭୨୯୦୪୭୦*

# ବାର୍ଦ୍ଧକ୍ୟରେ ମାନସିକ ବିକୃତି



ଡା. ଦ୍ୱିଜେଶ କୁମାର ପଣ୍ଡା



ମଣିଷ ବୁଢା ହେଲେ ଅନେକ ଜିନିଷ ଜାଣିପାରନ୍ତି ନାହିଁ। ସ୍ମରଣଶକ୍ତି କମିଯାଏ। ୭୫ ବର୍ଷ ପରେ ଏହା କମିବାକୁ ଆରମ୍ଭ ହୁଏ। ୮୫ ବର୍ଷ ବେଳକୁ ୬୦ ପ୍ରତିଶତ ବ୍ୟକ୍ତିଙ୍କର ଏହି ଲକ୍ଷଣ ପ୍ରକାଶ ପାଏ। ଏହା ଗୋଟିଏ ମୁଖ୍ୟ ସ୍ନାୟବିକ ଅବନତି। ପଢିବା ପାଠ ମନେରହେ ନାହିଁ। କଥାରେ ତାଳମେଳ ନ ଥାଏ। କେଉଁ ଜିନିଷ କେଉଁଠାରେ ଅଛି ମନେ ପଡେ ନାହିଁ। କୌଣସି ସ୍ଥାନର ସ୍ଥିତି ଜାଣିହୁଏ ନାହିଁ। ମସ୍ତିସ୍କର ସ୍ନାୟୁ ଗୁଡିକର ଯୋଗାଯୋଗ ସମ୍ଭବ ହୁଏନାହିଁ। ପ୍ରଳାପ ଓ ବିଷାଦଠାରୁ ଏହା ଭିନ୍ନ। ରୁଗ୍‌ଣ ହେଲେ ଓ ପାରିବାରିକ ଅଶାନ୍ତି ରହିଲେ ବିକୃତି ବୃଦ୍ଧି ହୁଏ। ପରିସଂଖ୍ୟାନ ଅନୁଯାୟୀ ୨୦୧୫ ବର୍ଷରେ ୪୬ ନିୟୁତ ବ୍ୟକ୍ତି ମସ୍ତିଷ୍କ ବିକୃତି ରୋଗରେ ଆକ୍ରାନ୍ତ ହୋଇଥିଲେ। ୨ ନିୟୁତଙ୍କର ମୃତ୍ୟୁ ହୋଇଥିଲା।

ମାନସିକ ବିକୃତି ଜାଣିବା ପାଇଁ ୮ଟି ପ୍ରଶ୍ନ ପଚାରି ଏହା ନିରୂପଣ କରାଯାଏ।

(୧) ଠିକ ବିଚାର କରିବା ପାଇଁ ଅସୁବିଧା ହୁଏ
(୨)କୌଣସି କାମ କରିବାକୁ ଇଚ୍ଛା ହୁଏ ନାହିଁ
(୩)ପ୍ରଶ୍ନ ଓ ଉତ୍ତରକୁ ଥରକୁ ଥର କହିବ
(୪)କୌଣସି ଯନ୍ତ୍ର ବ୍ୟବହାର କରିବାକୁ ସକ୍ଷମ ନ ହେବା
(୫)ଦିନ, ମାସ ଓ ବର୍ଷକୁ ଭୁଲିଯିବା
(୬)ପଇସାପତ୍ର ହିସାବ ରଖି ନ ପାରିବା
(୭)ନିର୍ଦ୍ଧାରିତ କାର୍ଯ୍ୟ କରିବାକୁ ଭୁଲିଯିବା
(୮) ଠିକ ବିଷୟ ଚିନ୍ତା କରିବା ଓ ମନେପକାଇବା ପାଇଁ ଅସମର୍ଥ।

ଉପର ପ୍ରଶ୍ନ ମଧ୍ୟରୁ ୩ଟି ପ୍ରଶ୍ନର ଠିକ ଉତ୍ତର ନ ମିଳିଲେ ୯୦ ପ୍ରତିଶତ ମନର ବିକୃତି ହୋଇ ଥିବାର ପ୍ରମାଣ ମିଳେ। ଭିଟାମିନ ବି-୧୨ର ଅଭାବ, ଥାଇରଏଡ ଗ୍ରନ୍ଥିର ଟି.ଏସ.ଏଚ. ହରମୋନ ଅଭାବ ସହିତ ସମ୍ପୂର୍ଣ୍ଣ ରକ୍ତ ପରୀକ୍ଷା(ସି.ବି.ସି.) କଲେ ଏହି ରୋଗ ଜାଣି ହୁଏ। ଏହା ବ୍ୟତୀତ ଅନ୍ୟ ପରୀକ୍ଷାଗୁଡିକ ଆବଶ୍ୟକ ନୁହେଁ। ଏମ.ଆର.ଆଇ. ପରୀକ୍ଷା କଲେ ମସ୍ତିସ୍କ ଭିତରେ କେତେକ ସ୍ଥାନରେ କ୍ଷୟ ଜାଣିହୁଏ।

ପି.ଇ.ଟି. ପରୀକ୍ଷା ଏହି ରୋଗ ନିରୂପଣରେ ସାହାର୍ଯ୍ୟ କରିପାରେ।

ସନ୍ଦେହ ଘେରରେ ଥିବା ମାନସିକ ବିକୃତି ଜାଣିବା ପାଇଁ ରୋଗୀର ଠିକ୍ ଇତିହାସ ସଂଗ୍ରହ କରିବା ଉଚିତ। ପରିବାର ଲୋକେ ଏଥିରେ ସାହାଯ୍ୟ କରିପାରିବେ। ସମ୍ପୂର୍ଣ୍ଣ ଶାରୀରିକ ଓ ସ୍ନାୟବିକ ପରୀକ୍ଷା ଆବଶ୍ୟକ। ମାନସିକ ସ୍ଥିତି ଅନୁଧ୍ୟାନ କଲେ ଏହା ଜାଣି ହୁଏ। ବିଷାଦ ଓ ବିକୃତିର କେତେକ ସାମଞ୍ଜସ୍ୟ ରହିଛି। ବିଷାଦ ଔଷଧ ସେବନ ଦ୍ୱାରା ଆରୋଗ୍ୟ ହୋଇପାରେ, କିନ୍ତୁ ବିକୃତିର ସଫଳ ଚିକିତ୍ସା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ପ୍ରାରମ୍ଭିକ ସଙ୍କେତ ମିଳେ।

ଆଲଜିମର ରୋଗ ପରିଣତ ବୟସରେ ମସ୍ତିସ୍କ ଅବକ୍ଷୟ ପାଇଁ ହୁଏ। ଏହାର ଠିକ କାରଣ ନ ଥାଏ। ମାନସିକ ବିକୃତି ମୁଖ୍ୟ ସଙ୍କେତ। ଔଷଧ ସେବନ ଦ୍ୱାରା କେତେକ ଲକ୍ଷଣ ଉପଶମ ହୁଏ। କିନ୍ତୁ ରୋଗୀ ରୋଗମୁକ୍ତ ହୁଏ ନାହିଁ। ପ୍ରଥମ ଅବସ୍ଥାରେ ନିକଟରେ ଘଟିଥିବା ଘଟଣା ମନେରହେ ନାହିଁ। ଏହା ଅଦୃଶ୍ୟ କିନ୍ତୁ କ୍ଷତିକାରକ ଭାବରେ ଆରମ୍ଭ ହୁଏ। ରୋଗ ଧୀରେ ଧୀରେ ବଢ଼ି ଚାଲେ। ଅନ୍ତଃଦୃଷ୍ଟି କ୍ଷୟ ହୁଏ। ପାନିଆରେ ମୁଣ୍ଡ କୁଣ୍ଡାଇବାକୁ କହିଲେ ରୋଗୀ କରିପାରେ ନାହିଁ। ଆଘ୍ରାଣ ଶକ୍ତି କମିଯାଏ। ନିଦ ଭଲ ହୁଏ ନାହିଁ। ରାତିରେ ଅନେକ ଥର ଉଠିବାକୁ ପଡେ। ବିନା ନିଦରେ ଶେଯରେ ଶୋଇ ରହନ୍ତି। ରୋଗ ପୁରୁଣା ହୋଇଗଲେ ୧୦ରୁ ୨୦ ପ୍ରତିଶତ ରୋଗୀଙ୍କର ବାତ ମାରେ। ଠିକ ଭାବରେ ପଢିବା ଓ ଗାଡି ଚଳେଇବା ସମ୍ଭବ ହୁଏ ନାହିଁ। କଥା କହି ପାରନ୍ତି ନାହିଁ। ଏହି ରୋଗରୁ ନିସ୍ତାର ନାହିଁ। ୮୦ ବର୍ଷ ପରେ ରୋଗ ପ୍ରାଦୁର୍ଭାବ କମିଯାଏ। ଏହି ରୋଗୀମାନେ ୩ ରୁ ୧୧ ବର୍ଷ ବଞ୍ଚି ରହନ୍ତି। ସେମାନଙ୍କର ଶରୀରର ଜଳୀୟ ଅଂଶ କମିଯାଏ, ପୁଷ୍ଟିହୀନତା ଓ ଜୀବାଣୁ ସଂକ୍ରମଣରୁ ମୃତ୍ୟୁ ହୁଏ।

ପାର୍କିନସୋନିଜିମ ଆଉ ଗୋଟିଏ ମସ୍ତିସ୍କ ଅବକ୍ଷୟ ରୋଗ। ଏହାର ୪ଟି ମୁଖ୍ୟ ଲକ୍ଷଣ ରହିଛି। ହାତ ଗୋଡ ପ୍ରଚଳନ କମିଯାଏ। ବସିଥିବା ବେଳେ ହାତ ଥରେ। ଚାଲିବା ବେଳେ ଭାରସାମ୍ୟ ରହେ ନାହିଁ ଓ ଶରୀର ବଙ୍କା ହୁଏ ନାହିଁ। ଏହି ରୋଗ ନିରୂପଣ ପାଇଁ କୌଣସି ରକ୍ତ ପରୀକ୍ଷା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ନିଦାନ ନିର୍ଣ୍ଣୟ ହୋଇପାରେ ନାହିଁ। ରୋଗ ଜାଣିବା ପାଇଁ ଲକ୍ଷଣଗୁଡିକ ହେଉଛି ଏକମାତ୍ର ସମ୍ବଳ। ଚାଲିବା ଧୀର ଓ ଅସ୍ୱାଭାବିକ ହୋଇଯାଏ। ଚକ ଥିବା ଚଉକିରେ ବସିବାକୁ ପଡେ। କଥା ଅସ୍ପଷ୍ଟ ହୁଏ। ଖାଇବା ସମ୍ଭବ ହୁଏ ନାହିଁ। ତରଳ ଖାଦ୍ୟ ଉପରେ ନିର୍ଭର କରିବାକୁ ପଡେ। ଶେଷରେ ନାକରେ ନଳୀ ପୂରାଇ ଖାଇବାକୁ ଦିଆଯାଏ। ନିଃଶ୍ୱାସ ନେବାରେ କଷ୍ଟ ହୁଏ। ଛିଡା ହେଲେ ରକ୍ତଚାପ କମିଯାଏ। ପରିସ୍ରା ରୋକି ହୋଇପାରେ ନାହିଁ କିମ୍ବା ସମ୍ପୂର୍ଣ୍ଣ ହୁଏ ନାହିଁ। ଧ୍ୱଜ ଭଙ୍ଗ ହୁଏ।

ପାର୍କିନସୋନିଜିମ ରୋଗର ନିର୍ଣ୍ଣୟ ପାଇଁ କୌଣସି ନିର୍ଦ୍ଦିଷ୍ଟ ପରୀକ୍ଷା ନାହିଁ। ବ୍ୟୟ ବହୁଳ ଏମ.ଆର.ଆଇ. ଓ ସି.ଟି. ସ୍କାନ ପରୀକ୍ଷା ଅନାବଶ୍ୟକ। ଲିଭୋଡୋପା ଔଷଧ ନିୟମିତ ଖାଇଲେ ଉପଶମ ମିଳେ, କିନ୍ତୁ ଆରୋଗ୍ୟ ହେବାର ସମ୍ଭାବନା ନ ଥାଏ। ଡୋପାମିନ ହରମୋନ ଅଭାବରୁ ଏହି ରୋଗ ହୁଏ। ୬୫ ବର୍ଷ ପରେ ପ୍ରତି ଶହେ ବ୍ୟକ୍ତି ମଧ୍ୟରୁ ଜଣଙ୍କୁ ଏହା ହୋଇଥାଏ। ବିଷାକ୍ତ ଅଦରକାରୀ ଔଷଧ ସେବନ, ମସ୍ତିଷ୍କ ପ୍ରଦାହ ଓ ଟ୍ୟୁମର, ବଂଶଗତ କାରଣ, ପରିବେଶ ପ୍ରଦୂଷଣଜନିତ ବିଷାକ୍ତ ବାୟୁ, ପୋକମରା ଔଷଧ ଶରୀରରେ ପ୍ରବେଶ କଲେ ମସ୍ତିଷ୍କରେ ଥିବା ସ୍ନାୟୁଗୁଡିକର ଧୀରେ ଧୀରେ ଅବକ୍ଷୟ ହୁଏ। ଏହା ବଞ୍ଚିବାର ବୟସ ସୀମା କମାଏ ନାହିଁ, କିନ୍ତୁ ଜୀବନକୁ ଦୁର୍ବିଷହ କରି ପକାଏ। ରୋଗୀ ପ୍ରଥମ ଅବସ୍ଥାରେ ଦୁର୍ବଳତା ଅନୁଭବ କରେ। ଚାଲିବାରେ କଷ୍ଟ ହୁଏ। ମାଂସପେଶୀରେ କଠିନତା ଦେଖାଯାଏ। ମୁଣ୍ଡ ଓ ହାତ ଥରେ। ଜାଣିବା ଶକ୍ତି କମିଯାଏ। କିଛି ମନେରହେ ନାହିଁ। ମସ୍ତିଷ୍କର ବାହ୍ୟ ତନ୍ତୁ ଓ ହିପୋକାମ୍ପସର ଅତ୍ୟଧିକ ସଙ୍କୋଚନ ହୁଏ। ଅନମନୀୟତା ଓ ମୁଣ୍ଡ ଥରେ। ହାତକମ୍ ଝୁଲେ। ଗୋଡ଼ ଘୋଷାରି ଧୀରେ ଧୀରେ ଚାଲିବାକୁ ପଡ଼େ। ମୁଖା ପରି ମୁହଁ ଦେଖାଯାଏ। ଶରୀର ଆଗକୁ ଢ଼ଳିଯାଏ। ଗୋଡ଼ ଓ ହାତ ଥରେ ଏବଂ ବଙ୍କା ହୁଏ ନାହିଁ।




> “ସନ୍ଦେହ ଘେରରେ ଥିବା ମାନସିକ ବିକୃତି ଜାଣିବା ପାଇଁ ରୋଗୀର ଠିକ୍ ଇତିହାସ ସଂଗ୍ରହ କରିବା ଉଚିତ। ପରିବାର ଲୋକେ ଏଥିରେ ସାହାଯ୍ୟ କରିପାରିବେ। ସମ୍ପୂର୍ଣ୍ଣ ଶାରୀରିକ ଓ ସ୍ନାୟବିକ ପରୀକ୍ଷା ଆବଶ୍ୟକ। ମାନସିକ ସ୍ଥିତି ଅନୁଧ୍ୟାନ କଲେ ଏହା ଜାଣି ହୁଏ। ବିଷାଦ ଓ ବିକୃତିର କେତେକ ସାମଞ୍ଜସ୍ୟ ରହିଛି। ବିଷାଦ ଔଷଧ ସେବନ ଦ୍ୱାରା ଆରୋଗ୍ୟ ହୋଇପାରେ, କିନ୍ତୁ ବିକୃତିର ସଫଳ ଚିକିତ୍ସା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ପ୍ରାରମ୍ଭିକ ସଙ୍କେତ ମିଳେ...”

ଜୀବନର ସାୟାହ୍ନରେ ଆର୍ଥିକ ଅନାଟନ, ପାରିବାରିକ ଅଶାନ୍ତି, ଶାରୀରିକ ଅବକ୍ଷୟ ସହିତ ମାନସିକ ବିକୃତି ବଞ୍ଚିବାର ଆଶାକୁ ଧୂଳିସାତ କରିଦିଏ। ଏହି ବୟସରେ ନିଜର କାମ କରିବାକୁ ଅସମର୍ଥ ହେଲେ ଅନ୍ୟ ଉପରେ ନିର୍ଭର କରିବାକୁ ପଡେ। ଜାଣିବା ଶକ୍ତି ନଷ୍ଟ ହେଲେ ମଣିଷ ନିଜ ପରିବାରରେ ଓ ସମାଜରେ ଉପେକ୍ଷିତ ହୁଏ। ମୃତ୍ୟୁ କେତେ ଦୂର ଜାଣିହୁଏ ନାହିଁ। ସେବା ପାଇବା ଭାଗ୍ୟର କଥା। ଅରକ୍ଷ ଜନକୁ ଭଗବାନ ଶାହା।

*-୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ମୋ : ୯୪୩୮୪୭୦୭୭୭*

# ଅତ୍ୟଧିକ ଡେଙ୍ଗା ବ୍ୟକ୍ତିଙ୍କୁ କ୍ୟାନ୍‌ସର ଆଶଙ୍କା ଅଧିକ



ଆବଶ୍ୟକତାଠାରୁ ଅଧିକ ଉଚ୍ଚତା ଆପଣଙ୍କ ପାଇଁ ସତର୍କ ଘଣ୍ଟି ସାଜିପାରେ। ଏଭଳି ବ୍ୟକ୍ତି କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି କାଲିଫର୍ନିଆ ୟୁନିଭର୍ସିଟିର କ୍ୟାନ୍‌ସର ବିଜ୍ଞାନୀମାନେ। ବିଶେଷଭାବରେ ପାନ୍‌କ୍ରାସ, ଷ୍ଟୋମାକ୍ ଏବଂ ମାଉଥ୍ କ୍ୟାନ୍‌ସରର ଉଚ୍ଚତା ବଢ଼ିବା ସହ ସମ୍ପର୍କ ରହିଛି। ଏହି ଗବେଷଣା ସମୟରେ ବିଶେଷଜ୍ଞମାନେ ଆବଶ୍ୟକତାଠାରୁ ଅଧିକ ଉଚ୍ଚତାବିଶିଷ୍ଟ ବ୍ୟକ୍ତିମାନଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକଙ୍କ ଶରୀରରେ କ୍ୟାନ୍‌ସର ଲକ୍ଷଣ ଦେଖିବାକୁ ମିଳିଥିଲା। କେତେକ ବ୍ୟକ୍ତିଙ୍କର ଉଚ୍ଚତା ହଠାତ ବଢ଼ିଥିବାର ଜଣାପଡିଥିଲା। ହଠାତ୍ ଉଚ୍ଚତା ବଢ଼ିଲେ ଶରୀର ଉପରେ ତାହାର ପ୍ରଭାବ ଉପରେ ପଡିଥାଏ। କେତେକ କ୍ଷେତ୍ରରେ ଏହାର ସୁଯୋଗ ନେଇ କ୍ୟାନ୍‌ସର କୋଷ ନିଜର କାୟା ବିସ୍ତାର କରିଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



## ଆରୋଗ୍ୟ ରଖେ ସନ୍ତୁଳିତ ଜୀବନଶୈଳୀ

ସମୟ ସହ ତାଳ ମିଳାଇ ଆଜିକାଲିର ଜୀବନଶୈଳୀ ସତେଯେମିତି ଦ୍ରୁତଗତିରେ ଦୌଡୁଛି। ଏହାଦ୍ୱାରା ଅନେକେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜୀବନଶୈଳୀ ଯଦି ସନ୍ତୁଳିତ ରହେ, ତେବେ ତାହା ଆମ ପାଇଁ ଅନେକ କ୍ଷେତ୍ରର ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷରେ ଏଭଳି ଏକ ଯୋଜନାବଦ୍ଧ ଜୀବନଶୈଳୀ ଆମକୁ ଅନେକାଂଶରେ ଆରୋଗ୍ୟ ରଖିଥାଏ ବୋଲି ପ୍ରକାଶ କରିଛନ୍ତି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଏକ ସନ୍ତୁଳିତ ଜୀବନଶୈଳୀ କିପରି ଜଣେ ବ୍ୟକ୍ତିକୁ କେତେକାଂଶରେ ନୀରୋଗ ରଖିଥାଏ, ତାହା ସେମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। ସକାଳୁ ବିଛଣା ଛାଡିବାଠାରୁ ଆରମ୍ଭ କରି ଦିନତମାମ ନିଜ କାମରେ ବ୍ୟସ୍ତ ରହିବା ଏବଂ ରାତିରେ ଠିକ୍ ସମୟରେ ଶୋଇବା ଆଦିକୁ ଏହି ଗବେଷଣା ପରିସରଭୁକ୍ତ କରାଯାଇଥିଲା। ଏହାଦ୍ୱାରା ଜଣେ ବ୍ୟକ୍ତି ଅନେକାଂଶରେ ସୁସ୍ଥ ଜୀବନଯାପନ କରିଥାଏ ବୋଲି ମତବ୍ୟକ୍ତ କରିଛନ୍ତି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ।

“ଭାରତୀୟ ବଜାରରେ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ପିରାମିଡ୍ ଷ୍ଟ୍ରାଟେଜି ଆଧାରରେ ନୂଆ ସି-କ୍ଲାସ କାବ୍ରିଓଲେଟ୍ ମଡେଲକୁ ଆଣିଛୁ।
– ମାଇକେଲ୍ ଜୋପ୍, ସେଲସ୍ ମାର୍କେଟିଂ ଉପସଭାପତି, ମର୍ସିଡିଜ୍ ବେଞ୍ଜ ଇଣ୍ଡିଆ



“ଇ-ମୋବିଲିଟି ପଦକ୍ଷେପ ମୁତାବକ ଚଳିତ ବର୍ଷ ଦ୍ୱିତୀୟ ଭାଗରେ କୋନା ଇଲେକଟ୍ରିକ୍ ଏସ୍‌ୟୁଭି ଆଣିବାକୁ ଯୋଜନା ରହିଛି।
– ୱାଇ.କେ. କୋ, ସିଇଓ, ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ



## ସଂକ୍ଷେପରେ

### ଡିବିଟି ଲାଗି ଆଧାର ଇକେୱାଇସି ବ୍ୟବହାର କରିପାରିବେ ବ୍ୟାଙ୍କ

**ନୂଆଦିଲ୍ଲୀ,୨୮-୧୦:** ସବ୍‌ସିଡି ତଥା ଅନ୍ୟ ସରକାରୀ ଯୋଜନା(ଡିବିଟି)ର ହିତାଧିକାରୀଙ୍କ ସମ୍ପର୍କରେ ଯାଞ୍ଚ କରିବା ବେଳେ ବ୍ୟାଙ୍କଗୁଡିକ ଆଧାର ଇକେୱାଇସି ବ୍ୟବହାର କରିପାରିବେ। ତେବେ ଅନ୍ୟ ଗ୍ରାହକଙ୍କ କ୍ଷେତ୍ରରେ ସେମାନେ ଆଧାର କାର୍ଡକୁ ଦେଖି ଯାଞ୍ଚ କରିପାରିବେ। ଭାରତୀୟ ବିଶିଷ୍ଟ ପରିଚୟପତ୍ର କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ତେବେ ସରକାରୀ ଯୋଜନାର ଲାଭାର୍ଥୀ ନିଜ ଇଚ୍ଛାମୁତାବକ ଆଧାର କାର୍ଡ ଦେଖାଇପାରିବେ ବୋଲି କୁହାଯାଇଛି। ୟୁଆଇଡିଏଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଗତ ସପ୍ତାହରେ ବ୍ୟାଙ୍କଗୁଡିକୁ ପତ୍ର ଲେଖାଯାଇ ଏ ସମ୍ପର୍କରେ ସ୍ଥିତି ସ୍ପଷ୍ଟ କରାଯାଇଛି। ଏହାର ଏକ କିତା ନକଲ ମଧ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ପଠାଯାଇଛି। ଆଧାର ବ୍ୟବହାରକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଆଇନ ପରାମର୍ଶ ନେବା ପରେ ହିଁ ବ୍ୟାଙ୍କଗୁଡିକୁ ପତ୍ର ଲେଖାଯାଇଛି ବୋଲି ସେ କହିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଘରୋଇ କମ୍ପାନୀଗୁଡିକ ଆଧାର ବ୍ୟବହାର କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଥିବା ବେଳେ ଡିବିଟି ପାଇଁ ସବୁଜ ସଙ୍କେତ ଦେଇଥିଲେ।

### ଭାରତ-ଆମେରିକା ରପ୍ତାନି ସବ୍‌ସିଡି ବିବାଦ
### ସମାଧାନ ପାଇଁ ଡବ୍ଲ୍ୟୁଟିଓ ଗଠନ କଲା କମିଟି

**ନୂଆଦିଲ୍ଲୀ,୨୮-୧୦:** ରପ୍ତାନି ବୃଦ୍ଧି ଲାଗି ଭାରତ ଏକାଧିକ ସାମଗ୍ରୀ ଉପରେ ସବ୍‌ସିଡି ପ୍ରଦାନ କରୁଛି ବୋଲି ଆମେରିକା ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ରେ ଅଭିଯୋଗ କରିଛି। କିନ୍ତୁ ଭାରତ ଏହାକୁ ଅସ୍ୱୀକାର କରୁଛି। ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦର ସମାଧାନ ହେଉ ନ ଥିବାରୁ ଏଥିପାଇଁ ଡବ୍ଲ୍ୟୁଟିଓ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଉଲ୍ଲେଖଥାଉ କି, ଭାରତ କେତେକ ସାମଗ୍ରୀରେ ସବ୍‌ସିଡି ଦେଉଛି ବୋଲି ଉଲ୍ଲେଖ କରି ଆମେରିକା ଡବ୍ଲ୍ୟୁଟିଓର ବିବାଦ ସମାଧାନ ମଞ୍ଚରେ ଅଭିଯୋଗ କରିଥିଲା। ଭାରତର ପଦକ୍ଷେପ ଯୋଗୁ ଆମେରିକାର ସ୍ୱାର୍ଥ ବ୍ୟାହତ ହେଉଛି ବୋଲି ଆମେରିକା କହିଥିଲା। ଜଣେ ଅଧିକାରୀ କହିଛନ୍ତି ଯେ, କମିଟିର କାର୍ଯ୍ୟ, ଶୁଣାଣି ଆଦି ସମ୍ପର୍କରେ ଦୁଇ ଦେଶକୁ ଜଣାଇ ଦିଆଯାଇଛି।

### ବର୍ଷକରେ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୯% ବଢ଼ିଛି

**ଲଣ୍ଡନ,୨୮-୧୦:** ସାରା ବିଶ୍ୱରେ ବର୍ଷକ ଭିତରେ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୯% ବଢ଼ିଛି। ୨୦୧୬ରେ ସେମାନଙ୍କ ସଂଖ୍ୟା ୧୯୭୯(୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ) ଥିବା ବେଳେ ୨୦୧୭ରେ ଏହା ବୃଦ୍ଧି ପାଇ ୨୧୫୮ ହୋଇଛି। ପ୍ରାଇସ ୱାଟର ହାଉସ କୁପର୍ସ ଏବଂ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ କମ୍ପାନୀ ୟୁବିଏସ୍ ପକ୍ଷରୁ ମିଳିତ ଭାବେ ଏକ ରିପୋର୍ଟ ପ୍ରକାଶ କରି ଏହା କୁହାଯାଇଛି। ୪ ବର୍ଷ ହେଲା ଏହି ରିପୋର୍ଟ ପ୍ରକାଶ କରାଯାଉଛି। ଏଥିରେ କୁହାଯାଇଛି ଯେ, ପୂର୍ବରୁ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୭% ବଢ଼ିଥିଲା। ବର୍ଷକ ଭିତରେ ଏହି ସଂଖ୍ୟାରେ ସର୍ବାଧିକ ବୃଦ୍ଧି ହୋଇଛି। ତେବେ ଏହି ବୃଦ୍ଧି ତୁଳନାରେ ସାରା ବିଶ୍ୱରେ ମହିଳା ବିଲିୟନେୟାରଙ୍କ ପ୍ରତିନିଧିତ୍ୱ ମାତ୍ର ୧୧% ରହିଛି। ୟୁବିଏସ୍‌ର ଗ୍ଲୋବାଲ ମୁଖ୍ୟ ଯୋଶେଫ ଷ୍ଟାଣ୍ଡଲର୍ କହିଛନ୍ତି ଯେ, ଧନୀଙ୍କ ମାମଲାରେ ମହିଳାଙ୍କ ପ୍ରତିନିଧିତ୍ୱ ଏବେ ବି କମ୍ ରହିଛି। ତେବେ ଯେଭଳି ଭାବେ ସେମାନଙ୍କ ସଂଖ୍ୟା ବୃଦ୍ଧିପାଉଛି, ତାହା ବେଶ୍ ଉତ୍ସାହଜନକ। ଅର୍ଥ ରୋଜଗାର କରିବାରେ ମହିଳାଙ୍କ ତୁଳନାରେ ପୁରୁଷମାନେ ଆଗରେ ରହିଛନ୍ତି। କିନ୍ତୁ ମହିଳାଙ୍କ ନିବେଶ ବଢ଼ିଚାଲିଛି। ରିପୋର୍ଟରେ କୁହାଯାଇଛି ଯେ, ପୁରୁଷ ମାନେ ନିବେଶ ପୂର୍ବରୁ କମିଟିରେ ଥିବା ମହିଳାଙ୍କଠାରୁ ଅବଶ୍ୟ ପରାମର୍ଶ ନିଅନ୍ତି।

## ଜିଏସ୍‌ଟି ଆଦାୟ ବୃଦ୍ଧି ଲକ୍ଷ୍ୟ
# ବ୍ରିଟେନ, ଅଷ୍ଟ୍ରେଲିଆ ଢାଞ୍ଚା ଆପଣେଇବା ଯୋଜନା

**ନୂଆଦିଲ୍ଲୀ,୨୮-୧୦**

- ଟିକସଦାତାଙ୍କ ବ୍ୟବହାର ଅନୁଧ୍ୟାନ କରାଯିବ
- ସିବିଆଇସି ପକ୍ଷରୁ ଟିମ୍ ଗଠନ
- ୪ଶ୍ରେଣୀରେ ବିଭକ୍ତ ହେବେ ଟିକସଦାତା




ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ଟିକସ ଆଦାୟ ବଢୁ ନ ଥିବାରୁ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଯେତେ ଯାହା କଲେ ମଧ ଟିକସ ଫାଙ୍କି ପୂର୍ବ ପରି ଜାରି ରହିଛି। ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ଏବେ ସରକାର ଅନ୍ୟ ବାଟ ଧରିଛନ୍ତି। ବ୍ରିଟେନ ଓ ଅଷ୍ଟ୍ରେଲିଆ ଢାଞ୍ଚାରେ ଟିକସ ଆଦାୟ ବଢ଼ାଇବାକୁ ଏବେ ନୂଆ ଯୋଜନା ପ୍ରସ୍ତୁତ ହେଉଛି। ଟିକସଦାତାଙ୍କ ମଧ୍ୟରେ ଆଇନର ଭୟ ସୃଷ୍ଟି କରିବା ସହିତ ସେମାନଙ୍କ ବ୍ୟବହାର ଅନୁଯାୟୀ ଟିକସ ଆଦାୟ ବାଟ ବାହାର କରାଯିବ। ଟିକସଦାତାଙ୍କ ବ୍ୟବହାର ଅନୁଧ୍ୟାନ କରି ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ପାଇଁ ଅନୁପ୍ରାଣିତ କରାଯିବ। ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କେନ୍ଦ୍ରୀୟ ଅପ୍ରତ୍ୟକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ଏ ସଂକ୍ରାନ୍ତରେ ଏକ ଟିମ୍ ଗଠନ କରିଛନ୍ତି। ଟିକସଦାତାଙ୍କ ଟିକସ ପ୍ରଦାନର ବ୍ୟବହାର ସମ୍ପର୍କରେ ଏହି ଟିମ୍ ଅଧ୍ୟୟନ କରିବ ଏବଂ ତଦନୁଯାୟୀ ଆୟକର ବିଭାଗକୁ ପଦକ୍ଷେପ ଲାଗି ସୁପାରିସ କରିବ। ଭିନ୍ନ ଭିନ୍ନ ପ୍ରକାରର ଟିକସଦାତାଙ୍କ ସହିତ ସ୍ୱତନ୍ତ୍ର ପନ୍ଥା ଆପଣାଯିବ। ଉଲ୍ଲେଖଥାଉ କି, ବ୍ରିଟେନ, ଅଷ୍ଟ୍ରେଲିଆ, ମେକ୍ସିକୋ ଭଳି ଦେଶ ନୀତି ନିର୍ଦ୍ଧାରଣ ଏବଂ ଟିକସ ଆଦାୟ ବୃଦ୍ଧି ଲାଗି 'ବ୍ୟବହାର ଆଧାରିତ ଯୋଜନା' ଗ୍ରହଣ କରିଛନ୍ତି। ଅଧିକାରୀଙ୍କ କହିବାନୁଯାୟୀ ବ୍ୟବହାର ପଦ୍ଧତିକୁ ଆଧାର କରି ଆୟକର ବିଭାଗ ପକ୍ଷରୁ ଟିକସଦାତାଙ୍କୁ ୪ଟି ଶ୍ରେଣୀରେ ବଣ୍ଟାଯିବ। ସେଗୁଡିକ ହେଲା- ଟିକସ ଦେବାରୁ ଦୂରେଇ ରହିବା(ଡିସ୍‌ଏନଗେଜ୍‌ଡ), ଆଶଙ୍କାଗ୍ରସ୍ତ ଟିକସଦାତା ଯିଏକି ଚିନ୍ତା ଦୂର ହେବା ପରେ ଟିକସ ଦେଇଥାନ୍ତି(ରେସଷ୍ଟର୍ସ), ଟିକସ ପ୍ରଦାନରେ ଅସୁବିଧାର ସମ୍ମୁଖୀନ ହେଉଥିବା (ଟ୍ରାୟର୍ସ) ଏବଂ ସମର୍ଥକ (ସପୋର୍ଟର୍ସ)। ଯୋଜନା ସମ୍ପର୍କରେ ବିସ୍ତାରିତ ଭାବେ ଉଲ୍ଲେଖ କରି ଉକ୍ତ ଅଧିକାରୀ କହିଛନ୍ତି ଯେ, ଜାଣିଶୁଣି ଟିକସ ଖିଲାପ କରୁ ନ ଥିବା ଏଭଳି ବ୍ୟକ୍ତିବିଶେଷ/ସଂସ୍ଥା ପ୍ରତି ଆୟକର ବିଭାଗ ନରମ ମନୋଭାବ ପୋଷଣ କରିବ। ବ୍ୟକ୍ତିଗତ ଇ-ମେଲ୍ ପଠାଇ ସେମାନଙ୍କୁ ଟିକସ ପ୍ରଦାନ ଲାଗି ପ୍ରବର୍ତ୍ତାଯିବ। ଏହାଛଡା ଆର୍ଥିକ ସଙ୍କଟ ସମୟରେ କିସ୍ତିରେ ସେମାନେ ଯେପରି ଟିକସ ପ୍ରଦାନ କରିପାରିବେ ସେ ନେଇ ଆଇନଗତ ସୁବିଧା ସମ୍ପର୍କରେ ମଧ ସେମାନଙ୍କୁ ସୂଚନା ପ୍ରଦାନ କରାଯିବ। ବିଭିନ୍ନ ଶ୍ରେଣୀର ଟିକସଦାତାଙ୍କ ସହିତ ଆୟକର ବିଭାଗ ଭିନ୍ନ ଭିନ୍ନ ପଦ୍ଧତି ଆପଣାଇବ। ଟିକସଦାତାଙ୍କ ଠାରୁ ରାଜସ୍ୱ ଆଦାୟ ଲାଗି ସେମାନଙ୍କ ସହ କିପରି ବ୍ୟବହାର କରିବାକୁ ପଡିବ ସେ ନେଇ ଟିମ୍ ପକ୍ଷରୁ ଫିଲ୍ଡ ଅଫିସରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଜିଏସ୍‌ଟି ପ୍ରିନ୍ସିପାଲ ଡାଇରେକ୍ଟର ଜେନେରାଲ ଖୁର୍‌ଶୀଘ୍ର ଟିମ୍ ସହ ଆଲୋଚନା କରି ଯୋଜନା ସମ୍ପର୍କରେ ସ୍ଥିର କରିବେ। ଟିକସଦାତାଙ୍କ ବ୍ୟବହାର ପରିବର୍ତ୍ତନ ପାଇଁ ସାମାଜିକ ବ୍ୟବସ୍ଥା, ସ୍ୱଚ୍ଛତା ଓ ସମାନତା ଏବଂ ଟିକସ ପ୍ରଦାନ ପାଇଁ ଆଗ୍ରହ ସୃଷ୍ଟି ଉପରେ ଧ୍ୟାନ ଦିଆଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଉଲ୍ଲେଖଥାଉ କି, ଗତ ବର୍ଷ ଜୁଲାଇ ପହିଲାରୁ ଦେଶରେ ଜିଏସ୍‌ଟି ଲାଗୁ କରାଯାଇଛି। ବିଗତ ବର୍ଷକ ମଧ୍ୟରେ ନୂଆ ଆଇନ ଲାଗୁ ହେବା ପରେ ଏଥିରେ ସ୍ଥିରତା ଆସିଛି। ଏଣୁ ସରକାର ଏବେ ଟିକସ ନିୟମ ପାଳନ ଏବଂ ଫାଙ୍କି ରୋକିବା ଉପରେ ଜୋର୍ ଦେଉଛନ୍ତି।

### ଜିଏସ୍‌ଟି କାଉନସିଲ ବୈଠକ
### ୩୦ଥର ବସି ୯୧୮ଟି ନିଷ୍ପତ୍ତି ନିଆଯାଇଛି

**ନୂଆଦିଲ୍ଲୀ,୨୮-୧୦:** କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ୩୦ ଥର ଜିଏସ୍‌ଟି କାଉନସିଲ ବୈଠକ ବସିଥିଲା ଏବଂ ଏଥିରେ ୯୧୮ଟି ନିଷ୍ପତ୍ତି ନିଆଯାଇଥିଲା। ରବିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କାଉନସିଲ୍‌ରେ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ବ୍ୟତୀତ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥ ମନ୍ତ୍ରୀ, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀମାନେ ସଦସ୍ୟ ରହିଛନ୍ତି। ଏହା ୨୦୧୬ ସେପ୍ଟେମ୍ବର ୧୫ରେ ଗଠନ କରାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତିରୁ ଜଣାପଡିଛି ଯେ, ଇତିମଧ୍ୟରେ ୨୯୪ ବିଜ୍ଞପ୍ତି ଜରିଆରେ ୯୬ ପ୍ରତିଶତ ନିଷ୍ପତ୍ତିକୁ ଲାଗୁ କରାଯାଇସାରିଲାଣି। ଅବଶିଷ୍ଟ ନିଷ୍ପତ୍ତି ଲାଗୁ ହେବାକୁ ଯାଉଛି।

## ଗୋଦରେଜ ଇଣ୍ଟେରିଓର ନୂଆ ଫ୍ଲାଗଶିପ୍ ଶୋ'ରୁମ



**ଭୁବନେଶ୍ୱର,୨୮-୧୦**

ପ୍ରମୁଖ ଫର୍ନିଚର ଏବଂ ଇଣ୍ଟେରିୟର ସଲ୍ୟୁସନ ପ୍ରଦାନକାରୀ କମ୍ପାନୀ ଗୋଦରେଜ୍ ଇଣ୍ଟେରିଓ ପକ୍ଷରୁ ନୂଆ ଫ୍ରାଞ୍ଚାଇଜି ଶୋ'ରୁମ ସାନ୍‌ଭି ଫର୍ଣ୍ଣିଚର ଆଣ୍ଡ ଫର୍ଣ୍ଣିସିଂ ଭୁବନେଶ୍ୱର ପାତ୍ରପଡ଼ାଠାରେ ଖୋଲିଛି। କମ୍ପାନୀର ବିକ୍ରି ବିଭାଗ ବରିଷ୍ଠ ପ୍ରବନ୍ଧକ ପ୍ରଦୋଷ କୁମାର ଦାସ, ଶୋ'ରୁମର ସ୍ୱତ୍ୱାଧିକାରୀ ଜ୍ୟୋତି ଶଙ୍କର ମହାନ୍ତି, ଡ. ଏଲୋରା ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଷ୍ଟୋରରେ ଗ୍ରାହକମାନେ ଗୋଦରେଜ୍‌ର ସୋଫା, ବେଡ୍, ହୋମ୍ ଫର୍ଣ୍ଣିସିଂ, ହୋମ୍ ଫର୍ନେସ, ମଡ୍ୟୁଲାର ଷ୍ଟୋରେଜ୍ ସଲ୍ୟୁଶନ, ଡାଇନିଂ ଡେକୋର, ମ୍ୟାଟ୍ରେସ କଲେକ୍ସନ ଭଳି କମ୍ପାନୀର ଅନ୍ୟାନ୍ୟ ପ୍ରଡକ୍ଟ ଲାଭ କରିବାକୁ ସକ୍ଷମ ହେବେ। ଏହା ୫୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଗ୍ରାହକମାନେ ଏଠାରେ ସହଜ ଫାଇନାନ୍ସ ଦ୍ୱାରା ପ୍ରଡକ୍ଟ କ୍ରୟ କରିବାକୁ ସକ୍ଷମ ହେବେ। ଏହି ନୂଆ ଷ୍ଟୋର ଗ୍ରାହକଙ୍କ ଆବଶ୍ୟକତା ପୂରଣ ଦିଗରେ ସହାୟକ ହେବ ବୋଲି ବରିଷ୍ଠ ପ୍ରବନ୍ଧକ ପ୍ରଦୋଷ କୁମାର ଦାସ କହିଛନ୍ତି। ଏହି ଅବସରରେ କମ୍ପାନୀର ଆସିଷ୍ଟାଣ୍ଟ ସେଲସ୍ ମ୍ୟାନେଜର ବିବେକାନନ୍ଦ ନାୟକ ଉପସ୍ଥିତ ଥିଲେ।

# ବାଣ, ଦହନଶୀଳ ସାମଗ୍ରୀ ପରିବହନ ବିରୋଧରେ ରେଲୱେର ଅଭିଯାନ

**ଭୁବନେଶ୍ୱର,୨୮-୧୦**

- ଦହନଶୀଳ ସାମଗ୍ରୀ ପରିବହନ ନିଷେଧ
- ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ
- ୧୮୨ ଟୋଲ ଫ୍ରି ନମ୍ବରକୁ ସୂଚନା ଦେଇ ପାରିବେ ଯାତ୍ରୀ
- ପଦସ୍ଥ ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେବାକୁ ପରାମର୍ଶ




ଦୀପାବଳିକୁ ନଜରରେ ରଖି ପାସେଞ୍ଜର, ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନରେ ବାଣ ତଥା ବହନଶୀଳ ସାମଗ୍ରୀଗୁଡିକର ପରିବହନ ରୋକିବା ନେଇ ରେଲୱେ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଟ୍ରେନ ଯାତ୍ରା ସମୟରେ ଦହନଶୀଳ ସାମଗ୍ରୀ ପରିବହନକୁ ନିଷେଧ କରାଯାଇଥିବା ରେଲୱେ ସୂଚନା ଦେଇଛି। ପୂର୍ବତଟ ରେଳପଥ ଏହାର ସମସ୍ତ ମଣ୍ଡଳ ଯଥା- ଖୋର୍ଦ୍ଧାରୋଡ୍, ସମ୍ବଲପୁର ଏବଂ ୱାଲଟିୟାରରେ ଯାତ୍ରୀ ସୁରକ୍ଷାକୁ ନିଶ୍ଚିତ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରିଛି। ଦହନଶୀଳ ସାମଗ୍ରୀ ପରିବହନ ଉପରେ ନଜର ରଖିବାକୁ ରେଲୱେ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଯାତ୍ରା ସମୟରେ ବାଣ, ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ୍, କିରୋସିନ ଭଳି ଦହନଶୀଳ ସାମଗ୍ରୀ ଏବଂ ବିସ୍ଫୋରକ ପରିବହନ ୧୯୮୯ ଆଇନ ଆଧାରରେ ଦଣ୍ଡନୀୟ ଅପରାଧ। ଏଥିଲାଗି ଅପରାଧୀଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ। ଏ ନେଇ ଯତ୍ନବାନ ହେବାକୁ ଯାତ୍ରୀଙ୍କୁ ରେଲୱେ ପକ୍ଷରୁ ସୂଚନା ରହିଛି। ଦହନଶୀଳ ସାମଗ୍ରୀ ନେଇ ଯଦି କୌଣସି ବ୍ୟକ୍ତି ବିଶେଷ ଯାତ୍ରା କରୁଥାନ୍ତି ଏ ନେଇ ଟିଟିଇ, କୋଚ୍ ଆଟେଣ୍ଡାଣ୍ଟ, ଟ୍ରେନର ଗାର୍ଡ, ଷ୍ଟେଶନ ମ୍ୟାନେଜର, ଆରପିଏଫ୍ ଏବଂ ଜିଆର୍‌ପିଙ୍କୁ ଜଣାଇବାକୁ ଯାତ୍ରୀଙ୍କୁ କୁହାଯାଇଛି। ଟ୍ରେନରେ ବାଣ ପରିବହନ ହେଉଥିଲେ ୧୮୨ ଟୋଲ ଫ୍ରି ନମ୍ବରକୁ ଯାତ୍ରୀମାନେ ସୂଚନା ଦେଇପାରିବେ ବୋଲି ରେଲୱେ ପ୍ରକାଶ କରିଛି।

### ସାମସଙ୍ଗ ପକ୍ଷରୁ ଗାଲାକ୍ସି ଟ୍ୟାବ୍ ଏସ୍ ୪



**ଭୁବନେଶ୍ୱର,୨୮-୧୦**

ସାମସଙ୍ଗ ପକ୍ଷରୁ ବଜାରକୁ ଆସିଛି ନୂଆ ଗାଲାକ୍ସି ଟ୍ୟାବ୍ ଏସ୍ ୪। ଏହା ଏକ ୨ ଇନ୍ ୱାନ୍ ଟ୍ୟାବଲେଟ୍ ହୋଇଥିବା ବେଳେ ଏଥିରେ ସାମସଙ୍ଗ ଡେକ୍ସ ଓ ଏସ୍ ପେନ୍ ରହିଛି। ସ୍ମାର୍ଟ ତଥା ଦ୍ରୁତ ଭାବେ କାର୍ଯ୍ୟ କରିବାରେ ଏହା ସହାୟତା ପ୍ରଦାନ କରିବ। ଏଥିରେ ଅତ୍ୟାଧୁନିକ ଡିଜାଇନ୍, ଡିସ୍ପ୍ଲେ, ୪ ସ୍ପିକର, ଉନ୍ନତ ମାନର ମନୋରଞ୍ଜନ ସୁବିଧା ଗ୍ରାହକ ପାଇପାରିବେ। ଏହି ପ୍ରିମିୟମ ଟାବ୍‌ଲେଟ୍ ଗ୍ରାହକଙ୍କ ଜୀବନ ଶୈଳୀକୁ ଏହା ସହଜ କରିବାରେ ବିଶେଷ ଭାବେ ସହାୟକ ହେବ ବୋଲି ସାମସଙ୍ଗ ଇଣ୍ଡିଆର ମୋବାଇଲ ବ୍ୟବସାୟ ମହାପ୍ରବନ୍ଧକ ଆଦିତ୍ୟ ବବର ସୂଚନା ଦେଇଛନ୍ତି।

### ବିମୁଦ୍ରୀକରଣର ପ୍ରଭାବ
## ସଂସଦୀୟ କମିଟିରେ ହାଜର ହେବେ ଉର୍ଜିତ

**ନୂଆଦିଲ୍ଲୀ,୨୮-୧୦**



ବିମୁଦ୍ରୀକରଣ ସମ୍ପର୍କରେ ତଥ୍ୟ ପ୍ରଦାନ ଲାଗି ଆର୍ଥିକ ବ୍ୟାପାର ସଂସଦୀୟ କମିଟି ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୧୨ରେ ସେ ହାଜର ହୋଇ କମିଟିକୁ ତାଙ୍କର ବକ୍ତବ୍ୟ ପ୍ରଦାନ କରିବେ। ଏହି ମାମଲାରେ ଉର୍ଜିତ ତୃତୀୟଥର ପାଇଁ ସଂସଦୀୟ କମିଟି ସମ୍ମୁଖରେ ହାଜର ହେବାକୁ ଯାଉଛନ୍ତି। ଗତ ଦୁଇ ବର୍ଷ ହେବ କଂଗ୍ରେସର ବରିଷ୍ଠ ସାଂସଦ ବିରାପ୍ପା ମୋଇଲିଙ୍କ ନେତୃତ୍ୱରେ ସଂସଦୀୟ କମିଟି ବିମୁଦ୍ରୀକରଣ ସମ୍ପର୍କରେ ଯାଞ୍ଚ କରୁଛନ୍ତି। ଏହି କମିଟିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ସଦସ୍ୟ ରହିଛନ୍ତି। ଉଲ୍ଲେଖଥାଉ କି, ୨୦୧୬ ନଭେମ୍ବର ୮ତାରିଖ ରାତିରେ କେନ୍ଦ୍ର ସରକାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ରଦ୍ଦ କରିଦେଇଥିଲେ। ଏହା ରଦ୍ଦ ହେବା ପରେ ଦେଶବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏହାଛଡା ଉକ୍ତ ବୈଠକରେ ପଟେଲ ଅନିୟନ୍ତ୍ରିତ ଜମା ଯୋଜନା ବିଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କର ମତାମତ ମଧ କମିଟି ସମ୍ମୁଖରେ ଉପସ୍ଥାପନ କରିବେ। ଏ ସମ୍ପର୍କରେ ଉଲ୍ଲେଖ କରି ମୋଇଲି କହିଛନ୍ତି ଯେ, ବିମୁଦ୍ରୀକରଣର ପ୍ରଭାବ ସମ୍ପର୍କରେ କମିଟି ଅଧିକ ତଥ୍ୟ ଆବଶ୍ୟକ କରୁଛନ୍ତି। ଏହି କାରଣରୁ ଉର୍ଜିତ ପଟେଲଙ୍କୁ ଡକାଯାଇଛି। ଉଲ୍ଲେଖଥାଉ କି, ବିମୁଦ୍ରୀକରଣ ଉପରେ କମିଟି ଗତ ଅଗଷ୍ଟରେ ଏକ ଚିଠା ରିପୋର୍ଟ ପ୍ରସ୍ତୁତ କରିଥାନ୍ତେ। କିନ୍ତୁ ନିଶିକାନ୍ତ ଦୁବେଙ୍କ ନେତୃତ୍ୱରେ ଭାଜପା ଏମ୍‌ପିମାନେ ଏହାକୁ ବିରୋଧ କରିଥିଲେ।

# କେନ୍ଦ୍ରର ବଜେଟ୍ ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ,୨୮-୧୦**

### ମନ୍ତ୍ରଣାଳୟଗୁଡ଼ିକରୁ ପ୍ରସ୍ତାବ ମଗାଗଲା

କେନ୍ଦ୍ର ସରକାର ସାଧାରଣ ବଜେଟ୍ ଲାଗି ଏବେଠାରୁ ବଜେଟ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିଲାଗି ପ୍ରସ୍ତାବ ଦେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ମନ୍ତ୍ରଣାଳୟ ଓ ସମ୍ପୃକ୍ତ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୯ରେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପାଇଁ ଶେଷ ବଜେଟ୍ ହେବ। ଚଳିତ ମାସ ଆରମ୍ଭରୁ ଅର୍ଥ ମନ୍ତ୍ରଣାଳୟ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବଜେଟ୍ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରକ୍ରିୟା ଆରମ୍ଭରେ ଇସ୍ପାତ, ଶକ୍ତି, ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ସହ ଅର୍ଥ ମନ୍ତ୍ରଣାଳୟର ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ଚଳିତ ଆର୍ଥିକ ବର୍ଷ ଲାଗି ସଂଶୋଧିତ ବ୍ୟୟକୁ ମଞ୍ଜୁରୀ ପ୍ରଦାନ କରାଯିବ ଏବଂ ଆସନ୍ତା ବର୍ଷ ଲାଗି ବ୍ୟୟ ଲକ୍ଷ୍ୟ ଧାର୍ଯ୍ୟ କରାଯିବ। ଏହି ବୈଠକ ନଭେମ୍ବର ୧୬ ତାରିଖ ଯାଏ ଚାଲିବ। ବଜେଟ୍‌ରେ ସାମିଲ କରାଯିବା ସମ୍ଭବ ଏଭଳି ପ୍ରସ୍ତାବ ସମ୍ପର୍କରେ ଆଗୁଆ ସୂଚନା ଦେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ମନ୍ତ୍ରଣାଳୟଗୁଡିକର ସଚିବମାନଙ୍କ ପାଖକୁ ପତ୍ର ଲେଖାଯାଇଛି। ଲୋକ ସଭା ନିର୍ବାଚନ ଦୃଷ୍ଟିରୁ କେନ୍ଦ୍ର ସରକାର କାମ ଚଳା ବଜେଟ୍ ଉପସ୍ଥାପନ କରିବେ। ଆସନ୍ତା ବର୍ଷ ଫେବୃୟାରୀ ପହିଲାରେ ବଜେଟ୍ ଉପସ୍ଥାପନ କରାଯିବ। ପୂର୍ବରୁ ଫେବୃୟାରୀ ଶେଷ ଦିନରେ ବଜେଟ୍ ଉପସ୍ଥାପନ କରାଯାଉଥିଲା। ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ପରିବର୍ତ୍ତନ କରାଯାଇଛି।

### ଆଇବିସି ଯୋଗୁ ସରକାର ଉତ୍ସାହିତ
# ଚଳିତବର୍ଷ ୧.୮ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅର୍ଥ ଫେରିବ

**ନୂଆଦିଲ୍ଲୀ,୨୮-୧୦**




ଦେଶରେ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଲାଗୁ ହେବା ପରେ ଅନାଦାୟ ଋଣ ଫେରସ୍ତ ମିଳିବା ସହଜ ହୋଇଛି। ବ୍ୟାଙ୍କ ଗୁଡିକ ବୁଡି ଯାଇଥିବା ଋଣ ଫେରିପାଇଲେଣି। ଚଳିତ ଆର୍ଥିକ ବର୍ଷରେ ବୁଡ଼ି ଯାଇଥିବା ମୋଟ୍ ଋଣରୁ ପ୍ରାୟ ୧.୮୦ ଲକ୍ଷ କୋଟି ଟଙ୍କା ଫେରସ୍ତ ମିଳିବ ବୋଲି କେନ୍ଦ୍ର ସରକାର ମନେକରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଆଇବିସି ଅଧୀନରେ ବଡ଼ ଆକାଉଣ୍ଟଗୁଡିକର ଋଣ ସମାଧାନ ହୋଇଛି ଅଥବା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏସାର ଷ୍ଟିଲ୍ ଏବଂ ଭୁଷଣ ପାୱାର ଆଣ୍ଡ ଷ୍ଟିଲ୍ ଭଳି କେତେକ ମାମଲାର ସମାଧାନ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଆଇବିସି ଓ ଅନ୍ୟ ପନ୍ଥା ମାଧ୍ୟମରେ ପ୍ରାୟ ୧.୮୦ ଲକ୍ଷ କୋଟି ଟଙ୍କା ବୁଡି ଯାଇଥିବା ଋଣ ଆଦାୟ ହେବ ବୋଲି ଆଶାକରାଯାଉଛି। ଉଲ୍ଲେଖଥାଉ କି, ଭାରତୀୟ ରିଜର୍ଭ ବ୍ୟାଙ୍କ ୧୨ଟି ବଡ଼ ଅନାଦାୟ ମାମଲାର ସମାଧାନ ଲାଗି ନ୍ୟାଶନାଲ କମ୍ପାନୀ ଲ'ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ଙ୍କ ନିକଟରେ ପଠାଇଛନ୍ତି। ଏହି ମାମଲାଗୁଡିକର ସମାଧାନ ହୋଇଗଲେ ବ୍ୟାଙ୍କଗୁଡିକ ପ୍ରାୟ ୧ଲକ୍ଷ କୋଟି ଟଙ୍କା ଆଦାୟ କରିପାରିବେ। ଆଇବିସିର ସଫଳରେ ଉତ୍ସାହିତ ହୋଇ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ, ଏବେ ଖେଳ ବଦଳିଗଲାଣି ବୋଲି ଭାରତର ବଡ଼ ବଡ଼ ଋଣଗ୍ରହୀତା ବୁଝିସାରିଲେଣି।

# ହୋଣ୍ଡା ଗ୍ରାଜିଆ ବିକ୍ରି ୨ ଲକ୍ଷ ସ୍ତର ଟପିଲା

**ଭୁବନେଶ୍ୱର,୨୮-୧୦**




ହୋଣ୍ଡାର ଅତ୍ୟାଧୁନିକ ସହରୀ ସ୍କୁଟର ଗ୍ରାଜିଆର ବିକ୍ରି ୨ ଲକ୍ଷ ସ୍ତର ଅତିକ୍ରମ କରିଛି। ଉନ୍ମୋଚନ ହେବାର ୧୧ ମାସ ମଧ୍ୟରେ କମ୍ପାନୀ ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛି। ଏହି ମଡେଲ ଯୁବସୁଲଭ ଅଭିନବତା ସହ ଆଧୁନିକ ଷ୍ଟାଇଲର ଏକ ଶକ୍ତିଶାଳୀ ପ୍ରଦର୍ଶନ କରୁଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଏହି ମଡେଲରେ ଗ୍ରାହକମାନେ ଅଲ୍ ଡିଜିଟାଲ ଇନଷ୍ଟ୍ରୁମେଣ୍ଟେଶନ, ୩ ଷ୍ଟେପ୍ ଇକୋ ସ୍ପିଡ୍ ଇଣ୍ଡିକେଟର, ସ୍ୱଚ୍ଛ ଏଲ୍‌ଇଡି ଲ୍ୟାମ୍ପ, ସଦ୍ୟତମ ପ୍ରଯୁକ୍ତି ଲାଭ କରିବାକୁ ସକ୍ଷମ ହେବେ। ୨୦୧୭ ନଭେମ୍ବରରେ ଏହି ମଡେଲ ବଜାରକୁ ଆସିଥିଲା। ଉନ୍ମୋଚିତ ହେବାର ମାତ୍ର ୩ ମାସ ମଧ୍ୟରେ ଏହା ୫୦ ହଜାର ୟୁନିଟରୁ ଅଧିକ ବିକ୍ରି ହୋଇଥିଲା। ଚଳିତ ବର୍ଷ ଏପ୍ରିଲରେ ଏହାର ବିକ୍ରି ୧ ଲକ୍ଷ ଟପିଥିଲା। ପରବର୍ତ୍ତୀ ୫ ମାସ ପରେ ଆଉ ୧ ଲକ୍ଷ ଗ୍ରାହକ ଯୋଡି ହୋଇଥିବା କମ୍ପାନୀ ପ୍ରକାଶ କରିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୯ ଅକ୍ଟୋବର, ୨୦୧୮



ଭାରତ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଜିତି ଆମେ ସମାଲୋଚକଙ୍କ ମୁହଁ ବନ୍ଦ କରିପାରିଛୁ ।
–ଆଶଲେ ନର୍ସ, ୱେଷ୍ଟଇଣ୍ଡିଜ କ୍ରିକେଟ ଅଲରାଉଣ୍ଡର



ନୂଆ ଡେଭିସ୍ କପ୍‌ରେ ଖେଳିବା ସମ୍ପର୍କରେ ନିଷ୍ପତ୍ତି ଲାଗି ମୋତେ ମାତ୍ର ତିନିଦିନ ସମୟ ଦିଆଯାଇଥିଲା, ଯାହାକି ଯଥେଷ୍ଟ ନ ଥିଲା ।
–ରୋଜର ଫେଡେରର, ବିଶିଷ୍ଟ ଟେନିସ୍ ଖେଳାଳି



## ସଂକ୍ଷେପରେ

### ହାଫ୍ ମାରାଥନ୍‌ରେ ବିଶ୍ୱ ରେକର୍ଡ

ପ୍ୟାରିସ, ୨୮।୧୦ (ଏଏଫ୍‌ପି): କେନିଆର ଡିଷ୍ଟାନ୍ସ ରନର ଆବ୍ରାହମ କିପ୍‌ଟମ୍ ଭାଲେନ୍‌ସିଆ ରେସ୍ ଜିତିଛନ୍ତି। ସେ ୫୮ ମିନିଟ୍ ଓ ୧୮ ସେକେଣ୍ଡ ଟାଇମିଂ ସହ ହାଫ୍ ମାରାଥନରେ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଇଥିଓପିଆର ଜର୍ସିନେ ଟାଡିସେଙ୍କ ନାମରେ ରହିଥିଲା। ୮ ବର୍ଷ ପୂର୍ବେ ୨୦୧୦ ମାର୍ଚ୍ଚରେ ୫୮ ମିନିଟ ୨୩ ସେକେଣ୍ଡ ଟାଇମିଂରେ ଲିସ୍‌ବନ ହାଫ୍ ମାରାଥନ ଜିତି ସେ ରେକର୍ଡର ଅଧିକାରୀ ହୋଇଥିଲେ। ଗତମାସରେ କୋପେନହେଗେନ ହାଫ୍ ମାରାଥନରେ ୨୯ ବର୍ଷୀୟ କିପ୍‌ଟମ୍ ଦ୍ୱିତୀୟ ହୋଇଥିଲେ। ୨୦୧୭ ଅକ୍ଟୋବରରେ ଆମଷ୍ଟରଡାମଠାରେ ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୨ଘଣ୍ଟା ୫ ମିନିଟ୍ ଓ ୨୬ ସେକେଣ୍ଡରେ ରେସ୍ ଶେଷ କରିଥିଲେ।

### ରାଜିନ୍ଦରଙ୍କୁ କାରଣ ଦର୍ଶାଅ ନୋଟିସ

ନୂଆଦିଲ୍ଲୀ, ୨୮।୧୦ (ପି.ଟି.):କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ହକି ଇଣ୍ଡିଆର ପୂର୍ବତନ ସଭାପତି ରାଜିନ୍ଦର ସିଂଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏକ ଶୁଣାଣି ବେଳେ ଆବଶ୍ୟକ ତଥ୍ୟ ଯୋଗାଇଦେବାରେ ସହଯୋଗ ନ କରିବା ଦ୍ୱାରା ରାଜିନ୍ଦର ସାମ୍ବିଧାନିକ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରିଛନ୍ତି। ଏଥିଲାଗି ତାଙ୍କୁ କାହିଁକି କଠୋର ଦଣ୍ଡବିଧାନ କରା ନ ଯିବ ତାହାର ଜବାବ ରଖିବା ଲାଗି କୁହାଯାଇଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅନୁସାରେ ଭାଜପା ଏମ୍‌ପି କୀର୍ତ୍ତି ଆଜାଦ ହକି ଇଣ୍ଡିଆ ଲିଗ୍ ସ୍ୱନସରଶିପ୍ ପାଇଁ କମିଶନ ଏବଂ ଅନ୍ୟାନ୍ୟ କେତେକ ବାବଦରେ ଦିଆଯାଇଥିବା ରାଶିର ପରିମାଣ ଜାଣିବାକୁ ଚାହିଁଥିଲେ। ସୂଚନା କମିଶନର ଶ୍ରୀଧର ଆଚାର୍ଯ୍ୟୁଲୁ ଏସବୁର ତଥ୍ୟ ହକି ଇଣ୍ଡିଆଠାରୁ ମଗାଇଥିଲେ। ଆଜାଦ କିନ୍ତୁ କମିଶନଙ୍କ ନିକଟରେ ଆବେଦନ କରି କହିଥିଲେ ହକି ଇଣ୍ଡିଆଠାରୁ ମିଳିଥିବା ତଥ୍ୟରେ ସେ ସନ୍ତୁଷ୍ଟ ନୁହନ୍ତି। ଶୁଣାଣି ବେଳେ ହକି ଇଣ୍ଡିଆ ପକ୍ଷରୁ ଦର୍ଶାଯାଇଥିଲା ଯେ, ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତି ଆକ୍ରୋଶ ମନୋଭାବ ଯୋଗୁ ଭାଜପା ଏମ୍‌ପି ଜଣକ ହକି ଇଣ୍ଡିଆଠାରୁ ବିଭିନ୍ନ ବିଷୟ ଜାଣିବାକୁ ଚାହିଁଛନ୍ତି।

### ପ୍ରଥମ ଥର କରୱା ଚୌଥ ପାଳିଲେ ବୀରୁଷ୍କା

ନୂଆଦିଲ୍ଲୀ,୨୮।୧୦: ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା (ବୀରୁଷ୍କା) ପ୍ରଥମ ଥର ଶନିବାର କରୱା ଚୌଥ ପାଳନ କରିଛନ୍ତି। ଗତବର୍ଷ ବିବାହ କରିଥିବା କୋହଲି ଓ ଅନୁଷ୍କା ଏକାସଙ୍ଗେ ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ଜହ୍ନ ଦେଖିବା ସହ ଉପବାସ ଭଙ୍ଗ କରିଛନ୍ତି। ଏହାର ଫଟୋ କୋହଲି ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ସହ କ୍ୟାପ୍‌ଶନରେ ଲେଖିଛନ୍ତି, ମୋ ଜୀବନ, ମୋ ଦୁନିଆ ଅନୁଷ୍କା। ସେହିଭଳି ଅନୁଷ୍କା, କୋହଲିଙ୍କ ସହ ଉଠାଇଥିବା ଫଟୋ ଶେୟାର କରିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ କରୱା ଚୌଥ ପାଳନ କରାଯାଏ। ଏହି ଅବସରରେ ମହିଳାମାନେ ତାଙ୍କ ସ୍ୱାମୀଙ୍କ ମଙ୍ଗଳ ପାଇଁ ଉପବାସ କରନ୍ତି। ଏବେ ମହିଳାଙ୍କ ଭଳି ପୁରୁଷମାନେ ମଧ୍ୟ ଏହି ଉପବାସ କରୁଛନ୍ତି। ବଲିଉଡ ଅଭିନେତା ଅଭିଷେକ ବଚ୍ଚନ, ଆୟୁଷ୍ମାନ ଖୁରାନା ଓ ପ୍ରିନ୍ସ ନାରୁଲାଙ୍କ ଭଳି ସେଲିବ୍ରିଟିମାନେ ଟୁଇଟର ଜରିଆରେ ଉପବାସ କରିଥିବା ସୂଚନା ଦେଇଛନ୍ତି।





କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସରେ ଚାମ୍ପିୟନ ଚାଇନା ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ ।

### ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ

# ଚାଇନାକୁ ଟାଇଟଲ

ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ହଂକଂକୁ ୨୫–୮ ପଏଣ୍ଟରେ ହରାଇ ଚାଇନା ଚାମ୍ପିୟନ ହୋଇଛି। ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତ ୫–୨୫ ପଏଣ୍ଟରେ ଥାଇଲାଣ୍ଡଠାରୁ ହାରି ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ଦୁବାଇରେ ଅନୁଷ୍ଠିତ ପ୍ରତିଯୋଗିତାର ଗତ ସଂସ୍କରଣରେ ମଧ୍ୟ ଭାରତ ୪ର୍ଥ ସ୍ଥାନରେ ରହିଥିଲା। ପ୍ଲେଟ୍ ଫାଇନାଲରେ କାତାର ୧୫–୧୦ ପଏଣ୍ଟରେ ଫିଲିପାଇନ୍ସକୁ ପରାସ୍ତ କରିଛି। ସେହିପରି ପ୍ଲେ-ଅଫ୍‌ରେ ୟୁଏଇ ୨୨–୦ରେ ଶ୍ରୀଲଙ୍କାକୁ ହରାଇ ୭ମ ସ୍ଥାନ ଅଧିକାର କରିଛି। ପୂର୍ବରୁ ଅନୁଷ୍ଠିତ

**ଭାରତ ଚତୁର୍ଥ**

ସେମିଫାଇନାଲରେ ଭାରତ ୭–୫୦ ପଏଣ୍ଟରେ ହଂକଂଠାରୁ ହାରିଥିବାବେଳେ ଚାଇନା ୪୭–୦ରେ ଥାଇଲାଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏମପି ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି ତଥା ଅଭିନେତା ରାହୁଲ ବୋଷ, କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ମଧୁସୂଦନ ପାଢ଼ୀ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଓଙ୍ଗର ସ୍ୱିଟି କୁମାରୀଙ୍କୁ ବିଶାଳ ସମ୍ବର୍ଦ୍ଧିତ କରିଥିଲେ। "ଏହି ପ୍ରତିଯୋଗିତା ପାଇଁ ଆମେ ଦୁଇବର୍ଷ ତଳୁ ପ୍ରସ୍ତୁତି ଆରମ୍ଭ କରିଥିଲୁ। କଠିନ ପରିଶ୍ରମର ଫଳ ଆମକୁ ମିଳିଛି। ଆମ ଦଳର ଖେଳାଳିମାନେ ଉଭୟ ଶାରୀରିକ ଓ ମାନସିକ ଦୃଢ଼ତା ଦେଖାଇବାରେ ସକ୍ଷମ ହୋଇଛନ୍ତି" ବୋଲି ଚାମ୍ପିୟନ ଚାଇନା ଦଳର ମ୍ୟାନେଜର ଚି ୟି ବିଙ୍ଗ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ "ଆଜିର ଗେମରେ ଶାରୀରିକ ଅପେକ୍ଷା ମାନସିକ ଶକ୍ତିର ଅଧିକ ପରୀକ୍ଷା ହୋଇଥିଲା। ପ୍ରଥମାର୍ଦ୍ଧରେ ଆମେ ଦୁଇ ଟ୍ରାଏରେ ପଛୁଆ ରହି ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲୁ। ମାତ୍ର ଶକ୍ତିଶାଳୀ ଚାଇନା ବିପକ୍ଷରେ ଆମ ଖେଳାଳିମାନେ ଦ୍ୱିତୀୟାର୍ଦ୍ଧରେ ଯେପରି ପ୍ରଦର୍ଶନ କଲେ ସେଥିରେ ମୁଁ ଖୁସି" ବୋଲି ହଂକଂ ଅଧିନାୟକ ମାଲେ ପିକୁଟ୍ କହିଛନ୍ତି।





ରୌପ୍ୟ ପଦକ ବିଜୟୀ ହଂକଂ ଦଳ ।

### ■ ସର୍ବଭାରତୀୟ ଆମନ୍ତ୍ରଣୀୟ ଭଲିବଲ

## ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

ପୁରୁଣା ଭୁବନେଶ୍ୱର, ୨୮।୧୦(ଡି.ଏନ୍.ଏ)

ସ୍ଥାନୀୟ ପୋଖରୀପୁଟ ପଡ଼ିଆରେ ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୧୧ତମ ସର୍ବଭାରତୀୟ ଆମନ୍ତ୍ରଣୀୟ ଭଲିବଲ୍ ପ୍ରତିଯୋଗିତାରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସ୍ପୋର୍ଟ୍ସ ହଷ୍ଟେଲ ୩–୦ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିଲା। ପୂର୍ବରୁ ସ୍ପୋର୍ଟ୍ସ ହଷ୍ଟେଲ ପ୍ରଥମ ସେମିଫାଇନାଲରେ ଇଷ୍ଟର୍ନ ରେଲ୍‌ୱେକୁ ଏବଂ ଆନ୍ଧ୍ରପ୍ରଦେଶ ୨ୟ ସେମିରେ ଛତିଶଗଡ଼କୁ ହରାଇ ଫାଇନାଲରେ ସ୍ଥାନ ହାସଲ କରିଥିଲା। ପ୍ରତିଯୋଗିତାରେ ମୋଟ୍ ୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ।

ଚାମ୍ପିୟନ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲକୁ ଟ୍ରଫି ସହ ୧୦ ହଜାର ଓ ରନର୍ସଅପ୍ ଆନ୍ଧ୍ରପ୍ରଦେଶ ଦଳକୁ ୮ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ନବରଞ୍ଜନ ପଟ୍ଟନାୟକ, ଗଗନେନ୍ଦୁ ଦାସ, ଅମିୟ ମିଶ୍ର ଓ ସୁବୋଧ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇଥିଲେ। ସବୁ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି କ୍ଲବର ପରମ୍ପରା ଅନୁଯାୟୀ ସୁନାମଧନ୍ୟ କୋଚ୍ ସମରେନ୍ଦ୍ର ମହାପାତ୍ରଙ୍କୁ ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଅନ୍ତର୍ଜାତୀୟ ରେଫରି ସୁଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ୧୦ଜଣ ରେଫରି ସମସ୍ତ ମ୍ୟାଚ୍ ପରିଚାଳନା କରିଥିଲେ। ଦୀପ୍ତିରଞ୍ଜନ ମିଶ୍ର, ସଞ୍ଜୟ ଦାସ ଓ ନିର୍ମଳ ମହାନ୍ତି ଖେଳ ପରିଚାଳନାରେ ସହଯୋଗ କରିଥିବାବେଳେ ଟୁର୍ନାମେଣ୍ଟର ପରିଚାଳକ ସୁବାସ ମିଶ୍ର ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ।



ଚାମ୍ପିୟନ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଦଳ ।

### ମୟୂରୀ, ଅସିଫ ଚାମ୍ପିୟନ

ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)

ଶହୀଦ ନଗର ଇନ୍‌ଡୋର ହଲ୍‌ରେ ୧୩ତମ ରାଜ୍ୟ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ ଚାମ୍ପିୟନଶିପ୍ ରବିବାର ଶେଷ ହୋଇଛି। ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ(କେଡିଟିଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ମହିଳା ବିଭାଗରେ ମୟୂରୀ ଚାଟାର୍ଜୀ ଓ ପୁରୁଷରେ ଅସିଫ୍ ହକ୍ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ମୟୂରୀ ୪–୨ରେ ସମର୍ଥା ପୃଷ୍ଟିଙ୍କୁ ଏବଂ ଅସିଫ୍ ୪–୨ରେ ବିକାଶ କୁମାର ସିଂଙ୍କୁ ପରାସ୍ତ କରିଛନ୍ତି। ବାଳକ ବିଭାଗରେ ସାହିଲ ଶୁଭମ୍ ଭୂୟାଁ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନରେ ସୁଜିତ ରାୟ, ୫୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନରେ ଦେବାଶିଷ ଗୋପେ, ୬୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନରେ ରବୀନ୍ଦ୍ର କୁମାର ସାହୁ, ଭେଟେରାନ ଡବଲ୍ସରେ ପି.କେ. ସାମନ୍ତରାୟ–ସ୍ମୃତିରଞ୍ଜନ ଦାସ ଏବଂ କର୍ପୋରେଟ୍ କପ୍ ପୁରୁଷ ସିଙ୍ଗଲ୍ସରେ ଅନିର୍ବାଣ ରାୟ ଚାମ୍ପିୟନ ହୋଇଛନ୍ତି। ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର ସୁରେଶ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତନ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନ ପ୍ରଦୀପ କୁମାର ସାମନ୍ତରାୟ, କେଡିଟିଟିଏ ସମ୍ପାଦକ ସ୍ମୃତିରଞ୍ଜନ ଦାସ, ଯୁଗ୍ମ ସମ୍ପାଦକ ଶଶାଙ୍କ ମହାପାତ୍ର, ଆୟୋଜକ କମିଟି ସମ୍ପାଦକ ବିଜନ କୁମାର ମହାପାତ୍ର, ରମାକାନ୍ତ ସାହୁ, ଅଶୋକ କୁମାର ପନ୍, ନିରଞ୍ଜନ ସେଠୀ, ନରେନ୍ଦ୍ର କୁମାର ପାଲ, ମୁଖ୍ୟ ରେଫରି ତପନ ଖାଁ, ରେଫରି ସୁଜିତ ରାୟ, କେ.ଏସ.ଏନ.ମୂର୍ତ୍ତି, କେ.ଚିନ୍ନା ରାଓ ଏବଂ କେ.ଭି.ପି. ରାମାରାଓ ଉପସ୍ଥିତ ଥିଲେ।

### ■ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

## ଭାରତ–ପାକିସ୍ତାନ ଯୁଗ୍ମ ବିଜେତା

ମସ୍କଟ, ୨୮।୧୦(ପି.ଟି.)

ଭାରତ ଓ ପାକିସ୍ତାନ ଉଭୟଙ୍କୁ ପଞ୍ଚମ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ଯୁଗ୍ମ ବିଜେତା ଘୋଷଣା କରାଯାଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଫାଇନାଲ ମୁକାବିଲାକୁ ଉପଭୋଗ କରିବା ଲାଗି ଖେଳପ୍ରେମୀଙ୍କର ଉତ୍କଣ୍ଠା ରହିଥିଲା। ମାତ୍ର ଏଠାରେ ସନ୍ଧ୍ୟାରେ ପ୍ରବଳ ବର୍ଷା ଲାଗି ରହିବାରୁ ମ୍ୟାଚ ସମ୍ଭବପର ହୋଇ ନ ଥିଲା। ପରେ ଯଦିଓ ବର୍ଷା ଛାଡ଼ିଯାଇଥିଲା ତଥାପି ପଡ଼ିଆ ଖେଳ ଅନୁପଯୋଗୀ ହୋଇପଡ଼ିଥିଲା। ଟର୍ଫରେ ପାଣି ଜମି ରହିଥିଲା। ଭାରତ ଓ ପାକିସ୍ତାନ କୋଚ୍‌ଙ୍କ ମଧ୍ୟରେ ଆଲୋଚନା ପରେ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ମ୍ୟାଚ ନ ଖେଳାଯିବା ଲାଗି ନିଷ୍ପତ୍ତି ନେବା ସହ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରିଥିଲେ। ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ଭାରତ ରାଉଣ୍ଡ ରବିନ ପର୍ଯ୍ୟାୟରେ ୪ ବିଜୟ ଓ ଗୋଟିଏ ଡ୍ର ସହ ୧୩ ପଏଣ୍ଟ ଅର୍ଜନ କରି ଟେବୁଲ ଶୀର୍ଷରେ ରହିଥିଲା। ପାକିସ୍ତାନ ୧୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ପୂର୍ବରୁ ରାଉଣ୍ଡ ରବିନ ପର୍ଯ୍ୟାୟରେ ଭାରତ ୩–୧ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ସିଜନ ଶେଷରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁଥିବା ଏଫଆଇଏଚ୍ ପୁରୁଷ ବିଶ୍ୱକପ୍ ପୂର୍ବରୁ ଉଭୟ ଭାରତ ଓ ପାକିସ୍ତାନର ଏହା ଥିଲା ଶେଷ ଅନ୍ତର୍ଜାତୀୟ ମ୍ୟାଚ। ଚଳିତ ସଂସ୍କରଣ ପୂର୍ବରୁ ଉଭୟ ଭାରତ ଓ ପାକିସ୍ତାନ ଦୁଇଥର ଲେଖାଏଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟାଇଟଲ ବିଜୟୀ ହୋଇପାରିଛନ୍ତି। ଭାରତ ପୂର୍ବରୁ ୨୦୧୬ଏବଂ ୨୦୧୧ରେ ଉଦ୍‌ଘାଟନୀ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଅନ୍ୟପକ୍ଷରେ ପାକିସ୍ତାନ ୨୦୧୨ ଓ ୨୦୧୩ରେ ଚାମ୍ପିୟନ ହୋଇଥିଲା।

ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ହୋଇଥିବା ମୁକାବିଲାରେ ମାଲେସିଆ ୩–୨ ପେନାଲ୍ଟି ଶୁଟ୍ ଆଉଟ୍‌ରେ ଜାପାନକୁ ପରାସ୍ତ କରିଥିଲା। ମ୍ୟାଚଟି ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ଖେଳ ୨–୨ରେ ଅମୀମାଂସିତ ଭାବେ ଶେଷ ହେବାରୁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା।





ଟ୍ରଫି ସହ ଦୁଇ ଦଳର ଅଧିନାୟକ ।

## ସନ୍ତୁଳନ ରକ୍ଷା ଲକ୍ଷ୍ୟରେ ଭାରତ

ମୁମ୍ବାଇ, ୨୮।୧୦(ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆରେ ବିଜୟ ହାସଲ ପରେ ଘରୋଇ ଭାରତ ଦ୍ୱିତୀୟ ଓ ତୃତୀୟ ଦିନିକିଆରେ ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ଦ୍ୱିତୀୟ ମ୍ୟାଚକୁ ଟାଇ ରଖି ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ୍ୟ ଭାରତ ତୃତୀୟ ମ୍ୟାଚ୍‌ରେ ମାମୁଲି ପ୍ରଦର୍ଶନ କରି ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ସୋମବାର ସ୍ଥାନୀୟ କ୍ରିକେଟ କ୍ଲବ ଅଫ ଇଣ୍ଡିଆ (ସିସିଆଇ)ବ୍ରାବୋର୍ଣ୍ଣ ଷ୍ଟାଡିୟମରେ ଚତୁର୍ଥ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୫ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜ ୧–୧ ସମାନସ୍ତରରେ ରହିଥିବା ବେଳେ ସିରିଜ ବିଜୟ ହାସଲ କରିବାକୁ ହେଲେ ଉଭୟ ଦଳକୁ ଏହି ମ୍ୟାଚ ଜିତିବା ଅପରିହାର୍ଯ୍ୟ ହୋଇପଡିଛି। ଫଳରେ ଦୁଇ ଦଳ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି ହୋଇଛି। କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବିଫଳ ହେବା ପରେ ଭାରତ ନିଜର ଦୁର୍ବଳତା ସମ୍ପର୍କରେ ଓ ଦଳରେ ସନ୍ତୁଳନ ନ ଥିବା ହୃଦୟଙ୍ଗମ କରିଛି। ଏବେ ଦଳରେ ସନ୍ତୁଳନ ରକ୍ଷା ଉପରେ ଭାରତ ଧ୍ୟାନ ଦେବ। ତେବେ ଦଳରେ କେତୋଟି ପରିବର୍ତ୍ତନ କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପଛଘୁଞ୍ଚା ଦେବନାହିଁ। ପୁଣେରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ୫ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ଭାରତ ପଡିଆକୁ ଓହ୍ଲାଇଥିଲା। ତେବେ ଏହା କାମ ଦେଲା ନାହିଁ। ଯାହା ଫଳରେ ଭ୍ରମଣକାରୀ ଦଳ ୪୩ ରନରେ ବିଜୟୀ ହୋଇଥିଲା। ୱେଷ୍ଟଇଣ୍ଡିଜ ମଧ୍ୟ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା। ଆଘାତ ସମସ୍ୟାରୁ ମୁକ୍ତ ହୋଇଥିବା ଅଲରାଉଣ୍ଡର କେଦାର ଯାଦବ ଦଳକୁ ଫେରିବା ନିଶ୍ଚିତ ମନେହେଉଛି। ଦଳରେ ସନ୍ତୁଳନ ନ ଥିଲେ ହାରିବା ନିଶ୍ଚିତ। ତେଣୁ ଚତୁର୍ଥ ମ୍ୟାଚ୍‌ରେ ଆମେ ସନ୍ତୁଳନ ରକ୍ଷା ଉପରେ କାର୍ଯ୍ୟକରି ପଡିଆକୁ ଓହ୍ଲାଇବୁ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ଭାରତର ମିଡଲ ଅର୍ଡର ସମସ୍ୟାରେ ଏପର୍ଯ୍ୟନ୍ତ ସୁଧାର ଆସିନାହିଁ।

**ଆଜି ଚତୁର୍ଥ ଦିନିକିଆ**

- ■ ସ୍ଥାନ: ସିସିଆଇ, ମୁମ୍ବାଇ
- ■ ସମୟ: ଅପରାହ୍ନ ୧.୩୦
- ■ ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

# ରାଜ୍ୟ ବଧିର ଚେସ୍: ପ୍ରତିମା, ସୁଶାନ୍ତ ଚାମ୍ପିୟନ

ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)

ପଳାସପଲ୍ଲୀସ୍ଥିତ ଓ.ଏ.ଡି. ପରିସରରେ ୨୧ତମ ରାଜ୍ୟ ସିନିୟର ମହିଳା, ପୁରୁଷ, ଜୁନିୟର ବାଳିକା, ବାଳକ ବଧିର ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ରାଜ୍ୟ ବଧିର କ୍ରୀଡ଼ା ପରିଷଦ ଭୁବନେଶ୍ୱର ଆନୁକୂଲ୍ୟରେ ଜାତୀୟ ଚେସ୍ ପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୦ ଜିଲାରୁ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫ ରାଉଣ୍ଡ ବିଶିଷ୍ଟ ଖେଳରେ ପୂରା ୫ ପଏଣ୍ଟ ଲେଖାଏ ପାଇ ମହିଳାରେ କଟକର ପ୍ରତିମା ଦଳାଇ ଏବଂ ପୁରୁଷରେ ଖୋର୍ଦ୍ଧାର ସୁଶାନ୍ତ କୁମାର ସାହୁ ଚାମ୍ପିୟନ ହୋଇଛନ୍ତି। ସେହିପରି ବାଳକ ବିଭାଗରେ ଖୋର୍ଦ୍ଧାର ବିପିନ ବିହାରୀ ସାହୁ ୪ ଓ ବାଳିକାରେ ମୟୂରଭଞ୍ଜର ସୁଭଦ୍ରା କିସ୍‌କୋ ୩ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦଳଗତ ଭାବେ ଖୋର୍ଦ୍ଧା ଚାମ୍ପିୟନ ଓ କଟକ ରନର୍ସଅପ୍ ହୋଇଛି। ଏହି ପ୍ରତିଯୋଗିତାରୁ ପ୍ରଦର୍ଶନଭିତ୍ତିରେ ନିମ୍ନଲିଖିତ ୧୫ ଖେଳାଳି ରାଜସ୍ଥାନର ଜୟପୁରଠାରେ ହେବାକୁଥିବା ୨୧ତମ ଜାତୀୟ ବଧିର ଚେସ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଥିବା ଆୟୋଜକ ଓଡ଼ିଶା ବଧିର କ୍ରୀଡ଼ା ପରିଷଦର ସମ୍ପାଦକ ନିରଞ୍ଜନ ଯୋଶୀ ପ୍ରକାଶ କରିଛନ୍ତି। ସିନିୟର ପୁରୁଷ ବିଭାଗରେ ସୁଶାନ୍ତ କୁମାର ସାହୁ, ବାବୁଲା କୁମାର ଜତୀ(ସମ୍ବଲପୁର), ସଞ୍ଜୟ ମହାପାତ୍ର(କଟକ), ପଲୁରି ୟଙ୍କତା ରାଓ(ସମ୍ବଲପୁର), ହେମନ୍ତ କୁମାର ଆଚାର୍ଯ୍ୟ(ଗଞ୍ଜାମ), କାହ୍ନୁ ଚରଣ ମହାପାତ୍ର(ଖୋର୍ଦ୍ଧା) ଓ ନିପୁନ ଆଦିତ୍ୟ ମହାନ୍ତି(ଖୋର୍ଦ୍ଧା)। ମହିଳା ବିଭାଗରେ ପ୍ରତିମା ଦଳାଇ, ମମତା ପ୍ରହରାଜ(ଉଭୟେ କଟକ), ଦେବଯାନୀ ସାହୁ(ଖୋର୍ଦ୍ଧା), ବାଳକରେ ବିପିନ ବିହାରୀ ସାହୁ, ରିଙ୍କୁ ସାହୁ, ଦୀପକ ପ୍ରଧାନ(ସମସ୍ତେ ଖୋର୍ଦ୍ଧା) ଏବଂ ବାଳିକାରେ ସୁଭଦ୍ରା କିସ୍‌କୋ ଓ ପ୍ରୀତିଲତା ବେହେରା(ଉଭୟେ ମୟୂରଭଞ୍ଜ) ମନୋନୀତ ହୋଇଛନ୍ତି।

ଭୁବନେଶ୍ୱରସ୍ଥିତ ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ସଭାପତି ଅନ୍ତର୍ଜାତୀୟ ଭିନ୍ନକ୍ଷମ ବ୍ୟାଡ୍‌ମିଣ୍ଟନ ଖେଳାଳି ଅସିତ୍ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ ସୁରକ୍ଷା ସଶକ୍ତୀକରଣ ଓ ଭିନ୍ନକ୍ଷମ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେ ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ବଧିର କ୍ରୀଡ଼ା ପରିଷଦକୁ ସମସ୍ତ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ନିଶିଥ କୁମାର ମହାନ୍ତି(ଓଏସ୍‌ଡିସି ଭାଇସ୍ ଚେୟାରମ୍ୟାନ) ଓ ଅନ୍ତର୍ଜାତୀୟ ଅଭିଜ୍ଞସମ୍ପନ୍ନ ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ(ଫିଡେ ଇନ୍‌ଷ୍ଟ୍ରକ୍ଟର) ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପି.କେ. ମହାପାତ୍ର ସ୍ୱାଗତ ଏବଂ ସମ୍ପାଦକ ନିରଞ୍ଜନ ଯୋଶୀ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠାତା ସଭ୍ୟ ବିଜୟ କୁମାର ପରିଡ଼ା ଉପସ୍ଥିତ ଥିଲେ।



ରାଜ୍ୟ ବଧିର କ୍ରୀଡ଼ାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

**ଖୋର୍ଦ୍ଧା ଦଳଗତ ଚାମ୍ପିୟନ, କଟକ ରନର୍ସଅପ୍**



କୋହଲ ଦଣ୍ଡ ବ୍ୟବସ୍ଥା ଯୋଗୁ କେପ୍‌ଟାଉନ୍ ବଲ୍ ଟ୍ୟାମ୍ପରିଂ ଘଟଣା ଦେଖିବାକୁ ମିଳିଥିଲା।
– ଷ୍ଟିଭ ୱ', ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ

ତୃତୀୟ ଦିନିକିଆ ମ୍ୟାଚ ଫଳାଫଳରେ ୱେଷ୍ଟଇଣ୍ଡିଜ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନମାନେ ଫରକ ଆଣିଥିଲେ।
–ଯଶପ୍ରୀତ୍ ବୁମ୍‌ରା, ଭାରତୀୟ ପେସ୍ ବୋଲର



# ପ୍ରେରଣାର ଉତ୍ସ ଦୀପା କର୍ମକାର

ଭୁବନେଶ୍ୱର,୨୮।୧୦ (ସ୍ପୋର୍ଟ୍ସ ବ୍ୟୁରୋ)



କ୍ରୀଡ଼ା ଓ ସାହିତ୍ୟପ୍ରେମୀଙ୍କ ପାଇଁ ଏକ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ରାଜଧାନୀ ଭୁବନେଶ୍ୱରରେ ଆଉ ମାତ୍ର କେତୋଟି ଦିନ ପରେ ଆୟୋଜନ ହେବାକୁ ଯାଉଛି। ଏକ ବିରଳ ଘଟଣାକ୍ରମରେ ନଭେମ୍ବର ୨ ଓ ୩ ତାରିଖରେ ଆୟୋଜିତ ହେବ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହୋଟେଲ ମେ ଫେୟାରରେ ପ୍ରଥମଥର ପାଇଁ ଏଭଳି କ୍ରୀଡ଼ା ସମ୍ପର୍କିତ ସାହିତ୍ୟ ଉତ୍ସବ ଆୟୋଜନ ହେବ। ଭାରତ ସମେତ ଏସିଆ ମହାଦେଶ ପାଇଁ ଏଭଳି ଇଭେଣ୍ଟ ପ୍ରଥମଥର ଲାଗି ଭିନ୍ନ ପ୍ରକାରର ଅଭିଜ୍ଞତା ଆଣିଦେବ। କ୍ରୀଡ଼ା ଓ ସାହିତ୍ୟ ପାଇଁ ଏହି ଇଭେଣ୍ଟ ଏକ ବୃହତ୍ ପ୍ଲାଟଫର୍ମ ବା ରଙ୍ଗମଞ୍ଚ ସଦୃଶ ହେବ। ସାରା ବିଶ୍ୱର ମାନ୍ୟଗଣ୍ୟ କ୍ରୀଡ଼ାବିତ୍, କୋଚ୍, ଲେଖକ, ଖବରଦାତା, କ୍ରୀଡ଼ା ପ୍ରଶଂସକ ଏହି ଉତ୍ସବରେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ପାଇଁ ସୁଯୋଗ ପାଇବେ। କ୍ରୀଡ଼ା ପ୍ରତି ଭଲପାଇବା ଓ ରୁଚି ରଖୁଥିବା ବ୍ୟକ୍ତିବିଶେଷ ଏହି ଉତ୍ସବରେ ସାରସ୍ୱତ ଜ୍ଞାନ ହାସଲର ସୁଯୋଗ ପାଇବେ। ଏହି ଫେଷ୍ଟିଭାଲରେ ୩୦ଜଣ ଶୀର୍ଷ ସ୍ତରୀୟ ସେଲିବ୍ରିଟି ସେମାନଙ୍କର ବହୁମୂଲ୍ୟ ବକ୍ତୃତା ପ୍ରଦାନ କରିବେ। ଏମାନଙ୍କ ମଧ୍ୟରେ ରହିଛନ୍ତି ଭାରତର ଅଲିମ୍ପିଆନ ମହିଳା ଜିମ୍ନାଷ୍ଟ ଦୀପା କର୍ମକାର।

ସେହିପରି ଖୁବ୍ କମ୍ ବୟସରେ ଦୀପା କର୍ମକାର ଭାରତୀୟ ଜିମ୍ନାଷ୍ଟିକ୍ସରେ ବିପ୍ଲବ ଆଣିବାରେ ସକ୍ଷମ ହୋଇଛନ୍ତି। ତ୍ରିପୁରା ରାଜଧାନୀ ଅଗରତାଲାରେ ଜନ୍ମଗ୍ରହଣ କରିଥିବା ଦୀପା ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବର୍ଗରେ କ୍ୟାରିୟର ବାଛିଥିଲେ। ମାତ୍ର ୬ ବର୍ଷ ବୟସରୁ ସେ ଜିମ୍ନାଷ୍ଟିକ୍ସରେ ଅଭ୍ୟାସ କରିବା ଆରମ୍ଭ କରିଥିଲେ। ୨୫ ବର୍ଷରେ ପଦାର୍ପଣ କରିଥିବା ଦୀପାଙ୍କ ପାଖରେ ଭରପୂର ପ୍ରତିଭା ରହିଛି। ସେ ବିଭିନ୍ନ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୬୭ଟି ସ୍ୱର୍ଣ୍ଣ ସହ ମୋଟ ୭୭ଟି ପଦକ ହାସଲ କରିଛନ୍ତି। ୨୦୧୪ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୨୦୧୫ ହିରୋସିମା ଏସିଆନ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେ ପ୍ରଥମ ଭାରତୀୟ ମହିଳାଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। କୋଚ୍ ବିଶ୍ୱେଶ୍ୱର ନନ୍ଦୀଙ୍କ ତତ୍ତ୍ୱାବଧାନରେ ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଚତୁର୍ଥ ସ୍ଥାନରେ ରହିବା ସହ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଦୀର୍ଘ ୫୨ ବର୍ଷ ପରେ ସେ ପ୍ରଥମ ଭାରତୀୟ ଜିମ୍ନାଷ୍ଟ ଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରିଥିଲେ। ସେ ମହିଳା ଭୋଲ୍ଟ ଇଭେଣ୍ଟରେ ୧୫. ୦୬୬ ସ୍କୋର କରିଥିଲେ। ୨୦୧୮ରେ ସେ ପ୍ରଥମ ଭାରତୀୟ ଭାବେ କୌଣସି ଗ୍ଲୋବାଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତି ଇତିହାସ ରଚିଥିଲେ। ତୁର୍କୀରେ ଅନୁଷ୍ଠିତ ଏଫ୍‌ଆଇଜି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ୱାର୍ଲ୍ଡ ଚ୍ୟାଲେଞ୍ଜ୍ କପ୍‌ରେ ସେ ଏହି ସଫଳତା ପାଇଥିଲେ। ମହିଳା ଜିମ୍ନାଷ୍ଟିକ୍ସରେ ସବୁଠାରୁ କଷ୍ଟସାଧ୍ୟ ଭୋଲ୍ଟ ରୂପେ ପରିଗଣିତ ହେଉଥିବା 'ପ୍ରୋଡୁନୋଭା'ରେ ଅନ୍ୟତମ ପଞ୍ଚମ ପ୍ରତିଯୋଗୀ ଭାବେ ପଦାର୍ପଣ କରିଥିଲେ। କ୍ରୀଡ଼ାରେ ଅସାଧାରଣ ଅବଦାନ ପାଇଁ ତାଙ୍କୁ ଭାରତ ସରକାରଙ୍କ ତରଫରୁ ୨୦୧୬ରେ ରାଜୀବ ଗାନ୍ଧୀ ଖେଳରତ୍ନ ଓ ୨୦୧୭ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୭ରେ ଦୀପାଙ୍କୁ ଏସିଆର ୩୦ ବର୍ଷରୁ କମ୍ ସୁପର ଆଚିଭର ହିସାବରେ ଫୋର୍ବ୍ସ ତାଲିକାରେ ମଧ୍ୟ ସାମିଲ କରାଯାଇଥିଲା। ଦୀପାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସହ ପ୍ରେରଣାଦାୟୀ ହୋଇପାରିଛି।

# ଆୟର୍ଲାଣ୍ଡ ଦଳ ଘୋଷିତ

ଭୁବନେଶ୍ୱରରେ ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଗୋଟିଏ ମାସରୁ କମ୍ ସମୟ ବାକି ରହିଥିବାବେଳେ ପ୍ରଥମ ଦଳ ଭାବେ ଆୟର୍ଲାଣ୍ଡ ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଖେଳାଳି ତାଲିକା ଘୋଷଣା କରିଛି। ଆୟର୍ଲାଣ୍ଡ ତା'ର ପ୍ରଥମ ମ୍ୟାଚରେ ନଭେମ୍ବର ୩୦ରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ଦୀର୍ଘ ୨୮ ବର୍ଷ ପରେ ଆୟର୍ଲାଣ୍ଡ ହକି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଘୋଷିତ ୨୦ ଜଣିଆ ଆୟର୍ଲାଣ୍ଡ ଦଳର ୧୪ ଖେଳାଳି ୟୁରୋପର ଟପ୍ ଲିଗ୍‌ରେ ଖେଳି ଆସୁଛନ୍ତି ବୋଲି ମୁଖ୍ୟ କୋଚ୍ ଆଲେକ୍ସାଣ୍ଡର କକ୍ସ ସୂଚନା ଦେଇଛନ୍ତି। ଦୀର୍ଘଦିନଧରି ଆୟର୍ଲାଣ୍ଡର କୋଚ୍ ରହି ଆସିଥିବା କ୍ରେଗ୍ ଫୁଲଟନଙ୍କଠାରୁ ଗତ ଗ୍ରୀଷ୍ମଋତୁରେ ଦାୟିତ୍ୱ ଗ୍ରହଣ କରିଥିଲେ ଡଚ୍ ମ୍ୟାନ କକ୍ସ। ଆୟର୍ଲାଣ୍ଡ ଶେଷଥରପାଇଁ ୧୯୯୦ରେ ବିଶ୍ୱକପ ଖେଳିଥିଲା। ଗତ କିଛି ସପ୍ତାହଧରି ଘରୋଇ ପରିବେଶ ଏବଂ ନେଦରଲାଣ୍ଡରେ ଟ୍ରେନିଂ କ୍ୟାମ୍ପ ପରେ କକ୍ସ ୨୬ ଜଣିଆ ଦଳକୁ ୨୦ରେ ପରିଣତ କରିଛନ୍ତି। ଟୁର୍ନାମେଣ୍ଟ ନିକଟ ହୋଇଆସିଲେ କେଉଁ ୧୮ ଜଣ ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବେ ଏବଂ କେଉଁ ୨ ଜଣ ଷ୍ଟାଣ୍ଡବାଇ ରହିବେ ତାହା ସ୍ପଷ୍ଟ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ରିଓ ଅଲିମ୍ପିକ୍ସରେ ଖେଳିଥିବା ୧୦ ଖେଳାଳିଙ୍କୁ ଏଥିରେ ଅପରିବର୍ତ୍ତିତ ରଖା ଯାଇଛି। ଦଳ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ୧୮ ଦିନ ବ୍ୟାପୀ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ହକି ବିଶ୍ୱକପ୍ ଆସନ୍ତା ନଭେମ୍ବର ୨୮ରୁ ଆରମ୍ଭ ହେବ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ଲାଗି ମନ୍ଦିରମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବିଶ୍ୱକପ୍ ଲାଗି ଅନ୍‌ଲାଇନରେ ଟିକେଟ୍ ବିକ୍ରି ଆରମ୍ଭ ହୋଇସାରିଥିବାବେଳେ ନକ୍‌ଆଉଟ୍ ମ୍ୟାଚ୍‌ର ସମସ୍ତ ଟିକେଟ୍ ବିକ୍ରି ହୋଇସାରିଥିବା ଜଣାପଡ଼ିଛି।



ଜୋନାଥନ ବେଲ, ଶେନ ଓ'ଡୋନୋହୁଏ ଓ ଡାରା ୱାଲ।




**ଆୟର୍ଲାଣ୍ଡ ଦଳ:** ଡେଭିଡ୍ ହାର୍ଟେ, ଡେଭିଡ୍ ଫଜରାଲ୍ଡ (ଉଭୟ ଗୋଲକିପର), ଜୋନାଥନ ବେଲ୍, ପଲ୍ ଗ୍ଲେହୋର୍ନ, ଲ୍ୟୁକ୍ ମେଡିଲେ, କର୍ନର ହାର୍ଟେ, ଷ୍ଟୁଆର୍ଟ ଲୋଫ୍ରେ, ମାଥ୍ୟୁ ବେଲ୍, ଲି କୋଲ (ସମସ୍ତେ ଡିଫେଣ୍ଡର), ଶେନ ଓ'ଡୋନୋହୁଏ, ମାଇକେଲ ରବସନ୍, କିର୍କ ଶିମିନ୍ସ, ସିନ୍ ମୁରେ, କ୍ରିସ୍ କାର୍ଗୋ, ଡାରା ୱାଲ୍ସ, ମାଥ୍ୟୁ ନେଲସନ (ସମସ୍ତେ ମିଡ୍‌ଫିଲ୍ଡର), ମିଚ୍ ଡାର୍ଲିଂ, ଏଗୁଏନ ମାଗି, ଆଲାନ ସୋଥେମ ଓ ଜର୍ମି ଡନ୍‌କାନ (ସମସ୍ତେ ଫର୍‌ୱାର୍ଡ), କୋଚ୍– ଆଲେକ୍ସାଣ୍ଡର କକ୍ସ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ




E-BOOK YOUR SHOWROOM VISIT AT **WWW.MARUTISUZUKI.COM** OR VISIT YOUR NEAREST **MARUTI SUZUKI ARENA** SHOWROOM TODAY.

**AUTHORISED DEALERS: ORISSA: BHUBANESWAR: Jyote Motors (Nayapalli)** 7381355999, **JEYPORE: Legend Cars** 7894442901. **COMING SOON: Orbit Motors (Civil Township, Rourkela)** 9437041155.



ଯେଉଁମାନଙ୍କର ହୃଦୟ ବିଶାଳ, ସେହିମାନେ ହିଁ ସହନଶୀଳତା କଥାର ପ୍ରକୃତ ମର୍ମ ବୁଝିପାରିବେ।
-ଜର୍ଜ ଏଲିଏଟ୍



# ନନ୍ଦନକାନନରୁ ବୃଦ୍ଧ ନିଖୋଜ

**■ଘଟଣାର ୭ ଦିନ ପରେ ବି ମିଳୁନି ପତ୍ତା**
**■ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ**

ବାରଙ୍ଗ,୨୮।୧୦(ଡି.ଏନ୍.ଏ.)

ଗତ ୨୧ତାରିଖରେ ପରିବାର ସହ ନନ୍ଦନକାନନ ବୁଲିବାକୁ ଆସି ଜଣେ ବୃଦ୍ଧ ଏଠାରୁ ନିଖୋଜ ହୋଇଯାଇଛନ୍ତି। ଘଟଣାକୁ ୭ଦିନ ବିତିଯାଇଥିଲେ ସୁଦ୍ଧା ବୃଦ୍ଧଙ୍କର କୌଣସି ପତ୍ତା ମିଳିପାରିନାହିଁ। ସେପଟେ ତାଙ୍କ ପରିବାର ଲୋକ ଏ ନେଇ ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ କେବଳ ଏକ ନିଖୋଜ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି, ଯାହାକୁ ନେଇ ଏବେ ନନ୍ଦନକାନନ ଆଖପାଖ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

ମିଳିଥିବା ସୂଚନାନୁଯାୟୀ, ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଦାନ୍ତୁଣିଦା ଗ୍ରାମର ଅନନ୍ତ ସାମଲ(୫୮) ସପରିବାର ଦଶହରା ବୁଲିବାକୁ ଭୁବନେଶ୍ୱର ଆସିଥିଲେ। ସେମାନେ ଚନ୍ଦ୍ରଶେଖରପୁର ଥାନା ଅଧୀନ ନୀଳାଦ୍ରି ବିହାରରେ ରହୁଥିବା ତାଙ୍କ ସାନସଢ଼ୁ ଅରୁଣ ଦେବଙ୍କ ଘରେ ରହିଥିଲେ। ଦଶହରା ଭସାଣି ଦେଖିସାରିବା ପରେ ଗତ ୨୧ତାରିଖ ରବିବାର ସଢ଼ୁଙ୍କ ପରିବାର ସହ ମିଶି ନନ୍ଦନକାନନ ବୁଲିବାକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ସମସ୍ତେ ସରୀସୃପ ଉଦ୍ୟାନ ପାଖରେ ବିଶ୍ରାମ ନେଉଥିଲେ। କିଛି ସମୟ ପରେ ଅନନ୍ତଙ୍କୁ ଛାଡ଼ି ତାଙ୍କ ସ୍ତ୍ରୀ କନକ, ବୋହୂ ସଞ୍ଜୁ ଓ ଅନ୍ୟମାନେ ପାଖରେ ଥିବା ଶୌଚାଳୟକୁ ଯାଇଥିଲେ। ଶୌଚାଳୟରୁ ଆସିବା ପରେ ଅନନ୍ତ ବସିଥିବା ସ୍ଥାନରେ ନ ଥିବା ଦେଖି ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଫଳରେ କେହି ଆଉ ନନ୍ଦନକାନନ ନ ବୁଲି ପ୍ରବେଶ ପଥ ଆଡ଼େ ଆସି ସେଠାରେ ଉପସ୍ଥିତ କର୍ମଚାରୀଙ୍କୁ ଅନନ୍ତଙ୍କ ନିଖୋଜ ବିଷୟରେ ଜଣାଇଥିଲେ। ହେଲେ କର୍ମଚାରୀ ଜଣକ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଏହାପରେ କିଛି ଦୂରରେ ଥିବା ପର୍ଯ୍ୟଟନ ପୋଲିସକୁ ଘଟଣା ସମ୍ପର୍କରେ କହିବା ପରେ ପୋଲିସ ସେମାନଙ୍କୁ ଥାନାରେ ଅଭିଯୋଗ କରିବାକୁ କହି ଚୁପ୍ ହୋଇଯାଇଥିଲା। ସେଠାରୁ ନିରାଶ ହୋଇ ସମସ୍ତେ ନୀଳାଦ୍ରି ବିହାର ଘରକୁ ଫେରିଆସିଥିଲେ। ଅନନ୍ତଙ୍କ ସାନସଢ଼ୁ ଅରୁଣ ଦେବଙ୍କୁ ଘଟଣା ବିଷୟରେ କହିବା ପରେ ସେ ନନ୍ଦନକାନନ ଥାନାକୁ ଯାଇ ଏ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୧୨/୧୮ରେ ମାମଲା ରୁଜୁ କରିବା ସହ ନିଖୋଜ ଅନନ୍ତଙ୍କ ଫଟୋକୁ ସବୁ ଥାନାକୁ ପଠାଇଥିଲା। ଏବେ ଏହି ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅନନ୍ତଙ୍କୁ ଖୋଜି ପାଇପାରିନାହିଁ। ଅନ୍ୟପକ୍ଷରେ ଘଟଣା ସଂକ୍ରାନ୍ତରେ ନନ୍ଦନକାନନ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ରେଞ୍ଜର ମନୋରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ନେଇ କୌଣସି ଖବର ନ ଥିବା କହିଛନ୍ତି। ପର୍ଯ୍ୟଟକଙ୍କ ଗତିବିଧିକୁ ଅନୁଧ୍ୟାନ କରିବା ପାଇଁ ନନ୍ଦନକାନନ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ପରିସରସ୍ଥ ବିଭିନ୍ନ ସ୍ଥାନରେ ସୁରକ୍ଷା କର୍ମଚାରୀ ଓ ପର୍ଯ୍ୟଟନ ଥାନା ପୋଲିସ ମୁତୟନ ରହିଛନ୍ତି। ଏପରି କି, ଟିକେଟ ଯାଞ୍ଚ ଫାଟକ ପାଖରେ କର୍ମଚାରୀ ଉପସ୍ଥିତ ରହୁଛନ୍ତି। ଏହାସତ୍ତ୍ୱେ ପର୍ଯ୍ୟଟକ କିଭଳି ନିଖୋଜ ହୋଇଯାଉଛନ୍ତି ଏବଂ ପୋଲିସ ସେମାନଙ୍କର ପତ୍ତା ପାଇପାରୁନାହିଁ, ତାହା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଘଟଣା ବିଷୟରେ ମୁଁ ବର୍ତ୍ତମାନ ଜାଣୁଛି। ବୃଦ୍ଧ ଜଣକ କେଉଁଆଡ଼େ ପଳାଇଯାଇଥିବେ। ମୁଁ ସୋମବାର ଗଲେ ଏ ବିଷୟରେ ବୁଝିବି। ସୂଚନାଥାଉ କି, ପୂର୍ବରୁ ମଧ୍ୟ ନନ୍ଦନକାନନ ବୁଲିବାକୁ ଆସି କୁନିକିଅ ପାୟଲ ଓ ଶିଶୁ ରୋହନ ନିଖୋଜ ହୋଇଯାଇଥିଲେ, ଯାହାକୁ ନେଇ ଏହି ଚିଡ଼ିଆଖାନା ଚର୍ଚ୍ଚା ପରିସରକୁ ଆସିଥିଲା।

# ବିଦ୍ୟାଳୟ ଶ୍ରେଣୀଗୃହ ଭଙ୍ଗାଯିବାକୁ ବିରୋଧ

**ଜିଲାପାଳ, ବିଡିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**

ସାଲେପୁର,୨୮।୧୦(ଡି.ଏନ.ଏ.)

ସାଲେପୁର ବ୍ଲକ ଶିଶୁଆ ପଞ୍ଚାୟତ ପୁରୁଷୋତ୍ତମପୁରଠାରେ ଥିବା ବ୍ରଜସୁନ୍ଦର ନୋଡାଲ୍ ମ.ଇ. ବିଦ୍ୟାଳୟର ଏକ ଶ୍ରେଣୀଗୃହକୁ ପଞ୍ଚାୟତ ଅର୍ଥରେ ଭଙ୍ଗାଯାଇ ନୂତନଭାବେ ନିର୍ମାଣ କରାଯାଉଛି। ତେବେ ଏହି ଗୃହକୁ ପ୍ରଶାସନ ପକ୍ଷରୁ ଅସୁରକ୍ଷିତ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଭଙ୍ଗା ଯାଇଥିବାରୁ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଏଥିସହ ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ କରି ଗ୍ରାମର ଲଲାଟ କିଶୋର ରାଉତରା, ଅଲେଖ ଚନ୍ଦ୍ର ରାଉତ, ମହେନ୍ଦ୍ର ରାଉତ, ସନ୍ତୋଷ ରାଉତ, ମାତାଙ୍ଗିଲି ରାଉତ, ରୁକ୍ମଣୀ ରାଉତ, ହୃଦାନନ୍ଦ ରାଉତ, ପ୍ରମୋଦ କୁମାର ରାଉତ ପ୍ରମୁଖ ଜିଲାପାଳ ଏବଂ ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। କେତେକ ମୁଷ୍ଟିମେୟ ବ୍ୟକ୍ତି ଶ୍ରେଣୀଗୃହର ଛାତକୁ ଭାଙ୍ଗି କାର୍ଯ୍ୟକରୁଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରଶାସନ ପକ୍ଷରୁ ଶ୍ରେଣୀ ଗୃହକୁ ଅସୁରକ୍ଷିତ ଘୋଷଣା କରାଯାଇ ନ ଥିବା ବେଳେ କାହାର ପ୍ରରୋଚନାରେ ଉକ୍ତ ଗୃହର ଛାତ ଓ ବିମ୍‌କୁ ଭଙ୍ଗାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଶ୍ରେଣୀଗୃହର ଛାତ ପଡୁଥିବା ବେଳେ ବ୍ଲକ ପକ୍ଷରୁ ଯନ୍ତ୍ରୀ କିମ୍ବା କନିଷ୍ଠ ଯନ୍ତ୍ରୀ ଆସି ନ ଥିଲେ। ଫଳରେ ମୁଷ୍ଟିମେୟ ବ୍ୟକ୍ତିମାନେ ନିଜ ଇଚ୍ଛାମୁତାବକ ଛାତର ଢଳେଇ କରିଥିବା ନେଇ ଅଭିଯୋଗ ହୋଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଦୃଢ଼ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଭିଯୋଗକାରୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସାଲେପୁର ବିଡିଓ ଶିବବ୍ରତ ଘୋଷ କହିଛନ୍ତି, ଅଭିଯୋଗ ହୋଇଛି। ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଭାଗବତ ମହାମଣ୍ଡଳର ବାର୍ଷିକ ଧର୍ମସଭା

ଆଠଗଡ଼,୨୮।୧୦(ସ୍ୱ.ପ୍ର.): ଆଠଗଡ଼ ବ୍ଲକ ସମସରପୁର ପଞ୍ଚାୟତ ଅଧୀନ ନୂଆଆଙ୍ଗୁଲା ଗ୍ରାମରେ ଶ୍ରୀଶ୍ରୀ ଜଗନ୍ନାଥ ଭାଗବତ ମହାମଣ୍ଡଳର ବାର୍ଷିକ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ବ୍ରହ୍ମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧର୍ମ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା। ମହାକାର୍ତ୍ତିକ ମାସରେ ଭାଗବତ ଦଳଙ୍କ ପକ୍ଷରୁ ପ୍ରତ୍ୟୁଷରୁ ନଗରକୀର୍ତ୍ତନ ମାଧ୍ୟମରେ ଜନସାଧାରଣଙ୍କ ମନରେ ଭଗବତ ଚେତନା ଜାଗ୍ରତ ପାଇଁ ପ୍ରୟାସ ହେବା ଉଚିତ ବୋଲି ବକ୍ତା ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷିରେ ଆଠଗଡ, ଟିଗିରିଆ ଓ ଢେଙ୍କାନାଳ ଅଞ୍ଚଳର ୪୨ମଣ୍ଡଳ ଭଗବତ ଗୋଷ୍ଠୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଧୋବି ରାଉତ, ସମ୍ପାଦକ ବିଦ୍ୟାଧର ମନ୍ତ୍ରୀ, ବିଚିତ୍ରାନନ୍ଦ ସ୍ୱାଇଁ ଚୈତନ୍ୟ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ସାମୂହିକ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

### ପ୍ଲାଷ୍ଟିକକୁ ନା

ଆଠଗଡ଼,୨୮।୧୦(ସ୍ୱ.ପ୍ର.): ଆଠଗଡ଼ ବ୍ଲକ ଅଧୀନ ବେଣ୍ଟପଦା ହାଇସ୍କୁଲ ପରିସରରେ ଗାଁ କଲ୍ୟାଣ ସମିତି ଓ ପଞ୍ଚାୟତ ବିଜୁ ଯୁବବାହିନୀ ଆନୁକୂଲ୍ୟରେ ପ୍ଲାଷ୍ଟିକକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାନୀୟ ସରପଞ୍ଚ କନକଲତା ସାହୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ବିଜୁ ଯୁବବାହିନୀ ସଭ୍ୟାସଭ୍ୟ, ଆଶା, ଅଙ୍ଗନୱାଡ଼ି କର୍ମୀ ଓ ଗ୍ରାମବାସୀ ଯୋଗଦେଇ ଗ୍ରାମଗୁଡ଼ିକୁ ସଫେଇ କରିବା ସହ ଏଣେତେଣେ ପଡ଼ିଥିବା ପ୍ଲାଷ୍ଟିକ ଓ ପଲିଥିନ ସବୁ ଏକତ୍ର କରି ନଷ୍ଟ କରିଥିଲେ। ପରିବେଶର ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ ଓ ପଲିଥିନର ବର୍ଜନ ପାଇଁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବେଣ୍ଟପଦା ହାଇସ୍କୁଲ ପ୍ରଧାନଶିକ୍ଷକ ପବିତ୍ର ସାହୁ, ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ମନୋରଞ୍ଜନ ମହାନ୍ତି, ଆଲୋକ ପ୍ରଧାନ, ଅର୍ଚ୍ଚନା ରାଉଳ, ଚିତ୍ତରଞ୍ଜନ ଦଳାଇ, ଅଳକା ଦେଈ ଓ ବିଚିତ୍ରପ୍ରଭା ଦେଇ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଗ୍ରାମପଞ୍ଚାୟତର ସ୍ୱାସ୍ଥ୍ୟକର୍ମୀ ଏମ.ଡି. ଅସଲମ ସଂଯୋଜନା କରିଥିଲେ।

### ଟିଗିରିଆରେ ସୁରଭି କାର୍ଯ୍ୟକ୍ରମ

ଟିଗିରିଆ,୨୮।୧୦(ଡି.ଏନ.ଏ.): ଟିଗିରିଆରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶନିବାର ନୂଆପାଟଣା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ନୂଆପାଟଣା ସରପଞ୍ଚ ସବିତା କୁଣ୍ଡୁ, ଭୋଗଡ଼ା ସରପଞ୍ଚ ଶର୍ମିଳା ନାୟକ, ଭୋଗଡ଼ା ସମିତିସଭ୍ୟା ଝରଣା ଜେନା, ନୂଆପାଟଣା ସମିତିସଭ୍ୟ ସଞ୍ଜୟ କର, ଟିଗିରିଆ ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡ଼ା ଏବଂ ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ରାଉତ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧ ଲିଖନ, ସୃଜନଶୀଳ ଲେଖନ, ସୁନ୍ଦର ହସ୍ତାକ୍ଷର ଓ ବିଦ୍ୟାଳୟ ନିରାପତ୍ତାକୁ ନେଇ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୮୮ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉପରୋକ୍ତ ସମସ୍ତ ଅତିଥିଙ୍କ ସହ ଟିଗିରିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପନ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ସହଶିକ୍ଷା ଅଧିକାରୀ ରସାନନ୍ଦ ଲେଙ୍କା, ଅରୁଣ କିଶୋର ସ୍ୱାଇଁ, ପ୍ରିୟରଞ୍ଜନ ହୋତା ଓ ସମସ୍ତ ସାଧନକେନ୍ଦ୍ର ସଂଯୋଜକ ଉପସ୍ଥିତ ଥିଲେ। ସାଧନକର୍ମୀ ମାଧବ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆକ୍ରମଣର ଶିକାର ଅଙ୍ଗନୱାଡ଼ି କର୍ମୀଙ୍କୁ ଭେଟିଲେ ପିସିସି ସମ୍ପାଦକ

ନିଶ୍ଚିନ୍ତକୋଇଲି,୨୮।୧୦(ସ୍ୱ.ପ୍ର.): କିଛି ଦିନ ତଳେ ନିଶ୍ଚିନ୍ତକୋଇଲି ବ୍ଲକ ଅର୍ଜୁନମାହାରା ଗ୍ରାମର ଅଙ୍ଗନୱାଡ଼ି କର୍ମୀ କାନନବାଳା ମଳିକଙ୍କୁ ଅକ୍ରମଣ ହୋଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଗ୍ରାମବାସୀ ଆକ୍ରମଣକାରୀଙ୍କୁ ଧରି ପୋଲିସ ଜିମା ମଧ୍ୟ ଦେଇଥିଲେ। ପୋଲିସ ଆକ୍ରମଣକାରୀ ଜଣେ ନାବାଳକ ହୋଇଥିବାରୁ ତାଙ୍କୁ ଗିରଫ କରି ବାଳସୁଧାର ଗୃହକୁ ପଠାଇଥିଲା। ରବିବାର ରାଜ୍ୟ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ତାଙ୍କୁ ଭେଟିବା ସହ ସହାୟତା ପ୍ରଦାନ କରିଛନ୍ତି। ତେବେ ଏହି ଆକ୍ରମଣ ପଛରେ ବହୁ ମୁଷ୍ଟିମେୟ ଲୋକଙ୍କ ହାତଥିବା ସମ୍ପାଦକ ଦାସ ଅଭିଯୋଗ କରିଛନ୍ତି। ତେଣୁ ଘଟଣାରେ ଜଡିତଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେ ଦାବି କରିଛନ୍ତି।

# ଜିଓ ଟ୍ୟାଗିଂ ୟୁଥ୍ ପକ୍ଷରୁ ପୁନଃ ନିଯୁକ୍ତି ଦାବି

ମାହାଙ୍ଗା,୨୮।୧୦(ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଓ ଟ୍ୟାଗିଂ ୟୁଥ୍ କର୍ମକର୍ତ୍ତା।

ମାହାଙ୍ଗା ବ୍ଲକ ଜିଓ ଟ୍ୟାଗିଂ ୟୁଥ୍ ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ରବିବାର ବଣ୍ଟଆ ମହାପୁରୁଷଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ ସମସ୍ତ କର୍ମଚାରୀ ଯୋଗଦେଇ ସରକାର ସେମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ଦାବି କରିଥିଲେ। ସେମାନଙ୍କ କହିବା କଥା ହେଲା, ରାଜ୍ୟରେ ୫ ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକ ବର୍ଷେରୁ ଊର୍ଦ୍ଧ୍ୱ ସମୟଧରି ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ଚାଲିଥିବା ଘର ଗୁଡିକ କିପରି ତୁରନ୍ତ ଶେଷ ହେବ ଓ ହିତାଧିକାରୀଙ୍କ ସହିତ ସେମାନଙ୍କ ଗୃହ ନିର୍ମାଣ ଅଗ୍ରଗତି ନେଇ ପ୍ରଶାସନ ପାଖରେ ତଥ୍ୟ ସହିତ ଫଟୋ ଦାଖଲ କାର୍ଯ୍ୟ କରୁଥିଲେ। କିନ୍ତୁ ସରକାର ସେମାନଙ୍କୁ ଗତ ମାସଠାରୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। ଫଳରେ ସେମାନେ ଘୋର ସମସ୍ୟାର ସମ୍ମୁଖିନ ହେଉଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ବିଭାଗ ଏଥିରେ ହସ୍ତକ୍ଷେପ କରିବା ସହିତ ତୁରନ୍ତ ପୁନଃ ନିଯୁକ୍ତି ଦେବା ପାଇଁ ଆସୋସିଏଶନ୍ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଆସୋସିଏଶନ୍ ସଭାପତି ରାକେଶ ସୁତାର, ବିକ୍ରମ କେଶରୀ ନାଥ, ସସ୍ମିତା ପ୍ରହରାଜ, କ୍ଷୀରୋଦ ଜେନା, ପ୍ରମୋଦ ଜେନା, ହୃଷୀକେଶ ପ୍ରଧାନ, ବଂଶୀଧର ସ୍ୱାଇଁ, ପ୍ରଭାସିନୀ ବେହେରା, ଜ୍ୟୋତିର୍ମୟୀ ପ୍ରଧାନ, ମନୋଜ ପ୍ରଧାନ, ସୁବ୍ରତ ମହାରଣା ଓ ଜ୍ୟୋତିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଣ୍ଡ ପାର୍ଟି ମାଲିକ ସଂଘ ବୈଠକ

ନିଶ୍ଚିନ୍ତକୋଇଲି,୨୮।୧୦(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କୋଲଣପୁର-କୁଳିଆ ବେଲହୁଡ଼ା ସାଧୁ ଗୋସେଇଁ ପୀଠରେ ସାଲେପୁର ବ୍ୟାଣ୍ଡପାର୍ଟି ମାଲିକ ସଂଘର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ବ୍ୟାଣ୍ଡପାର୍ଟି ମାଲିକ ଯୋଗଦେଇ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ୟାଣ୍ଡପାର୍ଟିକୁ କିଭଳି ଭାବେ ସୁବ୍ୟବାହାର କରାଯିବ ଏବଂ ପାର୍ଟିରେ କାର୍ଯ୍ୟରତ କର୍ମଚାରୀଙ୍କୁ ଉପଯୁକ୍ତ ସୁରକ୍ଷା ଦିଆଯାଇପାରିବ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଚଳିତ ବର୍ଷ ପ୍ରାରମ୍ଭରୁ ମାଲିକମାନେ ବ୍ୟାଣ୍ଡ ପାର୍ଟିରେ ୬ଟି ଲେଖାଏ ବକ୍ସ ବ୍ୟବହାର କରିବା ଏବଂ ଡିଜେ ନ ବଜାଇବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରିଛନ୍ତି। ସଂଘ ସଭାପତି ଅବଦୁଲ୍ ମାଲିକ୍ ଖାଁଙ୍କ ପୌରୋହିତ୍ୟରେ ସମ୍ପାଦକ ପ୍ରମୋଦ ବେହେରା, କୋଷାଧ୍ୟକ୍ଷ ନରହରି ବାଗ୍, କଳ୍ପତରୁ ବେହେରା ଓ ନିରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇ ଶବ୍ଦ ପ୍ରଦୂଷଣ କମାଇବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମାନି ବାଦ୍ୟ ପରିବେଷଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ଡିଜେ ସାଉଣ୍ଡ ବେଆଇନ ଭାବେ ପ୍ରଚଳିତ ହେଉଥିବାରୁ ବ୍ୟାଣ୍ଡପାର୍ଟି ମାଲିକଙ୍କ ବ୍ୟବସାୟିକ କ୍ଷତି ଘଟୁଛି ବୋଲି ସମ୍ପାଦକ ବେହେରା ପ୍ରକାଶ କରିଥିଲେ। ତେଣୁ ଏହାକୁ ବନ୍ଦ କରିବା ପାଇଁ ବ୍ୟାଣ୍ଡ ପାର୍ଟି ମାଲିକମାନେ ସଂଘବଦ୍ଧ ଭାବେ ଆଇନର ଆଶ୍ରୟ ନେବା ବୋଲି ଆହ୍ୱାନ ଦେଇଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ବିଜେଡି କର୍ମୀମାନେ ଗ୍ରାମ ପରିକ୍ରମା କରୁଛନ୍ତି।

ଆଠଗଡ଼,୨୮।୧୦(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ବିଜେଡି ପକ୍ଷରୁ ଏନଏସିର ୭ରୁ୧୮ନଂ ୱାର୍ଡ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ୱାର୍ଡ ନଂ-୧୮ ଅଶୋକନଗରଠାରୁ ପଦଯାତ୍ରା ଆରମ୍ଭ ହୋଇ ଉତ୍ତରାଚଣ୍ଡୀ ମନ୍ଦିରଠାରେ ସମାପ୍ତ ହୋଇଥିଲା। ପ୍ରାରମ୍ଭରେ ୱାର୍ଡ ନଂ-୧୮ର ବିଜେଡି ସଭାପତି ପ୍ରମୋଦ ଜେନା ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କର୍ମୀମାନେ ପଦଯାତ୍ରାରେ ଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଆଠଗଡ଼ ନଗର ବିଜେଡି ସଭାପତି ପଦୀପ୍ତ ଦାସଙ୍କ ନେତୃତ୍ୱରେ ପ୍ରମଥ ଚନ୍ଦ୍ର ମିଶ୍ର, ରମେଶଚନ୍ଦ୍ର ଘଡେଇ, ସୁଚିତ୍ରା ସାହୁ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ଲକ୍ଷ୍ମୀନାରାୟଣ ଭଞ୍ଜ, କେଶବାନନ୍ଦ ମହାନ୍ତି, ସୁଷମା ପରିଡା, ସୁଚିତ୍ରା ବେହେରା, ଶିବଶଙ୍କର ଜେନା, ରାକେଶ ଦାସ, ରଞ୍ଜିତା ଭକ୍ତା, ରଞ୍ଜନ ଜେନା, ସୁର ଜେନା ଓ ମୃତ୍ୟୁଞ୍ଜୟ ରଣା ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ବ୍ଲକର ଜୋନ ନଂ-୩ ମେଘା ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଉକ୍ତ ପଦଯାତ୍ରା ଧୁରୁକୁଡିଆ ଶବରସାହିରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ମେଘା ଗ୍ରାମଠାରେ ଶେଷ ହୋଇଥିଲା। ଏଥିରେ ବ୍ଲକ ମହିଳା ବିଜେଡି ସଭାପତି ବାସନ୍ତୀ ରାଉଳ, ଲକ୍ଷ୍ମୀପ୍ରିୟା ବେହେରା, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ସମିତିସଭ୍ୟା ପ୍ରଶାନ୍ତୀ ସାମଲ, ସରପଞ୍ଚ ସ୍ମରଣିକା ସାମଲ, ବୈଷ୍ଣବ ଚରଣ ସାହୁ, ଯୁବନେତା ଅଜୟପାତ୍ର, ମନୋଜ ସାମଲ, ଶ୍ୟାମସୁନ୍ଦର ବେହେରା ଓ ସଞ୍ଜୀବ ପତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଜୋନ ନଂ-୨ କୁଶପାଙ୍ଗୀ ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଉକ୍ତ ପଦଯାତ୍ରାରେ ସରପଞ୍ଚ ନମିତା ବେହେରା, ବ୍ଲକ ଉପାଧ୍ୟକ୍ଷା ଚିନ୍ମୟୀ ପାଢୀ, ସ୍ଥାନୀୟ ବିଜେଡି ସଭାପତି ନୃସିଂହ ସାହୁ, ଯୁବନେତା ସୁକଦେବ ବେହେରା, ଜିଲାପରିଷଦ ସଭ୍ୟ କେଶବ ଦଳେଇ, ଆଲୋକ ସାହୁ, କୈଳାଶ ଦାସ, ନାରୀନେତ୍ରୀ ମିତା ରାଉତ, ପ୍ରଣତି ନାୟକ, ବର୍ଷା ରଣା ପ୍ରମୁଖ ଯୋଗଦାନ କରିଥିଲେ।

# ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି,୨୮।୧୦(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କେନ୍ଦୁପାଟଣା ଘେୱାରଚାନ୍ଦ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ତ୍ରିପୁରାମୋହିନୀ ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଏବିଇଓ ଲକ୍ଷ୍ମଣ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ନିକୁଞ୍ଜ ବିହାରୀ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ ଯୋଗଦେଇଥିଲା ବେଳେ ସିଆରସିସି ନାରାୟଣ ଚାନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସିଆରସିସି ପ୍ରଭାକର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମଣ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଫକୀର ଚରଣ ନାୟକ, ଶ୍ୟାମସୁନ୍ଦର ଲେଙ୍କା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ସରପଞ୍ଚ ରଙ୍ଗଲତା ବେହେରା, ସମିତିସଭ୍ୟ ଶୁକଦେବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରଞ୍ଜନ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସିଆରସିସି ଗତିକୃଷ୍ଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ମିନତି ନାୟକ, ରାବେୟା ସରୱାର, ନିମାଇଁ ଚରଣ ସାହୁ, ଜ୍ଞାନେନ୍ଦ୍ର ରାଉତରାୟ, ମୃତ୍ୟୁଞ୍ଜୟ ସେନାପତି, ଗଗନବିହାରୀ ଚାନ୍ଦ, ପ୍ରଦ୍ୟୁମ୍ନ କିଶୋର ଷଡ଼ଙ୍ଗୀ ପ୍ରମୁଖ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ପ୍ରତି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା।

# ମହୋତ୍ସବ ମଞ୍ଚରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ

ବାଙ୍କୀ,୨୮।୧୦(ସ୍ୱ.ପ୍ର.)

ବାଙ୍କୀ ମହୋତ୍ସବ ଅବସରରେ ଏକ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ମହୋତ୍ସବ ମଞ୍ଚରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ମହୋତ୍ସବ ସଭାପତି ତଥା ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସଭାପତିତ୍ୱ କରି ବିଭିନ୍ନ ସ୍ଥାନରୁ ଆସିଥିବା କବିଙ୍କୁ ସ୍ୱାଗତ କରିବା ସହ ଏପରି ସମ୍ମିଳନୀ ଦ୍ୱାରା ମହୋତ୍ସବର ସଫଳତା ସାରା ରାଜ୍ୟକୁ ପ୍ରସାରିତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ଐତିହାସିକ ସତ୍ୟବାଦୀ ବଳିୟାର ସିଂ ଯୋଗଦେଇ ଏପରି ସମ୍ମିଳନୀର ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା କବି ରାଜକିଶୋର ପାଣିଗ୍ରାହୀ କବିଙ୍କୁ ଦ୍ୱିତୀୟ ଈଶ୍ୱର ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ବ୍ୟଙ୍ଗକବି ମାଧବ ଚନ୍ଦ୍ର ବ୍ୟଙ୍ଗ ମାଧ୍ୟମରେ କବିତା ଗାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବଡ଼ମ୍ବାର କବି ପଣ୍ଡିତ ସୂର୍ଯ୍ୟ ନାରାୟଣ ମିଶ୍ର, ରଞ୍ଜନ ଦାସ ଓ ମାଣିକେଶ୍ୱରୀ ସ୍ୱାଇଁ ପ୍ରମୁଖ ଯୋଗଦାନକରି କବି ଓ କବିତା ଉପରେ ଆଲୋକପାତ କରିଥିଲେ। ବିଶେଷ ସମ୍ମାନିତ ଅତିଥି ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ଯୋଗଦାନ କରି ଆଧୁନିକ କବିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। କବି କୌଶିକ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହୋତ୍ସବ ସାଧାରଣ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କବିତା ଗୁଡିକୁ ଅଖିଳେଶ ମହାପାତ୍ର ଓ ରବିନାରାୟଣ ମଙ୍ଗରାଜ ସଂଯୋଜନା କରିଥିଲେ। ଆଡ଼୍‌ଭୋକେଟ୍ ପ୍ରଦୀପ ମହାପାତ୍ର ସଭା ପରିଚାଳନା କରିଥିଲେ। ଅମୂଲ୍ୟବାଳା ପଟ୍ଟନାୟକ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଗଙ୍ଗାଧର ଓଝା, କମଳା କାନ୍ତ ମିଶ୍ର, ଆଶୁତୋଷ ମଲ୍ଲିକ, ପବନି ଜେନା ପ୍ରମୁଖ ଶତାଧିକ କବି ଯୋଗଦେଇ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।

**■ ବାଙ୍କୀ ମହୋତ୍ସବ ଉଦ୍‌ଯାପିତ**

# ସାମାଜିକ ସଂସ୍କାର କ୍ଷେତ୍ରରେ ବାଙ୍କୀ ଅବଦାନ ଅନନ୍ୟ




ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଶଶିଭୂଷଣ ବେହେରା ଓ ଅନ୍ୟ ଅତିଥି ଉପସ୍ଥିତ।

ବାଙ୍କୀ,୨୮।୧୦(ସ୍ୱ.ପ୍ର.)

ବାଙ୍କୀ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ସଂସ୍କୃତି, ସାହିତ୍ୟ ଓ ସାମାଜିକ ସଂସ୍କାର ଆଦି କ୍ଷେତ୍ରରେ ବାଙ୍କୀର ଅବଦାନ ଅନନ୍ୟ ଓ ସ୍ୱତନ୍ତ୍ର। ମା’ଚର୍ଚ୍ଚିକାଙ୍କ ପୀଠ ବାଙ୍କୀ ରାଣୀ ଶୁକଦେଇ, ନୀଳମଣି ବିଦ୍ୟାରତ୍ନ, ପଣ୍ଡିତ ଗୋବିନ୍ଦ ରଥ, ରାୟବାହାଦୁର ବିଦ୍ୟାଧର ପଣ୍ଡା, ଡାକ୍ତର ଯୋଗେଶ ଚନ୍ଦ୍ର ରାଉତ୍ ଓ ଗୋକୁଳା ନନ୍ଦ ପ୍ରହରାଜଙ୍କ ପରି ବହୁ ବିଦ୍ୱାନ ବ୍ୟକ୍ତିଙ୍କୁ ଜନ୍ମଦେଇ ଧନ୍ୟ ହୋଇଛି। ମହୋତ୍ସବ ଏହି ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ସହ ଏହାର ଋଦ୍ଧିମନ୍ତ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଭବିଷ୍ୟତ ପିଢିଙ୍କୁ ଅବଗତ କରାଇବାରେ ସହାୟକ ହେବ। ବାଙ୍କୀ ଉପଜିଲାପାଳ ତଥା ମହୋତ୍ସବ କମିଟି ଉପଦେଷ୍ଟା ଅରୁଣ ବିଶ୍ୱାଳ ମୁଖ୍ୟ ବକ୍ତାଭାବେ ଯୋଗ ଉଦ୍‌ବୋଧନ ଦେଇଥିଲେ। ଚୌଦ୍ୱାର କଟକ ବିଧାୟକ ପ୍ରଭାତ କୁମାର ବିଶ୍ୱାଳ ଓ ସମବାୟବିତ୍ ମହେନ୍ଦ୍ର କୁମାର ନାୟକ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ବାଙ୍କୀ ବ୍ଲକ ବିଡିଓ ପ୍ରଭାତ କୁମାର ସାହୁ ଓ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ ବିଶେଷ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହୋତ୍ସବ କମିଟି ସଭାପତି ପ୍ରଭାତ ତ୍ରିପାଠୀ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହିଅବସରରେ ‘ଇସ୍‌ଲାମ୍‌ରେ ନାରୀ’ ପୁସ୍ତକକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଗୁରୁ ପ୍ରଭାତ ଦାସ ଓ ସାଥି ଆବାହନି ସଂଗୀତ ଗାନ କରିଥିଲେ। ମହୋତ୍ସବକୁ ସଫଳ କରିବାରେ ସହଯୋଗ କରିଥିବା ସରକାରୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବାରଙ୍ଗ ଶାନ୍ତି କମିଟି ସମ୍ପାଦକ ତଥା ମହୋତ୍ସବ କମିଟି ଯୁଗ୍ମ ସମ୍ପାଦକ ସୁରେଶ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମହୋତ୍ସବ କମିଟି ଉପସଭାପତି ସନାତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଯେଉଁମାନେ ପ୍ରଥମେ କାମ କରିଦେଇ ପରେ ଭାବନ୍ତି, ସେମାନେ ଭାଗ୍ୟରେ ସବୁବେଳେ ଅନୁତାପ ହିଁ ଲେଖାଥାଏ।

- ସାଇମନ୍ ଷ୍ଟେଭିନ୍



## ସଂକ୍ଷେପରେ

### ଭୋଇ ସମାଜ ଉନ୍ନତି ପାଇଁ ଆଲୋଚନାଚକ୍ର

କଣ୍ଟାପଡ଼ା,୨୮।୧୦(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅନ୍ତର୍ଗତ ଓଲଟପୁରଠାରେ ସନ୍ଥ ବାହୁଡା ଦାସ ଭୋଇସମାଜ ପକ୍ଷରୁ ଭୋଇ ସମାଜର ଉନ୍ନତି ପାଇଁ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଗିରିଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଲକ୍ଷ୍ମୀଧର ଭୋଇ, ନିକୁଞ୍ଜ ଭୋଇ, ବିଜୟ କୁମାର ଭୋଇ, ଜଇରାମ ଭୋଇ, ବାବୁଲି ଦାସ, ନରୋତ୍ତମ ଭୋଇ, ନରେନ୍ଦ୍ର ଭୋଇ, ଅତୁଲ୍ୟ ନାୟକ, ଡା.କେଲୁଚରଣ ଦାସ, କ୍ଷୀରୋଦ କୁମାର ଭୋଇ, ସନାତନ କାଣ୍ଡି, ସୁରେନ୍ଦ୍ର ଭୋଇ, ଚିତ୍ରସେନ ଭୋଇ, ବିଶ୍ୱନାଥ ଭୋଇଙ୍କ ସମେତ କଟକ, ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ ଓ କେନ୍ଦ୍ରାପଡା ଆଦି ଅଞ୍ଚଳର ପ୍ରତିନିଧିମାନେ ଯୋଗଦେଇ ଭୋଇ ସମାଜର ଶିକ୍ଷା ଓ ସ୍ୱାସ୍ଥ୍ୟରେ କିପରି ବିକାଶ ଘଟିବ ସେ ନେଇ ଆଲୋଚନା କରିଥିଲେ। ଶେଷରେ ରମାକାନ୍ତ ଭୋଇ ଧନ୍ୟବାଦ ଦେଇଥିଲେ।

### ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ

କଟକ ଅଫିସ, ୨୮।୧୦: ରେଭେନ୍ସା ବିଶ୍ୱବିଦ୍ୟାଳୟସ୍ଥିତ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଆନୁକୂଲ୍ୟରେ ସ୍ନାତକୋତ୍ତର ନୂତନ ବର୍ଷର ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ୱାଗତ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଇଗ୍ନୋ ଷ୍ଟଡି ସେଣ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଡ. କିଶୋର କୁମାର ଦାସ। ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ. ସୁଦର୍ଶନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋକପାତ କରିଛନ୍ତି। ଡ. ଅଶୋକ ଦଣ୍ଡସେନା, ଡ. ସବିତା ମିଶ୍ର, ଡ. ସରିତା ରାଉତ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜେନ୍ଦ୍ର ରାଓ, ନୀଳାଦ୍ରି ପ୍ରସାଦ ଦାସ, ଦୁର୍ଗାଚରଣ ଦାସ, ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ନିଆଳି,୨୮।୧୦(ଡି.ଏନ୍.ଏ.): ନିଆଳି ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଜଲ୍ଲାରପୁର ଓ କପାସୀ ପଞ୍ଚାୟତରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ସାହାନାଜ ଛକ ଠାରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ସ୍ଥାନୀୟ ବିଧାୟକ ଡା.ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ହଜାର ହଜାର ବିଜେଡି କର୍ମୀ ଯୋଗଦେଇ ବିଭିନ୍ନ ଗ୍ରାମ ବୁଲିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ବିଧାୟକ ଜନସାଧାରଣଙ୍କୁ ଜଣାଇଥିଲେ। ଜଲ୍ଲାରପୁର ପଞ୍ଚାୟତର ସାହାନାଜପୁର ଛକଠାରୁ ପଦଯାତ୍ରା ଆରମ୍ଭ ହୋଇ ସାହାନାଜପୁର, ଟୋଲାଗୋପୀନାଥପୁର, ଜଲ୍ଲାରପୁର, କୂଳଜଲ୍ଲାରପୁର, ଲୁଣିଗାଁ, ଷୋଳମଙ୍ଗା ଦେଇ ପୋଦନା, ବଡାରୋ, କପାସୀ, ବାଘମରା ଦେଇ ଅରକଟା ଠାରେ ଶେଷ ହୋଇଥିଲା।

### ପ୍ରଧାନଶିକ୍ଷକଙ୍କ ବିୟୋଗରେ ସ୍ମୃତିସଭା

କଟକ ସଦର,୨୮।୧୦(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟୀସ୍ଥିତ ରତ୍ନାକର ବିଦ୍ୟାମନ୍ଦିରର ପୂର୍ବତନ ପ୍ରଧାନଶିକ୍ଷକ ଭିକାରୀ ଚରଣ ମୁଦୁଲି(୮୪)ଙ୍କ ବିୟୋଗରେ ରବିବାର ବିଦ୍ୟା ମନ୍ଦିର ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଚୈତନ୍ୟ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ରୀଛାତ୍ର, ପ୍ରଶାସକ, ରାଜନୈତିକ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ମୁଦୁଲିଙ୍କ ସ୍ମୃତିଚାରଣ କରିଥିଲେ। ପତିତପାବନ ପତି, ଦୋଳଗୋବିନ୍ଦ ମହାରଣା, ସର୍ବେଶ୍ୱର ମିଶ୍ର, ସବିତାରାଣୀ ପତି ପ୍ରମୁଖ ସ୍ମରଣିକା 'ଅଲିଭା ଦୀପ'କୁ ଉନ୍ମୋଚନ କରିଥିଲେ।

# ବିକଟାଳ ଶବ୍ଦ କରୁଥିବା ବାଇକକୁ ଟାର୍ଗେଟ୍

## ପୋଲିସ ନଜରରେ ଉଭୟ ଚାଳକ, ଗ୍ୟାରେଜ୍ ମେକାନିକ

କଟକ ଅଫିସ,୨୮।୧୦

ବାଇକ୍‌ର ସାଇଲେନ୍ସର ପାଇପ୍‌ରେ ମଡେଲିଂ କରି ବିକଟାଳ ଶବ୍ଦ କରି ଯାଉଥିବା ଚାଳକଙ୍କୁ ବାନ୍ଧିବ ପୋଲିସ। ସହରର ବିଭିନ୍ନ ସ୍ଥାନରେ ଏଭଳି ଚାଳକଙ୍କୁ ଏବେ ଦେଖିବାକୁ ମିଳୁଛି। ସେମାନେ ହଠାତ୍ ବିକଟାଳ ଶବ୍ଦ କରି ରାସ୍ତାରେ ଯିବା ଯୋଗୁ ଆଖପାଖର ଅନ୍ୟ ବାଇକ ଚାଳକ ଅପ୍ରସ୍ତୁତ ହୋଇ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଜାଣିଶୁଣି ଅସ୍ୱାଭାବିକ ଶବ୍ଦ ସୃଷ୍ଟି କରୁଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଟ୍ରାଫିକ ଏସିପି ପି.କେ. ଦଳେଇ କହିଛନ୍ତି, ସହରର ବିଭିନ୍ନ ଜନଗହଳି ସ୍ଥାନରେ ଟ୍ରାଫିକ କର୍ମଚାରୀ ଏଭଳି ଚାଳକଙ୍କୁ ନଜରରେ ରଖିବେ। ଯେଉଁ ଗ୍ୟାରେଜ୍‌ରେ ବାଇକ୍ ସାଇଲେନ୍ସର ପାଇପକୁ ଡିଜାଇନ କରାଯାଉଛି, ଟ୍ରାଫିକ୍ ପୋଲିସ ସେଠାକୁ ଯାଇ ତାଗିଦ କରିବ। ଗତ ସପ୍ତାହ ମଧ୍ୟରେ କଟକ ସହରରେ ଏଭଳି ୧୦ରୁ ୧୨ଟି ଗ୍ୟାରେଜ ମେକାନିକ୍‌ଙ୍କୁ ତାଗିଦ୍ କରାଯାଇଛି। ବାଇକ ମେକାନିକ ସେକ୍ ରଜାକ୍‌ଙ୍କ କହିବା ଅନୁଯାୟୀ, ସାଧାରଣତଃ ଅଳ୍ପ ବୟସ୍କ ଯୁବକମାନେ ବାଇକରେ ଏଭଳି ସାଉଣ୍ଡ ପାଇଁ ଆଗ୍ରହ ଦେଖାଉଛନ୍ତି। ସାଇଲେନ୍ସର ପାଇପକୁ କାଟି ମଡେଲିଂ କରିବା ଦ୍ୱାରା ଅଧିକ ପେଟ୍ରୋଲ ଅପଚୟ ଏବଂ ଇଞ୍ଜିନ ଉପରେ ଅଧିକ ଚାପପଡେ କହିବା ପରେ ମଧ୍ୟ ସେମାନେ ଏଭଳି କରିବାକୁ ଇଚ୍ଛା କରନ୍ତି। କେବଳ ଓଡ଼ିଶାରେ କାହିଁକି ଦିଲ୍ଲୀ, ବମ୍ବେ ଭଳି ସହରରେ ମଧ୍ୟ ଯୁବ ପିଢିଙ୍କୁ ସୁହାଇଲା ଭଳି ଏଭଳି ମଡେଲିଂ ବାଇକ ମେକାନିକ୍‌ଙ୍କର ବେଶ୍ ଡିମାଣ୍ଡ। ତେଣୁ ୟୁଟ୍ୟୁବ ଏବଂ ଅନ୍ୟାନ୍ୟ ସୂତ୍ରରୁ କୌଶଳ ଶିଖି କଟକରେ ମଧ୍ୟ କେତେଜଣ ବାଇକ ମେକାନିକ ଏଭଳି କାମ କରୁଛନ୍ତି।



କଟକ ଚାନ୍ଦିନୀଚୌକ ଛକଠାରେ ରବିବାର ସ୍ୱାଭିମାନ ମଞ୍ଚ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

### ମଦ ସହ ବାଇକ୍ ଜବତ, ଜଣେ ଗିରଫ

ଚୌଦ୍ୱାର୨୮।୧୦(ଡି.ଏନ୍.ଏ.)

ଚୌଦ୍ୱାର ପୋଲିସ ରବିବାର ଜଣେ ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ପାରେଶ୍ୱର ସାହିର ରାଜୁ ସେଠୀ। ଏହା ସହ ତାଙ୍କ ନିକଟରୁ ୧୪୫ବୋତଲ ଦେଶୀ ମଦ ଓ ବାଇକ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ଏସ୍ଆଇ ପ୍ରହଲ୍ଲାଦ ପରିଡା ପାଟ୍ରୋଲିଂ କରୁଥିବାବେଳେ ଏକ ବାଇକ୍‌ରେ ରାଜୁ ଦ୍ରୁତ ଗତିରେ କଟକ ଯାଉଥିବା ଦେଖି ଚୌଦ୍ୱାର ନିକଟସ୍ଥ ବିରୁପା ବ୍ରିଜ ରାସ୍ତାରେ ତାଙ୍କୁ ଅଟକାଇଥିଲେ। ବାଇକ୍‌କୁ ତଲାସି କରିବାରେ ସେଥିରେ ଦେଶୀ ମଦ ଥିବା ପୋଲିସ ଦେଖିବାକୁ ପାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ. ୩୬୬/୧୮) ରୁଜୁ ହୋଇଛି।

# କଟକ ବନ୍ଦ ପାଇଁ ଭାଜପାର ଚେତାବନୀ

କଟକ ଅଫିସ, ୨୮।୧୦

ଓଡ଼ିଶା ହାଇକୋର୍ଟ ଆଇନଜୀବୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସୋମବାର ୬୦ ଦିନ ପୂରିବ। ଏଭଳି ସ୍ଥିତିରେ ସରକାର ଆଇନଜୀବୀଙ୍କ ଆନ୍ଦୋଳନର ସମାଧାନ ତୁରନ୍ତ ନ କଲେ କଟକ ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ। ଆଇନଜୀବୀଙ୍କ ଦୀର୍ଘଦିନ ଆନ୍ଦୋଳନ ପଛରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରୋକ୍ଷ ଇଙ୍ଗିତ ଥିବା ଅଭିଯୋଗ କରି ସ୍ୱାଭିମାନ ମଞ୍ଚ ପକ୍ଷରୁ ରବିବାର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ତେବେ ଏନେଇ ଧର୍ମେନ୍ଦ୍ରଙ୍କୁ ଅଯଥାରେ ଟାଣି ଭାଜପାକୁ ବଦନାମ କରିବାକୁ ବିଜୁ ଜନତା ଦଳ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଛନ୍ତି ସମୀର ଦେ। ସେହିପରି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

**ଆଇନଜୀବୀ ଆନ୍ଦୋଳନ**

ବିଶ୍ୱଜିତ ମହାନ୍ତି ରବିବାର ଖବରଦାତା ସମ୍ମିଳନୀ ଜରିଆରେ ଏହି ପ୍ରସଙ୍ଗରେ ମତ ରଖିଛନ୍ତି। ସରକାର ଏଯାଏ ଆନ୍ଦୋଳନର ସମାଧାନ ଆଣିପାରିଲେ ନାହିଁ। ଜନସାଧାରଣଙ୍କୁ ସ୍ୱାଭାବିକ ନ୍ୟାୟିକ ବ୍ୟବସ୍ଥା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। ସରକାର ଭୁଲି ନ ଯାଆନ୍ତୁ ଯେ, ଲୋକେ ନ୍ୟାୟିକ ସୁବିଧା ନ ପାଇଲେ ସରକାର ପରିବର୍ତ୍ତନ କରିବାର ସମ୍ଭାବନା ସୃଷ୍ଟି କରିପାରନ୍ତି ବୋଲି ମହାନ୍ତି କହିଛନ୍ତି।

### ଟ୍ରକ୍ ଅଟକାଇ ଲୁଟ୍, ଜଣେ ଗିରଫ

କଟକ ଅଫିସ,୨୮।୧୦

ଟ୍ରକ୍ ଅଟକାଇ ଲୁଟ୍ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି ବାଦାମବାଡି ପୋଲିସ। ଅଭିଯୁକ୍ତ ଜଣକ ହେଉଛନ୍ତି ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଅଞ୍ଚଳର ବିକାଶ ସାହୁ। ଶୁକ୍ରବାର ରାତିରେ ଉତ୍ତରପ୍ରଦେଶରୁ ଏକ ଟ୍ରକ୍ ଜିନିଷପତ୍ର ନେଇ ବାଦାମବାଡି ଆସିଥିଲା। ମହତାବ ରୋଡ ପାଖରେ ଟ୍ରକକୁ ଅଟକାଇ ଅଭିଯୁକ୍ତ ବିକାଶ ଟ୍ରକ ଚାଳକ ସତୀଶ ଚନ୍ଦ୍ରଙ୍କଠାରୁ ତାଙ୍କ ମୋବାଇଲ ସମେତ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ଛଡାଇ ନେଇଥିଲେ। ଏନେଇ ସତୀଶ ବାଦାମବାଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ବିକାଶଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି।

# ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ



ଭସାଣି ଶୋଭାଯାତ୍ରାରେ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

ଫୁଲନଖରା,୨୮।୧୦(ଡି.ଏନ୍.ଏ.)

କଟକସଦର ଥାନା ତେଲଙ୍ଗାପେଣ୍ଠ ଅଧୀନସ୍ଥ ନଛିପୁର-ସଇଁନ୍ଧା ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ରବିବାର ଶେଷ ହୋଇଛି। ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ୧୦ଗୋଟି ମେଢ଼ ଅପରାହ୍ନ ୩ଟାରେ ନିଜ ନିଜର ସାହି ପରିକ୍ରମା କରି ନଛିପୁର ମଙ୍ଗଳାଙ୍କ ପୀଠରେ ଏକତ୍ରିତ ହୋଇଥିଲେ। କମିଟି ପକ୍ଷରୁ ମେଢ଼ଗୁଡିକୁ ଭୋଗହାଣ୍ଡି ପ୍ରଦାନ କରାଯିବା ପରେ ପାରମ୍ପରିକ ଢଙ୍ଗରେ ବ୍ୟାଣ୍ଡ, ଡିଜେ, ଘଣ୍ଟ ଦ୍ୱାରା ଭସାଣି ପାଇଁ ମେଢ଼ ସବୁ ଶୋଭାଯାତ୍ରାରେ ବାହାରିଥିଲା। ଏହି ଭସାଣିକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ କଟକସଦର ଥାନାର ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଏସିପି ଶୁଭେନ୍ଦୁ ସିଂ, ଅତିରିକ୍ତ ଆଇଆଇସି ମାନଗୋବିନ୍ଦ ସାହୁଙ୍କ ସମେତ ଥାନାର ସମସ୍ତ ଅଫିସର ଉପସ୍ଥିତ ଥିଲେ। ଏଥିରେ କମିଟିର ସଭାପତି କାର୍ତ୍ତିକ ମହାନ୍ତି, ସମ୍ପାଦକ ପରୀକ୍ଷିତ ସାହୁ ସହଯୋଗ କରିଥିଲେ।

### ସିଡିଏରେ ସାଇ ୱାର୍ଲ୍ଡକାଫ୍‌ର ସ୍ୱତନ୍ତ୍ର ଆଉଟଲେଟ୍

କଟକ ଅଫିସ, ୨୮।୧୦

ବ୍ୟବସାୟ ପ୍ରତିଷ୍ଠାନ ସାଇ ୱାର୍ଲ୍ଡ ଓ ପ୍ରମୁଖ ଚିମ୍‌ନୀ ଓ ମଡ୍ୟୁଲାର କିଚେନ ଉତ୍ପାଦନକାରୀ କମ୍ପାନୀ କାଫ୍‌ର ମିଳିତ ପ୍ରୟାସରେ ସ୍ୱତନ୍ତ୍ର ଆଉଟଲେଟ୍ କଟକ ସିଡିଏସ୍ଥିତ ମର୍କତନଗର ଥାନା ନିକଟରେ ଶୁଭାରମ୍ଭ ହୋଇଛି । ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପୀୟୂଷ ମହାନ୍ତି, କାଫ୍‌ର ଶାଖା ମୁଖ୍ୟ ଭାଗୀରଥି ସାହୁ, ଚଳଚ୍ଚିତ୍ର ଅଭିନେତ୍ରୀ ମେଘନା ମିଶ୍ର, ପ୍ରଦୋଷ ମହାନ୍ତି, ଜ୍ଞାନରଞ୍ଜନ ଭୂୟାଁ, ଜ୍ଞାନେନ୍ଦ୍ର ମହାନ୍ତି ଶୋ'ରୁମକୁ ଉଦ୍‌ଘାଟନ କରିଥିଲେ । ଏଠାରେ ଗ୍ରାହକମାନେ ବିଶ୍ୱସ୍ତରୀୟ ଉତ୍ପାଦ ସୁଲଭ ମୂଲ୍ୟରେ ପାଇପାରିବେ ବୋଲି କାଫ୍ କମ୍ପାନୀ ପକ୍ଷରୁ ସୂଚନା ରହିଛି। ନଭେମ୍ବର ୧୫ ପର୍ଯ୍ୟନ୍ତ କମ୍ପାନୀର ଉତ୍ପାଦ ଉପରେ ନିଶ୍ଚିତ ଉପହାର ମିଳିବ। ସ୍କ୍ରାଚକାର୍ଡ ମାଧ୍ୟମରେ ସୁନା କଏନ୍, କ୍ୟାଶ୍‌ବ୍ୟାକ, ଟିଭି, ଫ୍ରିଜ, ହଲିଡେ ଭାଉଚର ଗ୍ରାହକ ପାଇପାରିବେ। ସେହିଭଳି ଇଲେକ୍ଟ୍ରୋନିକ୍ସ ଆଉଟଲେଟ୍ ସାଇ ୱାର୍ଲ୍ଡ ପକ୍ଷରୁ ଉତ୍ପାଦ କ୍ରୟରେ ନିଶ୍ଚିତ ଉପହାର ବ୍ୟବସ୍ଥା ରହିଛି। ଉଦ୍‌ଘାଟନ ଅବସରରେ ୩ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ଉତ୍ତମ ଗ୍ରାହକ ସେବା, ସୁଲଭ ମୂଲ୍ୟ, ଆକର୍ଷକ ଅଫର ପ୍ରଦାନ ନେଇ ସାଇୱାର୍ଲ୍ଡ ଓ କାଫ୍ ପକ୍ଷରୁ ଧ୍ୟାନରେ ରଖାଯାଇଛି ବୋଲି ସୂଚନା ରହିଛି। ଏଥିରେ ସାଇ ୱାର୍ଲ୍ଡର ନିର୍ଦ୍ଦେଶିକା ମୌସୁମୀ ମହାନ୍ତି, ରଶ୍ମିବାଳା ମହାନ୍ତି, ହ୍ୱାଇଟ କାନ୍‌ଭାସ୍‌ର ନିର୍ଦ୍ଦେଶକ ଉଲ୍ଲାସ ଚନ୍ଦ୍ର ବେହୁରା, ଚିଣ୍ଟୁ ମିଶ୍ର, ସୌମ୍ୟଜିତ ପରିଡ଼ା, ଜ୍ଞାନରଞ୍ଜନ ରାୟ, ପତିତପାବନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ୩୦ରୁ ମହାନଦୀ କୃଷକ ସଂଘର ଧାରଣା

ଖୁଣ୍ଟୁଣୀ,୨୮।୧୦(ଡି.ଏନ୍.ଏ.)

ଆଠଗଡ଼ ବ୍ଲକ ଧୁରୁଷିଆ ଓ ଅନନ୍ତପୁରରେ ଗଠିତ ମହାନଦୀ କୃଷକ ସଂଘ ପକ୍ଷରୁ ଏଠାରେ ସ୍ଥାପିତ ଏକ ପାୱାର ପ୍ଲାଣ୍ଟକୁ ଜମି ଦେଇ ପ୍ରତିଶ୍ରୁତି ମୁତାବକ ନିଯୁକ୍ତ ନ ଦେବା ପ୍ରତିବାଦରେ ୩ଦଫା ଦାବିରେ ଆସନ୍ତା ୩୦ତାରିଖରୁ କାରଖାନା ଆଗରେ ଧାରଣା ଦେବେ। କାରଖାନା କର୍ତ୍ତୃପକ୍ଷଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ଦିଆଯାଇଥିବା ୩ଦଫା ଦାବିଗୁଡିକ ହେଉଛି, ପ୍ଲାଣ୍ଟ ନିର୍ମାଣ ବେଳେ ଜମି ଦେଇଥିବା କୃଷକ ପରିବାର ସଦସ୍ୟଙ୍କୁ ଚାକିରି ଦେବା, ଠିକାଦାର ଅଧୀନରେ ନ ରଖି କାରଖାନା ଅଧୀନରେ ରଖିବା ଏବଂ ସରକାରଙ୍କ ଶ୍ରମ ଆଇନ ମୁତାବକ ଦରମା ପ୍ରଦାନ କରିବା। ଏଥିରୁ ଗୋଟିଏ ବି ଦାବି ପୂରଣ କରି ନ ଥିବାବେଳେ କେତେକ ହାତଗଣତି ପରିବାରଙ୍କୁ ଠିକାଦାର ଅଧୀନରେ ଚାକିରି ଦେଇଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଗତ ସେପ୍ଟେମ୍ବର ୨୪ରେ ସଂଘ କାରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇ ପ୍ରତିକାର ପାଇଁ ଦାବି କରିଥିଲେ। କିନ୍ତୁ କର୍ତ୍ତୃପକ୍ଷ ଦାବି ପ୍ରତି ଧ୍ୟାନ ନ ଦେବାରୁ ବାଧ୍ୟ ହୋଇ ଆସନ୍ତା ୩୦ରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ପାଣି ସମେତ ୩୦ କୃଷକ ପରିବାର ଜଣାଇଛନ୍ତି। ଏ ସମ୍ପର୍କରେ କାରଖାନା ଉପସଭାପତି ଦେବାଶିଷ ପଟ୍ଟନାୟକଙ୍କୁ ପଚାରିବାରେ କୃଷକ ସଂଘ ଗତ ୧୫ତାରିଖରେ ଏକ ଦାବିପତ୍ର ଦେଇଥିବା ବେଳେ କାରଖାନା କର୍ତ୍ତୃପକ୍ଷ ପ୍ରଶାସନିକ ସ୍ତରରେ ଏନେଇ ଆଲୋଚନା କରିଛନ୍ତି, ଯଥାଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି ।

### ତେଜିଲା ମଦ ବିରୋଧୀ ଆନ୍ଦୋଳନ

ଟାଙ୍ଗୀ(କଟକ), ୨୮।୧୦(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଟାଙ୍ଗୀରେ ମଦ ବିରୋଧୀ ଆନ୍ଦୋଳନ ଦିନକୁ ଦିନ ତେଜିବାରେ ଲାଗିଛି । ଶନିବାର ଓ ରବିବାର ଟାଙ୍ଗୀର ଦୋକାନ ବଜାର ବନ୍ଦ ସାଙ୍ଗକୁ ହାଣ୍ଡିଆ ହାଟ ଓ ସରକାରୀ ମଦ ଦୋକାନରେ ମହିଳା ଗୋଷ୍ଠୀ ଚଢ଼ାଉ କରିଛନ୍ତି। ଏଥିରେ ମୈତ୍ରୀ, ମା' ଅମ୍ବିକା, ମା' ହାଟେଶ୍ୱରୀ ଓ ମା' ସରସ୍ୱତୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ଚଢାଉ କରିଥିଲେ। ଟାଙ୍ଗୀ ମହାବିଦ୍ୟାଳୟ, ଡ୍ରିମ୍ସ ଓ ଟେଟ୍ରାହର୍ଡ୍ନ ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ ଖୋଲିବା କେତେଦୂର ଯଥାର୍ଥ ବୋଲି ମହିଳା ଗୋଷ୍ଠୀ ପ୍ରଶ୍ନ ଉଠାଇଥିଲେ। ରବିବାର ସନ୍ଧ୍ୟାରୁ ମହିଳାମାନେ ଠେଙ୍ଗା ବାଡି ଧରି ଦଳ ଦଳ ହୋଇ ବିଭିନ୍ନ ଛକରେ ଜଗି ରହିଥିବା ଦେଖିବାକୁ ମିଳିଥିଲା। ଟାଙ୍ଗୀ ଅଞ୍ଚଳକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ସମିତି ସଭ୍ୟା ବେବିନା ସାହ, ମଞ୍ଜୁଲତା ସାହୁ, ମମତା ଦାସ, ସନ୍ତୋଷୀନି ସାହୁ, ରୀନା ଓଝା, ମମତା ଓଝା, ଭାରତୀ ମହାରଣା, ପ୍ରମିଳା ମହାରଣା ଓ ଉଷା ସାହୁ ପ୍ରମୁଖ କହିଛନ୍ତି।

# ପ୍ରଶାସନିକ କାର୍ଯ୍ୟ ନିର୍ବାହୀ ନିଯୁକ୍ତି ପାଇଁ ପ୍ରସ୍ତାବ

କଟକ ସଦର, ୨୮।୧୦(ଡି.ଏନ୍.ଏ.)

**ପରମହଂସନାଥ ମନ୍ଦିର**

ଭୂସମ୍ପତ୍ତି ଓ ବାହ୍ୟ ଆୟ ହେଉଥିବା ପ୍ରାଚୀନ ମନ୍ଦିରଗୁଡିକରେ ରାଜ୍ୟ ଆଇନ ବିଭାଗ ଓଡିଶା ପ୍ରଶାସନିକ, ରାଜସ୍ୱ ସେବା ଅଧିକାରୀମାନଙ୍କୁ କାର୍ଯ୍ୟନିର୍ବାହୀ ଭାବେ ନିଯୁକ୍ତି ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଦନୁଯାୟୀ ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳରେ ଥିବା ୬ଟି ମନ୍ଦିରରେ ଓଡିଶା ରାଜସ୍ୱ ସେବା ଅଧିକାରୀମାନଙ୍କୁ ନିଯୁକ୍ତି ମିଳିଛି। ହେଲେ କଟକ ସଦର ବ୍ଲକ ଅଧୀନ ସମସାମୟିକ ମନ୍ଦିରରେ ଜଣେ ସ୍ଥାୟୀ କାର୍ଯ୍ୟନିର୍ବାହୀ ନିଯୁକ୍ତି ମିଳିପାରିଲାନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଏଠାରେ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି କରି ମନ୍ଦିରର ଭୂସମ୍ପତ୍ତିକୁ ସୁରକ୍ଷା କରିବା ପାଇଁ ପ୍ରସ୍ତାବ ରାଜ୍ୟ ଆଇନ ବିଭାଗକୁ ଦିଆଯାଇଛି। ନଚେତ ମନ୍ଦିର ସମ୍ପତ୍ତିର ବାଟମାରଣାକୁ ରୋକିବା ସମ୍ଭବ ନୁହେଁ ବୋଲି ଅଞ୍ଚଳବାସୀ ରାଜ୍ୟ ଆଇନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଦେବୋତ୍ତର କମିଶନରଙ୍କ ଆଦେଶ ସଂଖ୍ୟା ୮୧୮୬/୨୨।୧୦।୧୮ରେ କଟକ ଚଣ୍ଡୀ ମନ୍ଦିର, ଭୁବନେଶ୍ୱରର ରାମ ମନ୍ଦିର, ଶ୍ରୀ ରାଜଧାନୀ ପୂଜା କମିଟି ୟୁନିଟ୍-୩, ସପ୍ତସତୀ ମନ୍ଦିର, ଶନିଶ୍ଚର ମନ୍ଦିର, ଉଗ୍ରତାରା ମନ୍ଦିର ଓ ଜଗନ୍ନାଥ ବଲ୍ଲଭ ମଠପାଇଁ ଦେବୋତ୍ତର କମିଶନରଙ୍କ ଦ୍ୱାରା ସ୍ୱତନ୍ତ୍ର କ୍ଷମତାପ୍ରାପ୍ତ ସରକାରୀ ଅଧିକାରୀମାନେ କାର୍ଯ୍ୟନିର୍ବାହୀ ଦାୟିତ୍ୱ ତୁଲାଇବେ। ଅନ୍ୟପକ୍ଷରେ ପରମହଂସନାଥ ମନ୍ଦିରର ଭୂସମ୍ପତ୍ତି ଜବରଦଖଲ, ମୌଖିକ କିଣାବିକା ସହ ରାଜ୍ୟର ବିଭିନ୍ନ ସହରରେ ମାର୍କେଟ୍ କମ୍ପ୍ଲେକ୍ସ, କ୍ଷୁଦ୍ର ଶିଳ୍ପସଂସ୍ଥା ଗଢି ଉଠିଛି। ଏଥିରୁ ମନ୍ଦିର ପ୍ରଶାସନ କୌଣସି ଆୟ ପାଇପାରୁନାହିଁ। ଏତଦ୍‌ବ୍ୟତୀତ ଦୈନନ୍ଦିନ ନୀତିକାନ୍ତିରେ ଦେଖାରଖା କରିବା ପାଇଁ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମତା ସମ୍ପନ୍ନ ନୁହନ୍ତି।




ଅଙ୍ଗିକା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରବିବାର ସାରଳା ଭବନରେ ଅନୁଷ୍ଠିତ ଗୁରୁପୂଜନ ଉତ୍ସବ ଅବସରରେ ଭୁବନେଶ୍ୱର ଆରାଧନା ଡ୍ୟାନ୍ସ ଏକାଡେମୀ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।



ଆଦର୍ଶ ପ୍ରତିଭା ବିକାଶ ପରିଷଦ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନ ଠାରେ ଜାନକୀ ଦେବୀ ଏବଂ ଗିରିଧାରୀ ସେଠୀଙ୍କୁ ଆଦର୍ଶ ପ୍ରତିଭା ସମ୍ମାନ ପ୍ରଦାନ ଅବସରରେ ଯୋଗ ଦେଇଥିବା ଅତିଥିମାନେ।




କଟକ ବାରବାଟୀ ନିର୍ବାଚନୀ ମଣ୍ଡଳୀ ବିଜେଡ଼ି ପକ୍ଷରୁ ଜୟପ୍ରକାଶ ନାରାୟଣ ପାର୍କ ନିକଟରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।



"ଯେଉଁମାନେ ପ୍ରଥମେ କାମ କରିଦେଇ ପରେ ଭାବନ୍ତି, ସେମାନେ ଭାଗ୍ୟରେ ସବୁବେଳେ ଅନୁତାପ ହିଁ ଲେଖାଥାଏ।"
–ସାଇମନ୍ ଷ୍ଟେଭିନ୍



## ସଂକ୍ଷେପରେ




### ସବୁଜ ମହାନଦୀ ଅଭିଯାନର ଶୁଭାରମ୍ଭ

**ନିମାପଡ଼ା,୨୮।୧୦(ଡି.ଏନ୍.ଏ.):** ନିମାପଡ଼ା କୁଶଭଦ୍ରା ନଦୀତଟରୁ ରବିବାର ବିଧାୟକ ସମୀର ରଞ୍ଜନ ଦାଶ ପତକା ଦେଖାଇ ସବୁଜ ମହାନଦୀ ଅଭିଯାନ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଓ ଗୋପ-ନିମାପଡ଼ା ବନ ବିଭାଗ ରେଞ୍ଜ ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ସଭାରେ ବିଧାୟକ ଦାଶଙ୍କ ସମେତ ଏନଏସିର ପୂର୍ବତନ ନଗରପାଳ ସନାତନ ପ୍ରଧାନ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ପୂର୍ବତନ କାଉନସିଲର ସନ୍ତୋଷ ଓଝା, ପୁରୀ ଜିଲା ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ହର୍ଷବର୍ଦ୍ଧନ ଉଦଗାଥା, ଗୋପ ବନଖଣ୍ଡ ଅଧିକାରୀ କାହ୍ନୁଚରଣ ସେଠୀ, ଫରେଷ୍ଟର ଜୟନ୍ତୀରାଣୀ ମହାନ୍ତି ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବନଖଣ୍ଡ ବିଭାଗ ପକ୍ଷରୁ ଏକ ଶୋଭାଯାତ୍ରା ସହ ସଚେତନତା ରଥ ପରିକ୍ରମା କରାଯାଇଥିଲା। ଏହି ସଚେତନତା ରଥ ସମଗ୍ର ପୁରୀ ଜିଲା ପରିକ୍ରମା କରିବ ବୋଲି ଗୋପ ବନଖଣ୍ଡ ଅଧିକାରୀ କହିଛନ୍ତି।

### ଖବରଦାତାଙ୍କୁ ଦୁର୍ବ୍ୟବହାର

**ନିମାପଡ଼ା,୨୮।୧୦(ଡି.ଏନ୍.ଏ.):** ନିମାପଡ଼ାର ଏକ ଦୈନିକ ଖବରକାଗଜର ଖବରଦାତାଙ୍କୁ ଦୁର୍ବ୍ୟବହାର ହୋଇଥିବା ରବିବାର ଅଭିଯୋଗ ହୋଇଛି । ଏନେଇ ପୋଲିସ ୪ବ୍ୟକ୍ତିଙ୍କ ବିରୋଧରେ ନଂ ୩୨୨/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଖବରଦାତା ଜଣଙ୍କ ଶନିବାର ରାତିରେ ନିମାପଡ଼ାରୁ ଉଗରା ସାହି ଗ୍ରାମ ନିଜ ଘରକୁ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ଅରିଷଣ୍ଡସାମିଲ ଚାଉଳିଆପାଟଣା ଗ୍ରାମର ପଦ୍ମନାଭ ବିଶ୍ୱାଳ ଓ ତାଙ୍କ ତିନି ସହଯୋଗୀଙ୍କ ସହ ମିଶି ଖବରଦାତାଙ୍କୁ ନିମାପଡାରୁ ପିଛା କରି ଉଗରାସାହି ଗ୍ରାମରେ ଅଟକାଇ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଖବରଦାତାଙ୍କ ଖବରକାଗଜରେ ପ୍ରକାଶିତ ଏକ ଖବରକୁ ନେଇ ଉକ୍ତ ଚାରି ବ୍ୟକ୍ତି ଏଭଳି କରିଥିବା ସେ କହିଛନ୍ତି। ଏହି ଘଟଣାକୁ ନେଇ ନିମାପଡ଼ା ସାମ୍ବାଦିକ ମଞ୍ଚ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

### ମାଳତି ପାଟପୁରରେ ହେବ ନିଗମାନନ୍ଦ ଭକ୍ତ ସମ୍ମିଳନୀ

**ପୁରୀ ଅଫିସ, ୨୮।୧୦:** ଆସନ୍ତା ଡିସେମ୍ବର ୨୬ରୁ ୨୯ତାରିଖ ପର୍ଯ୍ୟନ୍ତ ମାଳତି ପାଟପୁରରେ ହେବ ନିଗମାନନ୍ଦ ସାରସ୍ୱତ ଦେବ ସାର୍ବଭୌମ୍ୟ ଭକ୍ତ ସମ୍ମିଳନୀ। ଏଥିଲାଗି ସ୍ଥାନୀୟ ସର୍କିଟ ହାଉସରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଭକ୍ତ ସମ୍ମିଳନୀରେ ୨୫ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସମ୍ମିଳନୀ ଆୟୋଜନ ଲାଗି ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଅଗ୍ନି ନିର୍ବାପକ, ଗାଡିପାର୍କିଂ ଆଦି ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପ ଜିଲାପାଳ ଭବତାରଣ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାସ୍କର ଚନ୍ଦ୍ର ସାମନ୍ତରାୟ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଗାଧୋଇବାବେଳେ ଯୁବତୀଙ୍କ ଫଟୋ ଉଠାଇ ଭଡ଼ାଟିଆ ଗିରଫ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ):** ଗାଧୋଇବା ବେଳେ ଜଣେ ଭିନ୍ନକ୍ଷମ ଯୁବତୀଙ୍କ ଫଟୋ ଉଠାଇବା ଅଭିଯୋଗରେ ପୋଲିସ ଜଣେ ଭଡ଼ାଟିଆଙ୍କୁ ଗିରଫ କରିଛି। ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ଅଞ୍ଚଳରେ ରବିବାର ଏହି ଘଟଣା ଘଟିଛି। ଅଭିଯୁକ୍ତ ହେଲେ ନବକିଶୋର ଦେହୁରୀ(୪୨)। ପୋଲିସ ଦଫା ୩୫୪(ବି),୩୫୪(ଡି)ରେ ଏକ ମାମଲା(୪୯୦/୧୮) ରୁଜୁ କରି ନବଙ୍କୁ କୋର୍ଟ ଚାଲାଣ କରିଛି। ନବ ଯୁବତୀଙ୍କ ଘରେ ଭଡ଼ାରେ ରୁହନ୍ତି। ରବିବାର ଯୁବତୀ ଜଣକ ଗାଧୋଉଥିବାବେଳେ ନବ ଲୁଚିରହି ତାଙ୍କ ଫଟୋ ଉଠାଉଥିବା ଯୁବତୀ ଜଣକ ଜାଣିପାରି ପାଟି କରିଥିଲେ।

■ପଦାକୁ ଆସୁଛି ନିରାଶ୍ରୟଙ୍କ କାହାଣୀ

# ଆଶ୍ରୟସ୍ଥଳୀରେ ଗୁମୁରି କାନ୍ଦୁଛନ୍ତି ଅନେକ ବୃଦ୍ଧା ମା'

**ପୁରୀ ଅଫିସ,୨୮।୧୦**

ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ହେଲେ ପୁରୀକୁ ଆସି ବ୍ରତ ପାଳିବାକୁ ଆର୍ଥିକ ସ୍ଥିତି ଅନେକଙ୍କୁ ପଛକୁ ଟାଣେ। ଶ୍ରୀକ୍ଷେତ୍ରରେ ରହିବା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଯାଏ। ପରିଣତ ବୟସରେ ଏମିତି ଇଚ୍ଛା ରଖିଥିବା ବ୍ରତଧାରୀଙ୍କ ଏହି ସ୍ୱପ୍ନ ସାକାର ଲାଗି ସରକାର ଆରମ୍ଭ କରିଛନ୍ତି ହବିଷିଆଳି ଯୋଜନା। ହେଲେ ଏହାର ସୁଯୋଗ ନେଉଛନ୍ତି ଅନେକ ସ୍ୱଚ୍ଛଳ ବର୍ଗର ବ୍ୟକ୍ତି। ପୁଣି ଏମିତି କିଛି ମା' ରହୁଛନ୍ତି ଏଠାରେ ଯେଉଁମାନେ ଘର ଅପେକ୍ଷା ଆଶ୍ରୟସ୍ଥଳକୁ ଅଧିକ ନିରାପଦ ମନେ କରୁଛନ୍ତି। ଘର, ସଂସାର ପ୍ରତି ସେମାନଙ୍କର ବିମୁଖତା ଆସିଯାଇଛି। ଆଉ କେହି ପୁଅବୋହୂଙ୍କ ନିର୍ଯାତନାକୁ ମନେ ପକାଇ ଗୁମୁରି ବି ହେଉଛନ୍ତି, ପୁଣି କିଛି ହବିଷିଆଳିଙ୍କ ଆଚରଣ ପାଇଁ ପ୍ରଶାସନିକ ଅଧିକାରୀ ବି ମାନସିକ ଚାପରେ ରହୁଛନ୍ତି। ଆଶ୍ରୟସ୍ଥଳରୁ ଏମିତି କେତେଜଣ ନିରାଶ୍ରୟଙ୍କ କରୁଣ କାହାଣୀକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

➤ଶୁକ୍ରବାର ଅପରାହ୍ନ। ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳ ଫାଟକ ପାଖରେ ଲାଗିଲା ଏକ ସାଣ୍ଟ୍ରୋ କାର୍। ଜଣେ ଯୁବକ ଗାଡ଼ି ଚଳାଉଥିବାବେଳେ ତାଙ୍କ ପାଖରେ ଆଉଜଣେ ଯୁବକ ବସିଥିଲେ। ପଛରେ ବସିଥିବା ଜଣେ ବୃଦ୍ଧା କାର୍ ଡୋର ଖୋଲି ବାହାରକୁ ଆସିବା ପରେ ଯୁବକଦ୍ୱୟ ତାଙ୍କୁ ଆଣି ଆଶ୍ରୟସ୍ଥଳରେ ଛାଡିଲେ। ସଞ୍ଜ ନଇଁବା ପରେ ବୃଦ୍ଧା ଜଣକ ଥରିବାକୁ ଲାଗିଥିଲେ। ପାଖରେ ଥିବା ହବିଷିଆଳି ତାଙ୍କୁ ଆଶ୍ରୟସ୍ଥଳ ପରିସରରେ ଥିବା ଡାକ୍ତରଙ୍କ ପାଖକୁ ଆଣିଥିଲେ। ବୃଦ୍ଧା ଜଣକ ହାତରେ ଏକ ଇନ୍‌ସୁଲିନ ଧରିଥିଲେ। ଡାକ୍ତର ପରୀକ୍ଷା କରିବା ପରେ ତାଙ୍କର ସିଭିୟର ଡାଇବେଟିସ୍ ଥିବା ଜାଣିଥିଲେ। ସେ ଯେଉଁ ଇନ୍‌ସୁଲିନ ନେଉଛନ୍ତି ତାହା ଫ୍ରିଜ୍‌ରେ ରହିବା ଦରକାର। ବାହାରେ ରଖିଲେ ତାହା କାମ ଦେବନି। ଡାଇବେଟିସ୍ ଅଧିକ ଥିବାରୁ କୌଣସି ମୁହୂର୍ତ୍ତରେ କିଛି ବି ହୋଇପାରେ ବୋଲି ଡାକ୍ତର କହିଲେ। ସଙ୍ଗେ ସଙ୍ଗେ ତାଙ୍କ ପୁଅଙ୍କ ପାଖକୁ ଖବର ଦିଆଗଲା। ହେଲେ ପୁଅ ନ ଆସି ଜଣେ ସମ୍ପର୍କୀୟଙ୍କୁ ପଠାଇଦେଲେ। ପରଦିନ ସମ୍ପୃକ୍ତ ସମ୍ପର୍କୀୟଙ୍କ ସହ ବୃଦ୍ଧା ଜଣକ ଘରକୁ ଫେରିଥିଲେ। ଆଶ୍ରୟସ୍ଥଳରେ ରହୁଥିବା ପ୍ରତି ମା'(ହବିଷିଆଳି)ଙ୍କ ପଣତ ତଳେ ଏମିତି କିଛି ନା କିଛି କରୁଣ କାହାଣୀ ଲୁଚି ରହିଛି। ହେଲେ ସହିବାର ସୀମା ଟପିଥିବା ଅନେକ ମା' ମୁହଁ ଖୋଲୁଥିବାବେଳେ ଆଉ କେହି ଗୁମୁରି ଗୁମୁରି କାନ୍ଦୁଥିବା ଚିତ୍ର ବି ଦେଖିବାକୁ ମିଳିଛି ଆଶ୍ରୟସ୍ଥଳରେ।

➤ଶୁକ୍ରବାର ସଞ୍ଜ ନଇଁ ଆସିଲା। ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳର ସମସ୍ତ ହବିଷିଆଳି ବସି ମହାପ୍ରସାଦ ସେବନ କଲେ। ହେଲେ ଜଣେ ହବିଷିଆଳି ଆସି ନ ଥିବା ଦେଖି ଦାୟିତ୍ୱରେ ଥିବା ଅଧିକାରୀ ବ୍ୟସ୍ତ ହୋଇପଡିଲେ। ଖୋଜାଖୋଜି ସତ୍ତ୍ୱେ ତାଙ୍କ ପତ୍ତା ମିଳିଲା ନାହିଁ। ତାଙ୍କ ସହିତ ଗାଧୋଇ ଯାଇଥିବା ଅନ୍ୟ ହବିଷିଆଳିଙ୍କୁ ପଚରା ଉଚରା କରାଯିବାରୁ ସେମାନେ ମଧ୍ୟ କିଛି କହିପାରି ନ ଥିଲେ। ଅଧିକାରୀମାନେ ଚାପରେ ଥିବାବେଳେ ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଉକ୍ତ ହବିଷିଆଳିଙ୍କୁ ଆଶ୍ରୟସ୍ଥଳର ଗୋଟିଏ କୋଣରୁ ଠାବ କରାଯାଇଥିଲା। ଏକାକୀ ବସି ସେ ଗୁମୁରି କାନ୍ଦୁଥିଲେ।

➤ସେହିପରି ଏହି ଆଶ୍ରୟସ୍ଥଳରେ ରହୁଥିବା ଅନ୍ୟ ଜଣେ ହବିଷିଆଳି ଦୁଇଦିନ ଧରି ଅନୁପସ୍ଥିତ ଥିଲେ। ବାହାରକୁ ଏହି ଘଟଣା ପ୍ରଘଟ କରାଯାଇ ନ ଥିଲା। କିନ୍ତୁ ଜିଲା ପ୍ରଶାସନ ନିକଟରେ ଖବର ପହଞ୍ଚିବା ପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିଥିଲେ। ଏହାପରେ ଶନିବାର ଦିନତମାମ୍ ଶ୍ରୀମନ୍ଦିର, ଜିଲା ହସ୍ପିଟାଲ ସମେତ ବିଭିନ୍ନ ସ୍ଥାନକୁ ଯାଇ ସ୍ୱେଚ୍ଛାସେବୀ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ସନ୍ଧ୍ୟାରେ ହବିଷିଆଳି ଜଣକ ଆଶ୍ରୟସ୍ଥଳକୁ ଫେରି ଆସିଥିଲେ। ବୁଝିବାରୁ ଜଣାପଡିଥିଲା ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ଘରକୁ ପଳାଇଥିଲେ। ଏମିତି ଆଚରଣ ଯୋଗୁ ତାଙ୍କୁ ଘରକୁ ନେଇଯିବାକୁ ତାଙ୍କ ପୁଅଙ୍କୁ ଖବର ଦିଆଯାଇଥିଲା। ପୁଅ ପହଞ୍ଚିଥିଲେ ମଧ୍ୟ ମା' ଘରକୁ ଯିବାକୁ ଅମଙ୍ଗ ହୋଇଥିଲେ।



ଆଶ୍ରୟସ୍ଥଳୀରେ ହବିଷିଆଳିମାନେ ଆକାଶଦୀପ ଟେକୁଛନ୍ତି।



ଦୁର୍ଘଟଣାରେ ଆହତ ହବିଷିଆଳି।

# ଘରକୁ ଫେରିଲେ ୩ ହବିଷିଆଳି

## ଶ୍ରୀମନ୍ଦିର ଯିବାବେଳେ ପଛରୁ ପିଟିଲା ଟ୍ରଲି, ଜଣେ ଆହତ

**ପୁରୀ ଅଫିସ,୨୮।୧୦**

ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ପ୍ରାୟ ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ବ୍ରତଧାରୀ ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି । ସେମାନଙ୍କ ରହିବା, ଖାଇବା, ସ୍ୱାସ୍ଥ୍ୟ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ତଥାପି ପାରିବାରିକ କାରଣ ହେଉ ଅବା ସ୍ୱାସ୍ଥ୍ୟଜନିତ କାରଣ ଯୋଗୁ ହବିଷିଆଳି ଘରକୁ ଯିବାକୁ ବାଧ୍ୟ ହେଉଛନ୍ତି । ରବିବାର ୩ ଜଣ ହବିଷିଆଳି ଆଶ୍ରୟସ୍ଥଳ ଛାଡି ଘରକୁ ଫେରିବା ବେଳେ ଜଣେ ହବିଷିଆଳିଙ୍କୁ ଟ୍ରଲି ଧକ୍କା ଦେବାରୁ ସେ ଆହତ ହୋଇଛନ୍ତି ।

ମୋଚିସାହିସ୍ଥିତ ପୌର କଲ୍ୟାଣ ମଣ୍ଡପ ଆଶ୍ରୟସ୍ଥଳରେ ରହୁଥିବା ଖୋର୍ଦ୍ଧା କୁମୁଦପାଟଣା ବେହେରା ସାହିର ଛଇଳ ବେହେରା(୫୩) ରବିବାର ଘରକୁ ଫେରି ଯାଇଛନ୍ତି । ପାରିବାରିକ କାରଣ ଯୋଗୁ ସେ ଅପରାହ୍ନରେ ଆଶ୍ରୟସ୍ଥଳ ଛାଡିଥିବା ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି । ଏଠାରେ ରହୁଥିବା ଖୋର୍ଦ୍ଧା ଟାଙ୍ଗୀ ଜରିପଡ଼ାର ପ୍ରଫୁଲ୍ଲା କୁମାରୀ ପୃଷ୍ଟି(୬୦) ମଧ୍ୟ ଘରକୁ ଫେରିଯାଇଛନ୍ତି। ତାଙ୍କର ଡଷ୍ଟ ଆଲର୍ଜି ଥିବା ଯୋଗୁ ଡାକ୍ତର ଏଠାରେ ରହିବାକୁ ମନା କରିବାରୁ ତାଙ୍କ ପରିବାରଲୋକେ ଆସି ନେଇ ଯାଇଛନ୍ତି। ସେହିଭଳି ଶନିବାର ଭୁବନେଶ୍ୱର ୟୁନିଟ୍-୪ର କୁନଲତା ଦାଶଙ୍କ ଶ୍ୱାସ ବାହାରିବାରୁ ଘରକୁ ଫେରିଯାଇଥିବା ଜଣାପଡିଛି । ସେହିପରି ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରୁ ଡେଲାଙ୍ଗ ଗଡ଼ମାଣିତ୍ରୀର ଜେମା ଦେଇ ରବିବାର ଆଶ୍ରୟସ୍ଥଳ ଛାଡି ଘରକୁ ଫେରିଯାଇଛନ୍ତି। ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଚିକିତ୍ସା ପରେ ତାଙ୍କ ପରିବାର ଲୋକେ ପହଞ୍ଚି ଘରକୁ ନେଇଯାଇଛନ୍ତି। ଅନ୍ୟପକ୍ଷରେ ଏହି ଆଶ୍ରୟସ୍ଥଳରୁ ସନ୍ଧ୍ୟାରେ ବ୍ରହ୍ମଗିରି ଚମ୍ପାମାଣିକର ଯମୁନା ଦେଇ (୮୫) ହସ୍ପିଟାଲକୁ ଯାଇଥିଲେ । ସେ ପଡିଯିବାରୁ ତାଙ୍କ ଡାହଣ ଗୋଡରେ ଆଘାତ ଲାଗିଥିଲା । ହସ୍ପିଟାଲରୁ ଆବଶ୍ୟକ ଚିକିତ୍ସା ଏବଂ ଔଷଧପତ୍ର ଆଣି ସେ ଆଶ୍ରୟସ୍ଥଳକୁ ଫେରି ଆସିଛନ୍ତି। ଅନ୍ୟ ଜଣେ ହବିଷିଆଳିଙ୍କୁ ଟ୍ରଲି ପିଟିଦେବାରୁ ସେ ଆହତ ହୋଇଛନ୍ତି । ଜଗନ୍ନାଥ ବଲ୍ଲଭ ପରିସରରେ ରହୁଥିବା ଗଞ୍ଜାମ ଜିଲା ସୁବଳୟାର ପଞ୍ଚେଇ ବେହେରା (୬୦) ସକାଳେ ଶ୍ରୀମନ୍ଦିର ଯିବା ପାଇଁ ଆଶ୍ରୟସ୍ଥଳରୁ ବାହାରିଥିଲେ। ସେ ଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖ ବଡ଼ଦାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବା ବେଳେ ପଛପଟୁ ଏକ ଟ୍ରଲି ଆସି ତାଙ୍କୁ ପିଟି ଦେଇଥିଲା । ଫଳରେ ତାଙ୍କ ବାମଗୋଡ଼ରେ ଗଭୀର ଆଘାତ ଲାଗି ଖଣ୍ଡିଆ ହୋଇଯାଇଥିଲା । ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ତାଙ୍କ ଗୋଡ଼ରେ ଷ୍ଟିଚ୍ ପଡିବା ସହ ଆବଶ୍ୟକ ଔଷଧପତ୍ର ଆଣି ସେ ଆଶ୍ରୟସ୍ଥଳକୁ ଫେରିଛନ୍ତି ।

### ଅଗ୍ନିକାଣ୍ଡରେ ୨ବଖରା ଭସ୍ମୀଭୂତ

**ସାକ୍ଷୀଗୋପାଳ, ୨୮।୧୦(ଡି.ଏନ୍.ଏ.)**

ସାରଙ୍ଗଯୋଡି ଗ୍ରାମପଞ୍ଚାୟତ ହାଟ ସାହିରେ ଶନିବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଅର୍ଜୁନ ବେହେରାଙ୍କ ଦୁଇ ବଖରା ସମେତ ସମସ୍ତ ଆସବାବପତ୍ର ପୋଡିଯାଇଛି। ଅଗ୍ନିକାଣ୍ଡରେ ୨ଟି ଛେଳି ଜୀବନ୍ତ ଦଗ୍ଧ ହେବା ସହ ୨ଟି ଗୋରୁ ଆହତ ହୋଇଛନ୍ତି। ଖବରପାଇ ସାକ୍ଷୀଗୋପାଳ ଦମକଳ କେନ୍ଦ୍ର ଅଧିକାରୀ ରୋହିତ ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରବିବାର ବିପନ୍ନ ପରିବାର ନିକଟରେ ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ, ଆମ୍ବ କମିଟି ସଭାପତି ବେବିଲାଲ ମିଶ୍ର, ସରପଞ୍ଚ ଚଞ୍ଚଳା ପାଣି ଓ ସମିତିସଭ୍ୟା ନିରୁପମା ବେହେରା ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି।

# ହବିଷିଆଳି ଆଶ୍ରୟସ୍ଥଳରୁ...

### ବାବୁ ରାଶନ କାର୍ଡ କରିଦିଅନ୍ତନି

ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳ। ଅପରାହ୍ନ ସାଢେ ୫ଟା ସୁଦ୍ଧା ମହାପ୍ରସାଦ ସେବନ ପାଇଁ ଧାଡ଼ିରେ ବସିଥାନ୍ତି ହବିଷିଆଳି। ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା ତଦାରଖ କରୁଥାନ୍ତି। ଏହି ସମୟରେ ଜଣେ ହବିଷିଆଳି ତାଙ୍କ ପାଖକୁ ଆସି ହାତଯୋଡ଼ି କହିଲେ, ବାବୁ ମୋର ରାଶନ କାର୍ଡ ନାହିଁ। ସରକାର ଯୋଗାଇ ଦେଉଥିବା ଚାଉଳ, ଗହମ ମୋତେ କିଛି ବି ମିଳୁନାହିଁ। ମୋର ଟିକେ ରାଶନ କାର୍ଡ କରେଇ ଦିଅନ୍ତନି ? ଏହା ଶୁଣି ଅଧିକାରୀ ଜଣକ କହିଲେ, ମାଉସୀ ଆଗ ଯାଇ ମହାପ୍ରସାଦ ସେବନ କର। ଏ ବିଷୟରେ ଜିଲାପାଳଙ୍କୁ ଜଣାଇଲେ ସେ କିଛି ବ୍ୟବସ୍ଥା କରିବେ ବୋଲି କହିଥିଲେ। ଏହାପରେ ସମ୍ପୃକ୍ତା ବୃଦ୍ଧା ଯାଇ ଧାଡ଼ିରେ ବସି ମହାପ୍ରସାଦ ସେବନ କରିଥିଲେ।

### ବର୍ଷା ଭୟ, ହବିଷିଆଳିଙ୍କୁ ପରିବାର ଚିନ୍ତା

ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ଅଛି। ଏହାର ପ୍ରଭାବରେ ରବିବାରଠାରୁ ଉପକୂଳବର୍ତ୍ତୀ ଜିଲାରେ ପାଗ ମେଘୁଆ ରହିଛି। କେତେକ ଜିଲାରେ ତିନିଦିନ ଧରି ବର୍ଷା ହେବ। ବିଶେଷକରି ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ବର୍ଷାକୁ ନେଇ ଭୟଭୀତ ହୋଇଛନ୍ତି ହବିଷିଆଳି। ରବିବାର ଅପରାହ୍ନରେ ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ବର୍ଷାକୁ ନେଇ ବ୍ରତଧାରୀମାନେ ଆଲୋଚନା କରୁଥିବା ଶୁଣିବାକୁ ମିଳିଥିଲା। କାରଣ ଏଠାରେ ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାର ହବିଷିଆଳି ରହୁଛନ୍ତି। ବର୍ଷା କେତେଦିନ ଧରି ହେବ, ବର୍ଷା ହେଲେ ଗାଁରେ ପରିବାର ସଦସ୍ୟ କେମିତି ରହିବେ, କ'ଣ ଖାଇବେ ଏମିତି ଏକାଧିକ ହବିଷିଆଳି ପରସ୍ପର ମଧ୍ୟରେ ଆଲୋଚନା କରୁଥିଲେ।

### ମଶାରି ମିଳିବ ତ?

ଆସନ୍ତା ୩୧ ତାରିଖ ପରଠାରୁ ପ୍ରବଳ ଶୀତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଏବେ ବି ରାତିରେ ଧୀରେ ଧୀରେ ଶୀତ ଲାଗିଲାଣି। ଆଗକୁ ଶୀତ ଅଧିକ ହେଲେ ସେମାନଙ୍କୁ ସରକାର ମଶାରି ଯୋଗାଇଦେବେ ତ ବୋଲି ଅନେକ ହବିଷିଆଳି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରୁଥିଲେ। ବିଗତ ବର୍ଷ ପ୍ରଶାସନ ମଧ୍ୟ ହବିଷିଆଳିଙ୍କୁ ମଶାରି ଯୋଗାଣ ପାଇଁ ନିଷ୍ପତ୍ତି ନେଇଥିଲା। ଅଳ୍ପ କେତେଜଣଙ୍କୁ ମଶାରି ମଧ୍ୟ ବଣ୍ଟା ଯାଇଥିଲା। ହେଲେ ଚଳିତବର୍ଷ ମଶାରି ବଣ୍ଟାଯିବ କି ନାହିଁ ତାହା ସ୍ପଷ୍ଟ ଜଣାପଡି ନାହିଁ।

# ବିଜୁ ଯୁବବାହିନୀର ସ୍ୱଚ୍ଛତା ହିଁ ସୁସ୍ଥତା କାର୍ଯ୍ୟକ୍ରମ

**ସାକ୍ଷୀଗୋପାଳ,୨୮।୧୦(ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକ ବୀରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ସ୍ୱଚ୍ଛତା ହିଁ ସୁସ୍ଥତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ଯୁବକମାନେ ପୁରୀ ଜାତୀୟ ରାଜପଥ ପଟ୍ଟନାୟିକିଆ ଛକ ନିକଟସ୍ଥ ଯାଯାବରଠାରୁ ଚଣାଗୋରଡା ଛକ ପର୍ଯ୍ୟନ୍ତ ଓ ଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ରବିବାର ସଫେଇ କରିଥିଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ବିଜୁ ଯୁବବାହିନୀର ସଭାପତି ବ୍ରଜ କିଶୋର ପ୍ରଧାନ, ସମ୍ପାଦକ ବଳଭଦ୍ର ମହାପାତ୍ର, ଯୁବ ସଂଗଠକ ଲକ୍ଷ୍ମୀକାନ୍ତ ମର୍ଦ୍ଦରାଜ, କୋଷାଧ୍ୟକ୍ଷ ଦେବ ପ୍ରଧାନ, ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଅମୁଲ୍ୟ ଷଡଙ୍ଗୀ ଓ ନାଏବ ସରପଞ୍ଚ ଭାନୁମତି ମୁଦୁଲିଙ୍କ ନେତୃତ୍ୱରେ ଯୁବକମାନେ ସାମିଲ ହୋଇ ପ୍ଲାଷ୍ଟିକ, ପଲିଥିନ, ଅନାବଶ୍ୟକ ବର୍ଜ୍ୟବସ୍ତୁ ଓ ଗଛଲତା ସଫା କରିଥିଲେ। ଶଙ୍କର ପ୍ରଧାନ, ରାଜ କିଶୋର ପ୍ରଧାନ, କୃଷ୍ଣ ଚନ୍ଦ୍ର ବେହେରା, ପ୍ରଶାନ୍ତ ପରିଡା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବିଜୁ ଯୁବବାହିନୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ।

# ରାଜନୀତିର ଅମୁହାଁ ଗଳିରେ ଛାତ୍ର ସମାଜ

**ପୁରୀ ଅଫିସ,୨୮।୧୦**

ସାମ୍ପ୍ରତିକ ସମାଜରେ ଛାତ୍ରଗୋଷ୍ଠୀ ରାଜନୀତିର ଅମୁହାଁ ଗଳି ଭିତରକୁ ଟାଣି ହୋଇ ଯାଉଛନ୍ତି। ନିଜ ସ୍ୱାର୍ଥ ସାଧନ ପାଇଁ ରାଜନୈତିକ ଦଳଗୁଡିକ ବିଭିନ୍ନ ପ୍ରକାର ମିଥ୍ୟା ପ୍ରଲୋଭନ ଦେଖାଇ ଓ କୂଟଚକ୍ରାନ୍ତ କରି ମେଧାବୀ ଛାତ୍ରଙ୍କୁ ମୋହରା କରୁଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବ୍ୟବସାୟ କରୁଥିବା ଜଣେ ଚା ଦୋକାନୀ ପ୍ରଫୁଲ୍ଲ ପ୍ରତିଦିନ ଏଭଳି ଘଟଣାର ମୂକସାକ୍ଷୀ ପାଲଟେ। ଦିନେ ଖୋଲାଖୋଲି ଏହାକୁ ବାରଣ କରେ। କିନ୍ତୁ ଛାତ୍ରମାନେ ତାଙ୍କ କଥା ନ ମାନି ଏହି ଅମୁହାଁ ଗଳିରେ ଫସିଯାଆନ୍ତି। ଫଳରେ ସେମାନଙ୍କ ବେକରୁ ଗୋଲ୍ଡ ମେଡାଲ କାଢି ହୋଇ ଝୁଲିଯାଏ କ୍ରିମିନାଲ ମେଡାଲ। ଏମିତି ଏକ ବାସ୍ତବଧର୍ମୀ ସାମାଜିକ କାହାଣୀକୁ ନେଇ ରବିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଅମୁହାଁ ଗଳି'। ପୁରୀ ଆର୍ଟିଷ୍ଟ ଆସୋସିଏଶନ ପ୍ରାୟୋଜିତ ମିତ୍ର କଳାକାର ଦ୍ୱାରା ପ୍ରଦର୍ଶିତ ଏହି ନାଟକଟିକୁ ଦର୍ଶକ ଢେର ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ପ୍ରଦୀପ ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକର ବିଭିନ୍ନ ଭୂମିକାରେ ବିକାଶ ଦତ୍ତ, ଦିଲୀପ ମିଶ୍ର, ସମୀର ଆଚାର୍ଯ୍ୟ, ବିଭୁ ପ୍ରସାଦ ମିଶ୍ର, କାର୍ତ୍ତିକ ଖଟେଇ, ଅଜୟ ସାହୁ, ଜଗନ୍ନାଥ ମିଶ୍ର, ସ୍ୱସ୍ତିକ ମିଶ୍ର, ତପସ୍ୱିନୀ ମହାନ୍ତି, ନରସିଂହ ମହାନ୍ତି, ବୈଭବୀ ପ୍ରିୟଦର୍ଶିନୀ ଓ ରାଣୀ ମହାନ୍ତି ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ଆୟୋଜିତ ସଭାରେ ଆସୋସିଏଶନ ସଭାପତି ବିକାଶ ଦତ୍ତ ଓ ସମ୍ପାଦକ ରାମକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଥିବା ନାଟକ 'ଅମୁହାଁ ଗଳି'ର ଏକ ଦୃଶ୍ୟ।

# ଶାରଦୀୟ ଉଚ୍ଛ୍ୱାସରେ କବିତା ପାଠ

**ପୁରୀ ଅଫିସ,୨୮।୧୦**

ପୁରୀର ପ୍ରିୟପତ୍ର ଏବଂ ନୟାଗଡ଼ର ପରମ୍ପରାର ମିଳିତ ଆୟୋଜନରେ ପ୍ରଥମଥର ପାଇଁ ଶାରଦୀୟ ଉଚ୍ଛ୍ୱାସ-୨୦୧୮ ହୋଟେଲ ସ୍ୱସ୍ତିକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପରମ୍ପରାର ସଭାପତି ହୃଷୀକେଶ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ପାଇଁ ଉପଯୁକ୍ତ ସାହିତ୍ୟ ସୃଷ୍ଟି ଦିଗରେ ଆଲୋକପାତ କରିଥିଲେ । କବି ଦେବୀପ୍ରସାଦ ମହାପାତ୍ର ଏବଂ ପ୍ରବାସିନୀ ମିଶ୍ରଙ୍କ ସଂଯୋଜନାରେ ବହୁସଂଖ୍ୟାରେ କବି ଶାରଦୀୟ ସ୍ୱରଚିତ କବିତା ପାଠ କରିଥିଲେ । ଉତ୍ସବରେ ପରମ୍ପରା ପକ୍ଷରୁ ଲେଖକ ସଦାଶିବ ମିଶ୍ର, ପୌର୍ଣ୍ଣମାସୀ ଦେବୀ, ରୀନା ମାନସିଂହ, ମନୋରମା ଆଚାର୍ଯ୍ୟ, ସୁସ୍ମିତା ବେହେରା, ଅଧ୍ୟାପକ ମୀନକେତନ ପାଇଯୋଶୀ, ବିଶ୍ୱପ୍ରକାଶ ପଟ୍ଟନାୟକ, ମମତା ମହାନ୍ତି, ପ୍ରବାସିନୀ ମିଶ୍ର, ଦେବୀପ୍ରସାଦ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ପ୍ରିୟପତ୍ର ପକ୍ଷରୁ ସୌଦାମିନୀ ସ୍ୱାଇଁ, ହରପ୍ରିୟା ଦ୍ୱିବେଦୀ, ସୌଭାଗ୍ୟ ମଞ୍ଜରୀ ମହାପାତ୍ର, ବସନ୍ତମଞ୍ଜରୀ ଜେନା ଏବଂ ସୁରେଶ ଚନ୍ଦ୍ର ସେଠୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଶିକ୍ଷୟିତ୍ରୀ ମନୋରମା ପାତ୍ରଙ୍କ ଶିଶୁ-କିଶୋର କବିତା ସଙ୍କଳନ ଅକଲ ମକଲ ଏବଂ ପୁଷ୍ପିତା ପଟ୍ଟନାୟକଙ୍କ ଶିଶୁ-କିଶୋର କବିତା ସଙ୍କଳନ ମନର କଥାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏଥିରେ ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ସ୍ୱାଗତ ଭାଷଣ ଏବଂ ପରମ୍ପରାର ସମ୍ପାଦକ ନିର୍ମଳ ଚନ୍ଦ୍ର ସୁରଦେଓ ଧନ୍ୟବାଦ ଦେଇଥିଲେ। କବି ରଜତ ମହାନ୍ତି, ଅବିନାଶ ଦଳାଇ ମଞ୍ଚ ପରିଚାଳନା କରିଥିଲେ ।



ଯେଉଁମାନଙ୍କର ହୃଦୟ ବିଶାଳ, ସେହିମାନେ ହିଁ ସହନଶୀଳତା କଥାର ପ୍ରକୃତ ମର୍ମ ବୁଝିପାରିବେ।
-ଜର୍ଜ ଏଲିଏଟ୍



## ଅନ୍ୟ ଅଞ୍ଚଳର ଖବର

### ୩ରେ ଫାର୍ମାସ୍ୟୁଟିକାଲ ଆସୋସିଏଶନର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ): ଓଡ଼ିଶାରେ ପ୍ରଥମ ଥର ପାଇଁ ଭାରତୀୟ ଫାର୍ମାସ୍ୟୁଟିକାଲ ଆସୋସିଏଶନର ଜାତୀୟସ୍ତରୀୟ ବାର୍ଷିକ ସମ୍ମିଳନୀ ଆସନ୍ତା ନଭେମ୍ବର ୩ ଏବଂ ୪ ଦୁଇଦିନ ଧରି ଭୁବନେଶ୍ୱରସ୍ଥିତ ରେଲ ସଦନ ଅଡିଟୋରିୟମଠାରେ ଆୟୋଜିତ ହେବ। ଆଇପିଏ ଜୟପୁର ଲୋକାଲ ବ୍ରାଞ୍ଚ ଏବଂ ଓଡ଼ିଶା ଫାର୍ମାସୀ ଇଣ୍ଟେଲେକଚୁଆଲ ଫୋରମ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେବ ବୋଲି ଓଡ଼ିଶା ଫାର୍ମାସୀ ଆସୋସିଏଶନ୍ ସମ୍ପାଦକ ମନୋଜ ଦାଶ କହିଛନ୍ତି। ଏହି ସମ୍ମିଳନୀ 'ଫାର୍ମା ଭିଜନ-୨୦୩୦: ଏ ରୋଡ୍ ମ୍ୟାପ ଫର୍ ପ୍ରଫେସର ଅଫ୍ ଫାର୍ମାସୀ ୱିଥ୍ ସ୍ପେଶାଲ ଫୋକସ୍ ଟୁ ଫାର୍ମା ଇଣ୍ଡଷ୍ଟ୍ରିଜ୍, ଓଡ଼ିଶା' ଉପରେ ପର୍ଯ୍ୟବସିତ ହେବ ବୋଲି ଦାଶ ଶନିବାର ଏକ ଘରୋଇ ହୋଟେଲରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କୁ ସରକାର ଉପଯୁକ୍ତ ନିଯୁକ୍ତି ଦେବା, ଫାର୍ମାସୀ ପ୍ରାକ୍ଟିସ୍ ରେଗୁଲେଶନ ଲାଗୁ କରିବା, ଫାର୍ମାସିଷ୍ଟମାନଙ୍କ ପାଇଁ କ୍ୟାଡର ରୁଲ ଆଣିବା। ଫାର୍ମାସୀ ନିର୍ଦ୍ଦେଶାଳୟ ସ୍ଥାପନ କରିବା ଏବଂ ଡ୍ରଗ୍ସ ଏବଂ କେମିଷ୍ଟ ଆକ୍ଟ ଓ ଫାର୍ମାସୀ ଆକ୍ଟକୁ କଡାକଡି ଭାବେ ଲାଗୁ କରିବାକୁ ଆସୋସିଏଶନ ଦାବି କରିଛି। ଖବରଦାତା ସମ୍ମିଳନୀରେ ଆବାହକ ଡ. ଶୃତି ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

### 'ରଙ୍ଗ ଭାରତୀ' କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)- ନାଟ୍ୟସଂସ୍ଥା ଉତ୍ତର ପୁରୁଷ ପକ୍ଷରୁ ରବିବାର ଉତ୍କଳ କରାଟେ ସ୍କୁଲ ପରିସରରେ ନାଟ୍ୟ କର୍ମଶାଳା 'ରଙ୍ଗ ଭାରତୀ-୧୧'ର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୨୦ଜଣ ଯୁବ ପ୍ରଶିକ୍ଷାର୍ଥୀଙ୍କୁ ନେଇ ଏହି ୨୧ଦିନିଆ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହେବ। ଜଣାଶୁଣା ମଞ୍ଚ ଅଭିନେତ୍ରୀ ଭାସ୍ୱତୀ ବସୁ କର୍ମଶାଳାରେ ଭାଗନେଇଥିବା ଯୁବ କଳାକାରମାନଙ୍କୁ ପ୍ରଶିକ୍ଷଣ ଦେବେ। ଏହାସହ ନାଟକ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବହୁ ବିଶେଷଜ୍ଞ ଏଥିରେ ଶିକ୍ଷାଦାନ କରିବେ। ରବିବାର ଉଦ୍‌ଘାଟନୀ ସଭାରେ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଶୁଭାରମ୍ଭ କରିଥିଲେ। ନାଟକରେ ଯୁବପିଢ଼ିଙ୍କ ଯୋଗଦାନ, ଆବଶ୍ୟକ ଶିକ୍ଷା ଓ ଦକ୍ଷତା ଓଡ଼ିଆ ନାଟକକୁ ବିଶ୍ୱସ୍ତରରେ ପହଞ୍ଚାଇବ ବୋଲି ପଟ୍ଟନାୟକ କହିଥିଲେ। ଉତ୍ତର ପୁରୁଷର ସଭାପତି ଗୌରୀଶ୍ୟାମ ମହାପାତ୍ର ସଭାରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରସନ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟବିତ୍ ତଥା କଳାକାର ଚୌଧୁରୀ ଜୟପ୍ରକାଶ ଦାସ, ମିହିର ସ୍ୱାଇଁ, ସୀମାନ୍ତ ମହାନ୍ତି, ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ କପିଳାସ ଭୂୟାଁ, ନାଟ୍ୟ ସଂଘ ସଭାପତି ହରେନ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବପିଢ଼ି ଚାହିଁଲେ ସମାଜରେ ପରିବର୍ତ୍ତନ ସମ୍ଭବ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ):ସାମାଜିକ ଅନୁଷ୍ଠାନ ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ଏବଂ ଟି.ଜି. ସୁରକ୍ଷା ଟ୍ରଷ୍ଟର ମିଳିତ ସହଯୋଗରେ 'ଦେଶ ନିର୍ମାଣରେ ଯୁବ ଓ ଛାତ୍ରର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ରବିବାର ନେହେରୁ ଯୁବ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଂଯୋଜକ ମିର୍ ଅହମ୍ମଦ ଅଲୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତା ଭାବେ କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ, ସମାଜବାଦୀ ପାର୍ଟି ଓଡ଼ିଶା ଶାଖା ସଭାପତି ରବି ବେହେରା, ଯୁବ ସମାଜିକ କର୍ମୀ ପ୍ରତାପ ସାହୁ ଓ ଟି.ଜି. ସୁରକ୍ଷା ଟ୍ରଷ୍ଟ ଅଧକ୍ଷା ମେନକା ପରିଡ଼ା ଯୋଗଦେଇଥିଲେ। ଯୁବକମାନେ ଦେଶରେ ବଢ଼ି ଚାଲିଥିବା ବେକାରି ସମସ୍ୟା ଓ ଦୁର୍ନୀତି ମୂଳପୋଛ ପାଇଁ ଆଗେଇ ଆସିବା ଉଚିତ। ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରିବା ଆବଶ୍ୟକ। ଯୁବକ ଓ ଛାତ୍ରମାନେ ଦେଶର ଭବିଷ୍ୟତ। ସେମାନେ ଚାହିଁଲେ ହିଁ ସମାଜରେ ପରିବର୍ତ୍ତନ ଆସିପାରିବ। ସକାରାତ୍ମକ କାର୍ଯ୍ୟ ଦ୍ୱାରା ଜଣେ ଯୁବକ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିପାରିବ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ସାହୁ, ବର୍ଷା, ଶୁଚିସ୍ମିତା, ପ୍ରଭୁ ଜେନା, ଇତିଶ୍ରୀ ପ୍ରିୟଦର୍ଶିନୀ, ଲୋକରନ ବେହେରା, ଗୋପାଳ, ଅଫତାବ୍, ଚିନ୍ମୟ, ବନ୍ୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲିଭରିଡ୍‌ଲେ ସୁରକ୍ଷା ଚିନ୍ତା, ନଭେମ୍ବରରୁ କଟକଣା

ପୁରୀ ଅଫିସ,୨୮।୧୦



- ୫ କିମି ଭିତରେ ଟ୍ରଲର ଚଳାଚଳ ନିଷେଧ
- ପୁରୀ ଉପକୂଳରେ ୧୩ଟି କଇଁଛ ସୁରକ୍ଷା କ୍ୟାମ୍ପ

ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ଲାଗୁ ହେବ କଟକଣା। ଓଡିଶା ସରକାରଙ୍କ ସାମୁଦ୍ରିକ ମତ୍ସ୍ୟ ନିୟନ୍ତ୍ରଣ ଆଇନ ଅନୁଯାୟୀ, ମେ ୩୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଉପକୂଳଠାରୁ ୫ କି.ମି. ଇଲାକା ମଧ୍ୟରେ ଟ୍ରଲର ଚଳାଚଳ ବନ୍ଦ କରାଯିବ। ଦେବୀନାସୀ ମୁହାଣ ନିକଟ ସମୁଦ୍ରର ୨୦ କିମି ପର୍ଯ୍ୟନ୍ତ ଟ୍ରଲର ଚଳାଚଳ ଓ ଯନ୍ତ୍ରଚାଳିତ ଡଙ୍ଗା ସାହାଯ୍ୟରେ ମାଛଧରାକୁ ସମ୍ପୂର୍ଣ୍ଣ ନିଷେଦ୍ଧ କରାଯିବ। ମତ୍ସ୍ୟଜୀବୀମାନେ ସାଦା ଡଙ୍ଗା ଦ୍ୱାରା ପାରମ୍ପରିକ ଭାବେ ମାଛ ଧରିପାରିବେ। ମାଛଧରା ବେଳେ ରିଙ୍ଗ୍ ଜାଲ, ଗିଲ୍ ଜାଲ ବ୍ୟବହାର କରିପାରିବେ ନାହିଁ। ଏହି ଜାଲ ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି।

ତାଙ୍କ ସୂଚନାନୁସାରେ, କଇଁଛ ସୁରକ୍ଷା ନେଇ ସହନ, ନୂଆଗାଁ, କାଳିଆକଣା ଏବଂ ଚନ୍ଦ୍ରଭାଗା ମତ୍ସ୍ୟଜୀବୀ ବସ୍ତିରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ସେହିଭଳି ଡିଭିଜନ ପକ୍ଷରୁ ବ୍ରହ୍ମଗିରି, ବାଲୁଖଣ୍ଡ, କୋଣାର୍କ ଏବଂ ଅସ୍ତରଙ୍ଗ ରେଞ୍ଜ ଇଲାକାରେ ୧୩ଟି କଇଁଛ ସୁରକ୍ଷା କ୍ୟାମ୍ପ ଖୋଲାଯିବ। ଚଳିତ ବର୍ଷ ଦେବୀ ନାସୀ, ଦେବୀ ଦ୍ୱୀପ, ଗଙ୍ଗାଦେବୀ, ଜାହାନିଆ, ଡାଲୁଅକଣି, କଅଁରପୁର, ଚନ୍ଦ୍ରଭାଗା, ରାମଚଣ୍ଡୀ, ବେଲେଶ୍ୱର, ନୂଆନଇ, ପେଣ୍ଟକଟା, କୋକପାମ ଏବଂ ବାଲି ହରିଚଣ୍ଡୀ ଆଦି ୧୩ଟି ଯାକ ବେଳାଭୂମିରେ କେବଳ ଅନ୍ ସୋର୍ କ୍ୟାମ୍ପ କାର୍ଯ୍ୟ କରିବ। ଇତିମଧ୍ୟରେ ଏସବୁ କ୍ୟାମ୍ପ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ପ୍ରତି କ୍ୟାମ୍ପ୍‌ରେ ମୁତୟନ ହୋଇଥିବା କର୍ମଚାରୀମାନେ ବେଳାଭୂମିରେ ବୁଲି ପ୍ରତ୍ୟହ ମୃତ କଇଁଛଗୁଡିକୁ ଚିହ୍ନଟ କରି ପୋତିବେ। ଏହାସହିତ ସମୁଦ୍ରର ନୋ ଫିସିଙ୍ଗ ଜୋନ୍ ଇଲାକାରେ ଟ୍ରଲର ଚଳାଚଳ ଉପରେ ତୀକ୍ଷ୍ଣ ନଜର ରଖିବେ। ଅନ୍ୟପକ୍ଷରେ ଅସ୍ତରଙ୍ଗଠାରେ ଏକ ଟ୍ରଲର ମୁତୟନ ରହିବ। ଏପିଆର୍ ଫୋର୍ସ, ଜଙ୍ଗଲ ବିଭାଗ କର୍ମଚାରୀ ଏବଂ ସାମୁଦ୍ରିକ ମତ୍ସ୍ୟ ବିଭାଗ କର୍ମଚାରୀଙ୍କ ଦ୍ୱାରା ମିଳିତ ପାଟ୍ରୋଲିଂ କରାଯିବ।

ନଭେମ୍ବର ମାସରୁ ଲକ୍ଷାଧିକ ସଂଖ୍ୟାରେ ଅଲିଭ୍‌ରିଡ୍‌ଲେ କଇଁଛ ଓଡିଶା ଉପକୂଳକୁ ଆସିବା ଆରମ୍ଭ କରନ୍ତି। କୂଳରୁ ପାଞ୍ଚରୁ ୧୦ କିମି ଦୂରରେ ସମବେତ ହୋଇ ସଙ୍ଗମ ହୋଇଥାଏ। ଓଡିଶାର ଗହୀର ମଥା, ଋଷିକୁଲ୍ୟା ମୁହାଣର ବେଳାଭୂମି ଏବଂ ପୁରୀ ଜିଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଣ ଉପକୂଳ ଅଞ୍ଚଳରେ ଅଲିଭରିଡ୍‌ଲେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି। ପ୍ରଜନନ ପାଇ ଓଡିଶା ଉପକୂଳ ଆସୁଥିବା କଇଁଛମାନେ ବହୁ ବିପଦର ସମ୍ମୁଖୀନ ହୋଇଥାନ୍ତି। ପୁରୀ ଜିଲାର ବାଲି ହରଚଣ୍ଡୀଠାରୁ ଦେବୀ ମୁହାଣ ପ୍ରାୟ ୮୦କିମି ବ୍ୟାପ୍ତ ବେଳାଭୂମି ଇଲାକାକୁ ଅଲିଭରିଡ୍‌ଲେ କଇଁଛ ପ୍ରତିବର୍ଷ ଆସିଥାନ୍ତି। ବିଶେଷ କରି କୋର୍ଣାକଠାରୁ ଦେବୀନାସୀ ବେଳାଭୂମି ଇଲାକାରେ ଅଲିଭରିଡ୍‌ଲେ ଅଣ୍ଡା ଦେଇଥାନ୍ତି। ଗହୀରମଥା ଓ ଋଷିକୁଲ୍ୟା ମୁହାଣ ସଂଲଗ୍ନ ବେଳାଭୂମିରେ ଅଲିଭରିଡ୍‌ଲେ ସାମୂହିକ ଭାବେ ଅଣ୍ଡା ଦେଉଥିବାବେଳେ ପୁରୀ ଜିଲାର ବେଳାଭୂମିରେ ସ୍ଥାନେ ସ୍ଥାନେ ଅଣ୍ଡା ଦେଇଥାନ୍ତି। ଜାନୁୟାରୀ ଶେଷ ଆଡକୁ କେବଳ ମାଈ କଇଁଛ ବେଳାଭୂମି ଉପରକୁ ଆସି ପ୍ରାୟ ଅନ୍ଧାର ରାତିରେ ଅଣ୍ଡା ଦିଅନ୍ତି। ପଛ ଦୁଇ ପାଦରେ ଦେଢ଼ଫୁଟର ଗାତଖୋଳି ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡା ଦେଇ ପୁଣି ବାଲି ଘୋଡ଼ାଇ ଦେଇ ସମୁଦ୍ରକୁ ଫେରି ଯାଆନ୍ତି। ଏହି ଅଣ୍ଡାଗୁଡିକ ୪୫ ରୁ ୬୦ଦିନରେ ଫୁଟିଥାଏ। ଅଣ୍ଡାରୁ ଛୁଆ ଫୁଟାଇବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ କୃତ୍ରିମ ହାଚେରୀ କରାଯାଇଥାଏ। ପ୍ରତ୍ୟହ ଅଣ୍ଡା ଗୁଡିକୁ ସଂଗ୍ରହ କରିବା ପରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ଉକ୍ତ ହାଚେରୀ ରଖିଥାନ୍ତି। ଏଥର କୋଣାର୍କର ଚନ୍ଦ୍ରଭାଗା, କଅଁରପୁର, ଅସ୍ତରଙ୍ଗର ଜାହାନିଆ ଓ ବାଲୁଖଣ୍ଡ ନୂଆ ନଇ ବିଭାଗ ପକ୍ଷରୁ କଇଁଛଙ୍କ ଲାଗି କୃତ୍ରିମ ହାଚେରୀ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି।

**ଅଲିଭରିଡ୍‌ଲେ ସମ୍ପର୍କରେ କିଛି ତଥ୍ୟ**

ବିଶ୍ୱରେ ରହିଥିବା ୮ ପ୍ରକାର ସାମୁଦ୍ରିକ କଇଁଛ ମଧ୍ୟରୁ ଭାରତରେ ୫ ପ୍ରକାର ଓ ଓଡିଶା ଉପକୂଳରେ ୪ ପ୍ରକାର ଦେଖାଯାଆନ୍ତି। କିନ୍ତୁ ଓଡିଶା ଉପକୂଳକୁ ଲକ୍ଷାଧିକ ଅଲିଭରିଡ୍‌ଲେ କଇଁଛ ହିଁ ଆସିଥାନ୍ତି। ଏହା ହେଉଛି ସବୁଠାରୁ ଛୋଟ ସାମୁଦ୍ରିକ କଇଁଛ। ପିଠି ଚିକ୍‌ଣ ଓ ଗମ୍ବୁଜାକାର। ପିଠିର ଶାଗୁଆ ଅଲିଭ ରଙ୍ଗରୁ ନାମ ଅଲିଭରିଡ୍‌ଲେ ଦିଆଯାଇଛି। ଏହି ପ୍ରଜାତି କଇଁଛର ଦୃଷ୍ଟି ଶକ୍ତି ଓ ଘ୍ରାଣ ଶକ୍ତି ଅଧିକ। ବୟସ୍କ ରିଡ୍‌ଲେ ପ୍ରାୟ ୬୦ରୁ ୭୦ସେଣ୍ଟିମିଟର ଲମ୍ବା ଏବଂ ୩୦ରୁ ୫୦କେଜି ଓଜନର ହୋଇଥାନ୍ତି। ସାବକ କଇଁଛ ୫ ସେଣ୍ଟିମିଟର ଲମ୍ବା ଏବଂ ୧୫ ରୁ ୨୦ଗ୍ରାମ ଓଜନର ହୋଇଥାନ୍ତି।



'ସବୁଜ ମହାନଦୀ' ଅଭିଯାନ ଆରମ୍ଭ ଅବସରରେ ବାହାରିଥିବା ରଥ।

## ବନ ବିଭାଗ ପକ୍ଷରୁ ସବୁଜ ମହାନଦୀ ଅଭିଯାନ ଆରମ୍ଭ

ଗୋପ, ୨୮।୧୦(ଡି.ଏନ୍.ଏ.)

ଗୋପ ବନ ବିଭାଗ ପକ୍ଷରୁ ରବିବାର ସବୁଜ ମହାନଦୀ ଅଭିଯାନ ଆରମ୍ଭ ଅବସରରେ ଏକ ରଥ ବୁଲିବା ସହ ସାଧାରଣ ଲୋକଙ୍କୁ ସଚେତନତା କରାଯାଇଛି। ପୃଥିବୀ ପୃଷ୍ଠରେ ଜଳ ବିନା ଜୀବଜଗତ ସୃଷ୍ଟି ଅସମ୍ଭବ। ମଧୁର ଜଳର ସଂରକ୍ଷଣ, ଜଳର ପରିଚାଳନା, ଦୈନନ୍ଦିନ ଜୀବନର ଜଳର ଆବଶ୍ୟକତାକୁ ଲକ୍ଷ୍ୟ କରି ଜଳର ସମୁନ୍ନିତ ପରିଚାଳନା ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି ଲକ୍ଷ୍ୟରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଦ୍ୱାରା ସବୁଜ ମହାନଦୀ ଅଭିଯାନ ଆରମ୍ଭ କରାଯାଇଛି। ଏହି ଶୋଭାଯାତ୍ରା ଗୋପଠାରେ ପହଞ୍ଚିବା ପରେ ଗୋପ ବନଖଣ୍ଡ ଅଧିକାରୀ କାହ୍ନୁଚରଣ ସେଠୀ, ବିରଜା ପ୍ରସାଦ ମହାପାତ୍ରଙ୍କ ସମେତ ବନବିଭାଗ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଏହି ରଥ ଗୋପ ବଜାର ପରିକ୍ରମା କରିବା ସହ ସଂକୀର୍ତ୍ତନ ମାଧ୍ୟମରେ ଜଳର ସଂରକ୍ଷଣ ପାଇଁ ଜନସଚେତନତା ସୃଷ୍ଟି କରିଥିଲା। ନଦୀଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ନଦୀଶଯ୍ୟାର ପ୍ରଶସ୍ତୀକରଣ ସହିତ ବ୍ୟାପକ ଚାରାରୋପଣର ଆବଶ୍ୟକତା ରହିଛି ବୋଲି ସଚେତନତା କରିବା ସହ ଚାରାରୋପଣ ଦ୍ୱାରା ମୃତ୍ତିକା ସଂରକ୍ଷଣ, ଭୂତଳ ଜଳ ସଂରକ୍ଷଣ, ବନ୍ୟା ନିୟନ୍ତ୍ରଣ, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସ୍ତରରୁ ଆରମ୍ଭ ହୋଇ ବ୍ୟକ୍ତି ବିଶେଷ ଓ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଜିଲା ତଥା ରାଜ୍ୟ ପ୍ରାକୃତିକ ବୃଦ୍ଧି ଦିଗରେ ସହାୟକ ହୋଇପାରିବ ବୋଲି ବନଖଣ୍ଡ ଅଧିକାରୀ ସେଠୀ ପ୍ରକାଶ କହିଥିଲେ। 'ଆମ ପରିବେଶ ଆମ ହାତରେ' ସଚେତନତା କାର୍ଯ୍ୟକ୍ରମରେ ପଲିଥିନ୍ ବର୍ଜନ କରି ବୃକ୍ଷରୋପଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୋପ ବନବିଭାଗ କର୍ମଚାରୀମାନେ ପରିଚାଳନା କରିଥିଲେ। ସେହିପରି ଏହି ରଥ କୋଣାର୍କଠାରେ ପହଞ୍ଚିବା ପରେ କୋଣାର୍କ ବନଖଣ୍ଡ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କ ସମେତ କର୍ମଚାରୀମାନେ ସ୍ୱାଗତ କରିବା ସହ କୋଣାର୍କ ବଜାର ସମେତ ବିଭିନ୍ନ ଗ୍ରାମ ବୁଲି ସଚେତନତା କରିଥିବା ଜଣାପଡ଼ିଛି।

## କୋଣାର୍କ ନାଟ୍ୟମଣ୍ଡପରେ କୁମାର ଉତ୍ସବ ପାଳିତ



କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କୋଣାର୍କ, ୨୮।୧୦(ଡି.ଏନ୍.ଏ.)

ପଦ୍ମଶ୍ରୀ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ କୋଣାର୍କସ୍ଥିତ ନାଟ୍ୟମଣ୍ଡପରେ ରବିବାର କୁମାର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। କୋଣାର୍କ ନାଟ୍ୟମଣ୍ଡପର ସଭାପତି ଡ.ରମଣି ରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଚଳଚ୍ଚିତ୍ର ଅଭିନେତା ଲିଙ୍କନ ଚୌଧୁରୀ, କୋଣାର୍କ ଆଇନଜୀବୀ ସଂଘର ସଭାପତି ଶ୍ରୀଜୟ ବରାଳ, ଗୁରୁଗଙ୍ଗାଧରଙ୍କ ସ୍ତ୍ରୀ ସୁଲଚନା ପ୍ରଧାନ, ଯୁଗ୍ମ ସମ୍ପାଦକ ଗୁରୁପଦ ବଳିଆର ସିଂ ଓ କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘର ସଭାପତି ସୁବାସ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଏହି ଉତ୍ସବର ମହନିୟତା, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଉତ୍ସବର ପ୍ରଥମାର୍ଦ୍ଧରେ ନାଟ୍ୟମଣ୍ଡପର କୁନି କଳାକାରମାନଙ୍କ ଦ୍ୱାରା ଚୌରା ବନ୍ଦନା ନୃତ୍ୟ ପରିବେଷିତ ହୋଇଥିଲା। ପରେ ପରେ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଉତ୍ସବର ଦ୍ୱିତୀୟାର୍ଦ୍ଧରେ ନାଟମଣ୍ଡପର କଳାକାରମାନଙ୍କ ଦ୍ୱାରା ଓଡିଶୀ, ଗୋଟିପୁଅ, ସମ୍ବଲପୁରୀ ନୃତ୍ୟ ଓ ଶେଷରେ ପଲ୍ଲି ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଉତ୍ସବକୁ ଗୁରୁ ଜୟକୃଷ୍ଣ ନାୟକ, ଗୁରୁ ବାନାମ୍ବର ନାୟକ, ଚିନ୍ତାମଣି ରାଉତ, ବୁଦ୍ଧାଦିତ୍ୟ ପ୍ରଧାନ, ନୟନି ନାୟକ, ପ୍ରଶନ୍ନ ବେଉରିଆ ପ୍ରମୁଖ ପରିଚାଳନା କରିଥିଲେ।

## ଲାଖ ଚାଷ ପାଇଁ ଅଣ୍ଟା ଭିଡ଼ିଲା ଜିଲା ମହିଳା ମହାସଂଘ

ଗୋପ,୨୮।୧୦(ଡି.ଏନ୍.ଏ.):

ରାଜ୍ୟ ସରକାର ମହିଳାମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ଗୋପ ଜିଲା ମହିଳା ମହାସଂଘ ପକ୍ଷରୁ ବ୍ଲକ୍‌ସ୍ତରର ମହିଳାମାନଙ୍କୁ ଅଧିକ ସ୍ୱାବଲମ୍ବୀ କରିବା ସହ ଯେପରି ଅଧିକ ଅର୍ଥ ରୋଜଗାର କରିପାରିବେ ସେଥିପ୍ରତି ଗୁରୁତ୍ୱ ଦେଇଛି। ଶନିବାର ସ୍ଥାନୀୟ ଗଣେଶ୍ୱରପୁର ମହାବୀର ମହିଳା ସଂଘର ୩୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମଧ୍ୟପ୍ରଦେଶର ରିଙ୍କୁ ଠାକୁର ଓ ଆଲୋକରଞ୍ଜନ ମିଶ୍ର ଲାଖ ଚାଷ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି ଚାଷ ଦ୍ୱାରା ପରିବେଶ ସୁସ୍ଥ ରହିବ ଓ ପ୍ରତ୍ୟେକ ମହିଳା ଗୋଟିଏ ଗଛରୁ ୬ ମାସକୁ ୩୦୦ରୁ ଊର୍ଦ୍ଧ୍ୱ ଟଙ୍କାର ଲାଖ ଅମଳ କରିପାରିବେ ବୋଲି ତାଲିମଦାତାମାନେ କହିଥିଲେ। ଅଧିକ ରୋଜଗାରକ୍ଷମ ହେବା ଲକ୍ଷ୍ୟ ନେଇ ପୁରୀ ଜିଲା ଶ୍ରୀଜଗନ୍ନାଥ ମିଶନ ଶକ୍ତି ମହିଳା ମହାସଂଘ ପକ୍ଷରୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୋପଠାରେ ପରୀକ୍ଷାମୂଳକ ଭାବେ ମହିଳା ମହାସଂଘର ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟିଙ୍କ ବାଡ଼ିରେ ୨୦୦୦ ଲାଖ ଗଛରୁ କିପରି ଅଧିକ ଉତ୍ପାଦନ କରାଯାଇପାରିବ ଶୁକ୍ରବାର ମହାରାଷ୍ଟ୍ରର ଦୁଇଜଣିଆ ପ୍ରତିନିଧି ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା କୋଷାଧ୍ୟକ୍ଷ ବନ୍ଦନା ପଟ୍ଟନାୟକ, ସବିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଗୋପ, ୨୮।୧୦(ଡି.ଏନ୍.ଏ.)

ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ରବିବାର ଗଣେଶ୍ୱରପୁର ପଞ୍ଚାୟତରେ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ କେନ୍ଦ୍ର ବିରୋଧରେ ଗର୍ଜିବା ସହ କେନ୍ଦ୍ରର ଅନୁଦାନ ଆମ ରାଜ୍ୟ ପାଇଁ କିଛି ନୁହେଁ ବୋଲି କହିଥିଲେ। ଏହି ପଦଯାତ୍ରାରେ ବିଧାୟକ ଦାଶ ଗଣେଶ୍ୱରପୁର ପଞ୍ଚାୟତର ୧୧ଟି ୱାର୍ଡ଼ ପରିକ୍ରମା କରିବା ସହ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏଥିସହ ରାଜ୍ୟ ସରକାର ଆରମ୍ଭ କରିଥିବା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ଗ୍ରାମରେ ଥିବା ସମସ୍ୟାଗୁଡ଼ିକ ପଚାରିବୁଝିବା ସହ ସେଗୁଡ଼ିକୁ ସମାଧାନ ଦିଗରେ କି କି ପଦକ୍ଷେପ ନିଆଯାଇପାରିବ ସେ ନେଇ ଉପସ୍ଥିତ ଜନପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ସରପଞ୍ଚ ଦେବବ୍ରତ ସାହୁ, ସମିତି ସଭ୍ୟ କରୁଣାକର ସାହୁ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ, ପଞ୍ଚାୟତ ସଭାପତି ଭ୍ରମରବର ପ୍ରଧାନ, ଆବାହକ ରବୀନ୍ଦ୍ରନାଥ ନାୟକ, ଯୁବ ଆବାହକ ଯୋଗେନ୍ଦ୍ର ବେହେରା, ନିରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



ଜନସମ୍ପର୍କ ପଦଯାତ୍ରାରେ ନିମାପଡ଼ା ବିଧାୟକ ସମୀର ଦାଶ ଓ ଅନ୍ୟମାନେ।

## ଗୁରୁ ନାନକଙ୍କ ୫୫୦ତମ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ପୁରୀ ଅଫିସ, ୨୮।୧୦:

୨୦୧୯ ଅକ୍ଟୋବରରେ ପୁରୀଠାରେ ଗୁରୁ ନାନକଙ୍କ ୫୫୦ତମ ଜୟନ୍ତୀ ପାଳନ ହେବ। ଶୁକ୍ରବାର ଏଥିନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ସବରେ ରୂପରେଖ ପ୍ରସ୍ତୁତ ହେବା ସହ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଅକ୍ଟୋବର ୧୧ତାରିଖ ଠାରୁ ତିନି ଦିନ ଧରି ଏହି କାର୍ଯ୍ୟକ୍ରମ ପାଳନ କରାଯିବ। ଏଥିରେ ଓଡ଼ିଶା ସମେତ ସମଗ୍ର ଦେଶରୁ ଲକ୍ଷାଧିକ ଶିଖ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଯୋଗଦେବେ ବୋଲି ଟାଉନହଲ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତଖତ୍ ଶ୍ରୀହରି ମନ୍ଦିର ଜୀ ପାଟନା ସାହେବର ଜାଥେଦାର ଜ୍ଞାନୀ ଇକବଲ ସିଂ ସୂଚନା ଦେଇଛନ୍ତି। ଓଡ଼ିଶାରେ ୪୫ଟି ଗୁରୁଦ୍ୱାରା ରହିଥିବାବେଳେ ସମସ୍ତ ଗୁରୁଦ୍ୱାର ସଦସ୍ୟଙ୍କ ମିଳିତ ସହଯୋଗରେ ଏହି ଉତ୍ସବକୁ ସାକାର କରାଯିବ। ପ୍ରସ୍ତୁତି ବୈଠକରେ ଶିଖ ଧର୍ମ ପ୍ରଚାର ପ୍ରବନ୍ଧକ କମିଟିର ସଭାପତି ହରିଜିନ୍ଦର ସିଂ, ସାଧାରଣ ସମ୍ପାଦକ ଫକୀର ସିଂ, ଗୁରୁଦ୍ୱାରା ଶ୍ରୀଗୁରୁ ସିଂ ସଭା ରାଉରକେଲାର ସଭାପତି ନିର୍ମଳ ସିଂ, ସାଧାରଣ ସମ୍ପାଦକ ବଳଦେବ ସିଂ, ଗୁରୁଦ୍ୱାରା ସାଧସଙ୍ଗତ ଚିଲିକାର ଯୁଗ୍ମ କୋଷାଧ୍ୟକ୍ଷ ଅରବିନ୍ଦର ପଲ ସିଂ, ଭାଇ ହିମତ ସିଂ ଚାରିଟେବୁଲ ଆଣ୍ଡ ରିଲିଜିୟସ୍ ଟ୍ରଷ୍ଟର ଅଧକ୍ଷ ଜଗଜିତ ସିଂ ଓ ଓଡ଼ିଶା ଗୁରୁଦ୍ୱାରା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।



ପୁରୀ ପୌରସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀ।

## 'ଭାରତ କୋ ଜାନୋ' କୁଇଜ୍ ପ୍ରତିଯୋଗିତା

ପୁରୀ ଅଫିସ, ୨୮।୧୦

ଭାରତ ବିକାଶ ପରିଷଦ, ଶ୍ରୀଜଗନ୍ନାଥ ଧାମ ଆନୁକୂଲ୍ୟରେ 'ଭାରତ କୋ ଜାନୋ' ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ରବିବାର ହଲିଡେ ରିସର୍ଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ୨୫ଟି ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

ଜୁନିୟର ବିଭାଗରେ ଓଡିଏମ ପବ୍ଲିକ ସ୍କୁଲ ଭୁବନେଶ୍ୱରର ଅମ୍ରିତେଶ ଖଟୁଆ ଓ ଉଦୟ ଭାନୁ ନାଥ ପ୍ରଥମ, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲର ତନୁଜା ତନ୍ମୟୀ ମିଶ୍ର ଓ ରାହୁଲ ଲେଙ୍କା ଦ୍ୱିତୀୟ ଏବଂ ପାରାଦୀପ ଡିଏଭି ପବ୍ଲିକ ସ୍କୁଲର ପୁନିତ୍ କୁମାର ବେହେରା ଓ ଶୁଭଶ୍ରୀ ଶୁଭଲକ୍ଷ୍ମୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସିନିୟର ବିଭାଗରେ ଟିଟିଲାଗଡ ଡିଏଭି ପବ୍ଲିକ ସ୍କୁଲର ରୋହନ ବେହେରା ଓ ସ୍ୱରାଜ ପାଢୀ ପ୍ରଥମ, ଭୁବନେଶ୍ୱର ଚନ୍ଦ୍ରଶେଖପୁର ଡିଏଭିର ଶୋଭନ




ଅତିଥିଙ୍କ ଗହଣରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର।

ସୌରଭ ମହାନ୍ତି ଓ ନିରୁଦିତା ପାଣ୍ଡେ ଦ୍ୱିତୀୟ ଏବଂ ପାରାଦୀପ ଦିଲ୍ଲୀ ପବ୍ଲିକ ସ୍କୁଲର ରାହୁଲ ପରିଜା ଓ ଅଭିକ ରାଜା ରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ପରିଷଦର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ପଣ୍ଡା, ପୂର୍ବତନ ରାଷ୍ଟ୍ରଦୂତ ମଳୟ ମିଶ୍ର, ଅବସରପ୍ରାପ୍ତ ଆଇଏସ୍ କଲ୍ୟାଣ ରାୟ, ପରିଷଦର ଉତ୍କଳ ପ୍ରାନ୍ତ ସଭାପତି ଜଗତ ମୋହନ ପଟ୍ଟନାୟକ, ଆଞ୍ଚଳିକ ସଚିବ ଗୀତା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ଦାସ, ପଦ୍ମନାଭ ପଣ୍ଡା କୁଇଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଷଦର ପ୍ରାନ୍ତ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଓ ପରିଷଦର ଶ୍ରୀଜଗନ୍ନାଥ ଧାମ ଶାଖା ସଚିବ ସୁପ୍ରୀତି ରଥ ପ୍ରମୁଖ ସଂଯୋଜନା କରିଥିଲେ। ବୁଦ୍ଧଦେବ ମହାପାତ୍ର, କୃଷ୍ଣଚନ୍ଦ୍ର ରଥ, ଜଗଦୀଶ ଆଚାର୍ଯ୍ୟ, ଲାଲା ଅନନ୍ତ ସିଂ, ଜୟନ୍ତୀ ମହାପାତ୍ର, ଗୀତାଞ୍ଜଳୀ ସାମନ୍ତରା, ଲକ୍ଷ୍ମୀପ୍ରିୟା ପୂଜାପଣ୍ଡା, ପ୍ରମୁଖ ସହଯୋଗ କରିଥିଲେ।